୪୬

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଡିସେମ୍ବର ୧/୨୦୧୯ (୨୦ ପୃଷ୍ଠା+ ଛୁଟିଦିନ) Sambalpur, Sunday, December 1 / 2019 ★★

୧୫ଶ ଭାଗ ୩୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିବସ ଅବସରରେ ଭୁବନ ଓମ୍ ଟ୍ରେଡର୍ସ ପକ୍ଷରୁ ସମସ୍ତ ଗ୍ରାହକମାନଙ୍କୁ ସ୍ୱାଗତ ଜଣାଉଛି।
ପ୍ରୋପ୍ରାଇଟର:
କାଳନ୍ଦିଚରଣ ସାହୁ
ଭୁବନ, କାଳୀବଜାର

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ
ଭୁବନ ଓକିଲ ସଂଘ ସଭାପତି
ବାବୁଲି ସେଠୀ
ଭୁବନବାସୀଙ୍କୁ ସ୍ୱାଗତ ଜଣାଉଛନ୍ତି।

ଦୈନିକ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ସମସ୍ତ ଜନସାଧାରଣଙ୍କୁ ତଥା ପାଠକମାନଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ମହେଶ ସାହୁ
ସାଂସଦ, ଢେଙ୍କାନାଳ

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିବସ ଅବସରରେ ଭୁବନ ବ୍ଲକ୍ ବାଲିବୋ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ସ୍ୱାଗତ।
ସନ୍ତୋଷ କୁମାର ଖୁଣ୍ଟିଆ
ସରପଞ୍ଚ
ବାଲିବୋ ଗ୍ରାମପଞ୍ଚାୟତ

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ ଭୁବନବାସୀଙ୍କୁ ସ୍ୱାଗତ ଜଣାଉଛି।
ମାୟାଧର ସାହୁ
ଭୁବନ ଏନ୍.ଏ.ସି.ର
ପୂର୍ବତନ ଉପନଗରପାଳ

ଧରିତ୍ରୀର ୪୬ତମ ଜନ୍ମଦିନ ଅବସରରେ ଭୁବନ ରାଜସ୍ୱ ବିଭାଗ ପକ୍ଷରୁ ସ୍ୱାଗତ।
ଶକ୍ତିକାନ୍ତ ରାୟ
ତହସିଲଦାର, ଭୁବନ, ଢେଙ୍କାନାଳ

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିବସ ଅବସରରେ ଭୁବନ ଅଞ୍ଚଳବାସୀଙ୍କୁ ସୁବାସ ଜୁଏଲାରୀ ପକ୍ଷରୁ ସ୍ୱାଗତ ଓ ଅଭିନନ୍ଦନ।
AN ISO 9001-2015 CERTIFIED
ସୁବାସ ଜୁଏଲର୍ସ
SUBASH JEWELLERS
GANESH BAZAR, BHUBAN, DKL. Ph. : 9937836525

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ ଭୁବନ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା।
ସୁଧାକର ସାହୁ
ବିଜେଡି ପୂର୍ବତନ ସଭାପତି
ଭୁବନ, ଢେଙ୍କାନାଳ

ଦୈନିକ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ
ସ୍କୋୟାରଫିଟ୍
ପକ୍ଷରୁ ସ୍ୱାଗତ।
SQUAREFeet
PLANNER ✢ ESTIMATER ✢ DESIGNER
କାଳୀବଜାର, ଭୁବନ, ଢେଙ୍କାନାଳ
ମୋ: ୯୫୮୩୩୬୬୯୯୬

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିବସ ଅବସରରେ ଅଞ୍ଚଳବାସୀଙ୍କୁ ସ୍ୱାଗତ ଜଣାଉଛୁ।
ଶ୍ରୀକୃଷ୍ଣ ଡ୍ରେସ୍ ହାଉସ୍
ନୂଆବଜାର, ଭୁବନ, ଢେଙ୍କାନାଳ

Prasant Banapali
Principal
Sree Ram Degree College, Kashinagar

With Best Compliments From:
Binapani Mishra, Secretary
Scociety for Women Action Devlopment
SWAD
At- Nuagaon, Sakhigopal, Puri- 752014

ଧରିତ୍ରୀ ର ୪୬ ତମ ଜନ୍ମବାର୍ଷିକ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା
ଗୋପିନାଥ ହସପିଟାଲ
ବୁଢ଼ ଛକ, ସାକ୍ଷୀଗୋପାଳ
ସମସ୍ତ ଆୟୁର୍ବେଦ ଓ ଡାକ୍ତରୀ ଚିକିତ୍ସାର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ଧରିତ୍ରୀ'ର ୪୬ ତମ ସନକ୍ଷତ୍ର ଉତ୍ସବରେ ଶୁଭେଚ୍ଛା ଓ ଶୁଭକାମନା:-
କାର୍ଯ୍ୟଦକ୍ଷତା, ନିଷ୍ଠାପରତା, ନିର୍ଭିକତା ବଳରେ ଓଡ଼ିଶାର ସମାଜିକ ଓ ରାଜନୈତିକ ସ୍ତରରେ ଲୋକପ୍ରିୟ ଖବରକାଗଜ ଧରିତ୍ରୀ'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।
ଜୟଶ୍ରୀ ମହାପାତ୍ର
ନିର୍ଦ୍ଦେଶିକା ମହିଳା ଆଇନ ସହାୟତା କେନ୍ଦ୍ର, ପୁରୀ

ROKKAM CHALAPATI RAO
BJP Leader, Kashinagar Town

My warmth congratulation
For the 46th Birth Anniversary of DHARITRI Daily.
Which served the people bringing them impartial News and fought for public strongly. May Lord Jagannath bless it and its family ?
PRASANTA NANDA
PRESEDIENT
SATYABADI BAR ASSOCIATION, SAKHIGOPAL, PURI

ଧରିତ୍ରୀ ର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା
ଆପଣଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି ସହିତ
ସତ୍ୟବାଦୀର ସାମଗ୍ରୀକ ବିକାଶରେ ସହଯୋଗ କାମନା କରୁଛି
ପ୍ରହଲ୍ଲାଦ ଘଟୁଆରୀ
ଜିଲ୍ଲା ପରିଷଦ ସଭ୍ୟ, ସତ୍ୟବାଦୀ, ପୁରୀ

With Best Compliments From
SATYABADI GURUKUL SCHOLAR
One of the First CBSE Patten School in Sakhigopal
From Class Play Section to Std. (VIII) 8th Section
Activity Classes, Art & Craft, Dance, Yoga
Backside of Sakhigopal Temple, Sakhigopal
Mob- 9861117229/ 9556091917

RAGHURAM SAHOO
BJD, President
Kashinagar Town

ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ପିତମ ପାଢ଼ୀ
ବିଧାୟକ, ପଟ୍ଟାଙ୍ଗି

SRI RAM JUNIOR COLLEGE
Principal & Staff
Kashinagar

"ଧରିତ୍ରୀ"ର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
କାଶୀନଗର ରକ୍ତ ସଂଘ
କାଶୀନଗର, ଗଜପତି
ସଭାପତି: ପ୍ରଶାନ୍ତ ମିଶ୍ର
କାର୍ଯ୍ୟକାରୀ ସଭାପତି: ଏସ୍. ତାଡେୟା
ଉପସଭାପତି: ଡ଼ାଃ. ଧନଞ୍ଜୟ, କେ. ସୂରିୟା ରାଓ,
ସମ୍ପାଦକ: ରଘୁରାମ ସାହୁ, କୋଷାଧ୍ୟକ୍ଷ: ବସନ୍ତ କୁମାର ଦାମୋଦର

ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଡିସେମ୍ବର ୧/୨୦୧୯ | Sambalpur, Sunday, December 1 / 2019 | ପୃଷ୍ଠା-୧



**ୱାର୍ନରଙ୍କ ତ୍ରିଶତକ**

ଆଡିଲେଡଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦିବାରାତ୍ର କ୍ରିକେଟ ଟେଷ୍ଟରେ ତ୍ରିଶତକ ହାସଲ କରି ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

୧୭ ୦୯

**ରିଲିଜ୍ ପୂର୍ବରୁ ବିବାଦରେ 'ପାନିପତ୍'**

ଫିଲ୍ମ 'ପାନିପତ୍'ରେ ମହାନ ମରାଠା ସେନାପତି ଓ ତାଙ୍କର ଦ୍ୱିତୀୟ ସ୍ତ୍ରୀ ମସ୍ତାନୀଙ୍କୁ ଅପମାନଜନକ ଢଙ୍ଗରେ ପରିବେଷଣ କରାଯାଇଥିବା ଅଭିଯୋଗ ହୋଇଛି।



## ■ ୮ମ ପର୍ଯ୍ୟାୟ ଗ୍ରାଉଣ୍ଡବ୍ରେକିଂ: ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ୮୯୩୯ କୋଟି ପୁଞ୍ଜି ନିବେଶ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଖାରବେଳ ଭବନରୁ ୨୭ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଭିଡିଓ କନ୍ଫରେନ୍ସିଂ ଜରିଆରେ ଏହି କାର୍ଯ୍ୟକ୍ରମରେ ୫ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଥିବାବେଳେ ୨୨ଟିର ଗ୍ରାଉଣ୍ଡବ୍ରେକିଂ କରାଯାଇଛି। ଏହି ସମସ୍ତ ପ୍ରକଳ୍ପ ଦ୍ୱାରା ୮୯୩୮.୮୧ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇ ପ୍ରାୟ ୧୨,୧୪୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କ୍ଷେତ୍ରସ୍ତରୀୟ ପୁଞ୍ଜି ନିବେଶରେ ସାରା ଦେଶରେ ଓଡ଼ିଶା ସର୍ବୋଚ୍ଚ ୩ ରାଜ୍ୟ ମଧ୍ୟରେ ସାମିଲ ହେବାର ଲକ୍ଷ୍ୟନେଇ କାର୍ଯ୍ୟ କରୁଛି। ସାରା ଦେଶରେ ଗତ ଏପ୍ରିଲରୁ ସେପ୍ଟେମ୍ବର ଭିତରେ ନୂଆ ପୁଞ୍ଜିନିବେଶ ଶ୍ରେଣୀରେ ଓଡ଼ିଶା ୧୮ ପ୍ରତିଶତ ସଫଳତା ପାଇଛି। ତେଣୁ କ୍ଷେତ୍ରସ୍ତରରେ ଶିଳ୍ପଗୁଡ଼ିକର ପ୍ରକ୍ରିୟାକରଣ ସରକାରଙ୍କ ମୁଖ୍ୟ ପ୍ରାଥମିକତା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିଳ୍ପ ନିଯୁକ୍ତି ସୃଷ୍ଟି କରିବା ସହ ରାଜ୍ୟ ସକଳ ଘରୋଇ ଉତ୍ପାଦ(ଏସ୍‌ଜିଡିପି)ରେ ପ୍ରମୁଖ ଯୋଗଦାନ ଦେଇଥାଏ। ତେଣୁ ଏହି କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ୫-ଟି ମନ୍ତ୍ରକୁ ମଧ୍ୟ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱଚ୍ଛତା, ବୈଷୟିକ ଜ୍ଞାନକୌଶଳ, ଦଳଗତ ପ୍ରଚେଷ୍ଟା ଜରିଆରେ ଯେପରି ସମୟାନୁବର୍ତ୍ତୀ ଭାବେ ଯେପରି ସଫଳତା ହାସଲ କରିହେବ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି।




କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ(ମଝି)ଙ୍କ ସହ ବାମରୁ ଶିଳ୍ପ ସଚିବ ହେମନ୍ତ ଶର୍ମା, ଶିଳ୍ପମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ଉନ୍ନୟନ କମିଶନର ସୁରେଶ ମହାପାତ୍ର।

- ■ ସୃଷ୍ଟି ହେବ ୧୨,୧୪୨ ନିଯୁକ୍ତି ସୁଯୋଗ
- ■ ୫ ପ୍ରକଳ୍ପ ଆରମ୍ଭ, ୨୨ ପାଇଁ ଭିତ୍ତି ପଡ଼ିଲା
- ■ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୦ କାଉଣ୍ଟଡାଉନ ଆରମ୍ଭ
- ■ ଓଏଫ୍‌ଡିସି ୱେବ୍‌ସାଇଟ ଉନ୍ମୋଚିତ

ଆଜିଠୁ ଠିକ୍ ବର୍ଷକ ପରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୦ର ଶୁଭାରମ୍ଭ କରାଯିବ। ଆସନ୍ତା ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ମଧ୍ୟରେ ଏହା ଅନୁଷ୍ଠିତ ହେବ। ଏହି କନ୍‌କ୍ଲେଭକୁ ସାରା ବିଶ୍ୱରୁ ପୁଞ୍ଜିନିବେଶକାରୀଙ୍କୁ ଆମନ୍ତ୍ରଣ କରାଯିବ। ଏହି ଶିଳ୍ପ ମହାକୁମ୍ଭ କାର୍ଯ୍ୟକ୍ରମକୁ ସଫଳତା ସହ ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୦ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଯାଇଛି, ଏହାକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି)ର ଏକ ନୂତନ ୱେବ୍‌ସାଇଟ୍‌କୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ☞ ପୃଷ୍ଠା-୨

## ଖେଳୁଥିବା ବେଳେ ମୃତ୍ୟୁ ଆସିଲା: ପାଳଗଦାରେ ନିଆଁ

# ଜଳିଗଲେ ୩ ଶିଶୁ

**ଭବାନୀପାଟଣା/କୋକସରା, ୩୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ବିଜମରା ଗ୍ରାମରେ ଶନିବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ପାଳଗଦାରେ ନିଆଁ ଲାଗି ୩ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁମାନେ ହେଲେ ଗ୍ରାମର ହେମରାଜ ଦିଶାରୀଙ୍କ ଯାଆଁଳା ଝିଅ ରୋଜି (୪) ଓ ଡେଜି (୪)। ଜୟପାଟଣା ବ୍ଲକ କୁଣ୍ଡିଗୁଡା ଗ୍ରାମର ଧନୁର୍ଯ୍ୟ ରାଉତଙ୍କ ଝିଅ ରଚନା ରାଉତ (୪)। ରଚନା ମାମୁଘର ବିଜମରାକୁ ଆସିଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ପୋଲିସ ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ଜଣାପଡିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ବିଜମରା ଗ୍ରାମର ଏକ ଖଳାରେ ଥିବା ପାଳଗଦା ନିକଟରେ ଏହି ଶିଶୁମାନେ ଖେଳୁଥିଲେ। ଖଳାରେ ଲାଗିଥିବା ନିଆଁ ହଠାତ୍ ପାଳଗଦାରେ ଲାଗି ଯାଇଥିଲା। ହେଲେ ଖେଳୁଥିବା ଶିଶୁମାନେ ଏ କଥା ଜାଣିପାରି ନ ଥିଲେ। କିଛି ସମୟ ଭିତରେ ନିଆଁ ଚାରି ଆଡ଼କୁ ବ୍ୟାପୀ ଯିବାରୁ ୩ ଶିଶୁ ସେହି ନିଆଁରେ ପୋଡ଼ି ଯାଇଥିଲେ। ଏହି ସମୟରେ ଶିଶୁମାନଙ୍କ ମା'ବାପା ଘରେ ନ ଥିଲେ। ସେମାନେ ଧାନ କାଟିବା ପାଇଁ ବିଲକୁ ଯାଇଥିଲେ। ଶିଶୁମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରିବା ସହ ଏକ କାରରେ ନେଇ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ୩ଜଣଙ୍କୁ ୧୦୮ ଆମ୍ବୁଲାନ୍ସରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ୩ ଶିଶୁଙ୍କ ମୃତ୍ୟୁ ଘଟିଥିଲା।

# 'ଅଗ୍ନି-୩' ପରୀକ୍ଷା ସଫଳ

**ବାଲେଶ୍ୱର ଅଫିସ, ୩୦।୧୧**

ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଭାରତ ଆଉ ଏକ ସଫଳତା ହାସଲ କରିଛି। ଶନିବାର ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆରଡିଓ ପକ୍ଷରୁ ଭଦ୍ରକ ଜିଲା କଲାମ ଦ୍ୱୀପରୁ କରାଯାଇଥିବା 'ଅଗ୍ନି-୩' କ୍ଷେପଣାସ୍ତ୍ରର ରାତ୍ରକାଳୀନ ବ୍ୟାବହାରିକ ପରୀକ୍ଷଣ ସଫଳ ହୋଇଛି। ସନ୍ଧ୍ୟା ୭ଟା ୧୭ ମିନିଟ୍‌ରେ ଏହି ପରୀକ୍ଷା କରାଯାଇଥିଲା। ପ୍ରତି ସେକେଣ୍ଡକୁ ୫ରୁ ୭ କି.ମି. ବେଗରେ ଗତି କରି ନିର୍ଦ୍ଧାରିତ ସମୟରେ ଏହା ଟାର୍ଗେଟ ଭେଦ କରିଥିଲା। ଏହି ପରୀକ୍ଷଣ ବେଳେ ସ୍ୱତନ୍ତ୍ର ଭାବେ ପ୍ରତିରକ୍ଷା ବିଭାଗ ସ୍ଥଳସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଗ୍ନି-୩ କ୍ଷେପଣାସ୍ତ୍ର ପ୍ରାୟ ଦେଢଟନର ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରି ୩,୫୦୦ରୁ ୫ ହଜାର କି.ମି. ☞ ପୃଷ୍ଠା-୨

ଆଜିଠୁ ନୂଆ ମୋଟରଯାନ ଆଇନ

**ଖସିପାରିବେନି ଉଲ୍ଲଂଘନକାରୀ**

........୩........

**ଆଜିର ସମ୍ପାଦକୀୟ**

**ସଂଖ୍ୟାଗୁରୁବାଦ**

**ଆଜିର ମନ୍ତବ୍ୟ**

" ନାଗରିକତ୍ୱ ସଂଶୋଧନ ବିଲ ଓ ପାନ୍ ଇଣ୍ଡିଆ ଏନ୍‌ଆର୍‌ସିକୁ ନେଇ କଂଗ୍ରେସ ସବୁ ଦଳକୁ ଏକାଠି କରି କେନ୍ଦ୍ରକୁ ଘେରିବ।

-ଜୟରାମ ରମେଶ, କଂଗ୍ରେସ ନେତା

**କିଛି ତଥ୍ୟ**

ରପ୍ତାନି ପ୍ରୋତ୍ସାହନ ଯୋଜନାର ବେଆଇନ ଭାବେ ଫାଇଦା ନେଉଥିବା ୧୨୭୧ ଫାର୍ମ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

– ବାଣିଜ୍ୟ ମନ୍ତ୍ରଣାଳୟ

Taste the difference!
Vencobb FRESH CHICKEN
30.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |
| BHM | 74 | 124 | 134 |

*Conditions Apply
Issued in the Interest of Consumers








ନୀରିହ ଲୋକ କେବେବି କ୍ଷମା ଦେଇ ପାରନ୍ତିନି, କ୍ଷମା ଦେବା ଶକ୍ତିଶାଳୀ ଲୋକଙ୍କ ବିଶେଷତା ଅଟେ।

- ମହାତ୍ମା ଗାନ୍ଧୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ବୈଷ୍ଣବୀ ପରିବାରବର୍ଗ



କିର୍ତ୍ତିପ୍ରକାଶ ପରିବାରବର୍ଗ



କୌସ୍ତୁଭ ପରିବାରବର୍ଗ



ମୋହିତ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପୂର୍ବତନ ଏଏସ୍ଆଇଙ୍କୁ ୩ ବର୍ଷ ଜେଲ

ଢେଙ୍କାନାଳ ଅଫିସ, ୩୦।୧୧-୨୦୧୫ ଅକ୍ଟୋବର ୨୮ରେ ପଥର ବୋଝେଇ ଟ୍ରାକ୍ଟର ଛାଡ଼ିଦେବା ପାଇଁ ଶ୍ରୀଧର ରାଉତ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଭୁବନ ବ୍ଲକ ସୁରପ୍ରତାପପୁର ଫାଣ୍ଡିର ତତ୍କାଳୀନ ଏଏସ୍ଆଇ ବୀରବର ଲେଙ୍କାଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି। ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରତିମା ପଣ୍ଡା ଶନିବାର ଏହି ରାୟ ଶୁଣାଇଛନ୍ତି। ଏ ନେଇ କଟକ ଭିଜିଲାନ୍ସ ପକ୍ଷରୁ ୫୬/୧୫ନମ୍ବରରେ ମାମଲା ରୁଜୁ କରାଯାଇ କରାଯାଇଥିଲା।

# ୫ ପ୍ରକଳ୍ପ ଶୁଭାରମ୍ଭ, ୨୨ ଗ୍ରାଉଣ୍ଡ୍ ବ୍ରେକିଂ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୮ମ ପର୍ଯ୍ୟାୟ ଗ୍ରାଉଣ୍ଡ ବ୍ରେକିଂ ଏବଂ ଶୁଭାରମ୍ଭ କରିଛନ୍ତି। ନୂଆ ୫ ପ୍ରକଳ୍ପ ହେଉଛି- ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁରରେ ଓସିଏଲ୍ ଇଣ୍ଡିଆ ଲିଃ ଦ୍ୱାରା କରାଯାଇଥିବା ସିମେଣ୍ଟ କାରଖାନା(୧୯୯୪.୮୮ କୋଟି, ୩୬୫ ନିଯୁକ୍ତି) ଓ ସୁରଜ ପ୍ରଡକ୍ଟସର ଇସ୍ପାତ କାରଖାନାର ସମ୍ପ୍ରସାରଣ(୫୦.୨୫ କୋଟି, ୧୯୬ ନିଯୁକ୍ତି), ଯାଜପୁର ଜିଲାର ବଡ଼ଚଣାରେ ଓମ୍‌ଜୟ ଇଭି ଦ୍ୱାରା ଇଲେକ୍ଟ୍ରିଚାଳିତ ଯାନ ପ୍ରକଳ୍ପ(୫୨.୪୧କୋଟି, ୧୨୨ ନିଯୁକ୍ତି), କେନ୍ଦୁଝର ଜିଲା ବସନ୍ତପୁରରେ ପ୍ରୋ-ମିନେରାଲ ଦ୍ୱାରା ଲୁହାପଥର ପେଲେଟିଷ୍ଟେଶନ ପ୍ଲାଣ୍ଟ(୨୩୮.୯୭ କୋଟି, ୧୯୨ ନିଯୁକ୍ତି) ଏବଂ କଟକ ଜିଲା ଆଠଗଡ଼ରେ ଶ୍ରୀସିମେଣ୍ଟ ଲିଃ ଦ୍ୱାରା ୩ ଏମ୍‌ଟିପିଏ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ (୪୫୨.୫୫ କୋଟି, ୨୪୩ ନିଯୁକ୍ତି)।

ସେହିଭଳି ଗ୍ରାଉଣ୍ଡ ବ୍ରେକିଂ କରାଯାଉଥିବା ପ୍ରକଳ୍ପଗୁଡ଼ିକ ହେଉଛି- ବୌଦ୍ଧର ଆଦିତ୍ୟ ବିର୍ଲା ରିନ୍ୟୁଏବଲ୍(୩୫୨.୫୦ କୋଟି, ୮୦ ନିଯୁକ୍ତି), ସୁନ୍ଦରଗଡ଼ର ଅଗ୍ରସେନ୍ ସ୍ପଷ୍ଟ ପ୍ରାଇଭେଟ୍ ଲିଃ(୧୯୮.୯୭ କୋଟି, ୪୬୧ ନିଯୁକ୍ତି), ପୁରୀର ଆନନ୍ଦ ଗ୍ଲାସ୍(୫.୬୦ କୋଟି, ୭୦ ନିଯୁକ୍ତି), ଖୋର୍ଦ୍ଧାର କେମ୍‌ଫ୍ଲୋ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ)ପ୍ରା. ଲିଃ(୩.୨୯ କୋଟି, ୭୭ ନିଯୁକ୍ତି), ଯାଜପୁରର ଡିଓ ରେସିଡେନ୍ସି ଆଣ୍ଡ ରିସୋର୍ଟ ପ୍ରା. ଲିଃ(୫୩.୬୯ କୋଟି, ୯୦ ନିଯୁକ୍ତି), ଗଞ୍ଜାମର ଗୋପୁ ହିଲ୍ ଭିଉ ରିସୋର୍ଟ(୫୦.୪୮ କୋଟି, ୧୪୨ ନିଯୁକ୍ତି) ଏବଂ ସମ୍ବଲପୁରର ହିଣ୍ଡାଲ୍‌କୋ(୫୦୦୦ କୋଟି, ୫୫୦ ନିଯୁକ୍ତି)। ସେହିପରି ବାଲେଶ୍ୱରର ହାଇଲ୍ୟାଣ୍ଡ ଆଗ୍ରୋ(୫୩.୦୮ କୋଟି, ୪୪୫ ନିଯୁକ୍ତି), ଖୋର୍ଦ୍ଧାରେ ଆଇନକ୍ସ ଫ୍ୟାବ୍ ଇଣ୍ଡିଆ ପ୍ରା.ଲିଃ(୨.୯୮ କୋଟି, ୧୪୬ ନିଯୁକ୍ତି), ବଲାଙ୍ଗୀରର ଜୟଶ୍ରୀ ଏଣ୍ଟରପ୍ରାଇଜେସ୍ (୨.୫୧ କୋଟି, ୩୦ ନିଯୁକ୍ତି), ବାଲେଶ୍ୱର ଜେ.ଏମ୍. ଇଣ୍ଡଷ୍ଟ୍ରିଜ୍ ୟୁନିଟ୍-୨(୨.୩୪ କୋଟି, ୩୭ ନିଯୁକ୍ତି ସୁଯୋଗ), ଯାଜପୁରର କଳିଙ୍ଗ ଆଲୟ ପ୍ରା.ଲିଃ(୨.୩୨ କୋଟି, ୫୩ ନିଯୁକ୍ତି), ଖୋର୍ଦ୍ଧାର କସ୍ତୁରୀ ଫ୍ଲୋର ମିଲ୍(୮.୩୪ କୋଟି, ୮୯ ନିଯୁକ୍ତି), କଟକର ପେଜ୍ ଇଣ୍ଡଷ୍ଟ୍ରିଜ୍ ଲିଃ(୧୩୫.୫୦ କୋଟି, ୫୮୫୦ ନିଯୁକ୍ତି) ଓ ବାଲେଶ୍ୱରର ରଶ୍ମି ଏଣ୍ଟରପ୍ରାଇଜେସ୍ (୨.୯୮ କୋଟି, ୧୮ ନିଯୁକ୍ତି) ଲକ୍ଷ୍ୟ ରଖାଯାଇଛି। ଏହାକୁ ବାଦ୍ ଦେଇ କଟକସ୍ଥିତ ଓମ୍ ଅଏଲ୍ ଆଣ୍ଡ ଫ୍ଲୋର ମିଲ୍ସ ଲିଃ(୧୦୦ କୋଟି, ୧୫୬୦ ନିଯୁକ୍ତି), ଆର.ଏନ୍.ଡି. ଲାବରେଟୋରିଜ୍(୧୧.୭୨ କୋଟି, ୧୫୦ ନିଯୁକ୍ତି), ସୌକୀନ ଇଣ୍ଡଷ୍ଟ୍ରିଜ୍ (୧୪.୩୬ କୋଟି, ୧୨୦ ନିଯୁକ୍ତି), ଶ୍ରୀ ସାଇ ଏଣ୍ଟରପ୍ରାଇଜେସ୍ (୨୨.୧୪ କୋଟି, ୩୦୦ ନିଯୁକ୍ତି), ଖୋର୍ଦ୍ଧାର ସୁଗୁନା ଫୁଡ୍ସ(୫୦.୨୭ କୋଟି, ୪୮୬ ନିଯୁକ୍ତି), ଉତ୍କଳ ଫିଡ୍ସ ପ୍ରା. ଲିଃ(୧୨.୪୦ କୋଟି, ୫୦ ନିଯୁକ୍ତି) ଏବଂ ଗଞ୍ଜାମର ସ୍ୱସ୍ତି ଭ୍ୟାକେଶନ୍ କ୍ଲବ ପ୍ରା. ଲିଃରେ ୬୪.୫୮ କୋଟି ଟଙ୍କା ବିନିଯୋଗ କରାଯାଇ ୨୨୦ ନିଯୁକ୍ତି ଲାଗି ଲକ୍ଷ୍ୟ ରଖାଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶତାବ୍ଦୀ ତନୟା ଦାସ



ନିକିତା ମୁଦୁଲି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ

plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ମେଡିସିନ ଗୋଦାମରେ ଲାଗିଲା ନିଆଁ

- ପୋଡ଼ିଗଲା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ
- ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ
- ନିଆଁଲିଭା କାର୍ଯ୍ୟରେ ୩୦ ଅଗ୍ନିଶମ କର୍ମଚାରୀ
- ଗୋଦାମରେ ନ ଥିଲା ଅଗ୍ନି ନିର୍ବାପକ ଯନ୍ତ୍ର

କଟକ ଅଫିସ, ୩୦।୧୧

କଟକ ମଙ୍ଗଳାବାଗସ୍ଥିତ ଶ୍ରୀଗୋପାଳ ମେଡିସିନ ଆଣ୍ଡ ସର୍ଜିକାଲ ଗୋଦାମରେ ଶନିବାର ଭୟାନକ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୫ଟି ଘରେ ମହଜୁଦ ଥିବା ପ୍ରାୟ ୫୦ଲକ୍ଷ ଟଙ୍କାର ବିଭିନ୍ନ ସର୍ଜିକାଲ ସାମଗ୍ରୀ ଓ ମେଡିସିନ ପୋଡ଼ି ନଷ୍ଟ ହୋଇଯାଇଛି ବୋଲି ଗୋଦାମ ମାଲିକ ସବ୍ୟସାଚୀ ସାହୁ କହିଛନ୍ତି। ନିଆଁ ଲିଭାଇବା ପାଇଁ କଟକ ଅଗ୍ନିଶମ ବାହିନୀର ତିନୋଟି, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ କେନ୍ଦ୍ରର ଗୋଟିଏ ଲେଖାଏ ଦମକଳ ନିୟୋଜିତ ହୋଇଥିଲା। ୬ ଅଗ୍ନିଶମ ଅଧିକାରୀଙ୍କ ଅଧୀନରେ ୩୦ଜଣ କର୍ମଚାରୀ ନିଆଁ ଲିଭାଇବା କାମରେ ନିୟୋଜିତ ହୋଇଥିବାବେଳେ ମଙ୍ଗଳାବାଗ୍ ଥାନାର କର୍ମଚାରୀ ଓ ସ୍ଥାନୀୟ ଲୋକେ ସେମାନଙ୍କୁ ସହଯୋଗ କରିଥିଲେ। ପ୍ରାୟ ଦେଢ଼ଘଣ୍ଟା



ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା। ଶର୍ଟ ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେବେ ଅଧିକ ତଦନ୍ତ ପରେ ଯାହା କହିହେବ ବୋଲି ଜିଲା ଅଗ୍ନିଶମ ଅଧିକାରୀ ଟି.କେ. ବାବୁ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସବ୍ୟସାଚୀ ସାହୁ ପ୍ରାୟ ୩୦ ବର୍ଷ ହେବ ଏଠାରେ ବିଭିନ୍ନ ସର୍ଜିକାଲ ଜିନିଷ ସହ ଔଷଧ ବ୍ୟବସାୟ କରୁଛନ୍ତି। ବିଲ୍ଡିଂର ତଳ ମହଲାରେ ତାଙ୍କର ଦୋକାନ ରହିଥିବାବେଳେ ଉପର ମହଲାର ୫ଟି ଘରେ ଗୋଦାମ କରିଥିଲେ। ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଦୋକାନ କର୍ମଚାରୀ ଜିନିଷ ଆଣିବା ପାଇଁ ଗୋଦାମ ଘରକୁ ଯାଇଥିବାବେଳେ ସେଠାରୁ ଧୂଆଁ ବାହାରୁଥିବା ଦେଖିଥିଲେ। ପରେ ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଏହି ଘରେ ବିଭିନ୍ନ କେମିକାଲ, ପ୍ଲାଷ୍ଟିକ୍ ଓ ତୁଳାରୁ ପ୍ରସ୍ତୁତ ସାମଗ୍ରୀ ରହିଥିବାରୁ ନିଆଁ ଅଣାୟତ୍ତ ହୋଇପଡ଼ିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁଲିଭା କାର୍ଯ୍ୟରେ ଲାଗିପଡ଼ିଥିଲେ। ଏହି ଘରକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲେ ମଧ୍ୟ ଇନ୍‌ଭର୍ଟର ଥିବାରୁ ନିଆଁ ଲିଭାଇବାବେଳେ ଅଗ୍ନିଶମ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରବର୍ତ୍ତୀ ସମୟରେ ନିଆଁକୁ ଆୟତ୍ତ କରାଯାଇଥିଲା। ସବୁଠୁ ବଡ଼କଥା ହେଲା, ସବୁ ଗୋଦାମରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ନିୟମ ଥିବାବେଳେ ଏହି ଗୋଦାମରେ କୌଣସି ଅଗ୍ନି ନିର୍ବାପକ ଯନ୍ତ୍ର ନ ଥିଲା। ଏଥିସହିତ କିଛିବର୍ଷ ପୂର୍ବରୁ ଏହି ଗୋଦାମରେ ଏକ ଛୋଟ ଧରଣର ଅଗ୍ନିକାଣ୍ଡ ଘଟିଥିଲା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏ ନେଇ ଦୋକାନ ମାଲିକ ସବ୍ୟସାଚୀ କୁହନ୍ତି, ଗୋଦାମଟି ବହୁ ପୁରୁଣା। ତେଣୁ ଅଗ୍ନି ନିର୍ବାପକ ବ୍ୟବସ୍ଥାର କିଛି ଆବଶ୍ୟକତା ଥିବା ଭାବୁ ନ ଥିଲି। ଗୋଦାମ ଓ ଦୋକାନର ଇନ୍‌ସ୍ୟୁରାନ୍ସ ଅଛି। ଏତେ ବଡ଼ ଅଗ୍ନିକାଣ୍ଡ ପରେ ଆଗକୁ ନିଶ୍ଚୟ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବି।

# ଅଭିଯୁକ୍ତଙ୍କୁ ଧରାଇଲା ସରପଞ୍ଚଙ୍କ ଫୋନ କଲ୍

**କେବଳ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ନୁହେଁ, ଅପରାଧ ରୋକିବା ଏବଂ ଠିକ୍ ଢଙ୍ଗରେ ତଦନ୍ତ ଚଳାଇ ଅପରାଧୀଙ୍କୁ ଧରିବା ପୋଲିସର ପ୍ରମୁଖ ଦାୟିତ୍ୱ। ଏହି ଗୁରୁ ଦାୟିତ୍ୱ ସମ୍ପାଦନ ବେଳର ଅନୁଭୂତି ଅନେକ ପୋଲିସ ଅଧିକାରୀଙ୍କ ପାଇଁ ଅପାସୋରା ହୋଇ ରହିଥାଏ। ଏଭଳି ଏକ ଅନୁଭୂତି ସମ୍ପର୍କରେ ମଙ୍ଗଳାବାଗ ଆଇଆଇସି ଅମିତାଭ ମହାପାତ୍ର ଯାହା କୁହନ୍ତି....**



**ଥାନା ଅଧିକାରୀଙ୍କ ଅନୁଭୂତି**

୨୦୧୫ରେ ମୁଁ ଯାଜପୁର ଜିଲା ଧର୍ମଶାଳା ଥାନାରେ ଥାନାଧିକାରୀ ଭାବେ କାର୍ଯ୍ୟ କରୁଥାଏ। ଚଣ୍ଡିଖୋଲଠୁ ଅଳ୍ପଦୂର ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ମୃତଦେହ ମିଳିଥିଲା। ତାଙ୍କୁ କେହି ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିଲେ। ଘଟଣାସ୍ଥଳରେ ହତ୍ୟାକାରୀ କୌଣସି ସୁରାକ ଛାଡି ନ ଥିବା ବେଳେ ମୃତକଙ୍କ ପରିଚୟ ମଧ୍ୟ ମିଳି ନ ଥିଲା। ତେଣୁ ହତ୍ୟାକାରୀଙ୍କୁ ଖୋଜି ବାହାର କରିବା ପୋଲିସ ପାଇଁ କଷ୍ଟସାଧ୍ୟ ହୋଇପଡିଥିଲା। ମୃତ ଯୁବକଙ୍କ ଫଟୋ ଆମେ ସମସ୍ତ ଥାନାକୁ ପଠାଇଥିଲୁ। କିଛିଦିନ ପରେ ମୃତ ଯୁବକଙ୍କ ମା'ବାପା ଆସି ଯୁବକଙ୍କୁ ଚିହ୍ନଟ କରିଥିଲେ। ଯୁବକ ଜଣକ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ବୋଲି ଜଣାପଡ଼ିଥିଲା। ସେ ଗାଡ଼ି ଡ୍ରାଇଭର ଭାବେ କାମ କରୁଥିଲେ। ଏହାପରେ ଆମେ ନୀଳଗିରି ଯାଇଥିଲୁ। ମୃତକଙ୍କ ଫୋନ କଲ ଟ୍ରାକ୍ କରି ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରିଥିଲୁ। ସିଡିଆର(କଲ୍ ରେକର୍ଡ ଡିଟେଲ)ରୁ ୩ଟି ସନ୍ଦେହଜନକ ନମ୍ବର ପାଇଥିଲୁ। ହେଲେ ଟ୍ରାକ୍ କରି ନମ୍ବର ମାଲିକଙ୍କ ନିକଟରେ ପହଞ୍ଚିବାରୁ ତାଙ୍କ ପରିଚୟପତ୍ରରେ ଅନ୍ୟ କେହି ସିମ୍ କିଣିଥିବା ଜାଣିବାକୁ ମିଳିଥିଲା। ସେତେବେଳେ ଜାଲ ପରିଚୟ ପତ୍ରରେ ସିମ୍ ମିଳୁଥିବାରୁ ଅଭିଯୁକ୍ତଙ୍କୁ କଲ୍ ଟ୍ରାକ୍ କରି ଧରିବାରେ ବାଧା ସୃଷ୍ଟି ହେଉଥିଲା। ଏମିତି ଦିନେ ନୀଳଗିରି ଥାନାରେ ବସିଥିଲି। ଅଭିଯୁକ୍ତଙ୍କୁ କେମିତି ଧରିବି ସେହି କଥା ହିଁ ମନରେ ଚାଲୁଥାଏ। ସେହି ସମୟରେ ଥାନାକୁ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚ ଆସିଥିଲେ। କ'ଣ ମନକୁ ଆସିଲା ତାଙ୍କୁ ଅଭିଯୁକ୍ତଙ୍କ ନମ୍ବରରେ କଲ୍ କରିବାକୁ କହିଲି। ସରପଞ୍ଚ ସେ ନମ୍ବରରେ କଲ କରିବାରୁ ସେହି ଯୁବକ ଅନ୍ୟପଟରୁ କହିଲେ 'ଭାଇ ଆପଣଙ୍କର କିଛି କାମ ଥିଲା କି'। ତେବେ ମୋ କହିବା ମୁତାବକ ସରପଞ୍ଚ ଯୁବକଙ୍କୁ ଦେଖା କରିବାକୁ ଡାକିଥିଲେ। ଯୁବକ ଜଣକ ଆସିବା ପରେ ମୁଁ ତାଙ୍କୁ ଧରିଥିଲି। ପଚରାଉଚରା ପରେ ସେ ୩ଜଣ ସାଙ୍ଗଙ୍କ ସହ ମିଶି ଯୁବକଙ୍କୁ ହତ୍ୟା କରିଥିବା କଥା ମାନିଥିଲେ। ତେବେ ଧରାପଡ଼ିଥିବା ଯୁବକଙ୍କ ଆଉ ଜଣେ ବନ୍ଧୁ ହିଁ ସମସ୍ତ ଘଟଣାର କାର୍ପଟଦାର ବୋଲି ମାନିଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ଧରପଗଡ଼ ପାଇଁ ଆମେ ଧରିଥିବା ଯୁବକଙ୍କୁ ଫୋନ କରିବାକୁ କହିଲି। ତଦନୁଯାୟୀ ଯୁବକ ଜଣକ ଫୋନ କରିବାରୁ ମୁଖ୍ୟ ଅଭିଯୁକ୍ତ ସନ୍ଦେହ କରି 'ତୁ ପୋଲିସ ପାଖରେ ଅଛୁ କି' ବୋଲି ପ୍ରଶ୍ନ କରିଥିଲେ। ଯୁବକ ଜଣକ ମନା କରିବାରୁ ସେ ପୋଲିସକୁ ଗାଳି ଦେବାକୁ କହିଥିଲେ। ଏହାପରେ ମୋ ନିର୍ଦ୍ଦେଶ ଅନୁଯାୟୀ ଯୁବକ ଜଣକ ପୋଲିସକୁ ଗାଳି ଦେଇଥିଲେ। ଭରସା ଜିତିବା ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଡାକିବା ପାଇଁ ଯୁବକଙ୍କୁ କହିଥିଲି। ଯୁବକ ଜଣକ ତାଙ୍କୁ ସାକ୍ଷାତ୍ କରିବା ପାଇଁ ଡାକିବାରୁ ୧୦ ମିନିଟ ଭିତରେ ନିକଟସ୍ଥ ଏକ ସ୍ଥାନରେ ପହଞ୍ଚିବେ ବୋଲି ମୁଖ୍ୟ ଅଭିଯୁକ୍ତ ତାଙ୍କୁ କହିଥିଲେ। ଏହାପରେ ମୁଁ ଓ ମୋର ଦୁଇଜଣ ସହଯୋଗୀ ଉକ୍ତ ଯୁବକଙ୍କୁ ସାଙ୍ଗରେ ଧରି ଏକ ଭଡ଼ା କାରରେ ଉକ୍ତ ସ୍ଥାନକୁ ଯାଇଥିଲୁ। ତେବେ ମୁଖ୍ୟ ଅଭିଯୁକ୍ତଙ୍କ ସନ୍ଦେହ ନ ହେବା ଲାଗି ଗାଡ଼ିକୁ କିଛିଦୂରରେ ରଖି ତାଙ୍କୁ ଚିହ୍ନଟ କରିଥିଲୁ। ପରେ ପାଖକୁ ଯାଇ ତାଙ୍କୁ କାବୁ କରିଥିଲୁ। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପରେ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରିଥିଲୁ।

- ରିପୋର୍ଟ: ଓଁକାର ମିଶ୍ର, କଟକ

ପ୍ରଥମ ପୃଷ୍ଠାରୁ...

## 'ଅଗ୍ନି-୩'...

ଦୂରରେ ଯେକୌଣସି ଲକ୍ଷ୍ୟକୁ ଭେଦ କରିବାର କ୍ଷମତା ରଖିଛି। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରକୁ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡୋଙ୍କ ପକ୍ଷରୁ କଲାମ ଦ୍ୱୀପ ଲଞ୍ଚପ୍ୟାଡରୁ ଉତ୍କ୍ଷେପଣ କରାଯାଇଥିଲା। ଏହାର ଲମ୍ୱ ପ୍ରାୟ ୧୭ମିଟର। ମୋଟେଇ ୨ ମିଟର। ଓଜନ ପ୍ରାୟ ୨୨ଟନ। ୨୦୧୧ ମସିହାରୁ ଅଗ୍ନି-୩ କ୍ଷେପଣାସ୍ତ୍ରକୁ ଭାରତୀୟ ସେନାରେ ନିୟୋଜିତ କରାଯାଇସାରିଛି। ୨୦୦୬ ମସିହାରୁ ବିଭିନ୍ନ ସମୟରେ ଏହାର ପରୀକ୍ଷା କରାଯାଇ ଆସୁଛି। ଶେଷଥର ପାଇଁ ୨୦୧୭ ଏପ୍ରିଲ ୨୭ ତାରିଖରେ ସେହି କଲାମ ଦ୍ୱୀପରୁ ଏହି କ୍ଷେପଣାସ୍ତ୍ରକୁ ସଫଳତାର ସହିତ ପରୀକ୍ଷା କରାଯାଇଥିଲା।



'ଅଗ୍ନି-୩' କ୍ଷେପଣାସ୍ତ୍ରକୁ ଉତ୍କ୍ଷେପଣ କରାଯାଉଛି।

## ୮୯୩୯ କୋଟି...

ସେହିଭଳି ଶନିବାର ଶିଳାନ୍ୟାସ ସହ ଶୁଭାରମ୍ଭ କରାଯାଇଥିବା ୨୭ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଶିଳ୍ପାୟନର ନୂଆ ଧାରା ସୃଷ୍ଟି କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶାପୋଷଣ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଏହା ୮ମ ପର୍ଯ୍ୟାୟ ଗ୍ରାଉଣ୍ଡବ୍ରେକିଂ କାର୍ଯ୍ୟକ୍ରମ। ମୋଟ୍ ୧୦ଟି କ୍ଷେତ୍ରରେ ୧୧ ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର, ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ପାହ୍ୟାର ପ୍ରଶାସନିକ ଅଧିକାରୀ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍, ଇଡ୍‌କୋ ସିଏମ୍‌ଡି ସଞ୍ଜୟ ସିଂ, ଶିଳ୍ପ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ଆଜି କର୍ମସ୍ଥାନରେ ଚନ୍ଦ୍ର ଏକାଧାରରେ କର୍ମକ୍ଷେତ୍ର ଓ ସଭାସମିତିରେ ସମ୍ମାନିତ କରାଇବ। ପାରିବାରିକ ପରିସ୍ଥିତି ନିଶ୍ଚିତ ଭଲ ରହିବ ତଥାପି ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବହନ ତଥା ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ତଥା ଚଳଚ୍ଚିତ୍ର ପ୍ରଭୃତି ଶୁକ୍ରଙ୍କ ସ୍ୱଗୃହୀ ପ୍ରଭାବରୁ ଉନ୍ନତ ରହିବ।

**ବୃଷ**: ରବିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ, ଯାହାକି ଆପଣଙ୍କ ସକାଶେ ହିତକର ହେବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅଟକି ରହିଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ**: ସପ୍ତମ କେନ୍ଦ୍ରରେ ଏକାଧିକ ଗ୍ରହ ଯୋଗୁ ଆଜି ବିବାଦରୁ ଦୂରେଇ ରହିବା ଭଲ। ବନ୍ଧୁଗହଣରେ ଆପଣଙ୍କ ସୁନ୍ଦର ବ୍ୟବହାର ଓ ରୁଚିପୂର୍ଣ୍ଣ କଥାରେ ଅନ୍ୟମାନେ ଖୁସୀ ହୋଇଯିବେ। ଆର୍ଥିକ ଦିଗରୁ ଉପକୃତ ମଧ୍ୟ ହେବେ, ଏପରି କି ବକେୟା ମଧ୍ୟ ପାଇପାରନ୍ତି। ସତର୍କତା କିମ୍ବା ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**କର୍କଟ**: ଚନ୍ଦ୍ରଙ୍କ ସ୍ୱଗୃହାବଲୋକନ ହେତୁ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବା ସଙ୍ଗକୁ କଳ୍ପନାବିଳାସୀ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନର ଆଶା ଫଳବତୀ ହେବ। କର୍ମଜଞ୍ଜାଳ ବୃଦ୍ଧି ସଙ୍ଗକୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ଅର୍ଥାଭାବ ଓ ଅପୂରଣୀୟ ଆଶା ପୂରଣ ଦିଗରେ ଜଣେ ବନ୍ଧୁ ସହଯୋଗର ହାତ ବଢ଼ାଇପାରନ୍ତି।

**ସିଂହ**: ଗ୍ରହ ପ୍ରଭାବରେ ଆଜି ଆପଣଙ୍କ ବିଚାରଧାରା ବିକ୍ଷିପ୍ତ ହୋଇପାରେ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିବାର ଯୋଗ ରହିଛି। ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ।

**କନ୍ୟା**: କର୍ମସ୍ଥାନକୁ ଏକାଧିକ ଗ୍ରହ ଦେଖୁଥିବାରୁ ଲକ୍ଷ୍ୟ ହାସଲ କରିବା ପରିପ୍ରେକ୍ଷୀରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଇ ସଫଳତା ପାଇପାରନ୍ତି। ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡିପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା**: ରାଶିରେ ମଙ୍ଗଳ ଓ ବୁଧ ଯୋଗୁ ଆପଣଙ୍କୁ ଅର୍ଥ, ସମ୍ମାନ,ବନ୍ଧୁଙ୍କ ସହାନୁଭୂତି ସହ ଆଜି ଆନୁଷ୍ଠାନିକ କାର୍ଯ୍ୟରେ ମଧ୍ୟ ସଫଳତା ମିଳିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା**: ଦ୍ୱିତୀୟସ୍ଥ ଗ୍ରହମାନେ ଆପଣଙ୍କ ବ୍ୟବହାରକୁ କଠୋର କରି ଅଯଥା ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ର କିମ୍ବା ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପାଇବେ।

**ଧନୁ**: ରାଶିରେ ଶନିଙ୍କ ଅନ୍ୟଗ୍ରହମାନଙ୍କ ପ୍ରଭାବରେ ଅଯଥା ଅତୀତ ସ୍ମୃତି ରୋମନ୍ଥନ କରି ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ। ଅର୍ଥାଭାବ ଓ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର**: ଚନ୍ଦ୍ର ପ୍ରଭାବରେ ଆଜି ସକାଳୁ ସକାଳୁ ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ, ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ। ବ୍ୟବସାୟିକ କ୍ଷେତ୍ର ପ୍ରାୟତଃ ମଧ୍ୟମ ପ୍ରକାରର ରହିବ।

**କୁମ୍ଭ**: ଦୁର୍ବଳ ରବିଙ୍କ ସ୍ଥିତି ଜନିତ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ ଏବଂ କେତେକ କ୍ଷେତ୍ରରେ ଅନୁତାପ କରିବାକୁ ପଡିପାରେ। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ଶିକ୍ଷାରେ ସଫଳତା ଲାଭ କରିବେ ଏବଂ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ମୀନ**: ଗ୍ରହ ସମ୍ବନ୍ଧରୁ କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ମାତ୍ର କଳା, ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇବେ ଓ ଆଶା ପୂରଣ ମଧ୍ୟ ହୋଇଯିବ। କିନ୍ତୁ ଏହା ସାଙ୍ଗକୁ ଈର୍ଷାପରାୟଣ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ପ୍ରତ୍ୟେକ ସ୍ତରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ମନସା ପଞ୍ଚମୀ ରବିବାର, ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍ସ ଦିବସ, କୁମ୍ଭକାରମାନଙ୍କ ଉପକରଣ ସହ ଚକ୍ରଧାରୀଙ୍କ ପୂଜା, ରାଶି ନକ୍ଷତ୍ର-ଦିବା ଘ.୯।୫୪ମି. ଗତେ, ଶ୍ରବଣା/ମକର, ଅଦ୍ୟ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ମେଷ ରାଶିର ଘାତବାର, ଅଦ୍ୟ ନବାନ୍ନ, ଗୃହପ୍ରତିଷ୍ଠା ଓ ବିବାହ ପାଣିଗ୍ରହଣ ପାଇଁ ଶୁଭ। ଦିବା ଘ.୯।୦୩ମି. ଗତେ, ଘ.୧୧।୫୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୮।୫୩ମି. ଗତେ, ଘ.୧୦।୧୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୩।୪୦ମି. ଗତେ ଘ.୫।୦୧ମି. ମଧ୍ୟେ ରାହୁକାଳ।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର




■ ନୂଆ ମୋଟର ଯାନ ଆଇନ: ଆଜିଠୁ କଡ଼ାକଡ଼ି ଯାଞ୍ଚ

# ଖସି ପାରିବେନି ଉଲ୍ଲଂଘନକାରୀ

- ଘଟଣା ସ୍ଥଳରେ ଜରିମାନା ନ ଦେଲେ ଘରକୁ ଯିବ ଚାଲାଣ
- ପୈଠ ନ କଲେ ଆର୍‌ଟିଓ ଖାତାରେ ଗଡ଼ିବ ଜରିମାନା ରାଶି
- ଭୁବନେଶ୍ୱର ରୁପାଲି ଛକରେ ଲାଗିଲା ପ୍ରଥମ ଟିଭିଡିଏସ୍ ମେଶିନ
- ରାସ୍ତା ମଝିରେ ଲୋକଙ୍କ ସହ ଯୁକ୍ତିତର୍କ ନ କରିବାକୁ ପୋଲିସକୁ ପରାମର୍ଶ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ରବିବାରଠାରୁ କଡ଼ାକଡ଼ି ଲାଗୁହେବ ନୂଆ ମୋଟର ଯାନ ଆଇନ। କେବଳ ଗାଡ଼ି କାଗଜପତ୍ର ଯାଞ୍ଚକୁ ୩ ମାସ କୋହଳ କରାଯାଇଥିବାବେଳେ ଅନ୍ୟ ୧୦ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ବହୁଗୁଣା ଜରିମାନା ଆଦାୟ ହେବ। ଏ ନେଇ ପରିବହନ ବିଭାଗ ପକ୍ଷରୁ ସମସ୍ତ ଏସ୍‌ପି ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଜରିମାନାବେଳେ ଉପୁଜୁଥିବା ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବା ପାଇଁ କମିଶନରେଟ ପୋଲିସ ନୂଆ ଧାରା ଆପଣାଇଛି। ନିୟମ ଉଲ୍ଲଂଘନକାରୀଙ୍କ ସହ ରାସ୍ତା ଉପରେ ଯୁକ୍ତିତର୍କ ନ କରିବାକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି। ଯେଉଁ ଉଲ୍ଲଂଘନକାରୀ ଘଟଣାସ୍ଥଳରେ ଜରିମାନା କାଟିବାକୁ ମନା କରିବେ, ସେମାନଙ୍କୁ ଜବରଦସ୍ତ ନ କରି ତାଙ୍କ ଗାଡ଼ି ନମ୍ବରରେ ଘରକୁ ଡାକରେ ଚାଲାଣ ପଠାଯିବ ବୋଲି କମିଶନର କହିଛନ୍ତି।

କମିଶନରେଟ ପୋଲିସ ମୁଖ୍ୟାଳୟଠାରେ କମିଶନର ଷଡ଼ଙ୍ଗୀ ଏ ସମ୍ପର୍କରେ ସୂଚନା ଦେଇ କହିଲେ, ଏଣିକି ନିୟମ ଉଲଂଘନକାରୀ ଆଉ ଖସି ପାରିବେ ନାହିଁ। ତେଣୁ ରାଜ୍ୟରେ ପ୍ରଥମଥର ଭୁବନେଶ୍ୱରର ରୁପାଲି ଛକରେ ଟିଭିଡିଏସ୍ ମେଶିନ (ଟ୍ରାଫିକ ଭାଓଲେଟ୍ର ଡିଟେକ୍ସନ ସିଷ୍ଟମ ବା ଟ୍ରାଫିକ ନିୟମ ଉଲଂଘନକାରୀଙ୍କୁ ଧରିପାରୁଥିବା ସ୍ୱୟଂ ଚାଳିତ ମେଶିନ) ଲଗାଯାଇଛି। ପୋଲିସ ଉଲ୍ଲଂଘନକାରୀଙ୍କୁ ନ ଧରି ପାରିଲେ ଏହି ମେଶିନ ସିସିଟିଭି କ୍ୟାମେରା ମାଧ୍ୟମରେ ଚିହ୍ନଟ କରିବା ପରେ ଉକ୍ତ ଗାଡ଼ି ନମ୍ବର ଅନୁଯାୟୀ ଘରେ ଚାଲାଣ ପହଞ୍ଚିଯିବ। ସେହିଭଳି ଅନ୍ୟ କୌଣସି ସ୍ଥାନରେ ଯଦି ଉଲ୍ଲଂଘନକାରୀ ଜରିମାନା ନ ଦେଇ ଖସି ଯିବାକୁ ଚେଷ୍ଟା କରିବେ, ଟ୍ରାଫିକ ପୋଲିସ ପୋଷାକରେ ଲାଗୁଥିବା ବଡ଼ କ୍ୟାମେରା ସେମାନଙ୍କୁ ଧରିବ। ପୋଲିସ କଣ୍ଟ୍ରୋଲ ରୁମ୍‌ରୁ ସିସିଟିଭି ମାଧ୍ୟମରେ ମଧ୍ୟ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯିବ। ଇ-ମେଶିନ ସାହାଯ୍ୟରେ ସମସ୍ତ ଚାଲାଣ କଟାଯିବ। ଘରେ ଚାଲାଣ ପହଞ୍ଚିବା ପରେ ଗାଡ଼ି ମାଲିକ କମିଶନରେଟ ପୋଲିସ ମୁଖ୍ୟାଳୟରେ ଜରିମାନା ପୈଠ କରିବେ। ଏଥିଲାଗି ସେଠାରେ ଏକ କାଉଣ୍ଟର ଖୋଲାଯିବ। ଯଦି ବି ନିର୍ଦ୍ଧାରିତ ସମୟ ମଧ୍ୟରେ ଜରିମାନା ରାଶି ପୈଠ ନ କଲେ, ତେବେ ଚାଲାଣ ଯାଇଥିବା ଗାଡି ନମ୍ବରରେ ତାହା ଯୋଡ଼ି ହୋଇଯିବ। ଯେତେ ବିଳମ୍ବ କରିବେ ଓ ପରବର୍ତ୍ତୀ ସମୟରେ ବି ଯେତେଥର ଜରିମାନା ନ ଦେବାକୁ ଚେଷ୍ଟା କରିବେ ତାହା ବଢିବଢି ଯିବ। ଯେତେବେଳେ ଗାଡ଼ି କାଗଜପତ୍ର କରିବାକୁ ଆର୍‌ଟିଓ ଅଫିସ୍‌କୁ ଯିବେ, ସେତେବେଳେ ଜରିମାନା ସୁଧମୂଳ ସହ ଦେବାକୁ ପଡିବ। ନଚେତ ଗାଡ଼ି କାଗଜପତ୍ର ହୋଇପାରିବ ନାହିଁ ବୋଲି କମିଶନର ଷଡ଼ଙ୍ଗୀ ସତର୍କ କରାଇଦେଇଛନ୍ତି।

### ୩ ବର୍ଷରେ ଟ୍ରାଫିକ ପୋଷ୍ଟରୁ ପୋଲିସ ପ୍ରତ୍ୟାହାର ଲକ୍ଷ୍ୟ

ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ରବିବାରଠାରୁ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ ପାଇଁ ଭୁବନେଶ୍ୱର ରୁପାଲି ଛକରେ ଟିଭିଡିଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ପରେ ଏହା ରାଜଧାନୀର ଆଉ ୮ ପ୍ରମୁଖ ଛକରେ ଲଗାଯିବ। ଏହାସହ ଆଗାମୀ ୩ବର୍ଷ ମଧ୍ୟରେ ଟ୍ରାଫିକ ପୋଷ୍ଟରୁ ପୋଲିସ ପ୍ରତ୍ୟାହାର କରାଯିବାର ଲକ୍ଷ୍ୟ ରଖାଯାଇଛି। ଲୋକଙ୍କୁ ଭୟଭୀତ ହେବାର ନାହିଁ। ଟ୍ରାଫିକ ନିୟମ ମାନି ଗାଡି ଚଳାନ୍ତୁ। ପୋଲିସ ପକ୍ଷରୁ ଧିରେ ଧିରେ କାର୍ଯ୍ୟାନୁଷ୍ଠାନ ବଢିବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

### କେଉଁ ନିୟମ ଉଲ୍ଲଂଘନ କଲେ କେତେ ଗଣିବେ

- ମଦ୍ୟପାନ କରି ଗାଡ଼ି ଚଲାଇଲେ ୧୦ ହଜାର ଟଙ୍କା
- ଦ୍ରୁତ ଗତି ପାଇଁ ୫ ହଜାର ଟଙ୍କା
- ରଙ୍ଗ୍ ରୁଟ୍‌ରେ ଗାଡ଼ି ଚାଳନା କଲେ ୫ହଜାର
- ଗାଡ଼ି ଚଲାଇବାବେଳେ ମୋବାଇଲ୍ ଫୋନ୍ ବ୍ୟବହାର କଲେ ୫ ହଜାର
- ବିପଦପୂର୍ଣ୍ଣଭାବେ ଗାଡ଼ି ଚାଳନା ପାଇଁ ୫ ହଜାର
- ଦୁଇ ଚକିଆରେ ୩ଜଣ ବସି ଯାତ୍ରା କଲେ ୫ ହଜାର
- ଅତ୍ୟଧିକ ଭାର ପରିବହନ ଲାଗି ୨ହଜାର
- ରେଡ୍ ଲାଇଟ୍‌କୁ ଅବମାନନା କଲେ ୫ ହଜାର
- ହେଲ୍‌ମେଣ୍ଟ ନ ପିନ୍ଧିଲେ ୧ ହଜାର
- ସିଟ୍‌ବେଲ୍ଟ ନ ପିନ୍ଧିଲେ ୧ ହଜାର ଟଙ୍କା

### ୨୬ ଘଣ୍ଟାରେ ୧୬୦ ମଦ୍ୟପ ଡ୍ରାଇଭର ଗିରଫ

ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ) – ରାଜ୍ୟରେ ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ଲାଗୁ ହେବାର ଗୋଟିଏ ଦିନ ପୂର୍ବରୁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ୨୬ ଘଣ୍ଟା ଭିତରେ ମୋଟ୍ ୧୬୦ ଜଣ ମଦ୍ୟପ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ନେଇ ପୋଲିସ ଡିଜି ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାରେ ସବୁଠୁ ଅଧିକ ୨୭ଜଣ ମଦ୍ୟପ ଡ୍ରାଇଭର ଗିରଫ ହୋଇନ୍ତି। ଏହାସହ କଟକ ଜିଲାର ବାଙ୍କୀ ଜାତମୁଣ୍ଡିଆ ଛକରେ ଜଣେ ମଦ୍ୟପ ଡ୍ରାଇଭରଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ରବିବାରଠାରୁ ଯାଞ୍ଚକୁ ଅଧିକ କଡାକଡି କରାଯିବ। ବିଶେଷକରି ମଦ ପିଇ ଗାଡି ଚଲାଉଥିଲେ ଅଧିକ କାର୍ଯ୍ୟାନାଷ୍ଠାନ ନିଆଯିବ ବୋଲି ଡିଜିପି ମହାନ୍ତି କହିଛନ୍ତି।



## ଜିଲା ଚିଠି
### ଢେଙ୍କାନାଳ

# ଟ୍ରାଫିକ୍ ଟେନ୍‌ସନ

ଢେଙ୍କାନାଳ ସମେତ ଜିଲାର ପ୍ରମୁଖ ସହରରେ ଟ୍ରାଫିକ୍ ସମସ୍ୟା ଚିନ୍ତାଜନକ ହୋଇଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ମୋଟରଯାନ ସଂଶୋଧିତ ଆଇନ ଲାଗୁ ହୋଇଛି ସତ, ହେଲେ ବାସ୍ତବ ସ୍ଥିତି ଦେଖିଲେ ଏଥିପ୍ରତି କାହାରି ଖାତିର ନ ଥିବା ଭଳି ମନେହେଉଛି। ଗାଡ଼ି ଚାଳକ, ପଥଚାରୀଙ୍କ ମଧ୍ୟରେ ସଚେତନତା ଅଭାବ, ଜନଗହଳିପୂର୍ଣ୍ଣ ସ୍ଥାନରେ ଦ୍ରୁତ ଗାଡ଼ିଚାଳନା ଏହାର ପ୍ରମୁଖ କାରଣ। ଅନ୍ୟପଟେ ବ୍ୟବସ୍ଥାରେ ସୁଧାର ଆଣିବାକୁ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଖାକି ଉପରେ ମାତ୍ରାଧିକ ଚାପ ପଡୁଛି, ଯାହା ସମସ୍ୟାକୁ ବଢ଼ାଉଛି। ଢେଙ୍କାନାଳରୁ କାମାକ୍ଷାନଗରକୁ ସଂଯୋଗ କରୁଥିବା ୪୦ କି.ମି. ଦୀର୍ଘ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି। ଦୁର୍ଘଟଣାପ୍ରବଣ ସ୍ଥାନରେ ସଚେତନତା ଫଳକ ଲାଗୁନାହିଁ। ୬ମାସ ମଧ୍ୟରେ ଦୁର୍ଘଟଣା ଘଟି ଏହି ରାସ୍ତାରେ ୬ଜଣଙ୍କ ମୃତ୍ୟୁ ଘଟିଲାଣି। ଅନେକେ ଆହତ ମଧ୍ୟ ହେଲେଣି। ଶଙ୍କରପୁର-ଭାପୁର-ଅନୁଗୋଳ-ସମ୍ବଲପୁର ରାସ୍ତାରେ ବେପରୁଆ ଗାଡ଼ି ଚାଳନା ପଥଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସେହିପରି ଢେଙ୍କାନାଳ ସହରର ଅନ୍ୟତମ ବ୍ୟସ୍ତବହୁଳ କୁଞ୍ଜକାନ୍ତ ଅଞ୍ଚଳରେ ଶତାଧିକ ଗାଡ଼ି ଚଳାଚଳ ଯୋଗୁ ରାସ୍ତା ଜାମ୍ ହେଉଛି। କିଛିଦିନ ମଧ୍ୟରେ ଏହି ସ୍ଥାନରେ ଦୁର୍ଘଟଣା ଘଟି ୨ଜଣଙ୍କ ଜୀବନହାନି ହେଲାଣି। ସହର ଭିତରେ ଦୁର୍ଘଟଣା ବଢ଼ିଚାଲିଥିଲେ ମଧ୍ୟ ପୋଲିସ ପ୍ରଶାସନର ଚେତା ପଶୁନାହିଁ। ବେପରୁଆ ଗାଡ଼ି ଚାଳକଙ୍କ ଉପରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ କେହି କାହାରିକୁ ଖାତିର କରୁନାହାନ୍ତି। ଜିଲାରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଟ୍ରାଫିକ୍ ସମସ୍ୟାରେ ସୁଧାର ନ ହେଲେ ସାଧାରଣରେ କୁହୁଳୁଥିବା ଅସନ୍ତୋଷ ଉଗ୍ରରୂପ ନେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। – ରତନ ନାୟାର




### ୭୫ % ଉପସ୍ଥାନ ନ ଥିଲେ ପରୀକ୍ଷା ମନା



ଭୁବନେଶ୍ୱର, ୩୦।୧୧(ବ୍ୟୁରୋ): ଏଣିକି ୭୫ ପ୍ରତିଶତ ଉପସ୍ଥାନ ନ ଥିଲେ ପରୀକ୍ଷା ଦେଇପାରିବେନି କଲେଜ ଛାତ୍ରୀଛାତ୍ର। ରାଜ୍ୟର ସମସ୍ତ କଲେଜରେ ୭୫ ପ୍ରତିଶତ ଉପସ୍ଥାନ ଥିବା ଛାତ୍ରୀଛାତ୍ର ହିଁ ପରୀକ୍ଷା ଦେବା ଲାଗି ଯୋଗ୍ୟ ବିବେଚିତ ହେବେ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ କଲେଜର ଅଧକ୍ଷା ଓ ଅଧକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିୟମକୁ ତୁରନ୍ତ ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ କଲେଜର ଅଧକ୍ଷା ଓ ଅଧକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ ରହିଛି, ଏଣିକି ସମସ୍ତ କଲେଜ ଛାତ୍ରୀଛାତ୍ରମାନଙ୍କର ଶ୍ରେଣୀରେ ଉପସ୍ଥାନ ଅତିକମ୍‌ରେ ୭୫ ପ୍ରତିଶତ ରହିବା ଆବଶ୍ୟକ। ଯଦି କୌଣସି ଛାତ୍ରୀଛାତ୍ରଙ୍କର ଏହାଠୁ କମ୍ ଉପସ୍ଥାନ ରହେ ତେବେ ତାଙ୍କୁ ବାର୍ଷିକ ପରୀକ୍ଷା ଦେବାକୁ ଅନୁମତି ମିଳିବ ନାହିଁ। ଏଭଳି ପରିସ୍ଥିତିରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଏକ୍ସଟ୍ରା କ୍ଲାସ୍ କରି ତାହାକୁ ପୂରଣ କରିବାକୁ ହେବ। ତେଣୁ ଏ ନେଇ ପିଲାମାନଙ୍କୁ ବାର୍ଷିକ ପରୀକ୍ଷା ପୂର୍ବରୁ ଆଗୁଆ ସଚେତନ କରାଇବା ପାଇଁ ସମସ୍ତ କଲେଜ ଅଧକ୍ଷଙ୍କୁ ସଚିବ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ
No. DSPL-167



ବାର୍ତ୍ତା

ପ୍ରତ୍ୟେକ ବର୍ଷ ଡିସେମ୍ବର ୧ ତାରିଖରେ ସାରା ଦେଶରେ 'ବିଶ୍ୱ ଏଡ୍‌ସ ଦିବସ' ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଗୋଷ୍ଠୀ ହିଁ ପରିବର୍ତ୍ତନ ଓ ସଂସ୍କାର ଆଣେ।' ଏଡ୍‌ସ, ଏଚ.ଆଇ.ଭି ଭୂତାଣୁଜନିତ ସଂକ୍ରମଣରୁ ହୋଇଥାଏ। ଆମେ ସଚେତନ ହୋଇ ଆମ ବ୍ୟବହାରରେ ପରିବର୍ତ୍ତନ ଆଣିପାରିଲେ ଏଡ୍‌ସ ସଂକ୍ରମଣକୁ ରୋକାଯାଇପାରିବ। ତେଣୁ ସଚେତନତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏତଦ୍‌ବ୍ୟତୀତ ଏଡ୍‌ସ ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତି ଆମ ମାନସିକତାରେ ମଧ୍ୟ ପରିବର୍ତ୍ତନ ଜରୁରୀ।

ଏହି ଅବସରରେ ଆସନ୍ତୁ, ଆମେ ସମସ୍ତେ ଶପଥ ନେବା ନିଜେ ସଚେତନ ହୋଇ ଏଚ.ଆଇ.ଭି. ଏଡ୍‌ସ ସମ୍ପର୍କିତ ଭ୍ରାନ୍ତଧାରଣାକୁ ଦୂର କରି ଏକ ସୁସ୍ଥ ପରିବାର, ସୁସ୍ଥ ସମାଜ ଏବଂ ସୁସ୍ଥ ଓଡ଼ିଶା ଗଠନ ପାଇଁ କାମ କରିବା। ୨୦୩୦ ସୁଦ୍ଧା ଏଚ.ଆଇ.ଭି. ଏଡ୍‌ସମୁକ୍ତ ବିଶ୍ୱ ଗଠନ ଲକ୍ଷ୍ୟ ପୂରଣରେ ସହଯୋଗ କରିବା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା
10009/13/0001/1920

ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ
No. DSPL-167



ବାର୍ତ୍ତା

ପ୍ରତିବର୍ଷ ଆଜିର ଦିବସ ଡିସେମ୍ବର ୧ରେ ବିଶ୍ୱ ଏଡସ୍ ଦିବସ ପାଳନ କରାଯାଉଛି। ଏଚ.ଆଇ.ଭି. / ଏଡ୍‌ସ ପ୍ରତିହତ ଉଦ୍ଦେଶ୍ୟରେ ସରକାରୀ, ବେସରକାରୀ, ସାମାଜିକ ଅନୁଷ୍ଠାନ, ରେଡ ରିବନ କ୍ଲବ୍, ପଜିଟିଭ ନେଟୱାର୍କ ଆଦି ଏହି ଦିବସକୁ ସମ୍ପ୍ରତି ଏକ ସାମାଜିକ କ୍ରାନ୍ତିରେ ପରିଣତ କରିଛନ୍ତି।

ରାଜ୍ୟକୁ ଏଡ୍‌ସମୁକ୍ତ କରିବା ଦିଗରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମଗୁଡିକ ଦ୍ୱାରା ଏହି ସଂକ୍ରମଣ ହାର ଆମ ରାଜ୍ୟରେ ୩୦ ପ୍ରତିଶତ ହ୍ରାସ ପାଇଛି, ଯାହା ପ୍ରଶଂସନୀୟ।

ଚଳିତ ବର୍ଷର ସ୍ଲୋଗାନ 'ଗୋଷ୍ଠୀ ହିଁ ପରିବର୍ତ୍ତନ ଓ ସଂସ୍କାର ଆଣେ'କୁ ନେଇ ଆମେ ସମସ୍ତେ ପ୍ରତ୍ୟେକ ସ୍ତରରେ ସଚେତନ ହେବା, ଏଚ.ଆଇ.ଭି. ସଂକ୍ରମଣର ପରୀକ୍ଷଣ ଓ ଚିକିତ୍ସା ସଠିକ୍ ସମୟରେ କରାଇବା ଏବଂ ଏକ ସୁସ୍ଥ ସମାଜ ଗଠନରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା। ଏଡ୍‌ସ ନିୟନ୍ତ୍ରଣ ପାଇଁ ଏକ ପ୍ରତୀକ ଭାବେ ଆଜିର ଏହି ଦିବସ ପାଳନ କରିବା ଏବଂ ଏକ ସୁସ୍ଥ ସମାଜ ତଥା ସୁସ୍ଥ ରାଜ୍ୟ ଗଠନ କରିବାରେ ବ୍ରତୀ ହେବା।

(ନବକିଶୋର ଦାସ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା
10009/13/0001/1920

# ସଂଖ୍ୟାଗୁରୁବାଦ



ଆକାର ପଟେଲ

ସଂଖ୍ୟାଗୁରୁବାଦ କ'ଣ? ରାଜନୈତିକ ଦର୍ଶନ ଅନୁଯାୟୀ ଯେଉଁଠି ସଂଖ୍ୟାଗରିଷ୍ଠ ଲୋକ ଅଗ୍ରଗଣ୍ୟ ହୋଇଥିବେ ଏବଂ ଅନ୍ୟ ସମ୍ପ୍ରଦାୟ ତୁଳନାରେ ଅଧିକ ସୁବିଧା ସୁଯୋଗ ପାଉଥିବେ, ସେଠି ସଂଖ୍ୟାଗୁରୁବାଦ ପ୍ରଚଳିତ ବୋଲି କୁହାଯାଏ। ଦୁଇଟି ଉପାୟରେ ଏହା କରାଯାଇଥାଏ। ଆଇନ ଅନୁଯାୟୀ ଏହା କରାଯାଏ ଏବଂ ତା'ର ଅନେକ ଉଦାହରଣ ଅଛି ଯାହା ଆମେ ଦେଖିବା। ଏହାର ଆଉ ଗୋଟିଏ ସ୍ୱତନ୍ତ୍ର ଉପାୟ ଅଛି, ଯାହା ଆମ ଆଗରେ ଉନ୍ମୋଚିତ ହୋଇସାରିଛି। ସଂଖ୍ୟାଲଘୁଙ୍କୁ ଡରେଇ ରଖିବାର ଶ୍ରେଷ୍ଠ ଉପାୟ ହେଉଛି ଏହା ସାମ୍ବିଧାନିକ ବାଟ ଦେଇ କରିବା। ଏପରି ଦେଶରେ ଗୋଟିଏ ଗୋଷ୍ଠୀର ଲୋକ ଅନ୍ୟମାନଙ୍କ ଅପେକ୍ଷା ନିଜକୁ ଅଧିକ ସ୍ପେସିଆଲ ଭାବନ୍ତି।

ଶ୍ରୀଲଙ୍କାର ସମ୍ବିଧାନ କହେ: ''ଶ୍ରୀଲଙ୍କା ସାଧାରଣତନ୍ତ୍ର ବୌଦ୍ଧଧର୍ମକୁ ପ୍ରମୁଖ ସ୍ଥାନ ଦେବ ଏବଂ ସେହି ଅନୁସାରେ ସରକାରଙ୍କ ଦାୟିତ୍ୱ ହେଉଛି ବୁଦ୍ଧ ଶାସନକୁ ସୁରକ୍ଷା ଓ ପୋଷଣ କରିବା।'' ସମ୍ବିଧାନରେ ଥିବା ଏହି ଧାଡ଼ିଟି ଯୋଗୁ କ୍ଷମତାରେ ଥିବା ଲୋକମାନେ ଅଣବୌଦ୍ଧ ଶ୍ରୀଲଙ୍କାବାସୀଙ୍କୁ ହଇରାଣ କରିବାକୁ ସୁଯୋଗ ପାଉଛନ୍ତି। ପାକିସ୍ତାନର ପ୍ରତିଷ୍ଠାତା ତାଙ୍କ ଦେଶ ସଂଖ୍ୟାଲଘୁଙ୍କ ପ୍ରତି ପାତରଅନ୍ତର କରୁ ବୋଲି ଚାହିଁ ନ ଥିଲେ। କିନ୍ତୁ ସେ ଚାହିଁଥିଲେ ସମ୍ବିଧାନରେ ଇସଲାମ ସ୍ଥାନ ପାଉ। ମହମ୍ମଦ ଅଲି ଜିନ୍ନାଙ୍କ ମୃତ୍ୟୁର ଛଅମାସ ପରେ ତାଙ୍କ ଉତ୍ତରାଧିକାରୀ ଲିଆକତ ଅଲି ଖାନ୍‌ଙ୍କ ଅଧୀନରେ ପାକିସ୍ତାନ ସାମ୍ବିଧାନିକ ସଭା ଏକ ବିରାଟ ବିତର୍କ ପରେ ସଂକଳ୍ପନାମା ଗୃହୀତ କରାଇନେଲେ। ଏହି ବିତର୍କ ମୁଖ୍ୟତଃ ପୂର୍ବ ପାକିସ୍ତାନର ବଙ୍ଗଭାଷୀ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ହୋଇଥିଲା। ମୁସଲମାନମାନେ ଚାହିଁଲେ ସମ୍ବିଧାନରେ ଇସ୍‌ଲାମିକ ଭାଷା ଅନ୍ତର୍ଭୁକ୍ତ କରିବାକୁ। ସେଥିରେ 'ସାର୍ବଭୌମତ୍ୱ କେବଳ ଆଲ୍ଲାଙ୍କର ହିଁ ଅଛି' ପରି ବାକ୍ୟ ଯୋଡ଼ାଗଲା ଏବଂ ଦେଶରେ ଗଣତନ୍ତ୍ର, ସ୍ୱାଧୀନତା, ସମାନତା, ସହିଷ୍ଣୁତା ଓ ସାମାଜିକ ନ୍ୟାୟ ପରି ନିୟମଗୁଡ଼ିକ ଇସ୍‌ଲାମରେ ଯେପରି ଅଛି ସେପରି ରଖାଗଲା। ହିନ୍ଦୁମାନେ ଏହାର ପ୍ରତିବାଦ କଲେ। ସେମାନେ କହିଲେ ଯେ, ପରେ ଏହାକୁ ନେଇ ଅଣମୁସଲମାନଙ୍କ ପ୍ରତି ପାତରଅନ୍ତର କଲା ପରି ବ୍ୟବସ୍ଥାମାନ ଖଞ୍ଜିଦିଆଯାଇପାରେ। ଏହା ଉପରେ ଭୋଟ ହେଲା ଏବଂ ଧର୍ମକୁ ନେଇ ଏହା ଏକ ପ୍ରକାର ବିଭାଜନ ଥିଲା। କୌଣସି ହିନ୍ଦୁ ମୁସଲମାନଙ୍କ ମତ ସପକ୍ଷରେ ଏବଂ କୌଣସି ମୁସଲମାନ ହିନ୍ଦୁଙ୍କ ମତ ସପକ୍ଷରେ ଭୋଟ ଦେଲେ ନାହିଁ। ଏହାର କିଛିଦିନ ପରେ ହିନ୍ଦୁମାନେ ଯାହାକୁ ଡରୁଥିଲେ ତାହା ହିଁ ଘଟିଲା। ଧୀରେ ଧୀରେ ସମ୍ବିଧାନ ନକାରାତ୍ମକ ଦିଗ ଉପରେ ଗୁରୁତ୍ୱ ଦେଲା ଏବଂ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭଳି ପଦ କେବଳ ମୁସଲମାନଙ୍କ ଅଧିକାରଭୁକ୍ତ ବୋଲି ନିୟମ କରାଗଲା। ପରେ ସେହି ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ମୁସଲମାନଙ୍କର ଏକ ଗୋଷ୍ଠୀକୁ ବିଧର୍ମୀ ବୋଲି ଘୋଷଣା କରାଗଲା ଓ ସେମାନଙ୍କ ପ୍ରତି ଅତ୍ୟାଚାର କରାଗଲା।

ଆମ ପ୍ରତିବେଶୀ ଭୁଟାନରେ ନିୟମ ଅଛି ଯେ, ସେଠାରେ କେବଳ ବୌଦ୍ଧ ଧର୍ମାବଲମ୍ବୀ ରାଜାମାନେ ଶାସନ କରିପାରିବେ। ସେ ଉଭୟ ସରକାର ଓ ଧର୍ମକୁ ନିୟନ୍ତ୍ରଣ କରିବେ। ଗତ କିଛିବର୍ଷ ପୂର୍ବ ପର୍ଯ୍ୟନ୍ତ ନେପାଳ ଏକ ହିନ୍ଦୁରାଷ୍ଟ୍ର ଥିଲା କାରଣ ସେଠାରେ କ୍ଷତ୍ରିୟ ରାଜା ଶାସନ କରୁଥିଲେ ଏବଂ ମନୁ ସଂହିତା ଅନୁସାରେ ତାଙ୍କୁ ଜଣେ ପୁରୋହିତ ମନ୍ତ୍ରଣା ଦେଉଥିଲେ। ବାଂଲାଦେଶର ସମ୍ବିଧାନ 'ବିସ୍‌ମିଲ୍ଲାଃ ଇର୍ ରହମାନ ଇର୍ ରହିମ୍' ପରି ଏକ ଧାଡ଼ିରୁ ଆରମ୍ଭ ହୋଇଛି। ବଙ୍ଗାଳୀମାନେ ପାକିସ୍ତାନୀଙ୍କ ପରି ଖଳ ପ୍ରକୃତିର ନ ହେଲେ ମଧ୍ୟ ଏହି ଧାଡ଼ିଟି ଏକ ଟାଇମ୍ ବମ୍ ପରି ଟିକ୍ ଟିକ୍ କରିଚାଲିଛି। ସାମ୍ବିଧାନିକ ସଂଖ୍ୟାଗୁରୁବାଦ ସବୁବେଳେ ନେତାଙ୍କ ଉପରେ ଅପେକ୍ଷା ରଖିଥାଏ, ଯିଏ କ୍ଷତିକାରକ ମନେ ହେଉ ନ ଥିବା ଧାଡ଼ିଟିକୁ ଭିନ୍ନ ଭାବରେ ତର୍ଜମା କରି କ୍ଷତିକାରକ କରିତୋଳିବେ।

ଏବେ ସେହି ସ୍ୱତନ୍ତ୍ର ଶୈଳୀ ଉପରେ ନଜର ପକାଇବା ଯାହା ଦ୍ୱାରା ଗୋଟିଏ ଦେଶ ସଂଖ୍ୟାଗୁରୁବାଦୀ ହୋଇଥାଏ। ଦକ୍ଷିଣ ଏସିଆରେ ଭାରତ ହେଉଛି ଏକ ସେପରି ଏକ ସ୍ୱତନ୍ତ୍ର ଦେଶ। ଇନ୍ଦିରା ଗାନ୍ଧୀ ଆମ ସମ୍ବିଧାନରେ ସ୍ୱତନ୍ତ୍ର ଭାବେ ଧର୍ମନିରପେକ୍ଷ (ସିକ୍ୟୁଲାର) ଶବ୍ଦଟି ଯୋଡ଼ିଥିଲେ, ଯାହାର ଅର୍ଥ ସ୍ପଷ୍ଟ ନ ଥିଲା। କିନ୍ତୁ ବାହାର ଲୋକମାନେ ଭାରତକୁ ପାକିସ୍ତାନ, ଶ୍ରୀଲଙ୍କା ବା ଅନ୍ୟ ଦକ୍ଷିଣ ଏସୀୟ ସଂଖ୍ୟାଗୁରୁବାଦୀ ଦେଶଠାରୁ ଭିନ୍ନ ଦୃଷ୍ଟିରେ ଦେଖୁନାହାନ୍ତି। ହଁ, ଭାରତରେ ଯେ କେହି ବି ପ୍ରଧାନମନ୍ତ୍ରୀ ହୋଇପାରିବେ କିନ୍ତୁ ଏ ଯାବତ୍ କୌଣସି ମୁସଲମାନ ପ୍ରଧାନମନ୍ତ୍ରୀ ହୋଇନାହାନ୍ତି। ଆମେ ଅବଶ୍ୟ ଖୁସି ଯେ ଆମ ଦେଶରେ ମୁସଲମାନ ରାଷ୍ଟ୍ରପତି ହୋଇଛନ୍ତି, କିନ୍ତୁ ସେ ଜଣେ ରବରଷ୍ଟାମ୍ପ ଶାସନମୁଖ୍ୟ। ପାକିସ୍ତାନ ରାଷ୍ଟ୍ରପତିଙ୍କ ପରି ସେ କ୍ଷମତାଶାଳୀ ନୁହନ୍ତି। ଯଦି ତାଙ୍କର ପାର୍ଲାମେଣ୍ଟକୁ ଭାଙ୍ଗିଦେବା ପରି କ୍ଷମତା ଥାନ୍ତା, ତେବେ ମୁଁ ନିଶ୍ଚିତ ଯେ ଆମେ କେବେ କୌଣସି ମୁସଲମାନଙ୍କୁ ଭାରତର ରାଷ୍ଟ୍ରପତି କରି ନ ଥାନ୍ତୁ।

ଆମେ ଭିନ୍ନ ବୋଲି କେବଳ ମିଛ କହି ଆସିଛୁ, ବାସ୍ତବରେ ଆମେ ଅନ୍ୟ ସଂଖ୍ୟାଗୁରୁବାଦୀ ରାଷ୍ଟ୍ରଠାରୁ କୌଣସି ଗୁଣରେ ଭିନ୍ନ ନୋହୁଁ। ଅନ୍ୟ ବାଟରେ ଆମେ ସଂଖ୍ୟାଗୁରୁବାଦକୁ ଜାହିର କରିଆସିଛୁ। ଆମର ନାଗରିକତ୍ୱ ସଂଶୋଧନ ବିଲ୍ ଓ ଏନ୍‌ଆର୍‌ସି ଏହା ପ୍ରମାଣ କରୁଛି। ଆତଙ୍କବାଦ ପ୍ରସଙ୍ଗରେ କଶ୍ମୀର ଓ ଆସାମରେ ଆମର କାର୍ଯ୍ୟାନୁଷ୍ଠାନ ବି ଏହା ଦର୍ଶାଉଛି। ଅଯୋଧ୍ୟା ମାମଲା ବି ଆମ ସଂଖ୍ୟାଗୁରୁବାଦର ଏକ ଉଦାହରଣ ଯଦିଚ ତାହାକୁ ଭିନ୍ନ ଭାବରେ ଦର୍ଶାଯାଉଛି। ସତକଥା ହେଲା ଭାରତୀୟ ସଂଖ୍ୟାଗୁରୁବାଦର ସ୍ୱରୂପ ଅଧିକ ସୂକ୍ଷ୍ମ ଓ କମ୍ କଞ୍ଚା, କିନ୍ତୁ ତାହା ସମାନ ଭାବରେ କ୍ଷତିକାରକ।

Email: aakar.patel@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | | | E | | 7 | 1 | | | | 0 | | |
| D | | | 2 | B | A | | | 0 | | | 8 | | | 4 |
| | | 9 | | 8 | 6 | | 5 | | 3 | | B | | | |
| E | | | | | 3 | C | | | 1 | 5 | | | 8 | 9 |
| | | | 4 | | | | | | 9 | | | | 1 | |
| 6 | | | | | | | | | | 1 | A | B | 4 | |
| 5 | | | | | | | D | | | C | | 6 | | |
| | B | | 0 | D | | | 3 | E | | | | | | |
| | | 1 | 8 | | | B | 2 | | 4 | | | | 3 | E |
| 7 | | A | | | 5 | | | | D | | | | C | |
| | | | | | 4 | | | A | 2 | | | | E | |
| | | E | | | C | | 1 | | | | | 9 | | 0 |
| 2 | | 7 | | | | | | | | E | 0 | 8 | | B |
| | 9 | 6 | A | E | | | | | | | | | | |
| | | B | | 7 | | | | | | 8 | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 6 | A | 5 | D | 7 | 1 | B | 3 | 8 | E | C | 4 | 0 | 2 |
| 7 | D | 0 | A | 1 | 8 | 2 | 9 | 4 | 3 | 6 | 5 | C | E | B |
| 4 | 8 | 1 | E | 9 | C | 6 | 0 | A | 2 | B | 7 | 5 | 3 | D |
| C | 2 | 5 | 6 | 3 | B | D | E | 8 | 0 | 4 | 1 | 9 | 7 | A |
| E | B | 3 | 4 | 0 | 2 | 7 | 5 | C | D | A | 9 | 6 | 8 | 1 |
| 1 | E | 7 | 9 | B | 3 | 0 | D | 5 | A | C | 4 | 8 | 2 | 6 |
| 8 | C | 9 | D | 2 | 1 | A | 3 | 6 | B | 7 | E | 0 | 4 | 5 |
| B | 0 | 2 | 8 | 5 | A | C | 4 | E | 9 | 3 | 6 | 1 | D | 7 |
| 3 | 5 | 4 | C | 6 | 0 | 9 | 2 | 7 | 1 | D | 8 | B | A | E |
| 6 | A | D | 7 | 4 | E | B | 8 | 1 | 5 | 0 | 2 | 3 | 9 | C |
| 5 | 3 | 6 | 2 | 8 | 4 | E | 7 | 9 | C | 1 | D | A | B | 0 |
| D | 4 | E | 1 | C | 9 | 3 | A | 0 | 6 | 2 | B | 7 | 5 | 8 |
| 0 | 9 | C | B | 7 | 5 | 4 | 1 | D | E | 8 | A | 2 | 6 | 3 |
| 2 | 1 | 8 | 3 | A | D | 5 | 6 | B | 7 | 9 | 0 | E | C | 4 |
| A | 7 | B | 0 | E | 6 | 8 | C | 2 | 4 | 5 | 3 | D | 1 | 9 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

# ବିଡ଼ମ୍ବିତ ଶୈଶବ

ଗତ ବାଲ୍ୟକାଳର ସ୍ମୃତି ରୋମନ୍ଥନ କରି କେହି ଜଣେ ଦରଦୀ କବି ପରମ ଆବେଗରେ ପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ–''ମୋ ସକଳ ଧନସମ୍ପତ୍ତି, ପ୍ରତିଷ୍ଠା, ପ୍ରତିପତ୍ତି, ଯାହା କିଛି ମୋ ପାଖରେ ଅଛି, ସବୁ ନେଇଯାଅ। ବଦଳରେ ମୋତେ ମୋ ବାଲ୍ୟକାଳ ଫେରାଇଦିଅ ପ୍ରଭୁ!'' ସଚରାଚର ଏମିତି ଏକ ପ୍ରାର୍ଥନା କେବେ ବି ପୂରଣ ହୁଏନା। ବାଲ୍ୟକାଳ କେବେ ବି ବାହୁଡ଼ି ଆସେନା। କେବଳ ଯାହା ଫେରିଆସେ ପିଲାଦିନର କମନୀୟ ସ୍ମୃତି, ଯାହା ଦେହରେ ଧକ୍କା ଖାଇ ମଣିଷ ନିଜ ବର୍ତ୍ତମାନ ବୟସକୁ ବେଖାତିର କରି ପିଲାଟିଏ ପାଲଟିଯିବା ପାଇଁ ବିକଳ ହୋଇଉଠେ। ସବୁରି ଅଲକ୍ଷ୍ୟରେ ଗୁମୁରି ଗୁମୁରି କାନ୍ଦେ ସେଇଦିନସବୁର ସ୍ମୃତି ଚାରଣ କରି।

ପିଲାଦିନକୁ ଫେରିପାଇ ହୁଏନା ସିନା, ଫେରିଯାଇ ହୁଏ ନିଶ୍ଚୟ। ମନେପଡ଼େ ପଛରେ ଛାଡ଼ି ଆସିଥିବା ସୁକୁମାର ଶୈଶବର ମଧୁର ସ୍ମୃତି। ଆଖି ଆଗରେ ଭାସିଉଠେ ସଂସାରର ସଂକୀର୍ଣ୍ଣ ସ୍ୱାର୍ଥପରତାକୁ ବୁଝି ପାରୁ ନ ଥିବା ଟିକିଟିକି ଆଖି ଯୋଡ଼ିକର ନିରୀହ ଚାହାଣି ଓ ଅନାଗତ ଜୀବନର ଯାବତୀୟ ଜଞ୍ଜାଳକୁ ଗୋଟିଏ ଫୁତ୍‌କାରରେ ଉଡ଼ାଇ ଦେଉଥିବା ନାଲି ନାଲି ଓଠର ମନୋଲୋଭା ହସ। ଆଃ, କି ସୁନ୍ଦର ସେ ପିଲାଦିନ! ଅତୀତ ପାଇଁ ଚିନ୍ତା ନାହିଁ କି ଭବିଷ୍ୟତ ଲାଗି ନିଘା ନାହିଁ। ପେଟର ଭୋକ ପାଇଁ ସଂପୃକ୍ତି ନାହିଁ କି ପ୍ରତିଯୋଗିତା ଦୌଡ଼ରେ ସାମିଲ ହେବାକୁ ପ୍ରସ୍ତୁତି ନାହିଁ। ବାସ୍, କେବଳ ଶୈଶବର ଫୁଲ ଶଯ୍ୟାରେ ଶୋଇ ଶୋଇ ଦୁଃଖଶୋକହୀନ ଜଗତର ସ୍ୱର୍ଗୀୟ ସୌରଭରେ ସୁରଭିତ ହେଉଥିବା ବର୍ତ୍ତମାନ ହିଁ ଏକମାତ୍ର ଜୀବନ!

ଶୈଶବ, ଯୌବନ ଓ ବାର୍ଦ୍ଧକ୍ୟ– ଜୀବନର ଏହି ତିନୋଟି ଅବସ୍ଥାକୁ ନିଦ୍ରାର ପରିମାପକରେ ତଉଲି ଜଣେ ଦାର୍ଶନିକ ଚମତ୍କାର ବିଶ୍ଳେଷଣ କରିଥିଲେ। ଶୈଶବରେ ଶୋଇବା ପାଇଁ ପ୍ରଚୁର ସମୟ ଥାଏ। ଅଥଚ ଶିଶୁଟିର ଶୋଇବାକୁ ସାମାନ୍ୟ ସ୍ପୃହା ନ ଥାଏ। ପିଠି ଥାପୁଡ଼ାଇ ମା' ଯେତେ ନାନାବାୟା ଗୀତ ଗାଇଲେ ବି ଆଖିକୁ ନିଦ ଆସୁ ନ ଥାଏ। ଯୌବନରେ ଯାବତୀୟ କର୍ମକ୍ଳାନ୍ତି ଯୋଗୁ ଶୋଇବାକୁ ମନରେ ଇଚ୍ଛା ଜାଗେ। ମାତ୍ର ବ୍ୟସ୍ତତା ଏତେ ବେଶି ଥାଏ ଯେ ଆଖି ମୁଦି ଟିକିଏ ଗଡିଯିବାକୁ ହାତରେ ସମୟ ନ ଥାଏ। ବାର୍ଦ୍ଧକ୍ୟର ଅଭିଶପ୍ତ ଅବସ୍ଥାରେ ଶୋଇବା ପାଇଁ ମନରେ ଇଚ୍ଛା ଥାଏ, ହାତରେ ସମୟ ବି ଥାଏ ପ୍ରଚୁର, ଅଥଚ ଆଖିରେ ନିଦ ନ ଥାଏ। ସୁତରାଂ ଆଉ ଥରେ ଶିଶୁଟିଏ ହୋଇଯିବାକୁ କେବଳ ସେଇ କବି କାହିଁକି, ଜୀବନର ଯାବତୀୟ ଜଞ୍ଜାଳକୁ ନେଇ ବ୍ୟସ୍ତବିବ୍ରତ ରହୁଥିବା ଯେ କେହି ଯୁବକ ବା ସଂସାରରୁ ବିଦାୟ ନେବାକୁ ଅପେକ୍ଷା କରୁଥିବା ଯେ କୌଣସି ବୃଦ୍ଧ ଈଶ୍ୱରଙ୍କୁ ପ୍ରାର୍ଥନା କରିବାରେ କିଛି ଅସ୍ୱାଭାବିକତା ନାହିଁ।

ମାତ୍ର ସାମ୍ପ୍ରତିକ ସମୟରେ ଅତି ପ୍ରତ୍ୟୁଷରୁ କାନ୍ଧରେ ସ୍କୁଲ ବ୍ୟାଗ ଓ ପାଣି ବୋତଲ ଗଳାଇ ସ୍କୁଲକୁ ଧାଉଁଥିବା ଟିକି ଟିକି ଶିଶୁମାନଙ୍କ ବିକଳ ଅବସ୍ଥା ଯେଉଁମାନେ ପ୍ରତ୍ୟକ୍ଷ କରିଛନ୍ତି, ସେମାନେ କେବେ ବି ଆଉଥରେ ଶିଶୁଟିଏ ହୋଇଯିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବେ ନାହିଁ। କେବେ ବି ଚାହିଁବେ ନାହିଁ ଫେରିଯିବାକୁ ସେମିତି ଏକ ଅବସ୍ଥାକୁ, ଯେଉଁଠି ଶିଶୁଟିଏ ଥିବ, ଅଥଚ ଶୈଶବ ନ ଥିବ। କୋମଳତାହୀନ ଫୁଲପରି ଶୈଶବବିହୀନ ଶିଶୁଟିଏ ହେବାକୁ ବିମୁଖ ହେବେ ବଡ଼ମାନେ।

କେଉଁ ଅପଦେବତାର ଅଶୁଭ ଦୃଷ୍ଟିରେ ପଡ଼ି ଏବକାର ଶୈଶବ ଶାପଗ୍ରସ୍ତ ହୋଇଯାଇଛି। ଫୁଲ ପରି କୋମଳ ହେବା ପରିବର୍ତ୍ତେ ଶୈଶବ ପାଲଟିଯାଇଛି ପଥରଠୁ ଆହୁରି କଠିନ। ନବ୍ୟ ଆଧୁନିକତାର ଭବ୍ୟ ଆହ୍ୱାନ ମଧ୍ୟରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଜୈବିକ ବିବର୍ତ୍ତନର ସକଳ ସୋପାନକୁ ପ୍ରତିହତ କରି ବଡ଼ ହେବାର ଯଥେଷ୍ଟ ପୂର୍ବରୁ ଶିଶୁମାନଙ୍କୁ ବଡ଼ କରିଦେଉଛି। ସବୁରି ଅଲକ୍ଷ୍ୟରେ ସେମାନଙ୍କଠାରୁ ଅପହୃତ ହୋଇଯାଉଛି ସେମାନଙ୍କ କମନୀୟ ଶୈଶବ। ସବୁଠୁ ବିଡ଼ମ୍ବନାର ବିଷୟ ଏହା ଯେ, ଶିଶୁମାନଙ୍କଠୁ ସେମାନଙ୍କ ଶୈଶବ ଅପହରଣ କରି ନେଉଥିବା ଲୋକ ଆଉ କେହି ନୁହନ୍ତି, ସେମାନଙ୍କର ମାତାପିତା। ନିଜ ପିଲାମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ଆକାଂକ୍ଷା ଯୋଗୁ ସେମାନେ ପାଲଟିଯାଉଛନ୍ତି ଦିବ୍ୟ ଶୈଶବର ନିଷ୍ଠୁର ଅପହର୍ତ୍ତା। ପ୍ରତିଯୋଗିତାର ପାଗଳପଣ ସେମାନଙ୍କୁ ଏମିତି ଆବୋରି ବସୁଛି ଯେ ସନ୍ତାନର ଟିକି ମୁଣ୍ଡ ଉପରେ ପାଠପଢ଼ାର ଓଜନଦାର ବୋଝ ଥୋଇଦେଇ ସେମାନେ ଆତ୍ମତୃପ୍ତି ଲାଭ କରୁଛନ୍ତି। ପିଲାମାନଙ୍କୁ ନିଜ ବେଗରେ ଚାଲିବାକୁ ନ ଦେଇ ହାତ ଧରି ଦୌଡ଼ାଇ ନେଉଛନ୍ତି ଏକ ଅନିଶ୍ଚିତ ଲକ୍ଷ୍ୟ ଆଡକୁ। ସେମିତି ଏକ ଲକ୍ଷ୍ୟ, ଯାହା ସମ୍ପୂର୍ଣ୍ଣ ଭାବେ ସେମାନଙ୍କର, ସେମାନଙ୍କ ମହତ୍ତ୍ୱାକାଂକ୍ଷାର। ପିଲାମାନଙ୍କର ସାମାନ୍ୟ ଅଧିକାର ନ ଥାଏ ତହିଁରେ।

ଶୈଶବର ଧୂଳିଖେଳ, ବର୍ଷାପାଣିରେ କାଗଜ ଡଙ୍ଗା ଭସାଇବାର ମୁଗ୍ଧ ଅନୁଭବ, ଭାଇଭଉଣୀଙ୍କ ସଙ୍ଗେ ମିଛଯୁଦ୍ଧ ଜିତିବାର ଗୌରବବୋଧ ଓ ସର୍ବୋପରି ପାହାନ୍ତା ପହରରେ ମା'ର ଉଷୁମ କୋଳରେ ଶୋଇରହି ନିଜକୁ ସୁରକ୍ଷିତ ସମ୍ରାଟ ମଣିବାର ନିଆରା ମୁହୂର୍ତ୍ତ–ଏ ସବୁ ସେକାଳ ପଖାଳ ହୋଇଗଲାଣି ଏବେ। କାଉ ରାବିବା ବା ସିନ୍ଦୂରା ଫାଟିବାର ଯଥେଷ୍ଟ ପୂର୍ବରୁ ଆଲାର୍ମର ବିକଟ ଗର୍ଜନରେ ଶିଶୁଟିଏ ବିଛଣା ଛାଡୁଛି ନିଜ ଇଚ୍ଛା ବିରୋଧରେ, ବାଧ୍ୟବାଧକତାରେ। ନିଦ ମଳ ମଳ ଆଖିରେ ଟଳମଳ ପାଦରେ ନିତ୍ୟକର୍ମ ସାରି କାନ୍ଧରେ ନିଜ ଓଜନ ପାଖାପାଖି ଓଜନର ସ୍କୁଲ ବ୍ୟାଗ ପକାଇ ଘରୁ ଗୋଡ଼ କାଢୁଛି ସେ। ବୟସ ଛଅ କି ସାତ ବର୍ଷ, ଅଥଚ ଷୋଳ ବର୍ଷ ବୟସର ଦାୟିତ୍ୱ ମୁଣ୍ଡାଇବାକୁ ପଡୁଛି ତାକୁ। ସ୍କୁଲର ଟାସ୍କ ଶେଷ କରିବାକୁ ପଡିବ। ଟ୍ୟୁଶନ ସାର୍‌ଙ୍କ ପାଠ ସାରିବାକୁ ପଡ଼ିବ। ପୁଣି ପ୍ରସ୍ତୁତ ହେବାକୁ ପଡିବ କେଉଁଠି ଡ୍ରଇଂ କ୍ଲାସ, କେଉଁଠି ସଙ୍ଗୀତ ବା ନୃତ୍ୟ କ୍ଲାସ ତ ଅନ୍ୟ କେଉଁଠି କରାଟେ କ୍ଲାସ ପାଇଁ!

ଅଭିଶପ୍ତ ଶୈଶବର ଏ ଅକୁହା ବେଦନା କିଏ ହେଲେ ବୁଝନ୍ତେ ତ! କିଏ ବା ବୁଝିବେ? ଅନ୍ୟମାନଙ୍କ ପରି ତାଙ୍କର ମଧ୍ୟ ଏକ ସଂଗଠନ ଥାଆନ୍ତା ହେଲେ, ଯାହା ତଳେ ସାମ୍ପ୍ରତିକ ଉପଭୋକ୍ତାବାଦୀ ବିଶ୍ୱର ସମସ୍ତ ଶିଶୁ ଏକଜୁଟ ହୁଅନ୍ତେ ଓ ସେମାନଙ୍କ ଉପରେ ହେଉଥିବା ଅବିଚାର ବିରୋଧରେ ପ୍ରତିବାଦ କରନ୍ତେ। କହନ୍ତେ, ''ଆମ ଶୈଶବକୁ ଏମିତି ନିର୍ମମ ଭାବେ ହତ୍ୟା କରା ନ ଯାଉ। ଆମକୁ ଶିଶୁ ଭାବେ ବଞ୍ଚିବାକୁ ଦିଆଯାଉ। ଭବିଷ୍ୟତ ଗଢ଼ିବାକୁ, ଡାକ୍ତର, ଇଞ୍ଜିନିୟର ବା ପ୍ରଶାସକ ହୋଇ ବଡ଼ ବୋଲାଇବାକୁ ଆଗକୁ ତ ଲମ୍ବା ରାସ୍ତା ପଡିଛି। ସେ ରାସ୍ତାରେ ଆମ ହାତ ଝିଙ୍କି ଦୌଡ଼ାଇ ନିଆ ନ ଯାଉ। ଆମକୁ ଆମ ବେଗରେ ଚାଲିବାକୁ ଦିଆଯାଉ।''

କେଇଦିନ ତଳେ ପିଲାଙ୍କ ସ୍କୁଲ ବ୍ୟାଗର ଓଜନ ତଦାରଖ କରିବାକୁ ରାଜ୍ୟ ସରକାର ସ୍କ୍ୱାଡ୍ ଗଠନ କରି ଏ ଦିଗରେ ନିଜର ସଜାଗତାର ପ୍ରମାଣ ଦେବାକୁ ଚେଷ୍ଟା କରିଛନ୍ତି। ମାତ୍ର ନିର୍ଦ୍ଧାରିତ ଓଜନଠାରୁ ଅଧିକ ଓଜନର ବସ୍ତାନି ମିଳିଲେ ସେଥିପାଇଁ କାହାକୁ କି ପ୍ରକାର ଦଣ୍ଡ ଦିଆଯିବ ସେ ନେଇ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ତେବେ ଏଥିପାଇଁ କାହାକୁ ଦାୟୀ କରାଯିବ, ତାହା ବି ଏ ଯାଏ ସ୍ପଷ୍ଟ ହୋଇନାହିଁ। ଟିକି ପିଲାଟିର ଓଜନଦାର ସ୍କୁଲ ବ୍ୟାଗ ପାଇଁ ପ୍ରକୃତରେ କିଏ ଦାୟୀ? ପାଠ ପଢ଼ାଉଥିବା ଶିକ୍ଷକ, ଶିକ୍ଷୟିତ୍ରୀ, ପଢ଼ିବାକୁ ବାଧ୍ୟ କରୁଥିବା ମା'ବାପାମାନେ ନା ଶିକ୍ଷାନୀତି ପ୍ରଣୟନ କରିବାରେ ବହୁବିଧ ପରୀକ୍ଷା ନିରୀକ୍ଷା ଚଳାଉଥିବା ଆମ ଲୋକପ୍ରିୟ ସରକାର? ଏମାନଙ୍କ ମଧ୍ୟରୁ ଯିଏ ବା ହୁଅନ୍ତୁ, ସମସ୍ତେ ମନରେଖିବା ଉଚିତ ସମୟର ପ୍ରଖର ପ୍ରବାହ ମଧ୍ୟରେ ବାଲ୍ୟକାଳ ରୁକୁଣାରଥ ପରି ଅଣଲେଉଟା। ଥରେ ଅତିକ୍ରାନ୍ତ ହୋଇଗଲେ ଆଉ କେବେ ବି ଫେରି ଆସେନା। ସୁତରାଂ ଅନ୍ଧ ଆଧୁନିକତାର ଆହ୍ୱାନରେ ଆମ ସଂସ୍କାର ଓ ସଂସ୍କୃତି ଚରମ ସଙ୍କଟର ସମ୍ମୁଖୀନ ହେଉଥିଲା ବେଳେ ପିଲାଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତଟିଏ ଗଢ଼ିବାର ନାମ ନେଇ କୋମଳ ଶୈଶବକୁ ଆଜି ନିର୍ମମ ଭାବେ ହତ୍ୟା କରା ନ ଯାଉ। ଶିଶୁଟିକୁ ଶିଶୁ ହେବାକୁ ନ ଦେଇ ଶିକ୍ଷିତ କରିବାକୁ ତରବର ହେଲେ, ଭବିଷ୍ୟତରେ ସଂଭ୍ରାନ୍ତ ଶିକ୍ଷିତର ସନନ୍ଦପତ୍ର ସେ ଲାଭ କରିବ ସିନା, ବହୁତ କିଛି ହରାଇ ବସିବ; ଯାହା ଯେତେ ଖୋଜିଲେ ବି ଜୀବନକାଳ ମଧ୍ୟରେ ଆଉ କେବେ ବି ଉପଲବ୍ଧ ହେବନାହିଁ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି
ଭୁବନେଶ୍ୱର, ମୋ–୮୮୯୫୬୭୨୪୧୦୫

# କ୍ଷମତା ଚୌକିରେ ଗ୍ରୀନ୍‌ହର୍ନ

## ବ୍ୟକ୍ତିତ୍ୱ



ଉଦ୍ଧବ ଠାକ୍‌ରେ

ମହାରାଷ୍ଟ୍ରରେ 'ମରାଠୀ ମାନୁଷ୍' କଥା ଉଠିଲେ ସମସ୍ତଙ୍କ ନଜର ପଡ଼େ 'ମାତୋଶ୍ରୀ' ଉପରେ। ମାତୋଶ୍ରୀ ଠାକ୍‌ରେ ପରିବାରର ଆଦ୍ୟପୀଠ, ଯେଉଁଠାରେ ଶିବସେନାର ସାଂଗଠନିକ ଆଦର୍ଶକୁ ଗୁନ୍ଥା ହୋଇ ରଖାଯାଇଆସିଛି। ଜନ୍ମମାଟିକୁ ଅତି ଭଲ ପାଇ ଦେଶଭକ୍ତିର ପରିଚୟ ସୃଷ୍ଟି କରିଥିବା ଶିବସେନାର ମାଉଥ୍‌ପିସ୍ ବା ମୁଖପତ୍ର 'ସାମ୍‌ନା' ମରାଠୀଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରିଥାଏ ବୋଲି ସାଧାରଣରେ ଆଲୋଚନା ହୁଏ। ଏହିସବୁ ଚିନ୍ତାଧାରା ପଛରେ ଯେଉଁ ବ୍ୟକ୍ତିଙ୍କ ମଗଜ ଖଟୁଥିଲା, ସେ ଥିଲେ ବାଲାସାହେବ ଠାକ୍‌ରେ। ମହାରାଷ୍ଟ୍ର ସମେତ ଜାତୀୟ ରାଜନୀତିରେ ଯେତେବେଳେ କୌଣସି ଜଟିଳ ସମସ୍ୟା ଉପୁଜୁଥିଲା, ତାହାର ସମାଧାନ ପାଇଁ ସମାଜର ସବୁବର୍ଗ ଧାଉଁଥିଲେ ବାଲ୍ ଠାକ୍‌ରେଙ୍କ ପାଖକୁ। ସେ ଥିଲେ ସଂଗଠକ। ନିର୍ବାଚନ ଲଢ଼ି ନେତା ହେବାର ସବୁ ସୁଯୋଗ ଥିଲେ ମଧ୍ୟ ସେ ମରାଠୀଙ୍କ ମୁରବି ଭାବେ ରହିବାକୁ ପସନ୍ଦ କରୁଥିଲେ। କେବଳ ନିଜ ରାଜ୍ୟ ମଧ୍ୟରେ ତାଙ୍କ ବ୍ୟକ୍ତିତ୍ୱର ଚର୍ଚ୍ଚା ସୀମିତ ନ ଥିଲା। ଜାତୀୟ ସ୍ତରର ନେତାମାନେ ମଧ୍ୟ ତାଙ୍କୁ ସମ୍ମାନ ଦେଉଥିଲେ। ସେହି ପରିବାରରୁ କେହି ପ୍ରତ୍ୟକ୍ଷ ରାଜନୀତିକୁ ଆସନ୍ତୁ ବୋଲି ସେ ଚାହୁଁ ନ ଥିଲେ। ୨୦୧୨ରେ ତାଙ୍କ ଦେହାନ୍ତ ପରେ ଶିବସେନାର ଦାୟିତ୍ୱ ତାଙ୍କ ପୁଅ ଉଦ୍ଧବ ନେଇଥିଲେ। କୁହାଯାଏ ବାଲ୍ ଠାକ୍‌ରେଙ୍କ ଗୁଣ ତାଙ୍କ ପୁତୁରା ରାଜ୍ ଠାକ୍‌ରେଙ୍କଠାରେ ଅଧିକ ଦେଖାଯାଉଥିବାରୁ ସେ ତାଙ୍କୁ ଉତ୍ତରାଧିକାରୀ କରିବାକୁ ଚାହୁଁଥିଲେ। ସମୟ ଚକ୍ର ବଦଳିଗଲା। ଉଦ୍ଧବ ଓ ରାଜ୍‌ଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ଯୋଗୁ ଉଭୟେ ଭିନ୍ନେ ହୋଇଗଲେ। ଶିବସେନାରୁ ଅଲଗା ହୋଇ ରାଜ୍ ଗଢ଼ିଲେ 'ମହାରାଷ୍ଟ୍ର ନବନିର୍ମାଣ ସେନା' ଓ ଉଦ୍ଧବ ପିତାଙ୍କ ଉତ୍ତରାଧିକାରୀ ହୋଇଗଲେ। ଶିବସେନାର ନେତୃତ୍ୱ ନେଇଥିଲେ ମଧ୍ୟ ଉଦ୍ଧବ କ୍ଷମତାର ସ୍ୱାଦ ଚାଖିବାକୁ ମନ ବଳାଇ ନ ଥିଲେ। ପ୍ରଥମ ଥର ଲାଗି ପୁଅ ଆଦିତ୍ୟଙ୍କୁ ନିର୍ବାଚନରେ ଲଢ଼ିବାକୁ ଦେଇଥିଲେ। ଆଦିତ୍ୟ ୱର୍ଲି ଆସନରୁ ବିଜୟୀ ହୋଇଥିଲେ ହେଁ ଉଦ୍ଧବ ଏବେ ମୁଖ୍ୟମନ୍ତ୍ରୀ।

ରାଜନୈତିକ ବାଧ୍ୟବାଧକତା ଅପ୍ରତ୍ୟାଶିତ ଭାବେ ଉଦ୍ଧବଙ୍କୁ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ କରାଇଛି। ଅକ୍ଟୋବର ୨୦୧୯ରେ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିଲା। ଭାଜପା ସର୍ବାଧିକ ୧୦୫ ଆସନ ପାଇଥିବା ବେଳେ ତା'ର ସହଯୋଗୀ ଶିବସେନା ଖାତାକୁ ଯାଇଥିଲା ମାତ୍ର ୫୬। ଅନ୍ୟପଟେ ବିରୋଧୀ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୫୪ ଆସନ ଅକ୍ତିଆର କରିଥିବା ବେଳେ କଂଗ୍ରେସ ୪୪ ଆସନରେ ସନ୍ତୁଷ୍ଟ ହୋଇଥିଲା। ଭାଜପା ଓ ଶିବସେନା ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ଚାଲିଲା। କୌଣସି ନିଷ୍କର୍ଷ ନ ଆସିବାରୁ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ହେଲା। ଏହି ସନ୍ଧିକ୍ଷଣରେ ମତ ଓ ଆଦର୍ଶ ଭୁଲି ଭାଜପା–ଶିବସେନା ବିରୋଧୀ ଶିବିରରେ ଥିବା ଏନ୍‌ସିପି ଓ କଂଗ୍ରେସ ବିଧାୟକଙ୍କୁ ଗୋଟାଇବାରେ ଲାଗିଲେ। ପ୍ରଥମେ ଅଜିତ୍ ପାୱାର ଏନ୍‌ସିପିର କିଛି ନେତାଙ୍କୁ ଧରି ଭାଜପାର ଦେବେନ୍ଦ୍ର ଫଡ୍‌ନବିସଙ୍କ ସହ ମିଶି ସରକାର ଗଢ଼ି ପକାଇଲେ। ହେଲେ ସଂଖ୍ୟା ଖେଳ ଅଜିତ୍ ଓ ଦେବେନ୍ଦ୍ରଙ୍କୁ ଅଡୁଆରେ ପକାଇଲା। ଫଳରେ ଏହାର ସୁଯୋଗ ନେଲେ ଉଦ୍ଧବ। ଏନ୍‌ସିପି ଓ କଂଗ୍ରେସ ସହଯୋଗ କରିବାରୁ ଉଦ୍ଧବ ୨୮ ନଭେମ୍ବରରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। ଶୁଣିବାକୁ ମିଳୁଥିଲା ପୁଅ ଆଦିତ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଉଦ୍ଧବ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। ସମ୍ଭବତଃ ଆଦିତ୍ୟଙ୍କ ସପକ୍ଷରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସବୁଜ ସଙ୍କେତ ନ ଦେବାରୁ ଉଦ୍ଧବ ସର୍ବସମ୍ମତି ପାଇଲେ।

ବମ୍ବେଠାରେ ୨୭ ଜୁଲାଇ ୧୯୬୦ରେ ଉଦ୍ଧବ ଜନ୍ମଗ୍ରହଣ କରିଥିଲେ। ୨୦୦୨ରେ ତାଙ୍କ ରାଜନୈତିକ କ୍ୟାରିୟର ବ୍ରିହାନ୍ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନ ପ୍ରଚାର ବେଳେ ଆରମ୍ଭ ହୋଇଥିଲା। ତାଙ୍କ ନେତୃତ୍ୱରେ ଦଳ ସଫଳତା ପାଇବା ପରେ ୨୦୦୩ରେ ତାଙ୍କୁ ଶିବସେନାର କାର୍ଯ୍ୟକାରୀ ସଭାପତି କରାଯାଇଥିଲା। ୨୦୦୬ରେ ସେ 'ସାମ୍‌ନା'ର ମୁଖ୍ୟ ସମ୍ପାଦକ ହୋଇଥିଲେ। ଏବେ ମୁଖ୍ୟମନ୍ତ୍ରୀ ହେବା ପରେ ସେ ସମ୍ପାଦନାରୁ ଓହରିଯାଇଛନ୍ତି। ତେବେ ପିତା ବାଲାସାହେବଙ୍କ ଦେହାନ୍ତ ପରେ ଉଦ୍ଧବ ୨୦୧୩ରେ ଶିବସେନାର ସଭାପତି ହୋଇଥିଲେ।

ରାଜନୀତିକୁ ଛାଡ଼ିଦେଲେ ଉଦ୍ଧବଙ୍କ ସର୍ବାଧିକ ପସନ୍ଦ ଫଟୋଗ୍ରାଫିରେ ରହିଆସିଛି। 'ମହାରାଷ୍ଟ୍ର ଦେଶା' ଓ 'ପାହାବ ଭିଟ୍ଠଲ' ନାମରେ ସେ ଦୁଇଟି କଫି ଟେବଲ୍ ବୁକ୍ ପ୍ରକାଶ କରିଛନ୍ତି। ପ୍ରକୃତିପ୍ରେମୀ ହୋଇଥିବାରୁ ସେ ଚିନ୍ତାରୁ ମୁକ୍ତି ପାଇବା ସକାଶେ ଯେତେବେଳେ ଚାହାନ୍ତି, ସେତେବେଳେ 'ଆନିମଲ୍ ପ୍ଲାନେଟ' ଓ 'ଡିସ୍‌କଭରି' ଚ୍ୟାନେଲ ଦେଖିଥାଆନ୍ତି। ନୀରବ ରହିବାକୁ ତାଙ୍କୁ ଭଲ ଲାଗେ। କିନ୍ତୁ ସମାଲୋଚକଙ୍କୁ କ୍ଷମା ଦେବାରେ ତାଙ୍କର ମହାନୁଭବତା ନ ଥାଏ। ସେ ଯାହା ପଛରେ ପଡ଼ନ୍ତି ତାଙ୍କୁ ଠିକ୍ ସମୟରେ ଉଚିତ ଜବାବ ଦେଇଥାଆନ୍ତି ବୋଲି ସମୀକ୍ଷକ ମତ ଦେଇଥାଆନ୍ତି। କ୍ଷମତା ଚୌକିରେ ଉଦ୍ଧବ ଗ୍ରୀନ୍‌ହର୍ନ (ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନୂଆ କିମ୍ବା ଅନଭିଜ୍ଞ)। ସହଧର୍ମିଣୀ ରଶ୍ମି ତାଙ୍କ ପରାମର୍ଶଦାତା (ଏପରି କି ରାଜନୈତିକ ଉପଦେଷ୍ଟା) ବୋଲି କୁହାଯାଏ। ଦୁଇ ପୁଅ ଆଦିତ୍ୟ ଓ ତେଜସ୍। ଆଦିତ୍ୟ ସକ୍ରିୟ ରାଜନୀତିରେ ଥିବା ବେଳେ ତେଜସ୍ ଏବେ ନ୍ୟୁୟର୍କରେ ପଢୁଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସମାଜରେ ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଚାକିରି କରିବା ସହ ନିଜକୁ ସମାଜ ସେବାରେ ନିୟୋଜିତ କରିଥାନ୍ତି। ଏମାନଙ୍କ ମଧ୍ୟରୁ ରାଜସ୍ଥାନର କନଷ୍ଟେବଳ ଧର୍ମବୀର ଜାଖଡ ଜଣେ। ସେ ଚୁରୁଠାରୁ ୪ କିମି ଦୂର ଗଜସାର ହନୁମାନଗଡି ବସ୍ତିରେ ୨୦୧୬ରେ ଆରମ୍ଭ କରିଥିବା ଏକ ନନ୍‌ଫର୍ମାଲ ସ୍କୁଲ୍ ଗରିବ ପିଲାମାନଙ୍କୁ ଶିକ୍ଷାର ବାଟ ଦେଖାଉଛି। ୩୫ ବର୍ଷୀୟ ଜାଖଡ ଏହି ସ୍କୁଲ୍‌ର ନାମ ରଖିଛନ୍ତି 'ଆପ୍‌ନି ପାଠଶାଳା'। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପିଲା ପଢୁଛନ୍ତି। କିନ୍ତୁ ଷଷ୍ଠରୁ ଊର୍ଦ୍ଧ୍ୱ ଶ୍ରେଣୀର ପିଲାଙ୍କ ପାଇଁ ଏକ୍ସଟ୍ରା କ୍ଲାସ୍ କରାଯାଉଛି। ଜାଖଡ ବସ୍ତି ତଥା ଆଖପାଖ ଗାଁରେ ରହୁଥିବା ଗରିବ ପରିବାରର ପିଲାମାନେ ଯେଉଁମାନେ ପାଠ ଛାଡି ଭିକ୍ଷା ମାଗୁଛନ୍ତି, ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଉଦ୍ଧାର କରି ପୁଣି ସ୍କୁଲକୁ ପଠାଉଛନ୍ତି କିମ୍ବା ଆପ୍‌ନି ପାଠଶାଳାକୁ ଆଣୁଛନ୍ତି। ଏଭଳି ୫୦୦ ପିଲାଙ୍କୁ ସେ ପଢାଉଛନ୍ତି। ଜାଖଡ ଜଣେ ଶିକ୍ଷକ ହେବା ପାଇଁ ଚାହୁଁଥିଲେ। କିନ୍ତୁ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ଚାକିରି କରିଥିଲେ। କନ୍‌ଷ୍ଟେବଳ ଚାକିରି କରି ବସ୍ତିରେ ଏକ ଛୋଟ ଘରେ ଆପ୍‌ନି ପାଠଶାଳା ଆରମ୍ଭ କରି ପିଲାମାନଙ୍କୁ ପଢାଇବା ଆରମ୍ଭ କରିଥିଲେ। ତାଙ୍କ ସୀମିତ ଆୟରେ ପରିବାର ଚଳାଇ ଓ ପିଲାମାନଙ୍କ ଲାଗି ସ୍କୁଲ୍ ଘର କରିବା ତାଙ୍କ ପାଇଁ କଷ୍ଟକର ଥିଲା। ଏଠାରେ ନିୟମିତ ମଧ୍ୟାହ୍ନରେ ପିଲାମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଉଛି। ଏଥପାଇଁ ଏହି ଏନ୍‌ଜିଓ ସମେତ ଅନ୍ୟ ବ୍ୟକ୍ତିମାନେ ବି ସାହାଯ୍ୟ ଦେଉଛନ୍ତି।

## ଚିରନ୍ତନୀ

ଧବଳ ହରିତ କୃଷ୍ଣ ବହୁ ବର୍ଣ୍ଣ ଚର୍ମ ବେଶବାସ
ବୌଦ୍ଧ ହିନ୍ଦୁ ମୁସଲମାନ ଶିଖ ବା ଖ୍ରୀଷ୍ଟାନ
ସଂଗ୍ରାମ ମାଗଇ ନମ୍ର ବିଦଳିତ ଧୂଳିତଳ ଘାସ
ଶତେକ ଶତାବ୍ଦୀ ପରେ ରଚେ ଅଭିଯାନ।
(ଶତାବ୍ଦୀ–ସୈନିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ଡିସେମ୍ବର ୧୯୯୪

- ଭିତରକନିକା ଅଭୟାରଣ୍ୟକୁ ଜାତୀୟ ପାର୍କରେ ପରିଣତ କରାଯିବା ଆବଶ୍ୟକ ବୋଲି ସ୍ୱାମୀନାଥନ ଫାଉଣ୍ଡେଶନ ପକ୍ଷରୁ ଏକ ସର୍ଭେ ରିପୋର୍ଟରେ ସୁପାରିସ କରାଯାଇଛି।
- ମହାରାଷ୍ଟ୍ରର ଗୋୱାରି ଏବଂ ମାନା ଆଦିବାସୀ ସମ୍ପ୍ରଦାୟ ତାଙ୍କ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ସଂରକ୍ଷଣ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀଙ୍କୁ ଅଣଦେଖା ମହଙ୍ଗା ପଡ଼ିବ

ମହାଶୟ,

ଭଦ୍ରକ ଜିଲାର କେତେକ ଚାଷୀ ଧାନ ବିକ୍ରିକରି ଅଦ୍ୟାବଧି ପ୍ରାପ୍ୟ ପାଇ ନ ପାରି ବାଧହୋଇ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଧାନ ବିକ୍ରି କରିବାର ୭ ଦିନ ମଧ୍ୟରେ ଚାଷୀ ତା' ପ୍ରାପ୍ୟ ପାଇବା କଥା। କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ବି ସରକାର ନିଦାବିଷ୍ଟ। ଚାଷୀ ଆରମ୍ଭରୁ ଧାନକୁ ମଣ୍ଡି କିମ୍ବା ମିଲର ପାଖରେ ବିକ୍ରି କଲାବେଳେ ନାନା ହଇରାଣ ହେବାକୁ ପଡ଼େ। ଗତ ବର୍ଷ ଡିସେମ୍ବରରୁ ଦେଇଥିବା ଧାନର ମୂଲ୍ୟ ବାବଦକୁ ଟଙ୍କା କାହାକୁ କିସ୍ତିରେ ଦେଇ ଅବଶିଷ୍ଟ ବାକି ରହିଛି ତ ଆଉ କାହାକୁ ତା'ର ପ୍ରାପ୍ୟ ଦିଆଯାଇନାହିଁ। ଅନ୍‌ଲାଇନ ହେଉ କି ଅଫ୍‌ଲାଇନରେ ଚାଷୀ ତା'ର ଧାନ ଗଣ୍ଡାକ ବିକ୍ରିକରି ଯଦି ପ୍ରାପ୍ୟ ପାଇବା ପାଇଁ ନ୍ୟାୟାଳୟର ଆଶ୍ରୟ ନେବାକୁ ପଡେ, ଏଥିରୁ ସରକାର ଚାଷୀଙ୍କ ପ୍ରତି କେତେ ଦରଦୀ ତାହା ସ୍ପଷ୍ଟ ଜଣାପଡୁଛି। ବଡ଼ଚାଷୀ ସିନା ନ୍ୟାୟାଳୟର ଆଶ୍ରୟ ନେଇ ପ୍ରାପ୍ୟ ପାଇପାରିବେ ହେଲେ କ୍ଷୁଦ୍ର ଚାଷୀଙ୍କ ଅବସ୍ଥା କ'ଣ ହେବ? ଚାଷୀଙ୍କୁ ଏପରି ଅଣଦେଖା କରିବା ଭବିଷ୍ୟତରେ ସରକାରଙ୍କୁ ମହଙ୍ଗା ପଡ଼ିପାରେ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ପଲିଥିନ ନିଷେଧ ପ୍ରହସନ

ଗତବର୍ଷ ଗାନ୍ଧୀ ଜୟନ୍ତୀରୁ କିଛି ସହରରେ ପଲିଥିନ ବ୍ୟବହାର ନିଷିଦ୍ଧ ହୋଇଥିଲା। ତାହା କାର୍ଯ୍ୟକାରୀ ହେବାପରି ମନେହେଉନି। ଏ ବର୍ଷ ଗାନ୍ଧୀ ଜୟନ୍ତୀରେ ପ୍ରଧାନମନ୍ତ୍ରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ପଲିଥିନ ବ୍ୟବହାର ନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଦୋକାନୀମାନଙ୍କୁ ପଲିଥିନ ନ ମାଗିବାକୁ ଦୋକାନ ଆଗରେ ଲେଖି ମାରିବାକୁ କୁହାଯାଉଛି। ମୋ ପିଲାବେଳେ ଦୋକାନ କିମ୍ବା ହାଟକୁ ଗଲାବେଳେ ସମସ୍ତେ ଜିନିଷ ଆଣିବା ପାଇଁ ବ୍ୟାଗ୍, ଅଖା କିମ୍ବା ଟୋକେଇ ସାଙ୍ଗରେ ନେଇ ଯାଉଥିଲେ। ଦୋକାନୀ ଜିନିଷ ଦେବା ପାଇଁ କାଗଜ ଠୁଙ୍ଗା ବ୍ୟବହାର କରୁଥିଲେ। ପଲିଥିନ ସୁବିଧା ହେଲାପରେ ଲୋକମାନେ ହାଟକୁ ଗଲାବେଳେ ଆଉ କପଡ଼ା ବା ଅଖାବ୍ୟାଗ୍ ସାଙ୍ଗରେ ନେବାକୁ ଇଚ୍ଛା କଲେ ନାହିଁ। ପଲିଥିନ ଆମ ପରିବେଶ ତଥା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ପ୍ରଶାସନ ପଲିଥିନ ଉତ୍ପାଦନ ବନ୍ଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପଲିଥିନ ନିଷେଧ କେବଳ ପ୍ରହସନରେ ପରିଣତ ହେବ।

ନାରାୟଣ ପରିଡା, ତେରତାଙ୍ଗ, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ

## ସଂକ୍ଷେପରେ

କୋଇଲା ଉତ୍ପାଦନରେ ଏମ୍‌ସିଏଲ୍‌ର ରେକର୍ଡ

### ଗୋଟିଏ ଦିନରେ ୫.୬୪ ଲକ୍ଷ ଟନ୍

**ତାଳଚେର, ୩୦।୧୧(ନି.ପ୍ର.):** କୋଇଲା ଉତ୍ପାଦନରେ ମହାନଦୀ କୋଲ୍ ଫିଲଡ୍‌ସ ଲିମିଟେଡ (ଏମ୍‌ସିଏଲ୍) ନୂଆ ରେକର୍ଡ ପ୍ରତିଷ୍ଠା କରିଛି। ଗତ ୨୯ ତାରିଖ ଗୋଟିଏ ଦିନରେ ଏମ୍‌ସିଏଲ୍ ୫.୬୪ ଲକ୍ଷ ଟନ୍ କୋଇଲା ଉତ୍ପାଦନ କରିପାରିଛି। ଏମ୍‌ସିଏଲ୍ ଆରମ୍ଭ ହେବା ପରଠାରୁ ନଭେମ୍ବର ମାସର ଗୋଟିଏ ଦିନରେ କେବେ ବି ଏତେ ପରିମାଣର କୋଇଲା ଉତ୍ପାଦନ ହୋଇ ନ ଥିଲା। ଏହି ରେକର୍ଡ ପରିମାଣର ଉତ୍ପାଦନରେ ତାଳଚେରର ଜଗନ୍ନାଥ କ୍ଷେତ୍ର, ଲିଙ୍ଗରାଜ କ୍ଷେତ୍ର, ହିଙ୍ଗୁଳା କ୍ଷେତ୍ର, କଣିହାଁ କ୍ଷେତ୍ର ସହିତ ଇବ କୋଲ୍ ଫିଲଡ୍‌ସର ଲଖନପୁର ଏବଂ ସୁନ୍ଦରଗଡର ବସୁନ୍ଧରା କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି। ଏହି ସଫଳତା ପାଇଁ ଏମ୍‌ସିଏଲ୍‌ର ସିଏମ୍‌ଡି ଭୋଳାନାଥ ଶୁକ୍ଳା ସମସ୍ତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

### ଚେନ୍ନାଇ-ହଳଦିଆ ଏକ୍ସପ୍ରେସରେ ୫ ନୂଆ ସ୍ଲିପର କୋଚ୍

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)
ପୂର୍ବତଟ ରେଳପଥର ଯାଜପୁର କେନ୍ଦୁଝର ରୋଡ଼, କଟକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ଼, ବ୍ରହ୍ମପୁର ଓ ବିଜୟନଗରମ ଦେଇ ଚଳାଚଳ କରୁଥିବା ଚେନ୍ନାଇ-ହଳଦିଆ-ଚେନ୍ନାଇ (୨୨୬୧୩-୨୨୬୧୪) ଏକ୍ସପ୍ରେସ୍‌ରେ ଅତିରିକ୍ତ ୫ଟି ଶୟନଯାନ ବଗି (ସ୍ଲିପର କୋଚ୍) ସଂଯୋଗ କରାଯାଇଛି। ଫଳରେ ଏଥିରେ ସ୍ଲିପର କୋଚ୍ ସଂଖ୍ୟା ୬ରୁ ୧୧କୁ ବୃଦ୍ଧି ପାଇଛି। ଅତିରିକ୍ତ ବଗି ସହ ଏହି ଏକ୍ସପ୍ରେସ ଚେନ୍ନାଇରୁ ୧୨ ଡିସେମ୍ବରରୁ ଓ ହଳଦିଆରୁ ୧୪ ଡିସେମ୍ବରରୁ ଚଳାଚଳ କରିବ। ସେହିପରି ପୁରୀ-ବିକାନେର-ପୁରୀ(୧୪୭୦୯-୧୪୭୧୦) ଏକ୍ସପ୍ରେସରେ ଆଇସିଏଫ୍ (ଇଣ୍ଟିଗ୍ରେଟେଡ କୋଚ୍ ଫ୍ୟାକ୍ଟ୍ରି) କୋଚ୍ ବଦଳରେ ଏଲଏଚ୍‌ବି (ଲିଙ୍କେ ହଫ୍‌ମାନ ବସ୍କ) କୋଚ୍ ଲାଗିବ। ଆଇସିଏଫ୍ କୋଚ୍ ହେଉଛି ପୁରାତନ ଶୈଳୀର କୋଚ୍। ଏଲ୍‌ଏଚ୍‌ବି ହେଉଛି ନୂତନ ଜର୍ମାନ କୌଶଳରେ ପ୍ରସ୍ତୁତ କୋଚ୍, ଯାହା ବେଶ୍ ସୁରକ୍ଷିତ ଓ ଆରାମଦାୟକ। ନୂତନ ବ୍ୟବସ୍ଥା ସହ ଏହି ଟ୍ରେନ୍ ବିକାନେରରୁ ୧୫ ଡିସେମ୍ବରରୁ ଓ ପୁରୀରୁ ୧୮ ଡିସେମ୍ବରରୁ ଚଳାଚଳ କରିବ।

### ୨ ସ୍ପେଶାଲ ଟ୍ରେନର ଚଳାଚଳ ଅବଧି ବଢ଼ିଲା

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)
ହଟିଆ-ବେଙ୍ଗାଲୁରୁ କ୍ୟାଣ୍ଟ(୮୦୬୩୫-୮୦୬୩୬) ସୁବିଧା ସ୍ପେଶାଲ ଏକ୍ସପ୍ରେସ୍ ଓ ସାନ୍ତ୍ରାଗାଛି-କୋଏମ୍ବାଟୁର(୮୦୮୨୩-୮୦୮୨୪) ସ୍ପେଶାଲ ଏକ୍ସପ୍ରେସ୍‌ର ଚଳାଚଳ ଡିସେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ହଟିଆ-ବେଙ୍ଗାଲୁରୁ କ୍ୟାଣ୍ଟ ସୁବିଧା ସ୍ପେଶାଲ ଟ୍ରେନ ଝାରସୁଗୁଡ଼ା, ରାଉରକେଲା, ସମ୍ବଲପୁର, ଟିଟିଲାଗଡ଼, ରାୟଗଡ଼ା, ବିଜୟନଗରମ ଦେଇ ଚଳାଚଳ କରୁଛି। ସେହିପରି ସାନ୍ତ୍ରାଗାଛି-କୋଏମ୍ବାଟୁର ସ୍ପେଶାଲ ଟ୍ରେନ ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ଼, ବ୍ରହ୍ମପୁର ଦେଇ ଚଳାଚଳ କରୁଛି। ସୂଚନାଯୋଗ୍ୟ, ହଟିଆ-ବେଙ୍ଗାଲୁରୁ କ୍ୟାଣ୍ଟ ସ୍ପେଶାଲ ଶୁକ୍ରବାର ହଟିଆରୁ ଓ ରବିବାର ବେଙ୍ଗାଲୁରୁରୁ ଚଳାଚଳ କରୁଛି। ସେହିପରି ସାନ୍ତ୍ରାଗାଛି-କୋଏମ୍ବାଟୁର ସ୍ପେଶାଲ ବୁଧବାର ସନ୍ତ୍ରାଗଛିରୁ ଓ ଶୁକ୍ରବାର କୋଏମ୍ବାଟୁରରୁ ଚଳାଚଳ କରୁଛି।

## ଗ୍ରାହକଙ୍କୁ ଠକୁଛନ୍ତି ସୁନା ଦୋକାନୀ

# ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି

- ଲୋକେ ଯେମିତି ଠକାମିରେ ନ ପଡିବେ ସେ ନେଇ ପଦକ୍ଷେପ ନିଆଯାଉଛି: ଖାଉଟି କଲ୍ୟାଣ ମନ୍ତ୍ରୀ
- ସବୁ ସୁନାରେ ବିଆଇଏସ୍ କିମ୍ବା ହଲ୍‌ମାର୍କ ରହିବା ବାଧ୍ୟତାମୂଳକ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)
ସୁନା କିଣିବା ବେଳେ ଏହା ବିଆଇଏସ୍ କିମ୍ବା ହଲମାର୍କ କି ନୁହେଁ ତାହା ଉପରେ ଗ୍ରାହକଙ୍କର ନଜର ନ ଥାଏ। ପସନ୍ଦ ହୋଇଥିବା ସୁନା କେତେ ଶୁଦ୍ଧ ତାହା ମଧ୍ୟ ଗ୍ରାହକ ଜାଣିବା କଷ୍ଟକର। ଏହାର ଫାଇଦା ଉଠାଇ ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଅସାଧୁ ସୁନା ଦୋକାନୀମାନେ ଠକୁଥିବା ଅଭିଯୋଗ ହେଉଛି। ଏଥିପାଇଁ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସୁନା ଦୋକାନ ଉପରେ ଗତ କିଛିଦିନ ହେବ ଜୋରଦାର ଚଢ଼ାଉ ଜାରି ରହିଛି। କେବଳ ଯେ ଛୋଟ ଦୋକାନୀ ଠକୁଛନ୍ତି ତାହା ନୁହେଁ, ବଡ ବଡ ନାମକରା ଦୋକାନୀ ମଧ୍ୟ ଗ୍ରାହକଙ୍କୁ ନିମ୍ନମାନର ସୁନା ବିକ୍ରି କରି ଶୋଷଣ କରୁଛନ୍ତି। ସୁନା ଦୋକାନୀ ୧୪ କ୍ୟାରେଟ ଦେଇ ୨୨ କ୍ୟାରେଟର ପଇସା ନେଉଛନ୍ତି। ଗୋଟିଏ କି ଦୁଇଟି ଦୋକାନୀ ନୁହେଁ ରାଜ୍ୟବ୍ୟାପୀ ଏଭଳି ଠକେଇ ଚାଲିଛି। ଓଜନରେ ଠକୁଛନ୍ତି। ଅପମିଶ୍ରଣ କରୁଛନ୍ତି। ଲୋକେ ଯେମିତି ଠକେଇରେ ନ ପଡିବେ ସେ ନେଇ ତତ୍ପରତା ପ୍ରକାଶ ପାଇଛି। ସେଥିପାଇଁ ରାଜ୍ୟବ୍ୟାପୀ ଚଢାଉ ଆରମ୍ଭ ହୋଇଛି। ୧୦ ଦିନରେ ୪୦ଟି ଦୋକାନ ଉପରେ ଚଢାଉ କରାଯାଇଛି। ଆଗକୁ ଏପରି ଚଢାଉ ଜାରି ରହିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ସୁନାର ଅପମିଶ୍ରଣ ଏବଂ ଠକେଇକୁ ରୋକିବା ଲାଗି ସମସ୍ତ ସୁନା ଦୋକାନୀ ବିଆଇଏସ ଏବଂ ହଲମାର୍କ ଲେଖିବାକୁ ବାଧ୍ୟ ହେବେ। ଏ ନେଇ କେନ୍ଦ୍ର ସରକାର ଆସନ୍ତା ଜାନୁୟାରୀ ୨୦ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିବେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ଶୀତ ଅଧିବେଶନରେ ସୁନା ଓଜନ ଠକେଇକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ମନ୍ତ୍ରୀ ରାଜ୍ୟର କେଉଁ ଦୋକାନ ଉପରେ ଚଢାଉ କରାଯାଇଛି ସେ ନେଇ ତଥ୍ୟ ଦେଇଥିଲେ। ହେଲେ ଭୁବନେଶ୍ୱର କିମ୍ବା ବ୍ରହ୍ମପୁର ସହରର କୌଣସି ସୁନା ଦୋକାନୀଙ୍କ ନାମ ନ ଥିଲା। ଏହାକୁ ନେଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଭାଗୀୟ ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ କରିବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମାପ ଏବଂ ଓଜନ ଯାଞ୍ଚ କରିବା ଦାୟିତ୍ୱରେ ଥିବା ଅଧିକାରୀମାନେ ଗତ କିଛି ଦିନ ହେବ ଭୁବନେଶ୍ୱର ଓ ବ୍ରହ୍ମପୁର ସହରରେ ମଧ୍ୟ ବ୍ୟାପକ ଚଢାଉ କରିଛନ୍ତି।

# ଚାଷୀଙ୍କ ସହ ଫୋନ୍ ଯୋଗେ କଥା ହେଲେ ମନ୍ତ୍ରୀ



ନିଗମ କାର୍ଯ୍ୟାଳୟରେ ଯୋଗାଣମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ।

**ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟକୁ କଲେ ଅଚାନକ ଗସ୍ତ**

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)
ଚଳିତ ଆର୍ଥିକ ବର୍ଷ ପାଇଁ ଖରିଫ ଧାନ ସଂଗ୍ରହ ଚଳିତ ମାସରୁ ଆରମ୍ଭ ହୋଇଯାଇଛି। ଏହି ସଂଗ୍ରହ ପ୍ରକ୍ରିୟା ସମ୍ପର୍କରେ ତଦାରଖ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶନିବାର ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ଏଥିସହିତ କାର୍ଯ୍ୟାଳୟରେ ବିଭିନ୍ନ ଜିଲାର ଚାଷୀମାନଙ୍କ ସହିତ ଫୋନ୍ ଯୋଗେ ସିଧାସଳଖ ବାର୍ତ୍ତାଳାପ କରିଛନ୍ତି। କଲ୍ ସେଣ୍ଟରରେ ଚାଷୀମାନଙ୍କ ପଞ୍ଜିକୃତ ମୋବାଇଲ ନମ୍ବରରେ କଲ୍ କରି ମନ୍ତ୍ରୀ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀମାନେ ଧାନ ବିକ୍ରି ନେଇ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଧାନ ବିକ୍ରି ଟଙ୍କା ଠିକ୍ ସମୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଉଛି କି ନାହିଁ ସେ ବିଷୟରେ ମଧ୍ୟ ଚାଷୀମାନଙ୍କୁ ପଚାରିଥିଲେ। ମନ୍ତ୍ରୀ ପ୍ରଥମେ ସମ୍ବଲପୁରର ଧନକଉଡ଼ା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଗୁଣମନି ନାଗଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ଏହାପରେ ସମ୍ବଲପୁର ଜିଲାର କର୍ଣ୍ଣପାଲିର ଟିକେଶ୍ୱର ପାଣିଗ୍ରାହୀ, ବରଗଡ଼ର ଡି. ଆଦିଲକ୍ଷ୍ମୀ, ନୂଆପଡ଼ାର ଦୁର୍ଗାପ୍ରସାଦ ସିଂ, କଳାହାଣ୍ଡି ମହାଲିଙ୍ଗ ଗ୍ରାମର ରୁକ୍ଷିମଣି ସାହୁ, ମାଲକାନଗିରିର ବିକାଶ ମଣ୍ଡଳଙ୍କ ସମେତ ୨୦ଜଣ ଚାଷୀଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ପି-ପାସ୍ ଓ ଆଗୁଆ ଟୋକନ ବ୍ୟବସ୍ଥା ନେଇ ଚାଷୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଧାନ ସଂଗ୍ରହ କାର୍ଯ୍ୟ ଠିକ୍‌ଠାକ୍ ଚାଲିଛି ବୋଲି ମନ୍ତ୍ରୀ ସ୍ୱାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯୋଗାଯୋଗ ଏବଂ ଅଭିଯୋଗ ଗ୍ରହଣ ନିମନ୍ତେ ଏକୀକୃତ ଅଭିଯୋଗ ନମ୍ବର ୧୯୬୭ ଜାରି କରାଯାଇଛି । ଧାନ କ୍ରୟ ବିକ୍ରୟ ନେଇ ଅଭିଯୋଗ ଥିଲେ ଏହି ନିଃଶୁଳ୍କ ହେଲ୍ପଲାଇନ ନମ୍ବର ଯୋଗେ ଅଭିଯୋଗ କରିପାରିବେ। ଏଥିନିମନ୍ତେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କଲ୍ ସେଣ୍ଟର ଖୋଲାଯାଇଛି। ଏହି ସେଣ୍ଟରରେ ୨୦ ଏକ୍ଜିକ୍ୟୁଟିଭ୍ କାମ କରୁଥିବା ବେଳେ ଏହା ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲାରହୁଛି।

# ବାହାଘର ୨ମାସ ପରେ ନାବାଳିକା ଉଦ୍ଧାର

- ଶିକ୍ଷୟିତ୍ରୀଙ୍କ ଟୁଇଟ୍ ପରେ ଘଟଣାର ପର୍ଦ୍ଦାଫାଶ
- ଜିଲାପାଳ ନେଲେ କାର୍ଯ୍ୟାନୁଷ୍ଠାନ

ସୋରଡା,୩୦।୧୧(ଡି.ଏନ୍.ଏ.)
ପୁରୀ ଜିଲା ପିପିଲି ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ୨ ମାସ ହେଲା ସ୍କୁଲକୁ ଆସୁ ନଥିଲେ। ଶିକ୍ଷୟିତ୍ରୀ ଜାଣିଲେ ଯେ, ତାଙ୍କର ଗଞ୍ଜାମ ଜିଲା ସୋରଡା ବ୍ଲକ ବଡଗଡ ଥାନା ଅଞ୍ଚଳରେ ବିବାହ ହୋଇଯାଇଛି। ଏନେଇ ସେ ଗଞ୍ଜାମ ଜିଲାପାଳଙ୍କୁ ଟୁଇଟ୍ କରି ଜଣାଇଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଓ ସିଡିପିଓ ଅଫିସ କର୍ମଚାରୀ ଶୁକ୍ରବାର ନାବାଳିକାଙ୍କୁ ଶାଶୁଘରୁ ଉଦ୍ଧାର କରିଛନ୍ତି।

ପ୍ରକାଶ ଯେ, ସମ୍ପୃକ୍ତା ନାବାଳିକାଙ୍କ ଘର ସୋରଡା ବ୍ଲକ ବଡଗଡ଼ ଥାନା ଅଞ୍ଚଳରେ। ସେ ତାଙ୍କ ବାପାଙ୍କ ସହ ପିପିଲିରେ ରହି ପାଠ ପଢନ୍ତି। ୨ ମାସ ତଳେ ମୁଡେସକୁପା ଗ୍ରାମସ୍ଥିତ ତାଙ୍କ ମାମୁ ପୁଅଙ୍କ ସହ ନାବାଳିକାଙ୍କ ବିବାହ ହୋଇଥିଲା। ବିଦ୍ୟାଳୟକୁ ନ ଆସିବାରୁ ଶିକ୍ଷୟିତ୍ରୀ ଜଣକ ତାଙ୍କ ସହପାଠୀମାନଙ୍କୁ ପଚାରି ଜାଣିବାକୁ ପାଇଲେ ଯେ, ଗଞ୍ଜାମ ଜିଲାରେ ନାବାଳିକାଙ୍କର ବିବାହ ହୋଇଯାଇଛି। ଏନେଇ ସେ ଗଞ୍ଜାମ ଜିଲାପାଳଙ୍କୁ ଟୁଇଟ୍ କରି ଜଣାଇଥିଲେ। ଶୁକ୍ରବାର ଜିଲାପାଳ ବଡଗଡ ଥାନା ଓ ସୋରଡା ସିଡିପିଓଙ୍କୁ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଓ ସିଡିପିଓ ଅଫିସ କର୍ମଚାରୀ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଉଭୟ ପକ୍ଷଙ୍କ ସହମତିରେ ବିବାହ ହୋଇଥିବା ପୁଅଙ୍କ ବାପା କହିଛନ୍ତି। ବ୍ରହ୍ମପୁର ବଡ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ନାବାଳିକାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ଏନେଇ ସୋରଡା ସିଡିପିଓ ମଞ୍ଜୁଶ୍ରୀ ନାୟକ କହିଛନ୍ତି, ଛାତ୍ରୀଙ୍କର ପଢିବାକୁ ବହୁତ ଆଗ୍ରହ ରହିଛି। ତାଙ୍କ ଅନିଚ୍ଛା ସତ୍ତ୍ୱେ ଉଭୟ ପରିବାର ଲୋକେ ଜୋରଜବରଦସ୍ତି ବିବାହ କରିଛନ୍ତି। ତାଙ୍କୁ ପିପିଲିରୁ ଗାଁକୁ ଡାକି ଆଣି ମାମୁପୁଅ ଭାଇ ସହିତ ବିବାହ କରିଛନ୍ତି। ଆହୁରି ଆଗରୁ ତାଙ୍କୁ ଉଦ୍ଧାର କରିଥିଲେ ଭଲ ହୋଇଥାନ୍ତା ବୋଲି ନାବାଳିକା ଜଣକ କହିଛନ୍ତି।

# ତବଲା ବାଦକ ରାଧାକାନ୍ତ ନନ୍ଦଙ୍କ ଦେହାନ୍ତ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**
ପ୍ରସିଦ୍ଧ ତବଲା ବାଦକ ତଥା ସଙ୍ଗୀତ ନିର୍ଦ୍ଦେଶକ ରାଧାକାନ୍ତ ନନ୍ଦ (୫୮)ଙ୍କର ଶନିବାର ଦେହାନ୍ତ ହୋଇଯାଇଛି। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ଶୁକ୍ରବାର ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତେବେ ଶନିବାର ତାଙ୍କର ପରଲୋକ ଘଟିଥିଲା। ଓଡ଼ିଶାର ପ୍ରମୁଖ ତବଲା ଓ ପଖଉଜ ବାଦକମାନଙ୍କ ମଧ୍ୟରେ ରାଧାକାନ୍ତ ଥିଲେ ଅନନ୍ୟ ପ୍ରତିଭା। ନିକଟରେ ତାଙ୍କୁ ରାଜ୍ୟ ସରକାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରିଥିଲେ। ୧୯୬୧ ମେ’ ୧୩ରେ ଜନ୍ମଗ୍ରହଣ କରିଥିବା ରାଧାକାନ୍ତ କଟକର ଆଲିଶା ବଜାରରେ ରହୁଥିଲେ। ସେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡୀଗଡ଼ରୁ ତବଲା ବାଦନରେ ବିଶାରଦ ହୋଇ ସଫଳ ତବଲା ଶିଳ୍ପୀ ଓ ଗୁରୁ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବେତାର ଓ ଦୂରଦର୍ଶନରେ ଲଘୁ ଶାସ୍ତ୍ରୀୟ ତବଲା ପରିବେଷଣ କରି ସ୍ୱୀକୃତିପ୍ରାପ୍ତ ଶିଳ୍ପୀ ଓ ସ୍ୱର ସଂଯୋଜକ ଭାବେ ବହୁ ପ୍ରଶଂସା ସାଉଣ୍ଟିଥିଲେ। ଅନେକ ଜଣାଶୁଣା ଭଜନ ଓ ଗୀତରେ ତବଲା ବାଦନ କରି ସେ ଶ୍ରୋତାଙ୍କ ହୃଦୟ ଜିଣି ଲୋକପ୍ରିୟ ହୋଇପାରିଥିଲେ।



ଭଜନ ସମ୍ରାଟ ଭିକାରୀ ବଳ, ଅରବିନ୍ଦ ମୁଦୁଲି, ସୁବାସ ଦାସ, ଶାନ୍ତିଲତା ଛୋଟରାୟ, ମନ୍ମଥ ମିଶ୍ରଙ୍କ ଭଳି ଖ୍ୟାତିସମ୍ପନ୍ନ ଭଜନ ଗାୟକ ଏବଂ ବହୁ ନୃତ୍ୟଶିଳ୍ପୀଙ୍କ ପାଇଁ ସେ ତବଲା ବାଦନ କରିଥିଲେ। ରାଧାକାନ୍ତ ଶତାଧିକ ଓଡ଼ିଆ କ୍ୟାସେଟ୍‌ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସେ ରାକେଶ ମହାନ୍ତିଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର ‘ଦାଦାଗିରି’ରେ ମଧ୍ୟ (ମୁବାରକ-ହରି) ନାଆଁରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସେ ଦୀର୍ଘ ୩ ଦଶନ୍ଧିରୁ ଅଧିକ କାଳ ଓଡ଼ିଆ ସଙ୍ଗୀତ ଜଗତରେ ସକ୍ରିୟ ଥିଲେ। ସ୍ୱର୍ଗତ ନନ୍ଦଙ୍କର ଦୁଇ ପୁତ୍ର, ପୁତ୍ରବଧୂ ଓ ବିଧବା ପତ୍ନୀ ଅଛନ୍ତି। ତାଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ନନ୍ଦଙ୍କ ବଡ଼ପୁଅ ବିଭୁ ପ୍ରସାଦ ନନ୍ଦ ମୁଖାଗ୍ନି ଦେଇଥିବାବେଳେ ସାନପୁଅ ପ୍ରଭୁପ୍ରସାଦ ଉପସ୍ଥିତ ଥିଲେ। ଅନ୍ତିମ ଶୋଭାଯାତ୍ରାରେ ହେରାପଞ୍ଚମୀ ଭଜନ ସମାରୋହ ସମ୍ପାଦକ ଘନଶ୍ୟାମ ମର୍ଦ୍ଦରାଜ, କଣ୍ଠଶିଳ୍ପୀ ଏ. ମହେଶ୍ୱର ରାଓ, ଶ୍ରୀଚରଣ ମହାନ୍ତି, ସୁଧାକର ମିଶ୍ର, ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି, ଗୀତିକାର ବଦ୍ରି ମିଶ୍ର, କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର, ପ୍ରଶାନ୍ତ ପାଢୀ ପ୍ରମୁଖ ସାମିଲ ଥିଲେ।

## ଆଜି କ’ଣ କେଉଁଠି

ସମ୍ବଲପୁର
- ସ୍କୁଲ ଓ କଲେଜସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ଡା. ଝସକେତନ ସାହୁ ସୁଇମିଂ ପୁଲ, ସକାଳ ୭ଟା।
- ଫସଲ ବୀମା ଦାବିରେ ଚାଷୀ ସଙ୍ଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।
- ଜାତୀୟ ପଲ୍ଲିଶ୍ରୀ ମେଳା, ଅଇଁଠାପାଲି ପିଏଚଡି ପଡିଆ, ଅପରାହ୍ନ ୨ଟା ।
- ରାମସୀତାଙ୍କ ବିବାହ ଉତ୍ସବ, ବୁଢ଼ାହିଲ ହନୁମାନ ମନ୍ଦିର, ମଧ୍ୟାହ୍ନ ୧୨ଟା ।
- ସମ୍ବଲପୁର ଲହରୀ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏଚ୍‌ଡି ପଡିଆ ମଞ୍ଚ, ରାତି ୭ଟା।

ବରଗଡ଼
- ବରଗଡ଼ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ, ହାଟପଦା ସଞ୍ଚାର ମଣ୍ଡଳୀ, ସନ୍ଧ୍ୟା ୭ଟା।
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସନ୍ଥକବି ଭୀମ ଭୋଇ ମହିମା ଯୁକ୍ତ ତିନି କଲେଜ, ଚକରକେନ୍ଦ, ପୂର୍ବାହ୍ନ ୯ଟା ।

ଭେଡ଼େନ
- ରାମଲୀଳା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସିଦ୍ଧେଶ୍ୱର ମହାଦେବ ମନ୍ଦିର, ପୂର୍ବାହ୍ନ- ୧୧ଟା

ବୌଦ୍ଧ
- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ, ଏନଏମ ଟ୍ରେନିଂ ସେଣ୍ଟର, ସମୟ ସାଢେ ୯ଟା ।
- ବୌଦ୍ଧ ଆଇନ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସରେ ସଚେତନତା ରାଲି, ବୌଦ୍ଧ ସହର, ସମୟ ସାଢେ ୯ଟା।

ଲୋଇସିଂହା
- ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ, ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସକାଳ ସାଢ଼େ ୭ଟା।
- ଜୟଦୁର୍ଗା ଫୁଟବଲ କ୍ଲବ ପକ୍ଷରୁ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ, କୁସମେରୁ ଖେଳପଡ଼ିଆ, ଅପରାହ୍ନ ୨ଟା।

ଅମରପାଲି
- ଚତୁର୍ଥ ସର୍ବଭାରତୀୟ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଯାପନୀ, ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମ, ପୂର୍ବାହ୍ନ ୧୧ଟା।

ସୁନ୍ଦରଗଡ଼
- ସରକାରୀ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କର ବନ୍ଧୁ ମିଳନ ଓ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ, ସରକାରୀ ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

ଦେବଗଡ଼
- ବାଟେ ଘାଟେ କାର୍ଯ୍ୟକ୍ରମ, ପ୍ରଧାନପାଟ ରୋଡ଼, ଦେବଗଡ଼, ସକାଳ ୭ଟା।

## ଶତ ପ୍ରତିଶତ ଟିକାକରଣ ନିର୍ଦ୍ଦେଶ

# ୨ରୁ ମିଶନ ଇନ୍ଦ୍ରଧନୁଷ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)
ଆସନ୍ତା ୨ ତାରିଖରୁ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ ‘ମିଶନ ଇନ୍ଦ୍ରଧନୁଷ୍-୨’ର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ। ୬ ଜିଲା ଯଥା ଗଜପତି, କନ୍ଧମାଳ, କୋରାପୁଟ, ମାଲକାନଗିରି, ଢେଙ୍କାନାଳ ଓ ରାୟଗଡ଼ାରେ ଟିକାକରଣ କରାଯିବ। ଏ ନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସମୀକ୍ଷା କରିଛନ୍ତି। ଏ ସମସ୍ତ ଜିଲାର ଜିଲାପାଳ, ସିଡିଏମ୍‌ଓ ଏବଂ ଅନ୍ୟ ପଦାଧିକାରୀଙ୍କ ସହିତ ଭିଡିଓ କନ୍‌ଫରେନ୍ସି ଜରିଆରେ ଆଲୋଚନା କରିଛନ୍ତି। ଜିଲାର ସମସ୍ତ ଗ୍ରାମ, ପଡ଼ା ଓ ବସ୍ତିଗୁଡ଼ିକରେ ଥିବା ପିଲା ଏବଂ ଗର୍ଭବତୀ ମହିଳାଙ୍କ ସମେତ ପୂର୍ବଥର ଟିକାକରଣରୁ ବାଦ୍ ପଡ଼ିଥିବା ସମସ୍ତଙ୍କୁ ଏଥିରେ ସାମିଲ କରିବାକୁ କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଶତ ପ୍ରତିଶତ ଟିକାକରଣ କରିବାକୁ ସଚିବ ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ମୋଟ ୪ଟି ପର୍ଯ୍ୟାୟରେ ରାଜ୍ୟରେ ଟିକାକରଣ କରାଯାଇ ଅନ୍ୟ ସମସ୍ତ ଜିଲାକୁ ଅନ୍ତର୍ଭୁକ୍ତ କରାଯିବ। ମିଶନ ଇନ୍ଦ୍ରଧନୁଷ-୨ର ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ୨୦୨୦ ଜାନୁୟାରୀ ୬ରୁ ଆରମ୍ଭ ହେବ। ସେହିଭଳି ଫେବୃୟାରୀ ୩ରେ ତୃତୀୟ ଓ ମାର୍ଚ୍ଚ ୨ରେ ଚତୁର୍ଥ ପର୍ଯ୍ୟାୟ ଟିକାକରଣ କରାଯିବ। ଅଭିଜ୍ଞତା ଆଧାରରେ ଏହି ମିଶନର ସଫଳତା ଲାଗି ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଜିଲା ସ୍ତରରେ ତାଲିମ ଦିଆଯିବ। ଟିକାଦାନ ପାଇଁ ହିତାଧିକାରୀଙ୍କୁ ଚିହ୍ନଟ କରାଯିବା ସହିତ ସେମାନେ ଯେଭଳି ସମସ୍ତେ ଟିକା ନେବେ ସେଥିପାଇଁ ସ୍ୱାସ୍ଥ୍ୟକର୍ମୀମାନେ ତୃଣମୂଳ ସ୍ତରରେ ଉଦ୍ୟମ କରିବେ। ଦୁଇବର୍ଷରୁ କମ୍ ବୟସର ଶିଶୁ ଓ ଗର୍ଭବତୀ ମହିଳା ଯେଭଳି ନିଶ୍ଚିତ ଭାବେ ଟିକା ନେବେ ତାହା ଉପରେ ଶାଳିନୀ ପଣ୍ଡିତ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ଥିବା ସମସ୍ତ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ମିଶନ ଇନ୍ଦ୍ରଧନୁଷ୍-୨ ରେ ସାମିଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତଙ୍କୁ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ମିଶନ ତରଫରୁ ଅଫିସରଙ୍କ ଲାଗି ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଟିକାଦାନ ପାଇଁ ଯୋଗ୍ୟ ବିବେଚିତଙ୍କୁ ଚିହ୍ନଟ ସହିତ ସେମାନଙ୍କର ସମସ୍ତ ସୂଚନା ମିଶନ ଇନ୍ଦ୍ରଧନୁଷ୍ ପୋର୍ଟାଲରେ ଅପଲୋଡ୍ କରିବା ପାଇଁ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି।




ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଶାଳିନୀ ପଣ୍ଡିତ ଟିକାକରଣ ସଂକ୍ରାନ୍ତରେ ସମୀକ୍ଷା କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବନିର୍ବାଚିତ ଜିଲା ପରିଷଦ ସଦସ୍ୟ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**
ସଦ୍ୟ ସମାପ୍ତ ହୋଇଥିବା ଜିଲା ପରିଷଦ ଉପନିର୍ବାଚନରେ ବିଜୟୀ ୨ ସଦସ୍ୟ ଶନିବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ନବୀନ ନିବାସରେ ପୂର୍ବାହ୍ନରେ ବିଜୟୀ ସଭ୍ୟ ନିଜ ନିଜ ସମର୍ଥକଙ୍କ ସହ ଉପସ୍ଥିତ ରହିଥିଲେ। ବିଜେଡି ସଭାପତି ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ୍ ଦେଇଥିବାରୁ ଉଭୟେ ତାଙ୍କୁ ଧନ୍ୟବାଦ ଦେଇଥିଲେ। ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ସବୁ ସମୟରେ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

{ ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ଯୁବତୀଙ୍କ ଆତ୍ମହତ୍ୟା

**ପାତ୍ରପୁର, ୩୦।୧୧(ଡି.ଏନ୍.ଏ.)**– ଜରଡ଼ା ଥାନା ସାମନ୍ତରାପୁର ଗ୍ରାମରେ ଶନିବାର ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଦୀପା ପ୍ରଧାନ (୨୨)। ଏ ନେଇ ନଂ. ୧୧/୧୯ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦୀପା କଲେଜ୍‌ରୁ ଫେରିଲା ପରେ ଘରେ କେହି ନ ଥିବାର ସୁଯୋଗ ନେଇ ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଥିଲେ। ଜରଡ଼ା ପୋଲିସ୍ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପାତ୍ରପୁର ମେଡିକାଲକୁ ପଠାଇଛି।

Annexure-I

**GRAMIN KRISHI MAUSAM SEWA**
**ODISHA UNIVERSITY OF AGRICULTURE AND TECHNOLOGY**
**BHUBANESWAR -751 003**

**Walk-in-Written Test**

**No. 1608** **Date.30.11.2019**

A walk-in written test will be conducted on 27th December 2019 at 11 AM followed by walk-in-interview for the contractual engagement of four number of Meteorological Observers to be posted at Semiliguda, Malkangiri, Bhawanipatna & Ranital AMFUs in the Gramin Krishi Mausam Seva project implemented under IMD, New Delhi. The top 20 candidates will be eligible to appear the interview to be conducted on 8th January 2020.

| Sl# | Particulars | Eligibility | Emoluments (Rs.) |
|---|---|---|---|
| 01 | Meteorological Observers, GKMS (100% GOI) | **Essential Qualification:** A. 12th class pass in any discipline with basic knowledge of computer application. **Desirable:** 2-5 Year Experience in Meteorological data handling/processing. | Scale 5,200/- + GP 2,000/- plus DA and HRA |

The details about written test, interview and general instructions to the candidates can be downloaded from OUAT website (www.ouat.nic.in). The posts are contractual, Co-terminus with the project or before the termination of the project as the case may arise. No TA/DA shall be provided for attending the written test.

**Tel: +91 674 2397186/2397046**

**Agrometeorologist& PNO**



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।

- ଗୋଲ୍ଡସ୍ମିଥ

## ସଂକ୍ଷେପରେ

### କୋଇଲା ଉତ୍ପାଦନରେ ଏମ୍‌ସିଏଲର ରେକର୍ଡ

**୫.୬୪ ଟନ କୋଇଲା ଉତ୍ପାଦନ**

ସମ୍ବଲପୁର, ୩୦।୧୧ (ବ୍ୟୁରୋ): ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ନଭେମ୍ବର ୨୯ ତାରିଖରେ ୫.୬୪ ଟନ କୋଇଲା ଉତ୍ପାଦନ କରି ନୂତନ ରେକର୍ଡ ସୃଷ୍ଟି କରିଛି । କମ୍ପାନୀ ଆରମ୍ଭ ହେବା ଦିନଠାରୁ ନଭେମ୍ବର ମାସ ଗୋଟିଏ ଦିନରେ କେବେବି ସର୍ବାଧିକ କୋଇଲା ଉତ୍ପାଦନ କରି ନ ଥିଲା । ତେଣୁ ୫.୬୪ ଟନ କୋଇଲା ଉତ୍ପାଦନ କରି ନୂତନ ଇତିହାସ ସୃଷ୍ଟି କରିଛି । ଗୋଟିଏ ଦିନରେ ସର୍ବାଧିକ କୋଇଲା ଉତ୍ପାଦନରେ ତାଳଚେରର ଜଗନ୍ନାଥ କ୍ଷେତ୍ର, ଲିଙ୍ଗରାଜ କ୍ଷେତ୍ର, ହିଙ୍ଗୁଳା କ୍ଷେତ୍ର ଓ କଣିହାଁ କ୍ଷେତ୍ର ସହ ଇବ୍ କୋଲଫିଲ୍‌ଡ୍‌ର ଲଖନପୁର କ୍ଷେତ୍ର, ସୁନ୍ଦରଗଡର ବସୁନ୍ଧରା କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି । କମ୍ପାନୀ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ସମସ୍ତ ଟିମକୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଆଗାମୀ ଦିନରେ ଏପରି ନୂତନ ରେକର୍ଡ ଜାରି ରହିବ ବୋଲି ସୂଚୀତ କରିଛନ୍ତି ।

### ୪ ଗାଡିରୁ ବ୍ୟାଟେରି ଚୋରି

ଦେବଗଡ,୩୦।୧୧(ଡି.ଏନ.ଏ.) ଦେବଗଡ ପୌରାଞ୍ଚଳ ଅଧୀନ ନିଳବେର୍ଣ୍ଣୀସାହି, ମଠସାହି ସମେତ ତିଲେଇବଣି ବ୍ଲକ କୁରଡ ଗ୍ରାମରୁ ଶୁକ୍ରବାର ୪ଟି ଗାଡିରୁ ବ୍ୟାଟେରୀ ଚୋରି ହୋଇଥିବା ଜଣାପଡିଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଶୁକ୍ରବାର ରାତିରେ ମଠସାହିର ମୁନୁ ମେହେରଙ୍କ ୨ଟି ପିକଅପ୍‌ଭ୍ୟାନରୁ ବ୍ୟାଟେରୀ ଚୋରି ହୋଇଥିବା ସକାଳେ ଜାଣିବାକୁ ପାଇଥିଲେ। ସେହିପରି କୁରଡ ଗ୍ରାମର ଉଦୟ୍ ନାଥ ସାହୁଙ୍କ ଅଟୋରିକ୍ସାଟିକୁ ଘର ଅଗଣାରେ ରଖିଥିବା ବେଳେ ସକାଳେ ଉକ୍ତ ଅଟୋରିକ୍ସାରୁ ବ୍ୟାଟେରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦେବଗଡ ପୌରାଞ୍ଚଳ ନିଳବେର୍ଣ୍ଣୀସାହିର ୨ଟି ଟ୍ରାକ୍ଟରରୁ ମଧ ବ୍ୟାଟେରୀ ଚୋରି ହୋଇଥିବା ସୂଚନା ମିଳିଛି।

ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି

# ଦେବଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ବନ୍ଦ ପାଳନ ଶେଷ

**ଦେବଗଡ,୩୦।୧୧(ଡି.ଏନ.ଏ.)**

ପଶ୍ଚିମ ଓଡିଶାର ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଦେବଗଡ ଜିଲା ଓକିଲ ସଂଘ ପକ୍ଷରୁ ଗତ ଗୁରୁବାରଠାରୁ ଚାଲିଥିବା ୩ ଦିନିଆ ବନ୍ଦପାଳନ ଶନିବାର ଶେଷ ହୋଇଛି । ଦେବଗଡ ଜିଲା ଓକିଲ ସଂଘ ସଭାପତି ରାଜୀବ ଲୋଚନ ପ୍ରଧାନ, ଉପସଭାପତି ବିକାଶ କୁମାର ପ୍ରଧାନ ଓ ସମ୍ପାଦକ ତରଣୀକାନ୍ତ ଦାଶଙ୍କ ନେତୃତ୍ୱରେ ସଂଘ ସମସ୍ତ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ମିଳିତ ଭାବେ ପିକେଟିଂ କରିବା ସହ ଜିଲାଜଜ୍ ଓ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ଅଟକାଇବାରୁ ସେମାନେ ଫେରିଯାଇଥିଲେ। ସେହିପରି ସମସ୍ତ କାର୍ଯ୍ୟାଳୟ ଓ ବ୍ୟାଙ୍କ, ପୋଷ୍ଟ ଅଫିସଗୁଡିରେ ପିକେଟିଂ କରି ବନ୍ଦ କରିଥିଲେ। ଫଳରେ ଜିଲାପାଳ ଓ ଜିଲାଜଜ୍‌ଙ୍କ କାର୍ଯ୍ୟାଳୟ ସମେତ ଜିଲାର ସମସ୍ତ କାର୍ଯ୍ୟାଳୟ, କୋର୍ଟ କଚେରି, ବ୍ୟାଙ୍କ ଓ ପୋଷ୍ଟ ଅଫିସ ଆଦି ବନ୍ଦ ରହିଥିଲା। ଦୋକାନ ବଜାର, ସ୍କୁଲ କଲେଜ ଓ ଯାନବାହନ ଚଳାଚଳକୁ ଏହି ବନ୍ଦପାଳନରୁ ବାଦ ଦିଆଯାଇଥିଲା।



ଆଇନଜୀବୀମାନେ ଜିଲାଜଜ୍ ଓ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ବନ୍ଦ ସଫଳ ପାଇଁ ଅନୁରୋଧ କରୁଛନ୍ତି ।

# ୨ରେ ଗାନ୍ଧୀ ମହୋତ୍ସବ

**ସମ୍ବଲପୁର, ୩୦।୧୧ (ବ୍ୟୁରୋ)**

ଜାତୀୟ ଜନକ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଗାନ୍ଧୀ ମହୋତ୍ସବ ନଭେମ୍ବର ୨ ତାରିଖ ସମ୍ବଲପୁର ଦଧିବାମନ କଲ୍ୟାଣ ମଣ୍ଡପଠାରେ ହେବ । ସେଦିନ ମହାନ୍ତିପଡାରୁ ଛାତ୍ରୀଛାତ୍ରମାନେ ପ୍ରଭାତ ଫେରିରେ ସାମିଲ ହେବେ। ସକାଳ ୭ଟାରେ ହାୱା ମଇଦାନ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ । ପୂର୍ବାହ୍ନ ୯ଟାରେ ଦୁର୍ଗାପାଲି ସ୍ଥିତ ଶ୍ରୀ ଶ୍ରୀ ଗୁଡେଶ୍ୱର ମନ୍ଦିର ଅଞ୍ଚଳ ସାମୁହିକ ସଫେଇ କରିବା କାର୍ଯ୍ୟକ୍ରମ ରହିଛି । ଏହାପରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯିବ । ସନ୍ଧ୍ୟା ୫ଟାରେ ଦଧିବାମନ କଲ୍ୟାଣ ମଣ୍ଡପଠାରେ ସାଧାରଣ ସଭା କରାଯିବାକୁ ସ୍ଥିର ହୋଇଛି । ଏହି ଅବସରରେ ବିବିଧ ପ୍ରତିଯୋଗୀତାର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ଶନିବାର ମାତା ମଠଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦୟାସାଗର ବହିଦାର ସ୍ମୃତି କମିଟି କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି । ସ୍ମୃତି କମିଟି ସଭାନେତ୍ରୀ ପ୍ରମିଳା ବହିଦାର, ସମ୍ପାଦକ ଅଶୋକ ସେନାପତି, ଉପସଭାପତି ଡ. ଲକ୍ଷ୍ମୀନାରାୟଣ ରଥ ଓ ସଭ୍ୟ ହେମନ୍ତ କୁମାର ମହାପାତ୍ର ଖବରଦାତାଙ୍କୁ ମହୋତ୍ସବ ବିଷୟରେ କହିଥିଲେ ।



ଶନିବାର ସମ୍ବଲପୁରରେ ହେବାକୁଥିବା ଗାନ୍ଧୀ ମହୋତ୍ସବ ବିଷୟରେ ଆୟୋଜକ କର୍ମକର୍ତ୍ତାମାନେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

## ଏମସିଏଲର ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ

**ସମ୍ବଲପୁର, ୩୦।୧୧ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ର ନିଯୁକ୍ତି ପରୀକ୍ଷା ଯୋଗ୍ୟତା ଓ ପାରଦର୍ଶିତା ଭିତ୍ତିରେ ହୋଇଥାଏ । ରାଜ୍ୟ ସରକାରଙ୍କ ପୁର୍ନଃବାସ ଓ ଥଇଥାନ ନୀତିରେ କ୍ଷତିପୂରଣ ଦେବାସହ ନିଯୁକ୍ତି ମଧ ଦିଆଯାଇଥାଏ। ଅଣକୁଶଳିରୁ କୁଶଳି କରିବାକୁ କମ୍ପାନୀ ମାଗଣାରେ ତାଲିମ ଦେଇଥାଏ । ଏହାସହିତ ମାସିକ ଦରମା ମଧ ଦିଏ । ତେଣୁ ଏମ୍‌ସିଏଲ୍‌ରେ ଜମି ହରାଉଥିବା ପ୍ରଜାମାନେ ପ୍ରକୃତ ପକ୍ଷେ ଭୂମିପୁତ୍ର ଅଟନ୍ତି । ସେମାନେ ଉପଯୁକ୍ତ ତାଲିମ ନେବାପରେ, ଯୋଗ୍ୟତା ଭିର୍ତ୍ତିରେ କମ୍ପାନୀ ଅବସ୍ଥାପିତ କରିଥାଏ । ଶନିବାର ଏମସିଏଲ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ବିବୃତିରେ ଏହି ସୂଚନା ଦିଆଯାଇଛି । ନିକଟ ଅତୀତରେ ମାଇନିଂ ସରକାର ପଦବୀ ସକାଶେ ବିଜ୍ଞପ୍ତ ପ୍ରକାଶ କରାଯାଇଥିଲା । ଏହି ପଦବୀ ଲାଗି ଓଡିଶା ସମେତ ବିଭିନ୍ନ ରାଜ୍ୟର ଯୁବକମାନେ ଲିଖିତ ପରୀକ୍ଷା ଦେଇଥିଲେ । ଏହା ପରୀକ୍ଷାର ସ୍ୱଚ୍ଛତା ଓ ପାଦର୍ଶିତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଉପଲବ୍ଧ ରହିଥିଲା । ପ୍ରଶ୍ନପତ୍ର ଖୋଲା ହେବାଠାରୁ ପରୀକ୍ଷା ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକଟି ଭିଡିଓ ରେକର୍ଡିଂ କରାଯିବା ସହ ଫଟୋ ଉତ୍ତୋଳନ କରାଯାଇଥିଲା ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଦେଉଥାଏ ପରକୁ**
**ବୁଦ୍ଧି ନ ଦିଶଇ ଘରକୁ ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକେ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଅ ନନ୍ଦ !**
**କିଏ ଜାଣିଥିଲା ଏତେ ଛନ୍ଦ ।**

କାହାର କେଉଁ ଗୁଣ ଅଛି ତା' ସହ ମିଳାମିଶା ନ କଲେ ଜଣାପଡ଼େ ନାହିଁ। ଅନ୍ତରର ଭାବ ବୁଝିବା ନିହାତି କଷ୍ଟକର। ସବୁ ଭିତିରି କଥା, ଭିତିରି ଉଦ୍ଦେଶ୍ୟ ଓ ରହସ୍ୟ ଆଗରୁ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଗୁଣାତ୍ମକ ଶିକ୍ଷାର ଅନୁଧାନ କଲେ ଅଧିକାରୀ



ଅଧିକାରୀମାନେ ଅଚାନକ ପରିଦର୍ଶନ କରୁଛନ୍ତି ।

**ଦେବଗଡ଼,୩୦।୧୧(ଡି.ଏନ.ଏ.)**

ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ସହିତ ଶିକ୍ଷାରମାନ ବୃଦ୍ଧି ଏବଂ ଶୈକ୍ଷିକ ବାତାବରଣ ନିମନ୍ତେ ଭିତିଭୂମି ତଦାରଖ ପାଇଁ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ଗତ ଜୁନ୍‌ଠାରୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଯେଉଁଥିରେ ବିଦ୍ୟାଳୟରେ ଥିବା ଦୁର୍ବଳ ଛାତ୍ରୀଛାତ୍ରମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଶ୍ରେଣୀ ଉପଯୋଗୀ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସହ ମାସିକିଆ ପରୀକ୍ଷା ମାଧମରେ ବିଷୟବସ୍ତୁ ଉପରେ ପିଲାମାନଙ୍କ ଜ୍ଞାନ ବୃଦ୍ଧି କରାଯିବା ପ୍ରୟାସ କରାଯାଉଛି। ଏହି କାର୍ଯ୍ୟକ୍ରମର ଅଂଶସ୍ୱରୁପ ଜିଲାପାଳ ଜିଲାସ୍ତରୀୟ ଅଧିକାରୀମାନଙ୍କ ଏକ ଦଶ ଜଣିଆ ଟିମ୍ ଗଠନ କରିଛନ୍ତି । ଏହି ଅଧିକାରୀମାନେ ସପ୍ତାହର ଗୋଟିଏ ଦିନ ଜିଲାର ବିଭିନ୍ନ ସୀମାନ୍ତ ଏବଂ ଆଭ୍ୟନ୍ତରିଣ ଅଞ୍ଚଳକୁ ଯାଇ ବିଦ୍ୟାଳୟଗୁଡ଼ିକୁ ଅଚାନକ ପରିଦର୍ଶନ କରି ଶିକ୍ଷକମାନଙ୍କ ଶିକ୍ଷାଦାନ ଶୈଳୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଯୋଗୀତା ଭାବନା ସମ୍ପର୍କରେ ଅନୁଧାନ କରୁଛନ୍ତି। ଏହି ଅଧିକାରୀମାନେ ଗତ ସପ୍ତାହର ୨୨ ତାରିଖ ଏବଂ ଚଳିତ ସପ୍ତାହରେ ୨୯ ତାରିଖରେ ବିଦ୍ୟାଳୟଗୁଡ଼ିକୁ ପରିଦର୍ଶନ କରି ସେମାନଙ୍କ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ୨୯ ତାରିଖରେ ଏହି ଦଶ ଜଣିଆ ଟିମ୍ ବାରକୋଟ ବ୍ଲକ ଦଣ୍ଡାସିଂହା, ଝରାକଣ୍ଡେଲ, ଗୁରୁସଂଗ ଓ ଖଜୁରୀଖମଣ କ୍ଲଷ୍ଟର, ରିଆମାଳ ବ୍ଲକର ତାରଙ୍ଗ, ବୁଡ଼ାପାଳ ଏବଂ ଚଢ଼େଇମରା କ୍ଲଷ୍ଟର ତଥା ତିଲେଇବଣି ବ୍ଲକ ଝରାଗୋଗୁଆ, ସୁଗୁଡ଼ା ଓ ଧୁବୁଲିପଥର କ୍ଲଷ୍ଟରରେ ଥିବା ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଅଧିକାରୀମାନଙ୍କ ପରିଦର୍ଶନ ରିପୋର୍ଟ ଭିତିରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ଜିଲା ପ୍ରଶାସନ ଏଭଳି କାର୍ଯ୍ୟକ୍ରମ ଶିକ୍ଷକ ମହଲରେ ସେମାନଙ୍କ ଦାୟିତ୍ୱ ପ୍ରତି ସଚେତନତା ସୃଷ୍ଟି କରିଥିବା ବେଳେ ଅଭିଭାବକ ମହଲ ଏହାକୁ ସ୍ୱାଗତ କରିଛନ୍ତି ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 – 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113, 9337594620
CORRESPONDENCE COURSE ALSO AVAILABLE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397, 9953959390

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494, 7496805598


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



ଅତିଥିଙ୍କ ଗହଣରେ ମ୍ୟାଚ୍‌ର ଖେଳାଳିବୃନ୍ଦ ।

# ଫୁଟବଲ: ଖେଦାପାଲି ଚାମ୍ପିୟନ

**ବରଗଡ଼ ଅଫିସ୍,୩୦।୧୧**

ବରଗଡ଼ ବ୍ଲକ ଅନ୍ତର୍ଗତ ଉଲ୍‌ବାଠାରେ ୨୧ତମ ସୁନୀଲ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଡୁରୁଙ୍ଗା, ବ୍ରାହ୍ମଣୀପାଲି, କେନ୍ଦମୁଣ୍ଡି, ଖେଦାପାଲି, ଲୁହୁରାଚଟି, ନୂଆପଡ଼ା, ବାବେବିରା, ବଡ଼ମାଲ ଦଳ ଅଂଶଗ୍ରହଣ କରିଥିଲେ । ବଡ଼ମାଲ ଓ ଖେଦାପାଲି ଫାଇନାଲକୁ ଉନ୍ନୀତ ହୋଇଥିଲେ । ଫାଇନାଲରେ ଖେଦାପାଲି ପ୍ରତିପକ୍ଷ ବଡ଼ମାଲକୁ ୨-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି । ପ୍ରତିଯୋଗିତାକୁ ବାସୁଦେବ ଦାଶ ଉଦଘାଟନ କରିଥିଲେ । ଉଦଯାପନୀ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ । ସେହିପରି ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାଏକ, ଗୋବିନ୍ଦପୁର ପଞ୍ଚାୟତର ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ଏବଂ ଅନ୍ୟ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଗ୍ରାମର ବରିଷ୍ଠ ନାଗରିକ ଯୋଗୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହକୁ ଶିକ୍ଷକ ମଦନ ବିଶି ସଂଯୋଜନା କରିଥିଲେ । ଗୋଲାପ ସାହୁ, ଉମେଶ ସାହୁ, ଗୌରଚନ୍ଦ୍ର ବିଶ୍ୱାଳ, ରାମ ବିଶ୍ୱାଳ, ଶଶିଭୂଷଣ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ମହିଳା ତାଲିମ କାର୍ଯ୍ୟକ୍ରମ

**ସମ୍ବଲପୁର, ୩୦।୧୧ (ବ୍ୟୁରୋ)**

ଝାରସୁଗୁଡା ସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ମହିଳାଙ୍କ ବିକାଶ ନିମନ୍ତେ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବା ଚାଷ, ଉନ୍ନତ ଓ ଆଧୁନିକ କୃଷୀ ପ୍ରଣାଳୀ, ଗୋ-ପାଳନ, କୁକୁଡା ଚାଷ ଓ ଛେଳି ଚାଷ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ବେଦାନ୍ତର ଶୁଭଲକ୍ଷ୍ମୀ ମହିଳା ସମବାୟ ସମିତିର ୨୫୦ଜଣ ଯୋଗଦେଇଥିଲେ । କମ୍ପାନୀ ସିଏସଆର ମୁଖ୍ୟ ସୁନ୍ଦର ରାଜ ଯୋଗଦେଇ କହିଲେ, ଏହାଦ୍ୱାରା ଛୋଟ ଓ କ୍ଷୁଦ୍ର ଶିଳ୍ପ ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ସବୁବେଳେ କାର୍ଯ୍ୟକ୍ରମ କରି ଆସୁଛି ବୋଲି ସେ କହିଥିଲେ ।



ବେଦାନ୍ତ କମ୍ପାନୀ ଆୟୋଜିତ ମହିଳା ତାଲିମ କାର୍ଯ୍ୟକ୍ରମରେ ପ୍ରତିନିଧିମାନେ ପରିବା ଚାଷ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।




ଶନିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ସଂଗୀତ ସନ୍ଧ୍ୟାରେ ବିଭୁତିଭୂଷଣ ମିଶ୍ର ଓ ସୁନନ୍ଦା ପାଣିଗ୍ରାହୀ ସଂଗୀତ ଗାନ କରୁଛନ୍ତି ।

# ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ସଙ୍ଗୀତ କାର୍ଯ୍ୟକ୍ରମ

**ସମ୍ବଲପୁର, ୩୦।୧୧ (ବ୍ୟୁରୋ)**

ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନଠାରେ ସଂଗୀତ କାର୍ଯ୍ୟକ୍ରମ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଗୀତ ଜଗତର ପ୍ରସିଦ୍ଧ କଣ୍ଠଶିଳ୍ପୀ ମହମ୍ମଦ ରଫି, କିଶୋର କୁମାର, ହେମନ୍ତ କୁମାର, ଲତା ମଙ୍ଗେସକର୍, ଜଗଜିତ ସିଂ, ମାନ୍ନା ଦେ, ବାପି ଲେହେରୀ, ଉଦିତ ନାରାୟଣ, କୁମାର ସାନୁ ଓ ମୁକେଶ ଗାଇଥିବା ଚିରସବୁଜ ଗୀତଗୁଡିକୁ ନବୀନ ଓ ପ୍ରବୀଣ କଣ୍ଠଶିଳ୍ପୀମାନେ ଗାନ କରିଥିଲେ । ବିଭୁତିଭୂଷଣ ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ଶ୍ରୀନୁ ଦାଶ, ଅଙ୍ଗନ ସାୟେଦେଓ, ବେଣୁମାଧବ ପଣ୍ଡା, ପ୍ରଶାନ୍ତ ମିଶ୍ର, ସୁଜିତ ଚୌଧୁରୀ, ଅଙ୍କିତ ଦାଶ, ଅଂଶ ପାଣିଗ୍ରାହୀ, ସୁଭଶ୍ରୀ ବିଶ୍ୱାଳ, ସୁନନ୍ଦା ପାଣିଗ୍ରାହୀ ଗୀତ ଗାଇଥିଲେ ।


## PANCHAYAT SAMITI OFFICE, KOIRA

Ph.: 06625-235026, E-mail: ori-koira@nic.in

### SHORT TENDER CALL NOTICE

No.: 1953 Dt.30.11.2019

The B.D.O., Koira on behalf of Govt. of Odisha, P.R. Deptt., Odisha, Bhubaneswar invites sealed tender in conformity with the Detailed Tender Call Notice from Registered Contractor of R&B/NH/MI/Irrigation/PWD/ Electrical (HT) of specified Class as noted against each work to be eventually drawn up in PWD P1 agreement form in conformity with the Detail Tender Call Notice. The bidders may submit bid for the following works with detailed particulars noted bellow.

| Sl. No. | Name of the Work | Estimated Cost (Rs.) | Tender Value (Rs.) | Cost of Tender Documents (Rs.) | EMD (Rs.) | Period of Com-pletion | Class of Con-tractor |
|---|---|---|---|---|---|---|---|
| 1 | Construction of Guard Wall at Dengula Nalla near Kalyan Mandap cum info theater at Dengula GP | 2235000/- | 1995901/- | 6000/- | 23000/- | 4 Calendar Months | C & B |
| 2 | Construction of CC Road from Church to Anganwadi 3 No. Zone at Village - Tensa, Tensa GP | 4700000/- | 4196778/- | 6000/- | 47000/- | 5 Calendar Months | B & A |
| 3 | Construction of CC Road from UGUP School to Post Office at Village - Tensa, Tensa GP | 3504000/- | 3128595/- | 6000/- | 36000/- | 4 Calendar Months | C & B |
| 4 | Improvement of Road from Main Road to Bahamba Basti at Village - Bahamba Basti, Tensa GP | 4787000/- | 4274464/- | 6000/- | 48000/- | 5 Calendar Months | B & A |
| 5 | Construction of CC Road from Idris House to B Zone at Village - Bahamba, Tensa GP | 4758000/- | 4248235/- | 6000/- | 48000/- | 5 Calendar Months | B & A |
| 6 | Construction of CC Drain from Main Road to Thapa Basti at Village - Tensa, Tensa GP | 3603000/- | 3217140/- | 6000/- | 37000/- | 4 Calendar Months | C & B |
| 7 | Improvement of Play field at Patamunda (Boundary Wall) at Village - Patamunda, Patamunda GP | 1116000/- | 997011/- | 6000/- | 12000/- | 2 Calendar Months | D & C |
| 8 | Construction of Boundary Wall in Madan Mohan High School at Village - Patamunda, Patamunda GP | 3023000/- | 2699811/- | 6000/- | 31000/- | 4 Calendar Months | C & B |
| 9 | Construction of CC Road from Weekly Market Chowk to Mini Stadium | 2818000/- | 2516833/- | 6000/- | 29000/- | 4 Calendar Months | C & B |
| 10 | Construction of Boundary Wall at Kadamdihi School at Village - Kadamdihi, Patamunda GP | 1583000/- | 1413855/- | 6000/- | 16000/- | 2 Calendar Months | D & C |
| 11 | Construction of Boundary Wall at Mithirda School at Village - Mithirda, Patamunda GP | 756000/- | 674991/- | 4000/- | 8000/- | 2 Calendar Months | D & C |
| 12 | Construction of Boundary Wall at Sanua School at Village - Sanua, Patamunda GP | 836000/- | 746568/- | 4000/- | 9000/- | 2 Calendar Months | D & C |
| 13 | Construction of Boundary Wall at Kriakudar School, at Village - Kriyakudar, Patamunda GP | 1072000/- | 957147/- | 6000/- | 11000/- | 2 Calendar Months | D & C |
| 14 | Construction of Market Complex at Badbalijore at Village - Badbalijore, Soyamba GP | 1757000/- | 1569121/- | 6000/- | 18000/- | 4 Calendar Months | D & C |
| 15 | Development of Koira Mini Stadium (Boundary Wall) at Village - Koira, Koira GP | 4028000/- | 3971663/- | 6000/- | 41000/- | 6 Calendar Months | B & A |
| 16 | Improvement of Play Ground (Boundary Wall) at Kadodiha, Koira GP | 2412000/- | 2153990/- | 6000/- | 25000/- | 4 Calendar Months | C & B |
| 17 | Construction of additional Class Room at Orahuri UP School at Village - Koira, Koira GP | 1906000/- | 1702502/- | 6000/- | 20000/- | 4 Calendar Months | D & C |
| 18 | Development of Koira Weekly Market at Village - Koira, Koira GP | 4548000/- | 4061377/- | 6000/- | 46000/- | 8 Calendar Months | B & A |
| 19 | Construction of additional Class Room & Common Room at Koira Degree College at Village - Koira, Koira GP | 4091000/- | 3653070/- | 6000/- | 41000/- | 8 Calendar Months | B & A |
| 20 | Completion of CC Road from Koira PS to Langaleswar Temple at Village - Koira, Koira GP | 1031000/- | 920694/- | 6000/- | 11000/- | 2 Calendar Months | D & C |
| 21 | Construction of CC Road from Azad Basti to Koira Weekly Market at Village - Koira, Koira GP | 4632000/- | 4135796/- | 6000/- | 47000/- | 5 Calendar Months | B & A |
| 22 | Repairing with widen of CC Road from Koira PS Chowk to OMM Chowk at Village - Koira, Koira GP | 4305000/- | 3843967/- | 6000/- | 44000/- | 5 Calendar Months | B & A |
| 23 | Construction of Culvert at Dhublabeda Road at Village - Koira, Koira GP | 1209000/- | 1080068/- | 6000/- | 13000/- | 3 Calendar Months | D & C |
| 24 | Construction of CC Road from Mirga House to Dalmakudar at Village - Jhirpani, Kalta GP | 3540000/- | 3161310/- | 6000/- | 36000/- | 4 Calendar Months | C & B |
| 25 | Const. of CC Road from Gangadhar house to Hariman House at Village - Kamondo, Kalta GP | 1533000/- | 1369427/- | 6000/- | 16000/- | 3 Calendar Months | D & C |
| 26 | Construction of CC Road with Culvert and Drain from NH - 215 to Binjadihi at Village - Toda, Kalta GP | 1605000/- | 1433892/- | 6000/- | 17000/- | 3 Calendar Months | D & C |
| 27 | Construction of CC Road with Guard Wall from Karanjtola to Toda Bhuyan Sahi at Village - Toda, Kalta GP | 3270000/- | 2919815/- | 6000/- | 33000/- | 4 Calendar Months | C & B |
| 28 | Construction of Additional Class Room 3 Nos., at Kalta UGME School at Village - Kalta, Kalta GP | 1909000/- | 1705227/- | 6000/- | 20000/- | 5 Calendar Months | D & C |
| 29 | Construction of CC Road from Amliam to Jalibahal at Village - Sanpatuli, Patamunda GP | 1320000/- | 1179047/- | 6000/- | 14000/- | 3 Calendar Months | D & C |
| 30 | Construction of Additional Class Room 2 Nos. at Kalta High School at Village - Kalta, Kalta GP | 1829000/- | 1633094/- | 6000/- | 20000/- | 5 Calendar Months | D & C |
| 31 | Construction of CC Road from Santosh Lamga House to Roman Church at Village - Toda, Kalta GP | 845000/- | 755082/- | 6000/- | 85000/- | 2 Calendar Months | D & C |
| 32 | Construction of Boundary Wall at Ranisal School at Village - Ranisal of Patmunda GP | 1283000/- | 942855/- | 6000/- | 13000/- | 2 Calendar Months | D & C |
| 33 | Construction of CC Road from Kulamani House to Purandra House of Village - Sanua of Patmunda GP | 1013000/- | 446420/- | 6000/- | 11000/- | 2 Calendar Months | D & C |

**TERMS AND CONDITIONS:** 1. The sale of the Bid document shall start after the date of publication in Newspaper during office hour in the Office of the Panchayat Samiti, Koida, Sundargarh only through Bank Draft/Account Deposit in favour of BDO, Koira. 2. The bid documents will be available from Dt.02.12.2019 to Dt.12.12.2019 in Office of the BDO, Koira from 11 A.M. to 5.30 P.M. on working days. Bids shall be received in the Office of the Panchayat Samiti Office, Koida, Sundargarh till Dt.13.12.2019 upto 03.00 P.M. through Registered Post/Speed Post or directly put to tender box at Block Office, Koira. The authority will not be held responsible for postal delay in the delivering of the documents or non-receipt of the same. 3. The tender will be opened in the Office of the Panchayat Samiti, Koida, Sundargarh at 11.00 A.M. on Dt.17.12.2019 (working day) in presence of the bidders or their authorized representatives. 4. The undersigned reserves the right to negotiate or reject any or all the tenders in the interest of the Govt. with or without assigning any reason thereof. Any dispute in this matter will be settled up under the Jurisdiction of Sundargarh district only. 5. The additional performance security shall be obtained from the bidder when the bid amount is less than the bid put to tender. In such an event, only the successful bidder who has quoted less bid price/rates than the bid cost put to tender shall have to furnish the exact amount of differnetial cost i.d. bid cost put to tender - (minus) the quoted amount as Additional Performance Security (APS) in shape of Demand Draft/Term Deposit receipt pledged in favour of B.D.O., Koida within seven days, otherwise the bid shall be cancelled and the security deposit shall be forfeited. Further proceeding for blacklisting shall be initiated against the such bidder.

**DOCUMENTS TO BE SUBMITTED:** The tender is to be submitted in one cover is to contain:- a) EMD pledged in favour of Block Development Officer, Koira, b) Signed DTCN, c) Price bid duly filled in and signed by the tenderer, d) Attested copy of GST Registration Certificate & Service Tax registration issued by competent authority, e) Attested Xerox copy of PAN Card, f) Xerox copy of valid contractor registration certificate, g) Xerox copy of caste certificate in case of SC/ST contractor desirous of availing preference certificates duly filled-in and documents required as per the relevant clauses of this DTCN and special conditions if any. The cover is to be sealed and superscribed as the bid of the works as mentioned in column No. 2 of the tender call notice.

**Sd./- Block Development Officer, Koira**



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ଶୁଭେଚ୍ଛା ଜଣାଉଛି ସତ୍ୟ ସମ୍ବଳିତ ସମ୍ବାଦ ପରିବେଷଣ କରି ଓଡ଼ିଶାର ପୁରପଲ୍ଲୀରେ ସର୍ବ ଜନାଦୃତ ହୋଇପାରିଛି, ଆଶା କରୁଛି ଏହିପରି ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରି ଆହୁରି ଆଗକୁ ବଢିବା ସହିତ ଏକ ନୂତନ ଦିଗନ୍ତର ସନ୍ଧାନ ଦେବ।



**ଅଧକ୍ଷ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ, କଟକ**



## SAMBALPUR UNIVERSITY

Jyoti Vihar-768019, Dist.: Sambalpur (Odisha)
www.suniv.ac.in

No. 7636/Estt-I Dt.: 28.11.2019

### NOTIFICATION

Nominations in plain paper are invited from Recognized Organizations working in the fields of Social Culture / Literary/ Educational/ Science & Technological and other such areas of distinction for the Felicitation of person(s) belonging to the territorial Jurisdiction of Sambalpur University on occasion of Celebration of Day 53rd **Foundation Day** of this University.

Persons, So Nominated should be distinguished in their field and should have remarkable contribution for development of Literature, Art, Culture, Education, Science, Technology, Social work, Games & Sports and others such fields.

While sending the nomination on through registered post / Special Messenger, Bio data of the person(s) concerned along with a celebration of the outstanding activities / achievements shall be in sealed cover superscribed with **"NOMINATION FOR AWARD OF RECOGNITION BY SAMBALPUR UNIVERSITY ON THE FOUNDATION DAY"** so as to the undersigned latest by **20.12.2019**

**Sd/- Registrar**



## OFFICE OF THE EXECUTIVE ENGINEER RWS&S DIVISION, BALANGIR

**Email: eerwss_blg@nic.in**
**3rd Corrigendum for "e" Procurement Notice**
**Bid Identification No. RWSS/11 /2019-2020**

**No.O-565:-** The corrigendum has been made to the e-procurement notice Identification Bid Identification No. RWSS/11 /2019-2020 and Letter No. 2289 Dated 30.09.2019 as per following amendment.

- Bid document will be available in the website on dt. 18.12.2019 at 10.00 A.M to 06.01.2020 till 5.00 P.M instead of 28.11.2019 at 10.00 A.M to 13.12.2019 till 5.00 P.M respectively.
- The date of opening of Bid document is on dt. 08.01.2020 at 11.00 A.M onwards instead of dt. 16.12.2019.

All other terms and conditions of Bid documents remains unaltered.

Further details can be seen from the e-procurement portal **http://tenderodisha.gov.in**.

**Sd./- Executive Engineer, RWS&S Division, Balangir**

**25033/11/0011/1920**



**Odisha Mineral Exploration Corporation Ltd.** OMECL
**Regd. Office: OMC House, Bhubaneswar-751001, Odisha**
**CIN : U13209OR2016SGC025960**

**CORRIGENDUM TO SCOPE OF WORK FOR MANAGEMENT CONSULTANT CUM TRANSACTION ADVISOR OF ODISHA MINERAL EXPLORATION CORPORATION LTD (OMECL)**

Reference to final RFP, NIT No. 02/OMECL/E-PROC/2019, dated 28.11.2019, displayed in OMC Website on 28.11.2019, following is the amendment for additional scope of work.

**ADDITIONAL SCOPE OF WORK :**
**SECTION - 5 : TERMS OF REFERENCE,** Clause: 1.2
**Addition as below:**
J: Transaction advisory for selection of MDO (Mine Developer cum Operator) for developing proposed Sukinda Chromite Underground Mine.

**General Manager (Exploration)**



## ନ୍ୟାଶନାଲ ଇନ୍‌ଲାଣ୍ଡ ନାଭିଗେଶନ୍ ଇନ୍‌ଷ୍ଟିଚ୍ୟୁଟ୍

(ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ କର୍ତ୍ତୃପକ୍ଷ)
(ଜାହାଜ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାର)
ଗାଇଘାଟ, ପାଟନା-୮୦୦ ୦୦୭, ଦୂରଭାଷ-0612-2311200

### ନାମଲେଖା ବିଜ୍ଞପ୍ତି

**"ରେସିଡେନ୍ସିଆଲ୍ କୋର୍ସ"**
**(10ମ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ)**
**ଇନ୍‌ଲାଣ୍ଡ ଭେସେଲ୍ସ ନିମନ୍ତେ ରେଟିଂ ଇଣ୍ଡକ୍ସନ୍ କୋର୍ସ**

| | |
|---|---|
| ଯୋଗ୍ୟତା | : 10ମ ଉତ୍ତୀର୍ଣ୍ଣ |
| ବୟସ ସୀମା | : 19.01.2020 ସୁଦ୍ଧା 17 1/2 ବର୍ଷରୁ 25 ବର୍ଷ ମଧ୍ୟରେ (ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଓବିସି ପ୍ରାର୍ଥୀଙ୍କ ପାଇଁ 3 ବର୍ଷ କୋହଳଯୋଗ୍ୟ) |
| ଶାରୀରିକ ମାନ | : ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ । ଦୃଷ୍ଟିଶକ୍ତି 6/6 ଏବଂ ବର୍ଣ୍ଣାନ୍ଧତା ରହି ନ ଥିବ । |
| ପାଠ୍ୟକ୍ରମ ଅବଧି | : ଛଅ ମାସ |
| ପାଠ୍ୟକ୍ରମ ଦେୟ | : ₹13,000/– (ବୋର୍ଡିଂ ଓ ଲଜିଂ ଅନ୍ତର୍ଭୁକ୍ତ ନୁହେଁ) |

**ସିଟ୍ ସଂରକ୍ଷଣ ଏସ୍‌ସିଙ୍କ ପାଇଁ 15%, ଏସ୍‌ଟିଙ୍କ ପାଇଁ 7.5% ଓ ଓବିସିଙ୍କ ପାଇଁ 27%**

ବାୟୋଡାଟା/ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ତା10.01.2020ରିଖ । ତା19.01.2020ରିଖରେ ଏକ ଯୋଗ୍ୟତାମୂଳକ ପରୀକ୍ଷା ଅନୁଷ୍ଠିତ ହେବ । ବଛାବଛା ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ସେହିଦିନ ଅନୁଷ୍ଠିତ ହେବ । ନମୁନା ଦରଖାସ୍ତ ଫର୍ମ ୱେବ୍‌ସାଇଟ୍ **www.niniedu.in** ରୁ ଡାଉନ୍‌ଲୋଡ୍ କିମ୍ବା ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇପାରିବ। ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ବାୟୋଡାଟା / ଦରଖାସ୍ତ ଫର୍ମ ସହିତ 10ମ ଉତ୍ତୀର୍ଣ୍ଣ ପ୍ରମାଣପତ୍ର, ମାର୍କଶିଟ୍, 2 ଫଟୋଗ୍ରାଫ୍ ଓ ନିଜସ୍ୱ ଠିକଣା ଉଲ୍ଲିଖିତ ଲଫାପା **"ପ୍ରିନ୍ସିପାଲ୍, ନ୍ୟାଶନାଲ୍ ଇନ୍‌ଲାଣ୍ଡ ନାଭିଗେଶନ ଇନ୍‌ଷ୍ଟିଚ୍ୟୁଟ୍, ଗାଇଘାଟ, ପାଟନା-800007"**ରେ ପଠାଇବା କିମ୍ବା iwai.nini.ari@gmail.com, info@niniedu.inରେ ଇ-ମେଲ୍ କରାଯିବା ଆବଶ୍ୟକ। ପାଠ୍ୟକ୍ରମ ଓ ଅନୁଷ୍ଠାନ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟ ପରିଦର୍ଶନ କରନ୍ତୁ ।

ପ୍ରିନ୍ସିପାଲ୍
ଏନ୍‌ଆଇଏନ୍‌ଆଇ, ପାଟନା

**ଅନ୍ତର୍ଦ୍ଦେଶୀୟ ଜାହାଜରେ ନାବିକ କ୍ୟାରିୟର୍**



**Odisha State Health & Family Welfare Society,**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8,**
**Bhubaneswar-751012, District-Khordha (Odisha)**
**Phone/Fax: 0674- 2392480/79**

### CANCELLATION NOTICE

No. E-537

**Advt. No. 56/19** **Date:- 01.12.2019**
**Ref.: Advt. No. 44/18 dt. 11.10.18.**

The advertisement for the position of **ACSM Officer, RNTCP** made vide Advt. No. 44/18 dt. 11.10.18 (Sl. No. 07), published in "The Samaja" (all Odisha editions), "The Dharitri" (all Odisha editions) & "The New Indian Express"(Odisha edition only) is hereby cancelled as the candidate has not qualified in the written test as per the advertisement.

10084/11/0040/1920 **Sd/- Mission Director NHM, Odisha**



## GOVERNMENT OF INDIA CENTRAL WATER COMMISSION OFFICE OF THE EXECUTIVE ENGINEER

**MAHANADI DIVISION, DOCTOR'S COLONY**
**BURLA-768017, Dist: SAMBALPUR (ORISSA)**
**NOTICE INVITING e-TENDER**

Onlinee-Tenders are invited by the Executive Engineer, Mahanadi Division,CWC, At –Doctor's colony, Burla, Dist:- Sambalpur (Orissa)-768017on behalf of the President of India, from the reputed Firms as below:

| SL. N | Tender Ref.No | Name of work | EMD | Last date of receipt & online submission | Date oftender opening |
|---|---|---|---|---|---|
| 1 | MD/HQ/NIT/2019-20/2425-32Dated:26.11.2019 | "Providing the service" for collection of hydro meteorological data at Existing sites under Mahanadi Division, CWC, Burla for the period from 01.11.2019 to 31.05.2020 | Rs.92000/- | 14.12.2019 upto 16:00 hrs | 16.12.2019 at 11:00 hrs |
| 2 | MD/HQ/NIT/2019-20/2435-44DATED 29.11.2019 | Providing services of Data Entry Operator (02 Nos) for Mahanadi Division, CWC, Burla. | Rs.8500/- | 16.12.2019 up to 16:00 hrs | 18.12.2019 at 11:00 hrs |

The Bid forms and other details can be obtained from the CWC website www.eprocure.gov.in /www.cwc.nic.in

Sd/- Executive Engineer
MD,CWC,Burla



## BHUBANESWAR MUNICIPAL CORPORATION

**No.33986 COMPETITIVE BIDDING THROUGH e-Procurement Dt.30/11/19**

### NOTICE INVITING TENDER

**Bid Reference No. BMC-EE DIV-1-08/2019-20, Dt.30.11.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. **(BMC-EE DIV-I-08/2019-20)** should be submitted on-line in the website www.tendersorissa.gov.in by eligible class of contractors as mentioned in TCN. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **05** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work: **Rs. 221902/- to Rs. 9023708/-**
4. Eligible Class of Contractors –: Registered Contractors of **Class-'D' to Class-'A'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the Schedules and Annexure of DTCN that have to be Uploaded by the bidder in the e-tender website. The cost of tender paper & EMD should be made on net banking. After opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 03.12.2019 to 5 P.M of 12.12.2019** for online bidding.
8. Bids received will be opened from e-procurement system at **4.30 P.M onwards on 13.12.2019.**
9. The bidder must possess valid and Compatible **Digital Signature Certificate (DSC).**
10. Further details are available in the DTCN. The DTCN **for 05 Nos**. of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**

**Executive Engineer, BMC Division No.-I**

**Progress Through Partnership for a Better Bhubaneswar**



ଦେଶରେ ଭାଜପାର ଆଧିପତ୍ୟ ୭୧%ରୁ ୪୦%କୁ କମିଛି। ଆଗାମୀ ଭବିଷ୍ୟତରେ ଏହା ଆହୁରି କମିବ।

-ବ୍ରିନ୍ଦା କାରାତ୍,
ସିପିଆଇଏମ୍ ନେତ୍ରୀ

# ଆସ୍ଥା ଜିତିଲେ ଉଦ୍ଧବ

- କାମଚଳା ବାଚସ୍ପତି ପରିବର୍ତ୍ତନକୁ ବିରୋଧ
- କକ୍ଷତ୍ୟାଗ କଲା ଭାଜପା
- ଆଜି ବାଚସ୍ପତି ନିର୍ବାଚନ

**ମୁମ୍ବାଇ,୩୦।୧୧(ପି.ଟି.)**



ଶିବସେନା ଅଧକ୍ଷ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡି ସରକାର ଶନିବାର ମହାରାଷ୍ଟ୍ର ବିଧାନସଭାରେ ଆସ୍ଥାଭୋଟ ଜିତିଛନ୍ତି। ୨୮୮ ସଦସ୍ୟ ବିଶିଷ୍ଟ ବିଧାନସଭାରେ ସଦସ୍ୟମାନଙ୍କ ମୁଣ୍ଡଗଣତି ପୂର୍ବରୁ ଭାଜପାର ୧୦୫ ବିଧାୟକ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ଏବଂ ବିଧାନସଭା ଅଧିବେଶନ ଡାକିବା ବେଆଇନ ବୋଲି ସମାଲୋଚନା କରି ଭାଜପା ଆସ୍ଥାଭୋଟ ବର୍ଜନ କରିଥିଲା।

ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ ଗୃହରେ ଆସ୍ଥା ପ୍ରସ୍ତାବ ଆଗତ କରିଥିବାବେଳେ ଏହାକୁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପ), କଂଗ୍ରେସ ଓ ଶିବସେନାର ବରିଷ୍ଠ ସଦସ୍ୟମାନେ ସମର୍ଥନ କରିଥିଲେ। ଆସ୍ଥା ପ୍ରସ୍ତାବ ସପକ୍ଷରେ ୧୬୯ ବିଧାୟକ ଭୋଟ



ବିଧାନସଭା ବାହାରେ ଭାଜପା ବିଧାୟକଙ୍କ ବିକ୍ଷୋଭ।

ଦେଇଥିଲେ। ୪ ଜଣ ମତଦାନରୁ ବିରତ ରହିଥିବା କାମଚଳା ବାଚସ୍ପତି ଦିଲୀପ ୱାଲସେ ପାଟିଲ ଗୃହକୁ ଜଣାଇଥିଲେ। ଅଲ୍ ଇଣ୍ଡିଆ ମଜଲିସ୍-ଇ-ଇତେହାଦୁଲ ମୁସଲିମିନ୍ (ଏଆଇଏମ୍ଆଇଏମ୍)ର ୨, ସିପିଆଇ(ଏମ୍)ର ଜଣେ ଏବଂ ଏମ୍ଏନ୍ଏସ୍‌ର ଜଣେ ବିଧାୟକ ଭୋଟ ଦେଇ ନ ଥିଲେ।

ଆସ୍ଥାଭୋଟ ପୂର୍ବରୁ ବିଧାନସଭାରେ ଯାହାସବୁ ଘଟିଲା ତାହା ସାମ୍ବିଧାନିକ ନିୟମାବଳୀର ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ କରିଛି। ଏ ସମ୍ପର୍କରେ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଭାଜପା କହିଛି। କାମଚଳା ବାଚସ୍ପତି ପଦରୁ କାଳିଦାସ କୋଲମ୍ବକରଙ୍କୁ ହଟାଇ ତାଙ୍କ ସ୍ଥାନରେ ଏନ୍‌ସିପି ବିଧାୟକ ଦିଲୀପ ୱାଲ୍‌ସେ ପାଟିଲଙ୍କୁ ନିଆଯିବା ଘଟଣାକୁ ଭାଜପା ବିଧାୟକ ଦଳ ନେତା ଦେବେନ୍ଦ୍ର ଫଡ୍‌ନବିସ ବିରୋଧ କରିଥିଲେ। ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ଆସ୍ଥାଭୋଟ ହାରିଯିବା ଭୟରେ ଏଭଳି କରାଯାଇଛି। ଭାରତର ଇତିହାସରେ କାମଚଳା ବାଚସ୍ପତି ବଦଳିବା ପ୍ରଥମ ଘଟଣା ବୋଲି ଫଡ୍‌ନବିସ କହିଥିଲେ। ଗତ ଅଧିବେଶନ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇ ନ ଥିଲା। ଏହାର ଅର୍ଥ ଗୃହ ସାଇନ୍-ଏ-ଡାଏ ହୋଇଥିଲା। ତେଣୁ ନୂଆ ଅଧିବେଶନ ଡାକିବା ଲାଗି ରାଜ୍ୟପାଳ ସମନ ଜାରି କରିବା ଆବଶ୍ୟକ ଥିଲା। ତାହା କରାଯାଇ ନ ଥିବା ଫଡ୍‌ନବିସ ଅଭିଯୋଗ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ନିୟମ ଅନୁଯାୟୀ ହୋଇ ନ ଥିବା ସେ କହିଥିଲେ। ନିର୍ଦ୍ଧାରିତ ବିଧିରେ ଶପଥ ଗ୍ରହଣ ନ କରି କିଏ ବାଲାସାହେବ ଠାକରେଙ୍କ ନାଁରେ ଶପଥ ନେଇଥିଲେ ତ ଆଉ କିଏ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନାଁରେ। ପୁଣି କିଏ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ନାମରେ ଶପଥ ନେଇଥିଲେ। ବାଚସ୍ପତିଙ୍କ ଉପସ୍ଥିତିରେ ଆସ୍ଥାଭୋଟ ହେଲେ ହାରିଯିବା ଭୟ ଥିବାରୁ କାମଚଳା ବାଚସ୍ପତିଙ୍କ ଉପସ୍ଥିତିରେ ଆସ୍ଥା ଲୋଡାଗଲା ବୋଲି ଫଡ୍‌ନବିସ ଅଭିଯୋଗ କରି ଦଳୀୟ ବିଧାୟକମାନଙ୍କ ସହ କକ୍ଷତ୍ୟାଗ କରିଥିଲେ।

ଆସ୍ଥା ଜିତିବା ପରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଗୃହର ସଦସ୍ୟମାନଙ୍କୁ ତଥା ମହାରାଷ୍ଟ୍ର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ। ଜନସାଧାରଣଙ୍କ ଆଶୀର୍ବାଦ ବିନା କାମ କରିବା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ବିଧାନସଭାରେ ଉଦ୍ଧବ ପ୍ରଥମ ହୋଇଥିବାରୁ ଆସିବା ପୂର୍ବରୁ କିଛିଟା ଚାପ ଅନୁଭବ କରୁଥିବା କହିଥିଲେ। ତାଙ୍କ ପଛରେ ପୁଅ ଆଦିତ୍ୟ ଏବଂ ଦଳର ଅନ୍ୟ ବିଧାୟକମାନେ ଗୈରିକ ପଗଡ଼ି ପିନ୍ଧି ଛିଡା ହୋଇଥିଲେ।

ରବିବାର ବିଧାନସଭା ବାଚସ୍ପତି ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ନାନା ପାଟୋଲଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଭାଜପା ମଧ୍ୟ ବାଚସ୍ପତି ନିର୍ବାଚନକୁ ଓହ୍ଲାଇ ବିଧାୟକ କିଷନ କାଠୋରଙ୍କୁ ପ୍ରାର୍ଥୀ କରିଛି। ବିଦର୍ଭ ଅନ୍ତର୍ଗତ ସାକୋଲି ଆସନରୁ ପ୍ରତିନିଧିତ୍ୱ କରୁଥିବା ପାଟୋଲ କଂଗ୍ରେସ ପ୍ରାର୍ଥୀ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଶୁକ୍ରବାର କାମଚଳା ବାଚସ୍ପତି କାଳିଦାସ କୋଲମ୍ବକରଙ୍କ ସ୍ଥାନରେ ଏନ୍‌ସିପି ବିଧାୟକ ଦିଲୀପ ପାଟିଲଙ୍କୁ ନିଯୁକ୍ତି ଦିଆଯାଇଥିଲା।

## ସଂକ୍ଷେପରେ

### ସୁରିନାମ୍ ରାଷ୍ଟ୍ରପତିଙ୍କୁ ୨୦ ବର୍ଷ ଜେଲ୍



**ପାରାମାରିବୋ,୩୦।୧୧(ଏଏଫ୍‌ପି):** ସୁରିନାମ୍‌ର ଏକ ସାମରିକ ଅଦାଲତ ରାଷ୍ଟ୍ରପତି ଡେସି ବୌଟେର୍ସେଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଶୀ ଦଶକରେ ବୌଟେର୍ସେ ଦକ୍ଷିଣ ଆମେରିକୀୟ ଦେଶର ଏକଚ୍ଛତ୍ରବାଦୀ ଶାସକ ଥିବାବେଳେ ରାଜନୈତିକ ବିରୋଧୀମାନଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ସମ୍ପ୍ରତି ଚାଇନା ଗସ୍ତରେ ଥିବା ବୌଟେର୍ସେ ଆସନ୍ତା ସପ୍ତାହରେ ଫେରିବା ପରେ ରାୟ ବିରୋଧରେ ଅପିଲ୍ କରିବେ ବୋଲି ତାଙ୍କ ଓକିଲ କହିଛନ୍ତି। ୧୯୮୦ରେ ସାମରିକ ବିଦ୍ରୋହ କରି ବୌଟେର୍ସେ କ୍ଷମତା ଦଖଲ କରିଥିଲେ। ୧୯୮୨ ଡିସେମ୍ବରରେ ସେ ତାଙ୍କର ୧୫ ବିରୋଧୀଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ।

### ହରିୟାଣାରେ ୫ ହଜାର କୋଟିର ଖଣି ଦୁର୍ନୀତି ଅଭିଯୋଗ

**ଚଣ୍ଡିଗଡ଼, ୩୦।୧୧(ପି.ଟି.) :** ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କ ପୂର୍ବପାଳି ସରକାରରେ ୫ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯିବାକୁ ପ୍ରଦେଶ କଂଗ୍ରେସ ପକ୍ଷରୁ ଶନିବାର ଦାବି କରାଯାଇଛି। ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ଖବରଦାତାଙ୍କୁ ସମ୍ବୋଧନ କରି ବରିଷ୍ଠ କଂଗ୍ରେସ ନେତା ରଣଦୀପ ସୁର୍ଜେୱାଲା ପ୍ରକାଶ କରିଛନ୍ତି। ରାଜ୍ୟ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯିବା ବେଳେ ରାଜ୍ୟ ଖଣି ବିଭାଗର ଅନିୟମିତତା ଧରାପଡ଼ିଥିଲା। ୧,୪୭୬ କୋଟି ଟଙ୍କାର କ୍ଷତି ହୋଇଥିବା ସିଏଜି ଧରିଥିଲେ। ତେବେ ଏହି ଦୁର୍ନୀତି ୫ ହଜାର କୋଟିରୁ ଅଧିକ ବୋଲି ସୁର୍ଜେୱାଲା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ସିଏଜି ରିପୋର୍ଟରେ ଖଟ୍ଟର ସରକାରଙ୍କ ଖଣି ଠିକାଦାର(ମାଫିଆ)ଙ୍କ ସହ ସମ୍ପର୍କ ସ୍ପଷ୍ଟହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି।

### [ଇତିହାସର ଆଇନାରେ]
**ଡିସେମ୍ବର ୧ର ପ୍ରମୁଖ ଘଟଣା**

୧୯୮୦ ଡିସେମ୍ବର ୧ରେ ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର ମହମ୍ମଦ କୈଫ୍ ଜନ୍ମଗ୍ରହଣ କରିଥିଲେ। ଅଣ୍ଡର-୧୯ ଟିମ୍‌ର ଅଧିନାୟକତ୍ୱ କରି ସେ ଦେଶକୁ ୨୦୦୦ ମସିହାରେ ବିଶ୍ୱ ଚାମ୍ପିୟନ କରାଇଥିଲେ।

୧୯୯୭ ଡିସେମ୍ବର ୧ରେ ବିହାରରେ ରଣବୀର ସେନା ଆତଙ୍କ ସୃଷ୍ଟି କରିଥିଲା। ସେନା ପକ୍ଷରୁ ଲକ୍ଷ୍ମଣପୁର-ବାଥେରେ ୬୩ ଜଣ ଦଳିତଙ୍କୁ ହତ୍ୟା କରାଯାଇଥିଲା। ମୃତକଙ୍କ ମଧ୍ୟରେ ୨୭ ମହିଳା, ୧୬ ଶିଶୁ ଥିଲେ।

## ■ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲା
# ୧୪ ଦିନ ହାଜତ ଗଲେ ୪ ଅଭିଯୁକ୍ତ



ମହିଳା ଡାକ୍ତର ପ୍ରିୟଙ୍କା ରେଡ୍ଡୀ ବଳାତ୍କାର ଓ ହତ୍ୟା ଘଟଣାର ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦାବିରେ ହାଇଦ୍ରାବାଦରେ ଛାତ୍ରୀଛାତ୍ରଙ୍କ ରାଲି।

**ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦାବିରେ ବିକ୍ଷୋଭ**

**ହାଇଦ୍ରାବାଦ, ୩୦।୧୧ (ଆଇଏଏନ୍ଏସ୍)**

ତେଲଙ୍ଗାନାର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ମାମଲାରେ ଗିରଫ ୪ ଅଭିଯୁକ୍ତଙ୍କୁ ଶନିବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଥାନା ବାହାରେ ଉତ୍ତେଜନା ଲାଗିରହିଥିବାରୁ ଅଭିଯୁକ୍ତମାନଙ୍କୁ ମହବୁବନଗର ଫାଷ୍ଟଟ୍ରାକ୍ କୋର୍ଟରେ ହାଜର କରାଯାଇ ପାରି ନ ଥିଲା। ଫଳରେ ମଣ୍ଡଳ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଶାଦନଗର ଥାନାକୁ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ମହମ୍ମଦ ଅରିଫ୍, ଚିନ୍ତାକୁଣ୍ଟା ଚେନ୍ନାକେଶୁଭାଲୁ, ଜୋଲୁ ଶିବା ଏବଂ ଜୋଲୁ ନବୀନଙ୍କୁ ମହବୁବ୍‌ନଗର ଜେଲ୍‌କୁ ପଠାଯିବ ବୋଲି ଜଣାପଡିଛି।

ବଳାତ୍କାର ଓ ହତ୍ୟା ଘଟଣାର ଅପରାଧୀମାନଙ୍କୁ ସର୍ବସମ୍ମୁଖରେ ଫାଶୀ ଦିଆଯାଉ ବୋଲି ଉତ୍ତ୍ୟକ୍ତ ଲୋକେ ଦାବି କରିଥିଲେ। ହଜାର ହଜାର ଲୋକ ସକାଳଠାରୁ ଥାନା ଆଗରେ ବିକ୍ଷୋଭ ଚଳାଇବାରୁ ଉତ୍ତେଜନା ଲଗି ରହିଥିଲା। ଶାନ୍ତ ହେବା ପାଇଁ ଅଫିସରମାନଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଉତ୍ତେଜନା ଜାରି ରହିବାରୁ ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିଲା। ପଛଦ୍ୱାର ଦେଇ ମାଜିଷ୍ଟ୍ରେଟଙ୍କୁ ଥାନାକୁ ଅଣାଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସମେତ ବିଭିନ୍ନ ମହିଳା ସଂଗଠନ, ଛାତ୍ର ସଂଗଠନ ଆନ୍ଦୋଳନରେ ସାମିଲ ହୋଇଥିଲେ। ତୁରନ୍ତ ଅପରାଧୀଙ୍କୁ ଫାଶୀ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ହିଂସା ରୋକିବା ପାଇଁ ଥାନା ଚାରିପଟେ ସୁରକ୍ଷା ବଢ଼ାଇବା ସହ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଥିଲା।

ବୁଧବାର ରାତିରେ ହାଇଦ୍ରାବାଦ ଉପକଣ୍ଠ ଶାମଶାବାଦ ଆଉଟର ରିଙ୍ଗ୍‌ରୋଡ୍‌ଠାରେ ଦୁଇଜଣ ଟ୍ରକ୍ ଡ୍ରାଇଭର ଓ ୨ କ୍ଲିନର ୨୫ ବର୍ଷୀୟା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର କରିବା ପରେ ହତ୍ୟା କରିଥିଲେ। ଏହା ପରେ ସେମାନେ ମୃତଦେହକୁ ଶାଦନଗର ସହର ନିକଟକୁ ନେଇ ପୋଡିଦେଇଥିଲେ। ଗୁରୁବାର ସକାଳେ ପୀଡିତାଙ୍କ ମୃତଦେହ ଏକ ଅଣ୍ଡରପାସ୍‌ରୁ ଠାବ ହୋଇଥିଲା। ମହିଳା ଡାକ୍ତର ଜଣକ ତାଙ୍କ ସ୍କୁଟିକୁ ଟୋଲ ପ୍ଲାଜା ନିକଟରେ ପାର୍କିଂ କରିଥିଲେ। ଅଭିଯୁକ୍ତମାନେ ଉକ୍ତ ସ୍କୁଟିକୁ ପଙ୍କ୍‌ଚର କରିଦେଇ ସାହାଯ୍ୟ କରିବା ବାହାନାରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଶୁକ୍ରବାର ରାତିରେ ପୋଲିସ ଅଭିଯୁକ୍ତମାନଙ୍କୁ ଅପରାଧ ସ୍ଥଳକୁ ନେବା ସହ ସେମାନଙ୍କ ବୟାନ ରେକର୍ଡ କରିଥିଲା।

## ୫ ଫୁଟ ଉପରକୁ ଉଠାଗଲା ୬୦୦ ଟନ୍ ମନ୍ଦିର

**ମଦୁରାଇ, ୩୦।୧୧(ପି.ଟି.)**

ମଦୁରାଇର ପାଲାଙ୍ଗାନାଥମ୍‌ସ୍ଥିତ ଏକ ୧୦୦ ବର୍ଷର ୬୦୦ ଟନ୍ ଓଜନବିଶିଷ୍ଟ ପୁରୁଣା ମନ୍ଦିର ହଲ୍‌କୁ ଭୂମିଠାରୁ ୫ ଫୁଟ ଉପରକୁ ଉଠାଯାଇଛି। ଅରୁଲମିଗୁ କାଳିଆମ୍ମାନ୍‌ମନ୍ଦିରର ମୁଲାଇପାରି ହଲ୍ ରାସ୍ତା ତଳେ ରହିଥିଲା। ଏହି ହଲ୍‌କୁ ଲୋକମାନେ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିଆସୁଥିଲେ। ବିଶ୍ରାମାଗାର, ଭୋଜିଭାତ ଠାରୁ ଆରମ୍ଭ କରି ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟ ମଧ୍ୟ ଏଠାରେ ହୋଇଆସୁଥିଲା। ଏହି ମନ୍ଦିରକୁ ଉପରକୁ ଉଠାଇବା ଲାଗି ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ସ୍ଥାନୀୟ ଲୋକ ଓ ହରିୟାନାର ଏକ ଫାର୍ମ ଏଥିଲାଗି ସହାୟତା କରିଛନ୍ତି। ଏହାକୁ ଉଠାଇବା କଠିନ କାର୍ଯ୍ୟ ଥିଲା ।



ମଦୁରାଇର ଅରୁଲମିଗୁ କାଳିଆମ୍ମାନ୍ ମନ୍ଦିର ୫ ଫୁଟ ଉପରକୁ ଉଠାଯାଇଛି।

## ସିଆଚେନରେ ହିମସ୍ଖଳନ
## ୨ ଯବାନ ଶହୀଦ

**ଶ୍ରୀନଗର, ୩୦।୧୧(ପି.ଟି.)**

କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ଦକ୍ଷିଣ ସିଆଚେନ୍ ଗ୍ଲାସିୟର୍ ସେକ୍ଟର ନିକଟରେ ଶନିବାର ପାଟ୍ରୋଲିଂ କରୁଥିବା ବେଳେ ହଠାତ୍ ହିମସ୍ଖଳନ ହେବାରୁ ୨ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ପ୍ରାୟ ୧୮ ହଜାର ଫୁଟ ଉପରେ ସେମାନେ ପାଟ୍ରୋଲିଂ କରୁଥିଲେ ବୋଲି ଶ୍ରୀନଗରର ପ୍ରତିରକ୍ଷା ବିଭାଗର ମୁଖପାତ୍ର କହିଛନ୍ତି। ହିମସ୍ଖଳନ ପରେ ଉଦ୍ଧାରକାରୀ ଦଳ, ମେଡିକାଲ ଟିମ୍ ଓ ସେନା ହେଲିକପ୍ଟର ସେଠାରେ ପହଞ୍ଚି କାର୍ଯ୍ୟାରମ୍ଭ କରିଥିଲେ ହେଁ ୨ ଯବାନ ପ୍ରାଣ ହରାଇଥିଲେ। ଅନ୍ୟମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ପାରିଥିବା ସେନା ମୁଖପାତ୍ର ପ୍ରକାଶ କରିଛନ୍ତି।

## ଲଣ୍ଡନ ବ୍ରିଜ୍ ଆକ୍ରମଣରେ ୨ ମୃତ

**ଆକ୍ରମଣକାରୀ ପାକିସ୍ତାନୀ ଆତଙ୍କବାଦୀ**

**ଲଣ୍ଡନ,୩୦।୧୧(ପି.ଟି.)**

ଲଣ୍ଡନ ବ୍ରିଜ୍‌ରେ ଶୁକ୍ରବାର ଜଣେ ଆତଙ୍କବାଦୀଙ୍କ ଛୁରାମାଡ଼ରେ ୨ ଜଣଙ୍କ ମୃତ୍ୟୁ ହେବା ସହ ୩ ଆହତ ହୋଇଥିଲେ। ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ ହୋଇଛନ୍ତି। ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜ ବିସ୍ଫୋରଣ ଘଟଣାରେ ସେ ଦୋଷୀସାବ୍ୟସ୍ତ ହୋଇ ୭ ବର୍ଷ ଜେଲ୍ ଯାଇଥିଲେ। ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ତାଙ୍କର ପରିବାର ରହୁଛନ୍ତି।



ଉସ୍‌ମାନ ଖାନ୍

ସେଠାରେ ସେ ଏକ ଆତଙ୍କବାଦୀ ତାଲିମ ଶିବିର ଖୋଲିଥିବା ଜଣାପଡିଛି। ଉସ୍‌ମାନ ଖାନ୍ ନାମକ ଏହି ଆତଙ୍କବାଦୀ ମୁମ୍ବାଇ ଷ୍ଟାଇଲ୍‌ରେ ବ୍ରିଟେନ ପାର୍ଲାମେଣ୍ଟ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ୨୦୧୨ରେ ତାଙ୍କୁ ଦଣ୍ଡିତ କରିଥିବା ବିଚାରପତି କହିଛନ୍ତି। ଉସ୍‌ମାନ ଶୁକ୍ରବାର ପାରୋଲରେ ବାହାରିବା ପରେ ଆକ୍ରମଣାତ୍ମକ ହୋଇଯାଇଥିଲେ। ସେ ଲଣ୍ଡନ ବ୍ରିଜ୍‌ରେ ପହଞ୍ଚି ଆଖିବୁଜା ଛୁରାମାଡ଼ କରିଥିଲେ। ପୋଲିସ ଗୁଳିରେ ନିହତ ହେବା ପୂର୍ବରୁ ସେ ଦୁଇ ଜଣଙ୍କୁ ହତ୍ୟା କରିବା ସହ ଅନ୍ୟ ୩ ଜଣଙ୍କୁ ଆହତ କରିଥିଲେ। ୨୮ ବର୍ଷୀୟ ଉସ୍‌ମାନ ଷ୍ଟାଫୋର୍ଡଶାୟାର ଅଞ୍ଚଳରେ ରହୁଥିଲେ। ତାଙ୍କର ଅଲ୍-କାଏଦା ସହ ସମ୍ପୃକ୍ତି ଥିବା ବିଶ୍ୱାସ କରାଯାଉଥିଲା। ଏଥିସହିତ ଆଇଏସ୍ ଆତଙ୍କବାଦୀ ସଂଗଠନ ସହ ତାଙ୍କର ସମ୍ପର୍କ ଥାଇପାରେ ବୋଲି କୁହାଯାଉଛି।

## ଝାଡ଼ଖଣ୍ଡରେ ୬୪% ମତଦାନ
# ଇଭିଏମ୍‌ରେ ୧୮୯ ପ୍ରାର୍ଥୀଙ୍କ ଭାଗ୍ୟ

- ବିସ୍ଫୋରଣରେ କଲଭର୍ଟ ଉଡ଼ାଇଲେ ମାଓବାଦୀ
- କଂଗ୍ରେସ ପ୍ରାର୍ଥୀଙ୍କଠାରୁ ପିସ୍ତଲ, କାର୍ଟ୍ରିଜ୍ ଜବତ

**ରାଞ୍ଚି, ୩୦।୧୧**

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ଏହି ନିର୍ବାଚନରେ ମତଦାନ ହାର ୬୪.୪୪ ପ୍ରତିଶତ ରହିଛି। ପ୍ରଥମ ପର୍ଯ୍ୟାୟରେ ୬ ଜିଲାରେ ୧୩ ଆସନ(ଛତ୍ରା, ଗୁମ୍‌ଲା, ବିଶ୍ରାମପୁର, ଲୋହାରଡ଼ାଗା, ମାନିକା, ଲଟେହାର, ପାନ୍‌କି, ଡାଲ୍‌ଟନ୍‌ଗଞ୍ଜ, ବିଷ୍ଣୁନ୍‌ପୁର, ଛତର୍‌ପୁର, ହୁସେନାବାଦ୍, ଗର୍ୱା ଓ ଭୱନାଥପୁର) ଲାଗି ଭୋଟଗ୍ରହଣ କରାଯାଇଥିଲା। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିଥିଲା।

ମତଦାନ ବେଳେ ମାଓବାଦୀମାନେ ଗୁମ୍‌ଲା ଜିଲା ବିଷ୍ଣୁନ୍‌ପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନଲତା ଓ ବିରନ୍‌ପୁର ଗ୍ରାମ ମଝିରେ ଥିବା ଏକ କଲଭର୍ଟକୁ ବିସ୍ଫୋରଣରେ ଉଡ଼ାଇ ଦେଇଛନ୍ତି। ଏଥିରେ କେହି ମୃତାହତ ହୋଇ ନ ଥିଲେ ହେଁ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ସେହିଭଳି ଡାଲ୍‌ଟନ୍‌ଗଞ୍ଜ ନିର୍ବାଚନମଣ୍ଡଳୀର କୋଶିୟାରୀ ପୋଲିଂ ଷ୍ଟେଶନରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। କଂଗ୍ରେସ ପ୍ରାର୍ଥୀ କେ.ଏନ୍. ତ୍ରିପାଠୀ ବଳପୂର୍ବକ ପୋଲିଂ ବୁଥ ଭିତରକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ଏହାକୁ ନେଇ ଗଣ୍ଡଗୋଳ ହୋଇଥିଲା। ବିକ୍ଷୋଭକାରୀମାନେ ପୋଲିସ ଗାଡ଼ିର ୱିଣ୍ଡୋ ପେନ୍ସକୁ ଭାଙ୍ଗିଦେଇଥିଲେ। ତ୍ରିପାଠୀଙ୍କଠାରୁ ପୋଲିସ ଗୋଟିଏ ପିସ୍ତଲ ଓ ୩ କାର୍ଟ୍ରିଜ୍ ଜବତ କରିଛି। ମୋଟାମୋଟି ୧୩ ନିର୍ବାଚନମଣ୍ଡଳୀରେ ଭୋଟ ଶାନ୍ତିପୂର୍ଣ୍ଣ ଥିବା କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ଭାଜପା ନେତା ରାମଚନ୍ଦ୍ର ଚନ୍ଦ୍ରବଂଶୀ, କଂଗ୍ରେସ ପ୍ରଦେଶ ଅଧକ୍ଷ ରାମେଶ୍ୱର ଓରାଓଁ, ପୂର୍ବତନ ପ୍ରଦେଶ କଂଗ୍ରେସ ମୁଖ୍ୟ ସୁଖ୍‌ଦେଓ ଭଗତ୍, ଭାଜପା ନେତା ରାଧାକ୍ରିଷ୍ଣ କିଶୋର ପ୍ରମୁଖ ଭାଗ୍ୟ ନିର୍ଦ୍ଧାରଣ ହେବ। ୮୧ ଆସନବିଶିଷ୍ଟ ରାଜ୍ୟ ବିଧାନସଭା ଲାଗି ଅନ୍ୟ ୪ ପର୍ଯ୍ୟାୟ ଭୋଟ ଆସନ୍ତା ଡିସେମ୍ବର ୭, ୧୨, ୧୬ ଓ ୨୦ରେ ଅନୁଷ୍ଠିତ ହେବ।



## ■ ଇରାକରେ ସରକାର ବିରୋଧୀ ବିକ୍ଷୋଭ ଜୋରଦାର
# ଇସ୍ତଫା ଦେବେ ପ୍ରଧାନମନ୍ତ୍ରୀ ମେହଦି

**ବାଗଦାଦ୍,୩୦।୧୧**

ଇରାକ୍‌ରେ ଅକ୍ଟୋବରରୁ ଲାଗିରହିଥିବା ସରକାର ବିରୋଧୀ ବିକ୍ଷୋଭ କ୍ରମେ ଅଧିକ ସହରକୁ ବ୍ୟାପିଚାଲିଛି। ବିକ୍ଷୋଭ ହିଂସାରେ ୩୫୪ ଲୋକଙ୍କ ଜୀବନ ଗଲାଣି ଓ ୮୦୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଚାପରେ ପଡ଼ି ପ୍ରଧାନମନ୍ତ୍ରୀ ଆଦେଲ ଅବଦୁଲ ମେହଦି ଇସ୍ତଫା ଦେବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ ଆନ୍ଦୋଳନ କମିବା ନାଁ ନେଉନାହିଁ। ଶନିବାର ବାଗ୍‌ଦାଦ ସମେତ ଦକ୍ଷିଣ ଇରାକର ବିଭିନ୍ନ ସହରରେ ବିକ୍ଷୋଭ କରାଯାଇଥିଲା।



ଇରାକରେ ବ୍ୟାପୁଥିବା ଦୁର୍ନୀତିକୁ ନେଇ ଦୀର୍ଘଦିନ ହେଲା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଏଥିସହିତ ଇରାକ ରାଜନୀତିରେ ଇରାନର ପ୍ରଭାବ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଥିଲା। ଲେବାନନ୍‌ରେ ସରକାର ବିରୋଧୀ ଆନ୍ଦୋଳନ ଯୋଗୁ ପ୍ରଧାନମନ୍ତ୍ରୀ ଅକ୍ଟୋବରରେ ଇସ୍ତଫା ଦେବାକୁ ବାଧ ହୋଇଥିଲେ। ଇରାନରେ ମଧ୍ୟ ତୈଳ ଦର ବୃଦ୍ଧିକୁ ନେଇ କିଛି ସପ୍ତାହ ହେଲା ଆନ୍ଦୋଳନ ଓ ଦଙ୍ଗା ଲାଗି ରହିଛି। ଏହାର ପ୍ରଭାବ ଇରାକ ଉପରେ ପଡିଥିଲା। ଇରାକବାସୀ ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଥିଲେ। ଇରାକ୍ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଘୋଷଣା ଇରାନ ପାଇଁ ବଡ଼ ଝଟ୍‌କା ବୋଲି କୁହାଯାଉଛି। କାରଣ ୨୦୧୮ରେ ମେହଦି ପ୍ରଧାନମନ୍ତ୍ରୀ ହେବା ପରଠାରୁ ଇରାନ କଥାରେ ପରିଚାଳିତ ହେଉଥିଲେ ବୋଲି ସେଠାକାର ଏକ ଗୋଇନ୍ଦା ରିପୋର୍ଟରୁ ଜଣାପଡିଛି। ମେହଦି ଇରାନ ସହ ଇରାନ ସହ ଜଡିତ ଏକ ବୃହତ୍ ଶିହା ଦଳର ସଦସ୍ୟ ଭାବେ ସେ ଅନେକ ବର୍ଷ କାର୍ଯ୍ୟ କରିଥିଲେ।

ମେହଦି ଇସ୍ତଫା ଘୋଷଣା କରିବା ପରେ ବାଗଦାଦର ତହରିର୍ ସ୍କୋୟାରରେ ଆନ୍ଦୋଳନକାରୀ ଉତ୍ସବ ପାଳନ କରିଥିଲେ। ଗୁରୁବାର ଇରାନ ବାଣିଜ୍ୟିକ ଦୂତାବାସ ଉପରେ ବିକ୍ଷୋଭକାରୀଙ୍କ ଆକ୍ରମଣ ଯୋଗୁ ୪୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଇରାକ୍‌ରେ ଆନ୍ଦୋଳନ ଆରମ୍ଭ ହେବା ଦିନଠାରୁ ଆଜିପର୍ଯ୍ୟନ୍ତ ୩୫୪ ଜଣଙ୍କ ମୃତ୍ୟୁ ଘଟିଥିବା ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ପକ୍ଷରୁ କୁହାଯାଇଥିଲେ ହେଁ ପ୍ରକୃତ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ ବୋଲି ଅଧିକାଂଶ ରିପୋର୍ଟରେ କୁହାଯାଇଛି। ରାଜନୈତିକ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଦାବି କରି ବାଗଦାଦ୍ ଓ ସମଗ୍ର ଦକ୍ଷିଣ ଇରାକର ଯୁବସମାଜ ଓ ଗରିବ ଲୋକମାନେ ରାସ୍ତାକୁ ଓହ୍ଲାଇଥିଲେ। ଲାଇସେନ୍ସ, ଠିକାଦାରି, ଚାକିରି ସବୁଥିରେ ଉତ୍କୋଚ ଦେବାକୁ ପଡୁଥିବାରୁ ଏଭଳି ରାଜନୈତିକ ଦଳର ଉଚ୍ଛେଦ ସେମାନେ ଦାବି କରିଥିଲେ। ଏପରିକି ସିକ୍ୟୁରିଟି ଗାର୍ଡ ଭଳି ନିମ୍ନ ପଦବୀ ପାଇଁ ଆବେଦନ କଲେ ୫୦୦୦ ଡଲାର ଦେବାକୁ ସମ୍ପୃକ୍ତ ଦଳ ପକ୍ଷରୁ ଦାବି କରାଯାଉଥିବା ଅଭିଯୋଗ ହୋଇଛି।





> ସତ୍ୟମେବ ଜୟତେ, ବାଟ୍‌ଲା ହାଉସ୍ ପରେ ମୋ ଅଭିନୀତ ଥ୍ରିଲର ମୁଭି 'ଆଟାକ୍' ୨୦୨୦ ସ୍ୱାଧୀନତା ଦିବସରେ ମୁକ୍ତିଲାଭ କରିବା।
>
> -ଜନ୍ ଆବ୍ରାହମ, ବଲିଉଡ୍ ଅଭିନେତା

# ଶୋଇଲେ ମିଳିବ ଲକ୍ଷେ ଟଙ୍କା ଦରମା



**ବେଙ୍ଗାଲୁରୁ:** କର୍ମଚାରୀଙ୍କ କାର୍ଯ୍ୟରେ ଖୁସି ହୋଇ କମ୍ପାନୀ କର୍ତ୍ତୃପକ୍ଷ ଦରମା ବଢ଼ାଇବା ସହ ଇନ୍‌ସେଟିଭ୍ ଦେଉଥିବା କଥା ବହୁ ଥର ଶୁଣିଥିବେ ବା ଜାଣିଥିବେ। ହେଲେ କେବେ ଶୁଣିଛନ୍ତି କି, ଶୋଇବା ପାଇଁ କର୍ମଚାରୀଙ୍କୁ ଦିଆଯାଉଛି ଲକ୍ଷେ ଟଙ୍କା। କିନ୍ତୁ ଏଥିପାଇଁ ଆପଣ ଚୟନ ହେବା ଆବଶ୍ୟକ। ତେବେ ଏହି ଖବର ବିଦେଶରେ ନୁହେଁ ବରଂ ଭାରତର। ଆଜ୍ଞା ହଁ, ଶୁଣିବାକୁ କଥାଟି ଆଶ୍ଚର୍ଯ୍ୟ ଲାଗୁଥିବ ହେଲେ ସତ। କର୍ମଚାରୀଙ୍କ ପାଇଁ ଏଭଳି ଅଫର୍ ଆଣିଛି କର୍ନାଟକର ରାଜଧାନୀ ବେଙ୍ଗାଲୁରୁର ଅନ୍‌ଲାଇନ୍ ଫର୍ମ ୱେକ୍‌ଫିଟ୍। ଅନ୍‌ଲାଇନ ସ୍ଲିପ୍ ସଲ୍ୟୁସନ୍ ଫର୍ମ ନିଜର ଏହି ପ୍ରୋଗ୍ରାମକୁ ୱେକ୍‌ଫିଟ୍ ସ୍ଲିପ୍ ଇନ୍‌ଟର୍ଣ୍ଣସିପ୍‌ର ନାଁ ଦେଇଛି। ଆଉ ଏହି କାର୍ଯ୍ୟ ପାଇଁ କମ୍ପାନୀ ପକ୍ଷରୁ କିଛି ନିୟମ ଓ ସର୍ତ୍ତାବଳୀ ରଖାଯାଇଛି। ପ୍ରଥମେ ଏହି ଇନ୍‌ଟର୍ଣ୍ଣସିପ୍ ପାଇଁ ମାତ୍ର କେତେଜଣ ଲୋକଙ୍କୁ ଚୟନ କରାଯିବ। ଏହାପରେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ବିଛଣା ଉପରେ କର୍ମଚାରୀଙ୍କୁ ଶୋଇବାକୁ ପଡ଼ିବ। ଏଥିସହ ପ୍ରତିଦିନ ଆପଣଙ୍କୁ କିଭଳି ନିଦ ହେଲା, ଭଲ ନା ଖରାପ୍ ସେନେଇ ମଧ୍ୟ ସୂଚନା ଦେବାକୁ ପଡ଼ିବ। କେବଳ ସେତିକି ନୁହେଁ, ପ୍ରଥମେ କମ୍ପାନୀ ଶୋଇବା ପାଇଁ କିଛି ଲୋକଙ୍କୁ କାଉନସିଲ୍ କରିବ। ତା'ପରେ ସେମାନଙ୍କର ଶୋଇବା ଶୈଳୀକୁ ଟ୍ରାକ୍ କରିବ। ଏହାପରେ ସେମାନଙ୍କୁ ଏକ୍ସପର୍ଟଙ୍କ ପରାମର୍ଶ ମଧ୍ୟ ଦିଆଯିବ। ଯେଉଁମାନେ ଶୋଇବାକୁ ଯିବେ ସେମାନଙ୍କର ନିଦର ରେକର୍ଡ କରାଯିବା ସହ ଶୋଇବା ଶୈଳୀ ଉପରେ ନଜର ମଧ୍ୟ ରଖାଯିବ। ଏଥିସହ ବିଜେତାଙ୍କୁ ସ୍ଲିପ୍ ଟ୍ରାକର ବି ଦିଆଯିବ। ତେବେ କମ୍ପାନୀ ନିୟମ ଅନୁଯାୟୀ ଏହି ସ୍କିମ୍‌ରେ ଭାଗ ନେଉଥିବା ବ୍ୟକ୍ତିଙ୍କୁ ଶହେ ଦିନ ପର୍ଯ୍ୟନ୍ତ ପ୍ରତିଦିନ ୯ଘଣ୍ଟା ଶୋଇବାକୁ ପଡ଼ିବ। ଆଉ ଏଥିପାଇଁ ସେହିମାନଙ୍କୁ ଚୟନ କରାଯିବ, ଯେଉଁମାନେ ନିଦଠାରୁ ଆଉ କୌଣସି ଜିନିଷକୁ ଅଧିକ ଗୁରୁତ୍ୱ ଦେଇ ନ ଥାନ୍ତି। ଦୈନନ୍ଦିନ ଜୀବନରେ କାର୍ଯ୍ୟ ବ୍ୟସ୍ତତା ଓ ଚିନ୍ତା ଯୋଗୁ ବହୁ ଲୋକ ଭଲଭାବେ ଶୋଇ ପାରୁନାହାନ୍ତି। ଫଳରେ ଏହାର ସିଧାସଳଖ ପ୍ରଭାବ ସେମାନଙ୍କ ଶରୀର ଉପରେ ପଡୁଛି। ଏଥିପାଇଁ ଉକ୍ତ କମ୍ପାନୀ ଏହି ଇନ୍‌ଟର୍ଣ୍ଣସିପ୍ ପ୍ରୋଗ୍ରାମ ନେଇ ଆସିଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ଲୋକମାନେ ଭଲଭାବେ ବିଶ୍ରାମ ବି ନେବେ ଆଉ ତାଙ୍କୁ କାମ କି ଘର ମଧ୍ୟ ଛାଡ଼ିବାକୁ ପଡ଼ିବ ନାହିଁ।

## ରିଲିଜ୍ ପୂର୍ବରୁ ବିବାଦରେ

# 'ପାନିପତ୍'




**ମୁମ୍ବାଇ:** ରିଲିଜ୍ ପୂର୍ବରୁ ବିବାଦ ଘେରକୁ ଚାଲିଆସିଛି ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକରଙ୍କ ଫିଲ୍ମ 'ପାନିପତ୍'। ଉକ୍ତ ଫିଲ୍ମରେ ମହାନ ମରାଠା ସେନାପତି ଓ ତାଙ୍କର ଦ୍ୱିତୀୟ ସ୍ତ୍ରୀ ମସ୍ତାନୀଙ୍କୁ ଅପମାନଜନକ ଢଙ୍ଗରେ ପରିବେଷଣ କରାଯାଇଛି ବୋଲି ପେଶୱା ବାଜିରାଓଙ୍କ ବଂଶ ଦାବି କରିଛନ୍ତି। ଏନେଇ ଫିଲ୍ମ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଭୋପାଳରେ ରହୁଥିବା ପେଶୱା ବାଜିରାଓଙ୍କ ୮ମ ପିଢ଼ିର ବଂଶଜ ନବାବଜାଦା ଶାଦାବ ଅଲି ବାହାଦୂର ଫିଲ୍ମର ପ୍ରଯୋଜକ ସୁନୀତା ଗୋୱାରିକର, ରୋହିତ ଶେଲତାକର ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକରଙ୍କ ନାଁରେ ନୋଟିସ ପଠାଇଛନ୍ତି। ଏକ ସ୍ୱତନ୍ତ୍ର ସଂଳାପକୁ ନେଇ ଏହି ନୋଟିସ ଦିଆଯାଇଥିବା ଜଣାପଡ଼ିଛି। ନିକଟରେ ଏହି ଫିଲ୍ମର ଟ୍ରେଲର ରିଲିଜ୍ ହୋଇଥିଲା। ଏଥିରେ ଅଭିନେତ୍ରୀ କ୍ରିତି ସେନନ୍ ଏକ ସଂଳାପରେ କହିଛନ୍ତି, 'ଶୁଣିବାକୁ ମିଳେ ପେଶୱା ଯେତେବେଳେ ଏକୁଟିଆ ଗସ୍ତ କରନ୍ତି ସେତେବେଳେ ସେ ଜଣେ ମସ୍ତାନୀଙ୍କୁ ନେଇ ଫେରନ୍ତି'। ଏହି ସଂଳାପ ଉପରେ ବାଜିରାଓଙ୍କ ବଂଶଜ ଆପତ୍ତି ଉଠାଇବା ସହ ଏଥିରେ ମସ୍ତାନି ଓ ପେଶୱା ବାଜିରାଓଙ୍କୁ ଅପମାନ କରାଯାଇଛି ବୋଲି କହିଛନ୍ତି। ୧୭୬୧ରେ ମରାଠା ଓ ଆଫଗାନ ବିଜେତା ଅହମ୍ମଦ ଶାହ ଅବଦାଲିଙ୍କ ମଧ୍ୟରେ ହରିୟାଣାର ଏକ ସ୍ଥାନ ପାନିପତ୍‌ରେ ତୃତୀୟ ଯୁଦ୍ଧ ହୋଇଥିଲା। ଏହି କାହାଣୀକୁ ନେଇ ଫିଲ୍ମଟି ଗତିଶୀଳ ହୋଇଛି। ଏଥିରେ ବଲିଉଡ୍ ଅଭିନେତା ଅର୍ଜ୍ଜୁନ କପୁର, ଅଭିନେତ୍ରୀ କ୍ରିତି ସେନନ୍ ଓ ସଞ୍ଜୟ ଦତ୍ତଙ୍କ ଅଭିନୟ କରିଛନ୍ତି। ଡିସେମ୍ବର ୬ରେ ଏହି ଫିଲ୍ମ ବଡ଼ ପରଦାକୁ ଆସିବ ବୋଲି ଜଣାପଡ଼ିଛି।

# କାର୍ ଚାଳକଙ୍କୁ ୯.୮୦ ଲକ୍ଷ ଜରିମାନା

**ଅହମ୍ମଦାବାଦ:** ଦେଶରେ ସେପ୍ଟେମ୍ବର ପହିଲାରୁ ନୂଆ ମୋଟରଯାନ ନିୟମ ଲାଗୁ ହେବା ପରେ ପୋଲିସ ଲୋକଙ୍କଠାରୁ ପୂର୍ବାପେକ୍ଷା ଅଧିକ ଚାଲାଣ କାଟିବା ଆରମ୍ଭ କରିଛି। ପ୍ରତିଦିନ ଅଧିକରୁ ଅଧିକ ଟଙ୍କାର ଚାଲାଣ ଆଦାୟ କରାଯାଉଥିବା ଖବର ସାମ୍ନାକୁ ଆସୁଛି। କିନ୍ତୁ ଗୁଜରାଟର ଜଣେ କାର୍ ମାଲିକଙ୍କର ପୋଲିସ ଯେତିକି ଚାଲାଣ କାଟିଛନ୍ତି, ସେହି ଟଙ୍କାରେ ଗୋଟିଏ ନୂଆ କାର କିଣାଯାଇପାରିବ ବୋଲି ଆଲୋଚନା ହେଉଛି। ଏହି ଖବର ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଶୁକ୍ରବାର ଗୁଜରାଟ ଅହମ୍ମଦାବଦ ନଗରର ସିନ୍ଧୁଭବନ ରୋଡ ନିକଟରେ ନାମୀଦାମି ଗାଡି 'ପର୍ସି'ଚଢୁଥିବା ଜଣେ ମାଲିକଙ୍କୁ ପୋଲିସ ଅଟକାଇଥିଲେ। ଗାଡି ମାଲିକଙ୍କର ନମ୍ବର ପ୍ଲେଟ, କାଗଜପତ୍ର ଓ ଲାଇସେନ୍ସ ନ ଥିବାରୁ ତାଙ୍କଠାରୁ ହଜାରେ କି ଦୁଇ ହଜାର ନୁହେଁ ବରଂ ୯ଲକ୍ଷ ୮୦ ହଜାର ଟଙ୍କାର ପୋଲିସ ଚାଲାଣ କାଟିଥିବା ଜଣାପଡ଼ିଛି। ପର୍ସି ଗାଡିର ଦାମ୍ ୨କୋଟି ହୋଇଥିବା ବେଳେ ଏହା ଏବେ ପର୍ଯ୍ୟନ୍ତର ସର୍ବାଧିକ ଚାଲାଣ ବୋଲି କୁହାଯାଉଛି।



# ଚାଇନାର ଡ୍ରିମ୍ ପ୍ରୋଜେକ୍ଟ
## ସୌରଚାଳିତ ପରମାଣୁ ରିଆକ୍ଟର

**ବେଜିଂ:** ସୌରଶକ୍ତିରୁ କାର୍ଯ୍ୟକ୍ଷମ ହେବ ପରମାଣୁ ରିଆକ୍ଟର। ପୃଥିବୀର ପ୍ରଥମ ଦେଶ ଭାବେ ଏହି ସଫଳତା ହାସଲ କରିବାକୁ ଯାଉଛି ଚାଇନା। ସିଚୁଆନା ପ୍ରଦେଶର ରାଜଧାନୀ ଚେଙ୍ଗଡୁରେ ନିର୍ମାଣ କରାଯାଉଥିବା ଏହି ରିଆକ୍ଟରର ନାମ 'ଏଚ୍‌ଏଲ୍-୨ଏମ୍'। ୨୦୨୦ ସୁଦ୍ଧା ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହାପରେ ପେଟ୍ରୋଲ, ଡିଜେଲ, କୋଇଲା ଭଳି ଜୈବିକ ଇନ୍ଧନ ଉପରେ ନିର୍ଭରଶୀଳତା କମିଯିବ। ଏହାକୁ ଚାଇନାର ଡ୍ରିମ୍ ପ୍ରୋଜେକ୍ଟ ବୋଲି କୁହାଯାଉଛି।

ସୂର୍ଯ୍ୟର ପୃଷ୍ଠଦେଶରେ ଅହରହ ନ୍ୟୁକ୍ଲିୟର ଫ୍ୟୁଜନ ଚାଲିଛି। ଏହି ପ୍ରକ୍ରିୟାରେ ୨ଟି ପରମାଣୁ ମିଶି ହିଲିୟମରେ ପରିଣତ ହୋଇଥାଏ। ଏହାଦ୍ୱାରା ପ୍ରଚୁର ଶକ୍ତି ଉତ୍ପାଦନ ହୁଏ। ଏହି ରିଆକ୍ଟର ନିର୍ମାଣ କରି ଚାଇନା ସ୍ପଷ୍ଟ ସନ୍ଦେଶ ଦେଇଛି ଯେ, ପ୍ରଦୂଷଣରହିତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଶ କେବେ ପଛଘୁଞ୍ଚା ଦେବନାହିଁ। ତେବେ ଏହି ରିଆକ୍ଟର ନିର୍ମାଣ କରିବା ବହୁତ ମହଙ୍ଗା। ବୈଜ୍ଞାନିକମାନେ ଏହାକୁ ଜୀବାଶ୍ମ ଇନ୍ଧନର ବିକଳ୍ପ ବୋଲି କହିଛନ୍ତି। ବେଜିଂର ସିଘୁଆ ୟୁନିଭରସିଟିର ପ୍ରଫେସର ଗାଓ ଝେ କୁହନ୍ତି, ଆମେ ସବୁ ସମସ୍ୟାର ସମାଧାନ କରିପାରିବା, ଏକଥାର କୌଣସି ଗ୍ୟାରେଣ୍ଟି ନାହିଁ। ହେଲେ ଉଦ୍ୟମ ନ କଲେ ସମସ୍ୟା ସମାଧାନ ମଧ୍ୟ ହେବ ନାହିଁ ଏକଥା ବି ସତ।

ଇଣ୍ଟରନ୍ୟାଶନାଲ ଥର୍ମୋନ୍ୟୁକ୍ଲିୟର ଏକ୍ସପେରିମେଣ୍ଟାଲ ରିଆକ୍ଟର (ଆଇଟିଏଆର୍) ପ୍ରୋଜେକ୍ଟର ଅନ୍ୟତମ ସଦସ୍ୟ ହେଉଛି ଚାଇନା। ଏଥିରେ ଭାରତ, ଆମେରିକା, ଜାପାନ, ଦକ୍ଷିଣ କୋରିଆ, ରୁଷିଆ ମଧ୍ୟ ରହିଛି। ଆଇଟିଏଆର୍ ପକ୍ଷରୁ ଫ୍ରାନ୍ସରେ ସବୁଠାରୁ ବ୍ୟୟବହୁଳ ଫ୍ୟୁଜନ ରିଆକ୍ଟର ନିର୍ମାଣ କରାଯାଉଛି। ଏଥିରେ ପାଖାପାଖି ୧.୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହାଏବେ ସୀମିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ ସକ୍ଷମ। ୨୦୨୫ ବେଳକୁ ଏହି ରିଆକ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଉଛି। ୧୯୬୦ ସୋଭିଏଟ୍ ସଂଘ ପକ୍ଷରୁ ଫ୍ୟୁଜନ ରିଆକ୍ଟର ସ୍ଥାପନ କରିବାକୁ ଉଦ୍ୟମ କରାଯାଇଥିଲା। ଏହି ରେସ୍‌ରେ ଗତବର୍ଷ ସାମିଲ ହୋଇଛି ବ୍ରିଟେନ। ଏଠାକାର ସରକାର ୨ ହଜାର କୋଟି ଟଙ୍କା ବିନିଯୋଗରେ ଫ୍ୟୁଜନ ରିଆକ୍ଟର ସ୍ଥାପନ କରିବାକୁ ଯୋଜନା କରୁଛନ୍ତି। ବ୍ରିଟିଶ ଆଟମିକ ଏନର୍ଜି ଅଥରିଟି ସିଇଓ ଇଆନ ଚେପ୍‌ମ୍ୟାନ କୁହନ୍ତି, ଫ୍ୟୁଜନ ଶକ୍ତିର ଆବଶ୍ୟକତା ପ୍ରାୟତଃ ସବୁ ଦେଶ ଜାଣିଛନ୍ତି। ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ କରି ଏ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାର ସମୟ ଆସିଛି। ଏହା ସଫଳ ହେଲେ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାରୁ ମୁକ୍ତି ମିଳିପାରିବ।




# ନିଜେ ବହି ପଢ଼ିପାରିଲେନି ଶିକ୍ଷୟିତ୍ରୀ

**ଉନ୍ନାଓ (ଉତ୍ତରପ୍ରଦେଶ):** ଭାରତରେ ସରକାରୀ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା କିପରି ଚାଲିଛି, ତାହାର ନଗ୍ନ ନମୁନା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଏକ ସ୍କୁଲରେ। ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଇଂଲିଶ ପଢ଼ାଉଥିବା ଜଣେ ଶିକ୍ଷୟିତ୍ରୀ ନିଜେ ଠିକ୍‌ଭାବେ ଇଂଲିଶ ପଢ଼ିପାରୁ ନ ଥିବା ଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସରକାରୀ ସ୍କୁଲ ଗୁଡ଼ିକରେ ପାଠପଢ଼ା କିପରି ଚାଲିଛି, ତାହାର ଯାଞ୍ଚ କରିବା ପାଇଁ ଜିଲାପାଳ ଦେବେନ୍ଦ୍ର କୁମାର ପାଣ୍ଡେ ସିକନ୍ଦରପୁର ସରୌସିସ୍ଥିତ ଏକ ସରକାରୀ ସ୍କୁଲକୁ ଅନ୍ୟ ଅଧିକାରୀଙ୍କ ସହ ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ଅଷ୍ଟମ ଶ୍ରେଣୀରେ ପିଲାଙ୍କୁ ପାଠ ପଢ଼ାଉଥିବା ଇଂରାଜୀ ଶିକ୍ଷୟିତ୍ରୀ ରାଜକୁମାରୀଙ୍କୁ ଇଂଲିଶ ପୁସ୍ତକର କିଛି ଧାଡ଼ି ପଢ଼ିବାପାଇଁ କହିଥିଲେ। ହେଲେ ଶିକ୍ଷୟିତ୍ରୀ ଗୋଟିଏ ବାକ୍ୟ ମଧ୍ୟ ଠିକ୍‌ଭାବେ ପଢ଼ିପାରି ନ ଥିଲେ। ଏଥିରେ ଜିଲାପାଳ ବିରକ୍ତି ପ୍ରକାଶ କରି ତାଙ୍କୁ ତୁରନ୍ତ ନିଲମ୍ବିତ କରିବା ପାଇଁ ସ୍କୁଲ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏହାସହ ସେ ଶିକ୍ଷୟିତ୍ରୀଙ୍କୁ କହିଥିଲେ ଯେ, ନିଜେ ପଢ଼ିପାରୁନାହାନ୍ତି, ପିଲାଙ୍କୁ କିପରି ଇଂଲିଶ ପଢ଼ାଇବେ। 'ଆପଣ ବି.ଏ. ପାସ୍ କରିଛନ୍ତି ତ' ବୋଲି ଶିକ୍ଷୟିତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଭିଡିଓ ସାମ୍ନାକୁ ଆସିବାପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ପାର୍ଲାମେଣ୍ଟରେ ପ୍ରେମିକାଙ୍କୁ ପ୍ରେମ ନିବେଦନ



**ରୋମ:** ବହୁଥର ଦେଖିବାକୁ ମିଳେ ପ୍ରେମିକାଙ୍କୁ ନିଜ ମନର କଥା କହିବା ପାଇଁ ପ୍ରେମିକମାନେ ନିଆରା ଢ଼ଙ୍ଗ ଆପଣାଇଥାନ୍ତି। ହେଲେ କେବେ ଶୁଣିଛନ୍ତି କି, କେହି ଏମ୍‌ପି ପାର୍ଲାମେଣ୍ଟ ଭିତରେ ନିଜ ପ୍ରେମିକାଙ୍କୁ ପ୍ରେମ ନିବେଦନ କରିବା କଥା। ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟି ସତ। ଏହି ଦୃଶ୍ୟ ଦେଖିବାକୁ ମିଳିଛି ଇଟାଲୀ ପାର୍ଲାମେଣ୍ଟରେ। ଗୁରୁବାର ଗୃହରେ ଭୂକମ୍ପ ପରେ ପୁନଃନିର୍ମାଣକୁ ନେଇ ହୋ-ହଲ୍ଲା ଚାଲିଥିବା ସମୟରେ ୩୩ ବର୍ଷୀୟା ଏମ୍‌ପି ଫ୍ଲୋବିୟୋ ଡି ମୁରୋ ନିଜ ଗର୍ଲଫ୍ରେଣ୍ଡ ଏଲିସା ଡି ଲିଓଙ୍କୁ ବିବାହ ପାଇଁ ନିବେଦନ କରିଥିଲେ। ସେହି ସମୟରେ ତାଙ୍କ ଗର୍ଲଫ୍ରେଣ୍ଡ ଦର୍ଶକଙ୍କ ଗ୍ୟାଲେରୀରେ ବସିଥିବା ବେଳେ ଉକ୍ତ ପ୍ରୋପୋଜାଲକୁ ସ୍ୱୀକାର କରିଥିଲେ। ସଂସଦରେ ଉପସ୍ଥିତ ଅନ୍ୟ ସଦସ୍ୟମାନେ ଏନେଇ ଫ୍ଲୋବିୟୋଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗୃହରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାବେଳେ ସଦସ୍ୟଙ୍କ ଏଭଳି କାର୍ଯ୍ୟକୁ ଅନୁଚିତ୍ ବୋଲି କହିଛନ୍ତି ବାଚସ୍ପତି ରୋବଟ ଫିକୋ।

# ଗୋଷ୍ଠୀସମୂହ ହିଁ ପରିବର୍ତ୍ତନର ଆଧାର

## ବିଶ୍ୱ ଏଡ୍ସ ଦିବସ



ଏଚ୍‌ଆଇଭି ସଂକ୍ରମଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୧ ଡିସେମ୍ବରରେ ବିଶ୍ୱ ଏଡ୍ସ ଦିବସ ପାଳନ କରାଯାଉଛି। ବିଶ୍ୱରେ ୨୦୧୮ ସୁଦ୍ଧା ୩କୋଟି ୮୦ ଲକ୍ଷ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତି ରହିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ୧୭ ଲକ୍ଷ ଶିଶୁ। ଭାରତରେ ଏଚ୍‌ଆଇଭି ସଂକ୍ରମିତ ସଂଖ୍ୟା ୨୧ ଲକ୍ଷରୁ ଅଧିକ। ପ୍ରତିବର୍ଷ ୮୮,୦୦୦ ଜଣ ବ୍ୟକ୍ତି ନୂଆ ସଂକ୍ରମିତ ହେଉଛନ୍ତି ଓ ୬୯,୦୦୦ ଜଣଙ୍କର ଏଡ୍ସ ଜନିତ ରୋଗରୁ ମୃତ୍ୟୁ ଘଟୁଛି। ଓଡ଼ିଶାରେ ଅକ୍ଟୋବର ୨୦୧୯ ସୁଦ୍ଧା ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ୪୯,୬୬୧ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୩୦,୭୩୮ ରହିଥିବାବେଳେ ମହିଳାଙ୍କ ସଂଖ୍ୟା ୧୮,୯୨୩। ଏଡ୍ସର ମୁଖ୍ୟ ସଂକ୍ରମଣ ମାଧ୍ୟମ ହେଉଛି ଅସୁରକ୍ଷିତ ଯୌନ ସମ୍ପର୍କ। ମା'ଠାରୁ ଶିଶୁକୁ ମଧ୍ୟ ୩୦ପ୍ରତିଶତ କ୍ଷେତ୍ରରେ ଏହା ସଂକ୍ରମିତ ହୋଇଥାଏ। ବିଶୋଧିତ ହୋଇ ନଥିବା ଛୁଞ୍ଚି ଓ ସିରିଞ୍ଜ ଦ୍ୱାରା ଡ୍ରଗ୍ସ ବ୍ୟବହାର କରୁଥିବା ବ୍ୟକ୍ତି ଓ ସଂକ୍ରମିତ ରକ୍ତ ସଞ୍ଚାରଣ ଦ୍ୱାରା ଏହା ବ୍ୟାପିବା ଆଶଙ୍କା ରହିଥାଏ। ଏଡ୍ସ ସଂକ୍ରମଣ ରୋକିବା ଲାଗି ଯୌନକର୍ମୀ,ପୁରୁଷ ସମଲିଙ୍ଗୀ,ବର୍ଷର ଅଧିକାଂଶ ସମୟ ବାହାରେ ରହୁଥିବା ବ୍ୟକ୍ତିବିଶେଷ, ଟ୍ରକ୍ ଓ ଦୂରଗାମୀ ଗାଡିଚାଳକ ,ବାହାରୁ ଆସୁଥିବା ବ୍ୟକ୍ତିସମୂହ,ଶୀରା ମାଧ୍ୟମରେ ନିୟମିତ ନିଶା ନେଉଥିବା ବ୍ୟକ୍ତିମାନଙ୍କୁ ରକ୍ତ ପରୀକ୍ଷା କରିବାକୁ ଆଣିବା ସହିତ ସଂକ୍ରମଣ ନିରୂପଣ କାର୍ଯ୍ୟ ଉଭୟ ଦେଶ ଓ ରାଜ୍ୟରେ ଜାରି ରହିଛି। ସମ୍ବେଦନଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ୯୦%ଭାଗକୁ ପରୀକ୍ଷା କରି ସେମାନଙ୍କର ଏଚ୍‌ଆଇଭି ସ୍ଥିତି ଜଣାଯାଉଛି। ଏହି ୯୦%ଭାଗ ନିରୂପିତ ଆକ୍ରାନ୍ତମାନଙ୍କ ମଧ୍ୟରୁ ନିହାତି ପକ୍ଷେ ୯୦%କୁ ଚିକିତ୍ସା ପରିସର ଆର୍ଥାତ୍ ଏଆର୍‌ଟି ଖାଇବାର ଲକ୍ଷ୍ୟ ରଖାଯାଇଛି। ଏହା ମଧ୍ୟ ପୂରଣ ହେବାକୁ ଯାଉଛି। ଏହି ଏଆର୍‌ଟି ବ୍ୟବହାରକାରୀମାନଙ୍କ ମଧ୍ୟରୁ ଅତିକମ୍‌ରେ ୯୦% ଆକ୍ରାନ୍ତଙ୍କର ଭୂତାଣୁ ସଂଖ୍ୟା କମାଯାଇ ସେମାନଙ୍କୁ ରୋଗର ଭୟାବହତାରୁ ରକ୍ଷାକରାଯାଉଛି। ୨୦୩୦ସୁଦ୍ଧା ଦେଶରୁ ସମ୍ପୂର୍ଣ୍ଣ ରୂପେ ଏଡ୍ସ ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରହିଛି ; ଯାହାର ମୂଳଭିତ୍ତି ହେଉଛି ଆଉ ନୂଆ ଏଚ୍‌ଆଇଭି ସଂକ୍ରମଣ ନ ହେବାକୁ ଦେବା। ବିନା ମୂଲ୍ୟରେ ସମସ୍ତ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ମେଡିକାଲ କଲେଜ ପର୍ଯ୍ୟନ୍ତ ଏହି ପରୀକ୍ଷା ବ୍ୟବସ୍ଥା କରାଯାଉଛି। ସମସ୍ତେ ଏହାର ସୁଯୋଗ ନେବା ଉଚିତ୍। ପ୍ରତ୍ୟେକ ଅପରେଶନ୍ ଓ ସନ୍ତାନ ପ୍ରସବ ପୂର୍ବରୁ ଏହି ପରୀକ୍ଷା ଜରୁରୀ କରାଯାଉଛି। ଏଥିପାଇଁ 'ହୋଲ ବ୍ଲଡ୍ ଫିଙ୍ଗର ପ୍ରିକ୍ ଟେଷ୍ଟ' କିଟ୍‌ରେ ଯାଞ୍ଚ କରାଯାଇ ରିଆକ୍ଟିଭ୍ ବାହାରୁଥିବା ବ୍ୟକ୍ତିମାନଙ୍କୁ ପୁନଶ୍ଚ ନିଶ୍ଚିତ ପରୀକ୍ଷା କନ୍‌ଫରମେଶନ୍ ଟେଷ୍ଟ କରାଯାଉଛି। ଓଡିଶାରେ ଗର୍ଭବତୀ ମା'ମାନଙ୍କୁ ପରୀକ୍ଷା କରାଯାଇ ସଂକ୍ରମିତମାନଙ୍କୁ ଓ ସେମାନଙ୍କ ଶିଶୁମାନଙ୍କୁ ଚିକିତ୍ସା ପରିସରକୁ ଆଣିବା ସହଜ ହୋଇପାରିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ନିଆଯାଇଥିବା ପଦକ୍ଷେପ ଏହି କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ଆଣିପାରିଛି।

### ଆମେ କ'ଣ କରିପାରିବା

- ନିଜେ ଏହି ସଂକ୍ରମଣ ବିଷୟରେ ଜାଣିବା ଓ ଅନ୍ୟମାନଙ୍କୁ ଜଣାଇବା
- ନିଜେ ଯଦି ସଂକ୍ରମଣର ଅଧିକ ସମ୍ଭାବନା ଗୋଷ୍ଠୀରେ ରହିଛନ୍ତି ତାହେଲେ ବିନା ଦ୍ୱିଧାରେ ଯାଇ ଯାଞ୍ଚ କେନ୍ଦ୍ରରେ ରକ୍ତପରୀକ୍ଷା କରାଇନେବା।
- ସଂକ୍ରମିତ ବ୍ୟକ୍ତିମାନେ ଜାଣିବା ଓ ନିଶ୍ଚିତ କରିବା ଉଚିତ୍ ଯେ, ସଂକ୍ରମଣ ଯେମିତି ତାଙ୍କଠାରୁ ଅନ୍ୟ କାହାକୁ ନ ବ୍ୟାପେ।
- ସ୍ୱାମୀ କିମ୍ବା ସ୍ତ୍ରୀ କାହାର ଜଣଙ୍କର ସଂକ୍ରମଣ ନିରୂପଣ ହେଲେ ଅନ୍ୟ ଜଣେ ଓ ପିଲାମାନଙ୍କର ମଧ୍ୟ ପରୀକ୍ଷା କରାଇନେବା ।
- ସଂକ୍ରମିତ ବ୍ୟକ୍ତିମାନଙ୍କ ସହିତ ଭେଦଭାବ ସୃଷ୍ଟି ନକରିବା ଓ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା।
- ଥରେ ସଂକ୍ରମଣ ଜଣାପଡି ଔଷଧ ନେଇଥିଲେ ଏହା ଚାଲୁ କରିବା ଓ ବନ୍ଦ ନକରିବା ତଥା ମଝିରେ ନିର୍ଦ୍ଦିଷ୍ଟ ସମୟରେ ରକ୍ତଯାଞ୍ଚ କରିବା।
- ଅସୁରକ୍ଷିତ ଯୌନ ସମ୍ପର୍କ ସମ୍ପୂର୍ଣ୍ଣରୂପେ ବନ୍ଦ କରିବା।
- ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିମାନେ ନିଜର ଟିବି ପରୀକ୍ଷା କରାଇବା ଓ ନିରୂପିତ ବ୍ୟକ୍ତିମାନେ ଏଚ୍‌ଆଇଭି ପରୀକ୍ଷା କରାଇବା ଅତ୍ୟନ୍ତ ଜରୁରୀ।

ଡା. ରାମଚନ୍ଦ୍ର ରାଉତ
ମୋ-୯୪୩୭୭୪୨୪୯୯




ହ୍ୱାଟ୍ସଆପ୍ ହେଉ ବା ଫେସ୍‌ବୁକ୍ ଷ୍ଟାଟସ୍ ଖୋଲିବା ମାତ୍ରେ ବର୍ତ୍ତମାନ ସବୁଠୁ ଅଧିକ ଦେଖିବାକୁ ମିଳୁଛି ଟିକ୍‌ଟକ୍ ଭିଡିଓ। ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଯେପରି ନିଜର ଟିକ୍‌ଟକ୍ ଭିଡିଓ କରି ଅନ୍ୟମାନଙ୍କୁ ଦେଖାଇବା ଏକ ନିଶା ପାଲଟିଯାଇଛି। ଯେଉଁଥିରେ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି ଯୁବପିଢ଼ି। ତେବେ ଏହା କାହାକୁ ଯୋଗାଉଛି ମନୋରଞ୍ଜନର ଭରପୂର ଖୋରାକ ତ ଆଉ କାହା ପାଇଁ ସାଜୁଛି ମୁଣ୍ଡବିନ୍ଧାର କାରଣ...

ବର୍ତ୍ତମାନ ସୋସିଆଲ୍ ମିଡିଆରେ ରାଜ୍ କରୁଛି ଟିକ୍‌ଟକ୍ ଭିଡିଓ। ଅଧିକରୁ ଅଧିକ ଲାଇକ୍ ଏବଂ କମେଣ୍ଟ ପାଇବା ନିଶାରେ ବିଭିନ୍ନ ପ୍ରକାର ଟିକ୍‌ଟକ୍ ଭିଡିଓ କରିବାକୁ ନେଇ ଅଧିକାଂଶଙ୍କ ମଧ୍ୟରେ ଚାଲିଛି ଯେମିତି କମ୍ପିଟିଶନ୍। ତେବେ ଟିକ୍‌ଟକ୍‌ରେ ସମସ୍ତଙ୍କଠୁ ନିଜ ଭିଡିଓକୁ ସ୍ପେଶାଲ କରିବା ଲାଗି ଅନେକେ ନୂଆ ନୂଆ ଫର୍ମୁଲା ଆପ୍ଲାଏ କରିବାରେ ସବୁଠୁ ଆଗରେ ଅଛନ୍ତି ଯୁବପିଢ଼ି। ତେବେ ଏହା କାହା ଲାଗି ନିଜ ପ୍ରତିଭା ଲୋକଲୋଚନକୁ ଆଣିବାର ମାଧ୍ୟମ ପାଲଟିଛି ତ କାହାକୁ ଯୋଗାଉଛି ଭରପୂର ମନୋରଞ୍ଜନର ଖୋରାକ। ପୁଣି ଅପରପକ୍ଷେ ଏହା କାହାର ସମୟ ନଷ୍ଟ କରୁଥିବା ବେଳେ ଆଉ କାହା ଲାଗି ସାଜୁଛି ଘାତକ। ଆସନ୍ତୁ ଜାଣିବା ଟିକ୍‌ଟକ୍ ଭିଡିଓକୁ ନେଇ କ'ଣ ମତ ରଖୁଛନ୍ତି ଏମାନେ...

**ଲୁକ୍କାୟିତ ପ୍ରତିଭା ପରିପ୍ରକାଶର ସୁଯୋଗ ଦେଇଛି:** ଟିକ୍‌ଟକ୍ ଭିଡିଓ ପ୍ରସ୍ତୁତ କରିବାକୁ ଖୁସି ଲାଗେ । ଖାଲି ସମୟରେ ଅନେକ ଭିଡ଼ିଓ କରିଛି। ଏଥିରେ ନିଜର ଅଭିନୟ ପାଇଁ ବହୁତ ପ୍ରଶଂସା ବି ପାଇଛି । ଲାଇକ୍ସ ବଢ଼ିଛି । ଏହାଦ୍ୱାରା ନିଜର ଲୁକ୍କାୟିତ ପ୍ରତିଭା ଅନ୍ୟ ଆଗରେ ପରିପ୍ରକାଶ କରିବା ପାଇଁ ମୋତେ ବହୁତ ସହାୟକ ହୋଇଛି । ତେଣୁ ଏବେ ପ୍ରତ୍ୟେକ ଦିନ ଅତିକମରେ ଗୋଟିଏ ଟିକ୍‌ଟକ୍ ଭିଡିଓ ନିଜେ ଓ ସାଙ୍ଗମାନଙ୍କ ସହ ମିଶି କରୁଛି।

–ଏସ. ବିନୋଦ ଦାଶ, ଛାତ୍ର, ବ୍ରହ୍ମପୁର

**ନିଜ ସହ ଅନ୍ୟର ସମୟ ବି ନଷ୍ଟ କରୁଛନ୍ତି:** ବର୍ତ୍ତମାନ ହ୍ୱାଟ୍ସଆପ୍, ଫେସବୁକ୍ ଷ୍ଟସ୍ ହେଉ କି ୟୁଟ୍ୟୁବ୍ ସବୁ ଖୋଲିବା ମାତ୍ରେ ପ୍ରଥମେ ଦେଖିବାକୁ ମିଳୁଛି ଟିକ୍‌ଟିକ୍ ଭିଡିଓ। ନୂଆ ନୂଆ ଆରମ୍ଭ ହେବା ବେଳେ ଏହା ଦେଖିବାକୁ ଖୁବ୍ ମଜାଲାଗୁଥିଲା। ହେଲେ ବର୍ତ୍ତମାନ ଏହା ଏତେମାତ୍ରାରେ ବଢିବାରେ ଲାଗିଛି ଯେ, ଟିକ୍ ଟିକ୍ ନାଁ ଦେଖିଲେ ଭିଡିଓ ଦେଖିବାର ଇଚ୍ଛା କମିଯାଉଛି। ଏହାକୁ କରିବାର ନିଶା ଯୁବପିଢିଙ୍କୁ ଏମିତି ଘାରିଛି, ସେମାନେ ପାଠ ପଢା, କ୍ୟାରିଅର୍ ତଥା ଅନ୍ୟ ଜରୁରୀ କାର୍ଯ୍ୟ ପଛରେ ପକାଇ ଏହା ପିଛାରେ ଅଧିକ ସମୟ ନଷ୍ଟ କରୁଛନ୍ତି। ଆଉ ନିଜ ଭିଡିଓକୁ ବିଭିନ୍ନ ସୋସିଆଲ୍ ସାଇଟ୍‌ରେ ଛାଡି ଅନ୍ୟମାନଙ୍କ ସମୟ ବି ନଷ୍ଟ କରୁଛନ୍ତି।

– ସୁମିତ୍ କୁମାର ଅଗ୍ରୱାଲ, ପଟିଆ, ଭୁବନେଶ୍ୱର୍

**ଇଚ୍ଛା ପୂରଣ କରିଛି ଟିକ୍‌ଟକ୍:** ଟିକ୍‌ଟକ୍ ଭିଡିଓର ଚାର୍ମ ଅଲଗା। ଏହା ଦେଖିବାକୁ ଯେତିକି ଭଲ ଲାଗେ ନିଜେ କରିବାକୁ ତା'ଠୁ ଅଧିକ ମଜାଲାଗେ। ବର୍ତ୍ତମାନ ସୁଦ୍ଧା ୫ଶହରୁ ଉର୍ଦ୍ଧ୍ୱ ଟିକ୍‌ଟକ୍ ଭିଡିଓ କରି ସାରିଛି। ପ୍ରଥମେ ପ୍ରଥମେ ମ୍ୟୁଜିକ୍ ଭିଡିଓ କରୁଥିଲି। ବର୍ତ୍ତମାନ ବିଭିନ୍ନ ପ୍ରକାରର ଭିଡିଓ କରୁଛି। ମୋର ୨ ଶହରୁ ଉର୍ଦ୍ଧ୍ୱ ଭ୍ୟୁଅର୍ସ ବି ଅଛନ୍ତି। ସତ କହିବାକୁ ଗଲେ ଟିକ୍ ଟିକ୍ ଆସିବା ପରେ ପିଲାବେଳୁ ମୋର ଅଭିନୟ ପ୍ରତି ଥିବା ଇଚ୍ଛା ପୂରଣ ହୋଇପାରିଛି। ଯେତେବେଳେ ମୋ ଭିଡିଓରେ ଲାଇକ୍ସ ବଢୁଛି ଏବଂ କମେଣ୍ଟରେ ପ୍ରଶଂସା ମିଳୁଛି ବହୁତ ଖୁସିଲାଗୁଛି।

– ସ୍ମରଣୀକା ଦାଶ, ଛାତ୍ରୀ, ପୁରୀ

**ମନୋରଞ୍ଜନ ନିଶାରେ ବିପଦକୁ ନିମନ୍ତ୍ରଣ କରୁଛନ୍ତି:** ଟିକ୍‌ଟକ୍ ଆପ୍‌ରେ ଯୁବ ସମାଜ ତାଙ୍କର ମୂଲ୍ୟବାନ ସମୟକୁ ନଷ୍ଟ କରୁଛନ୍ତି । ଅଧିକ ଭିୟୁ ଏବଂ ଲାଇକ୍ସ ପାଇବା ପାଇଁ ଅନେକ ସମୟରେ ଜୀବନକୁ ବାଜି ଲଗାଇ ଭିଡ଼ିଓ ପ୍ରସ୍ତୁତ କରୁଛନ୍ତି । ଏପରି କି ବହୁ ଯୁବତୀଯୁବକଙ୍କର ଭିଡ଼ିଓ ରେକର୍ଡ ସମୟରେ ମୃତ୍ୟୁ ହେବାର ମଧ୍ୟ ନଜିର ରହିଛି । ଏହା ମନୋରଞ୍ଜନ କମ୍, ଦିନକୁ ଦିନ ବେଶି ବିପଦପୂର୍ଣ୍ଣ ହେବାରେ ଲାଗିଛି । କେବଳ ଏତିକି ନୁହେଁ, ଲାଇକ୍ସ ବଢ଼ାଇବା ପାଇଁ ବର୍ତ୍ତମାନ ଟିକ୍‌ଟକ୍ ଜରିଆରେ ଅଶ୍ଳୀଳ ଭିଡ଼ିଓ ବି ପ୍ରସ୍ତୁତ କରାଯାଉଛି । ବିଶେଷ କରି କଲେଜ ଛାତ୍ରୀଛାତ୍ରମାନେ ଅଶ୍ଳୀଳ ଇଙ୍ଗିତ ଏବଂ ନୃତ୍ୟର ଭିଡ଼ିଓ କରୁଛନ୍ତି। ତେଣୁ ଏସବୁକୁ ରୋକିବା ଆବଶ୍ୟକ। ଏଥିପାଇଁ କେବଳ ଟିକ୍‌ଟିକ୍ ଆପ୍‌କୁ ବନ୍ଦ କରିଦେଲେ, ସମସ୍ୟାର ସମାଧାନ ହେବ ନାହିଁ । ଏହାକୁ ବନ୍ଦ ହେଲେ, ଆଉ ଏକ ଆପ୍ ବାହାରିଯିବ । ଏଣୁ ସରକାର ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବା ସହ ଅଶ୍ଳୀଳତା ଏବଂ ବିପଦପୂର୍ଣ୍ଣ ଭିଡ଼ିଓ ରୋକିବା ଦିଗରେ ପଦକ୍ଷେପ ନେବା ଜରୁରୀ ।

–ଜଗଦୀଶ ସାହୁ, ଯୁବ ଉଦ୍ୟୋଗୀ, ବ୍ରହ୍ମପୁର

**ଲୋଡା ସରକାରୀ ଅଙ୍କୁଶ:** ଯୁବପିଢିଙ୍କ ମଧ୍ୟରେ ଟିକ୍‌ଟକ୍ ଭାଇରାସ ପରି ପସିଗଲାଣି। ଏଥିଲାଗି ଯୁବତୀ, ଯୁବକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ରେଷ୍ଟୁରାଣ୍ଟ, କଲେଜ କ୍ୟାଣ୍ଟିନ, କ୍ଲାସରୁମ୍, ଘରେ, ବଜାରରେ ଚାରିଆଡେ ଟିକ୍‌ଟିକ ନିଶା ଘାରିଛି। ଟିକ୍‌ଟକ୍ ମନୋରଞ୍ଜନ ପରିବର୍ତ୍ତେ ମୃତ୍ୟୁକୁ ଆମନ୍ତ୍ରଣ କରୁଛି। ନିକଟରେ ଘଟିଥିବା ଘଟଣାରୁ ଯୁବପିଢି କୌଣସି ଶିକ୍ଷାଲାଭ କରୁନାହାନ୍ତି। ଏହା ବର୍ତ୍ତମାନ ଯୁବତୀଯୁବକଙ୍କୁ ଗ୍ରାସିବାକୁ ଲାଗିଛି। ଏହା ଉପରେ ସରକାର ଅଙ୍କୁଶ ଲଗାଯିବା ଆବଶ୍ୟକ।

– ଜନାର୍ଦ୍ଦନ ବେହେରା, ପଲ୍ଲୀ, ପୁରୀ ସଦର


ଜଗଦୀଶ


ଜନାର୍ଦ୍ଦନ


ବିନୋଦ


ସ୍ମରଣୀକା


ସୁମିତ୍

## ଏ ସପ୍ତାହର ପ୍ରଶ୍ନ

୧– ୟୁରୋପିଆନ କୋର୍ଟ ଅଫ୍ ଜଷ୍ଟିସ୍‌ର ହେଡ୍‌କ୍ୱାର୍ଟର............ ଠାରେ ରହିଛି ?
୨– ଭାରତର ଆଟୋମିକ୍ ଏନର୍ଜି କମିଶନର ପ୍ରଥମ ଚେୟାରମ୍ୟାନ୍............ ?
୩– ପ୍ରସିଦ୍ଧ ସଂଗୀତକାର ଗୁଲଜାର୍‌ଙ୍କ ପ୍ରଥମ ଇଂରାଜୀ ଉପନ୍ୟାସ......... ?
୪– ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଭାବେ........ ଯୋଗଦେଇଛନ୍ତି ?
୫– ଭାରତରେ ବାୟୋ ଗ୍ୟାସ୍ ବସ୍ ଚଳାଚଳ ସର୍ବପ୍ରଥମେ.......... ସହରରେ ଆରମ୍ଭ କରାଗଲା ?

## ଗତ ଥରର ଉତ୍ତର

୧ ମ୍ୟାଡାମ୍ କ୍ୟୁରୀ
୨ ଭାନୁ ଆଥିୟା
୩ ମୋହାଲି
୪ ଅନିନ୍ଦିତା ନିୟୋଗୀ ଆନାମ୍
୫ ତାଇବାନ୍

## ଉତ୍ତର ଦାତା


ସଞ୍ଜୟ ଦଳାଇ, ଭଦ୍ରକ


ସୌମ୍ୟରଞ୍ଜନ ମୁଦୁଲି, ପୁରୀ


ସୋନାଲୀ ବେହେରା, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ୧୦ ଟପ୍

### ପୃଥିବୀର ସବୁଠୁ ସୁନ୍ଦର ଷ୍ଟାଡିୟମ୍ ୨୦୧୯



୧– ସକ୍କର ସିଟି ଷ୍ଟାଡିୟମ୍, ଜୋହାନ୍ସବର୍ଗ, ସାଉଥ୍ ଆଫ୍ରିକା
୨– ମାରାକାନା ଷ୍ଟାଡିୟମ, ରିଓ ଡି ଜେନିରୋ, ବ୍ରାଜିଲ
୩– ଆଲିଆଞ୍ଜ୍ ଆରେନା, ମ୍ୟୁନିଚ୍, ଜର୍ମାନୀ
୪– ୱେମ୍ବ୍ଲେ ଷ୍ଟାଡିୟମ୍, ଲଣ୍ଡନ୍
୫– ଦି ଫ୍ଲୋଟ୍ ଆଟ୍ ମରିନା ବେ, ସିଙ୍ଗାପୋର୍
୬– ପଞ୍ଜୋ ଆରେନା, ହଙ୍ଗେରୀ
୭– ଷ୍ଟାଡିଅନ୍ ଗସ୍କିନ୍ ଡୋଲକ୍, କ୍ରୋଏସିଆ
୮– ଇଷ୍ଟାଡିଓ ମୁନିସିପାଲ୍ ଡେ ଆଭେରିଓ, ପର୍ତ୍ତୁଗାଲ
୯– ସ୍ୱାଙ୍ଗାସ୍କାର୍ଡ ଷ୍ଟାଡିୟମ୍, ଫାରୋଜ୍
୧୦– ବାଡ୍ସ ନେଷ୍ଟ ଷ୍ଟାଡିୟମ୍, ବେଜିଂ, ଚାଇନା

**ଧରିତ୍ରୀ**ର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ କୃଷିଉନ୍ନୟନ ଏବଂ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର
ମୋରଡା, ଚିଦ୍ରଡା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ କଟକ ସଦର ପଞ୍ଚାୟତ ସମିତିର ଚାଷୀଭାଇ ଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଅଛି ।
ଆସ ଉନ୍ନତ ପ୍ରଣାଳୀରେ ଚାଷ କାର୍ଯ୍ୟ ଆପଣେଇବା ।
ସମର ବେହେରା
ସଭାପତି, ଆତ୍ମା

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଧରିତ୍ରୀ ପରିବାର ଓ ପାଠକଙ୍କୁ ଶୁଭେଚ୍ଛା ଜଣାଉଛି।

ଜି. ମୋହନ ଡୋରା
କୋରାପୁଟ ଡିଷ୍ଟ୍ରିକ୍ଟ, ସେକ୍ରେଟାରୀ
ଭାରତୀୟ ଜନତା ପାର୍ଟି

କଟକ ଜିଲ୍ଲା ପରିଷଦ ଜୋନ ନଂ.-୪ ଅନ୍ତର୍ଗତ ଆମଣ, ଖଣ୍ଡେଏତା ଓ ଉରାଳ ଗ୍ରାମପଞ୍ଚାୟତ ବାସୀଙ୍କର ସୁଖ, ସମୃଦ୍ଧି ଓ ନିରାମୟ ଜୀବନ କାମନା କରୁଅଛି।
ଜୀବନ ସାମନ୍ତରାୟ
ଜିଲ୍ଲା ପରିଷଦ ସଭ୍ୟ

ପ୍ରଗତି ପଥେ....
ଅରିଲୋ ଗ୍ରାମପଞ୍ଚାୟତ, କଟକସଦର
ଜନସାଧାରଣଙ୍କର ସାହାଯ୍ୟ ଓ ସହଯୋଗ ଦ୍ୱାରା ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅର୍ଥର ସୁବିନିଯୋଗ ।
ଅକ୍ଷୟ କୁମାର ସାହୁ
ସରପଞ୍ଚ

ପ୍ରଗତି ପଥେ....
କଳପଡ଼ା ଗ୍ରାମପଞ୍ଚାୟତ, କଟକସଦର
ପଞ୍ଚାୟତ ବାସୀଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଁ ସଙ୍କଳ୍ପ ବଦ୍ଧ ।
ସରୋଜ କୁମାର ନାୟକ
ସରପଞ୍ଚ

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ବଡମ୍ବା ବ୍ଲକର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ମୋର ଅଭିନନ୍ଦନ।

ପୂର୍ଣ୍ଣଚନ୍ଦ୍ର ମିଶ୍ର
ସଭାପତି, ବଡମ୍ବା ବ୍ଲକ, ପ୍ରାଥମିକ ଶିକ୍ଷକ ସଂଘ

ଦୈନିକ ଓଡ଼ିଆ ଖବର କାଗଜ 'ଧରିତ୍ରୀ'ର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ପରକାପଡ଼ା ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନ, ମା', ଭଉଣୀ, ଭାଇ ଓ ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

ଚିନ୍ତାମଣି ସାମଲ (ବିଦେଶୀ)
ସରପଞ୍ଚ, ପରକାପଡା ଗ୍ରାମପଞ୍ଚାୟତ
ବଡମ୍ବା, କଟକ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସରେ ପ୍ରହରାଜପୁର ଗ୍ରାମପଞ୍ଚାୟତ, କଟକସଦର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି। ସମସ୍ତଙ୍କର ସହଯୋଗରେ ଜନସେବା ଏକାନ୍ତ କାମ୍ୟ।

ଶ୍ରୀମତୀ ରୂପସୀ ସାହୁ
ସରପଞ୍ଚ

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଧରିତ୍ରୀ ପରିବାର ଓ ପାଠକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ଲାଲୁ ଷଡ଼ଙ୍ଗୀ
ସିନିୟର୍ ଆଡଭୋକେଟ୍

ପ୍ରଗତି ପଥେ
ଫକିରପଡ଼ା ଗ୍ରାମପଞ୍ଚାୟତ, କଟକସଦର ପଞ୍ଚାୟତ ସମିତି ଅଢେଇ ବର୍ଷରେ ୭୫ଜଣଙ୍କୁ ଭତ୍ତା ପ୍ରଦାନ ୭୫ଲକ୍ଷ ଟଙ୍କାର ନିର୍ମାଣ ଭିତ୍ତିକ କାର୍ଯ୍ୟ, ୪୦ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ପ୍ରଦାନ ସହ ୭୦ଜଣଙ୍କୁ ରାଶନ କାର୍ଡ, ନୂଆକରି ୨୦୦ ପାଇଖାନା କରାଯାଇଛି।

ଯତୀନ କୁମାର ରାଉଳ
ସରପଞ୍ଚ

ଦୈନିକ 'ଧରିତ୍ରୀ'ର ଜନ୍ମ ବାର୍ଷିକୀ ଉତ୍ସବ ପାଳିତ ଅବସରରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସମବାୟବିତ୍, କୃଷକ, ସେବାସମବାୟ ସମିତିର ସମସ୍ତ ସଭ୍ୟ ଓ ସଭ୍ୟା ଭାଇ ଓ ଭଉଣୀମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭକାମନା।

ରଘୁପତି ମହାନ୍ତି
ଖାରୋଡ଼ା, ବଡ଼ମ୍ବା, କଟକ
ନିର୍ଦ୍ଦେଶକ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ

'ଧରିତ୍ରୀ' ଖବରକାଗଜର ୪୬ତମ ଜନ୍ମବାର୍ଷିକୀ ପାଳିତ ଅବସରରେ ବଡ଼ମ୍ବା ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଓ ସମସ୍ତ କର୍ମଚାରୀଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା।

ପ୍ରମିଳା ଦେଇ
ସି.ଡି.ପି.ଓ., ବଡମ୍ବା ବ୍ଲକ



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

ରେଢ଼ାଖୋଲ,୩୦।୧୧(ଡି.ଏନ.ଏ) ରେଢ଼ାଖୋଲ-ନାକଟୀଦେଉଳ ରାସ୍ତାର ମୁଟୁରୁମୁଣ୍ଡା ଗ୍ରାମ ନିକଟରେ ଶନିବାର ସନ୍ଧ୍ୟା ୬ଟା ବେଳେ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମୁଟୁରୁମୁଣ୍ଡା ଗ୍ରାମର ଅମ୍ରିତ ମିଞ୍ଜ(୨୫)। ଏହି ଦୁର୍ଘଟଣାରେ ଅଙ୍କିତ ବାରଲା (୨୧)ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଅମ୍ରିତ ଓ ଅଙ୍କିତ ବାଇକ (ନଂ.ଓଡି୧୫ଏମ/୧୧୦୧) ଯୋଗେ ରେଢ଼ାଖୋଲ ସହରରୁ ତାଙ୍କ ଗ୍ରାମ ମୁଟୁରୁମୁଣ୍ଡାକୁ ଫେରୁଥିଲେ। ଗାଁ ନିକଟରେ ଭାରସାମ୍ୟ ହରାଇବାରୁ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗ୍ରାମବାସୀ ଦୁର୍ଘଟଣାସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ଅମ୍ରିତଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

### ■ ଧୂଳିରେ ଅତିଷ୍ଠ ନକ୍ସପାଲି ଗ୍ରାମବାସୀ

# ରାସ୍ତା ନିର୍ମାଣ କାମ ବନ୍ଦ କରାଗଲା

ସମ୍ବଲପୁର,୩୦।୧୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ନକ୍ସପାଲି ଗ୍ରାମବାସୀ ଜାତୀୟ ରାଜପଥ ନିର୍ମାଣ କାମ ବନ୍ଦ କରି ଦେଇଛନ୍ତି। ଗ୍ରାମ ନିକଟ ରାସ୍ତା କାମରେ ଫ୍ଲାଆସ ପକାଇବାରୁ ଧୂଳି ଉଡୁଛି। ଏହା ଘର ଭିତରେ ପଶୁଛି। ଫଳରେ ଖାଦ୍ୟ ଓ ପାଣି ପ୍ରଦୂଷିତ ହେବା ସହ ବଗିଚା ଏବଂ ଫସଲ ନଷ୍ଟ ହେଉଛି । ଫଳରେ ଗ୍ରାମବାସୀ ଶନିବାର କାମ ବନ୍ଦ କରିବା ସହ ଏହାର ପ୍ରତିବାଦ କରିଥିଲେ। ପରେ କମ୍ପାନୀ ଅଧିକାରୀମାନେ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ପାଣି ଛିଞ୍ଚନ କର ତା'ପରେ ରାସ୍ତା କାମ କର। ନଚେତ୍ କାମ ବନ୍ଦ ରଖ। ଲୋକମାନଙ୍କ ସୁବିଧା ପାଇଁ ରାସ୍ତା ନିର୍ମାଣ କରାଯାଉଛି। ଆମେ ସ୍ୱାଗତ କରୁଛୁ। ହେଲେ କେହି ଯେପରି ଅସୁବିଧାରେ ନ ପଡିବେ ସେଥିପ୍ରତି କମ୍ପାନୀର ଅଧିକାରୀମାନେ ଦୃଷ୍ଟି ଦେବା ଉଚିତ୍ ବୋଲି ଗ୍ରାମବାସୀ କହିଥିଲେ। ଶେଷରେ କମ୍ପାନୀ ଅଧିକାରୀମାନେ ଏଥିରେ ସହମତି ହେବା ପରେ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା ।



ସମ୍ବଲପୁର ନକ୍ସପାଲି ଗ୍ରାମବାସୀ ରାସ୍ତା କାମ ବନ୍ଦ କରିବାରୁ ଗାଡିଗୁଡିକ ଛିଡା ହୋଇ ରହିଛି ।

# ଟୋକନ ସମସ୍ୟାକୁ ନେଇ ଚାଷୀଙ୍କ ବୈଠକ

ସମ୍ବଲପୁର,୩୦।୧୧(ବ୍ୟୁରୋ)

ଦାବି, ଆନ୍ଦୋଳନ ଓ ଜାତୀୟ ରାଜପଥ ଅବରୋଧ ପରେ ଜିଲାରେ ୨୨ ତାରିଖରୁ ଧାନ କିଣା ଆରମ୍ଭ ହୋଇଥିଲା। ଟୋକନକୁ ବିରୋଧ କରି ଚାଷୀମାନେ ଆନ୍ଦୋଳନ କରିଥିଲେ। ହେଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଓ ସରକାରଙ୍କ ଉପ ମୁଖ୍ୟସଚେତକ ବିଧାୟକ ରୋହିତ ପୁଜାରୀ ଚାଷୀଙ୍କ ସହ ଆଲୋଚନା କରିଥିଲେ। ମାର୍କେଟକୁ ଆସିଥିବା ଧାନଗୁଡିକ ବିନା ଟୋକନରେ କିଣାଯିବ। ଆବଶ୍ୟକ ହେଲେ ଟୋକନ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୩ ଦିନ ଗଲା ପରେ ପୁଣି ଧାନ କିଣାରେ ସମସ୍ୟା ଦେଖାଗଲା। ଜଣେ ଚାଷୀ ଧାନ ବିକ୍ରି କଲାପରେ ପୁଣି ୧୫ ଦିନ ପରେ ଆଉ ଥରେ ବିକ୍ରି କରିବା ପାଇଁ ଟୋକନ ମିଳିଲା। ଏହାକୁ ଜାଣିବା ପରେ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ। ସମବାୟ ସମିତି ଓ ଯୋଗାଣ ବିଭାଗ ମାର୍କେଟକୁ ଆସିଥିଲେ ମଧ୍ୟ ଚାଷୀମାନେ ଧାନ ବିକ୍ରି କରିବାକୁ ଆସି ନ ଥିଲେ। ପ୍ରାୟ ୪ ଦିନ ହେଲା ଜିଲାରେ ଏଭଳି ପରିସ୍ଥିତି ଦେଖାଦେଇଥିଲା। ଏହାକୁ ନେଇ ବରେଇପାଲି ମାର୍କେଟ ୟାର୍ଡରେ ଜିଲା ଚାଷୀ ସଙ୍ଗଠନ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାସ୍ତରୀୟ ଚାଷୀ ସଙ୍ଗଠନ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ଏବେ ଚାଷୀ ହରଡଘଣାରେ ପଡିଛନ୍ତି। ତେଣୁ ଚାଷୀମାନେ ଓ ଯୋଗାଣ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିଥିଲେ। ଧାନ ବିକ୍ରି ସ୍ୱାଭାବିକ ହେବ ହେଲେ ଟୋକନ ବ୍ୟବସ୍ଥାରେ ସରଳୀକରଣ କରାଯାଉ। ଏକ ସପ୍ତାହ ଭିତରେ ୨ଟି ଟୋକନ ଦିଆଯାଉ। ଫଳରେ ଚାଷୀମାନେ ସପ୍ତାହରେ ଦୁଇଥର ଧାନ ବିକ୍ରି କରିପାରିବେ ବୋଲି ଆନ୍ଦୋଳନକାରୀମାନେ ଦାବି କରିଥିଲେ।

### ମାସର ଅନ୍ତିମ ଦିନରେ ବି ଓକିଲଙ୍କ କାର୍ଯ୍ୟବନ୍ଦ

କୁଚିଣ୍ଡା,୩୦।୧୧(ଡି.ଏନ.ଏ.) ପଶ୍ଚିମ ଓଡିଶାର ସମ୍ବଲପୁରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ କୁଚିଣ୍ଡା ଓକିଲ ସଂଘର ନେତୃତ୍ୱରେ ଚାଲିଥିବା ୩ ଦିନିଆ ବନ୍ଦ ପାଳନ ଶେଷ ହୋଇଛି। ଏହି ଦିନରେ ମଧ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଇନସ୍ୟୁରାନ୍ସ କମ୍ପାନୀ, ପୋଷ୍ଟ ଅଫିସ ଆଦି ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଓକିଲମାନେ ବିଭିନ୍ନ କାର୍ଯ୍ୟାଳୟରେ ପିକେଟିଂ କରି ବନ୍ଦ ରଖିଥିବା ବେଳେ କୋର୍ଟ ସମ୍ମୁଖରେ ମଧ ଗେଟ ବନ୍ଦ କରି ବସି ରହିଥିଲେ। ସେହିପରି କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବରିଷ୍ଠ ଓକିଲ ସପ୍ନେଶ୍ୱର କିସାନ, ହୃଦାନନ୍ଦ ଶର୍ମା, ପ୍ରମୋଦ ଛୁରିଆ, ପ୍ରଦୀପ୍ତ ଶର୍ମା, ସଞ୍ଜୟ ପାଣିଗ୍ରାହୀ, ପ୍ରଭାତ ନାୟକ, ଅଶ୍ୱିନୀ ନାୟକ, ମୁରଲୀଧର କୁସୁମ, ଗୀତା ପଣ୍ଡା, ଚନ୍ଦ୍ରଭାନୁ ପଟେଲ ପ୍ରମୁଖ ବସି ରହିଥିଲେ ।

# ଏଚ୍‌ଆଇଭି ସଂକ୍ରମିତ ବାଳକଙ୍କୁ ଆର୍ଥିକ ସହାୟତା

ସମ୍ବଲପୁର,୩୦।୧୧(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭୀମସାର ଡାକ୍ତର ଶଙ୍କର ରାମଚନ୍ଦାନୀ ଜଣେ ଏଚ୍‌ଆଇଭି ସଂକ୍ରମିତ ୧୨ ବର୍ଷ ବାଳକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ପାଠ ପଢା ଖର୍ଚ୍ଚ ପାଇଁ ଡାକ୍ତର ରାମଚନ୍ଦାନୀ ୫୦ ହଜାର ଟଙ୍କା ସଂପୃକ୍ତ ବାଳକଙ୍କ ଖୁଡିକୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ରାମଚନ୍ଦାନୀ କହିଛନ୍ତି, କିଛିଦିନ ପୂର୍ବରୁ ମୋର ସ୍ତ୍ରୀ ୨ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ସେମାନଙ୍କ ପାଇଁ ପୂଜା ଉତ୍ସବ କରିବାର ଥିଲା। ସେଥିପାଇଁ ଟଙ୍କା ଜମା କରି ରଖିଥିଲି। ହେଲେ ଜଣେ ୧୨ ବର୍ଷ ବାଳକ ଏଚ୍‌ଆଇଭି ଆକ୍ରାନ୍ତ ଜାଣିବାକୁ ପାଇଥିଲି। ମନରେ ପରିବର୍ତ୍ତନ ଆସିଲା, ଉତ୍ସବରେ ଖର୍ଚ୍ଚ କରିବା ଅପେକ୍ଷା ଉକ୍ତ ବାଳକଙ୍କୁ ସାହାଯ୍ୟ କଲେ ଭଲ ହେବ। ତେଣୁ ତାଙ୍କ ପରିବାର ସହ ଯୋଗଯୋଗ କରିଥିଲି। ଜାଣିବାକୁ ପାଇଲି ସଂପୃକ୍ତ ବାଳକଙ୍କ ମା'ବାପାଙ୍କ ୨୦୧୩ ମସିହାରେ ମୃତ୍ୟୁ ଘଟିଛି। ଏବେ ସେ ପିଇସୀଙ୍କ ପାଖରେ ରହୁଛନ୍ତି। ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ସ୍କୁଲରେ ମଧ ଭଲ ମାର୍କ ରଖି ପାସ କରୁଛନ୍ତି। ତାଙ୍କ ପାଠ ପଢିବା ପାଇଁ ଏହି ଟଙ୍କା ପ୍ରଦାନ କରିଛି। ସେ ଟିଉସନ ପଢିବେ। ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖିବେ ବୋଲି ଆଶା କରୁଛି। ସରକାର ମାଗଣାରେ ଔଷଧ ଦେଉଛନ୍ତି। ସେ ନିୟମିତ ଭାବେ ଔଷଧ ଖାଇଛନ୍ତି। ଉଚ୍ଚ ଶିକ୍ଷିତ ହେଲେ ତାଙ୍କ ପରିବାର କଷ୍ଟ ଦୂର ହେବ। ଆଗାମୀ ଦିନରେ ମଧ କୌଣସି ସମସ୍ୟା ହେଲେ ତାଙ୍କୁ ସହଯୋଗ କରିବି ଏନେଇ ପ୍ରତିଶ୍ରୁତି ଦେଇଥିବା ଡାକ୍ତର ରାମଚନ୍ଦାନୀ କହିଛନ୍ତି।

### ଲକ୍ଷେଘର ଗଣ୍ଡା ସମାଜ ପରିଷଦ ଗଠନ

ସମ୍ବଲପୁର,୩୦।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ହୁମା ମୋକ୍ଷାଳୟ ଶକ୍ତିପୀଠ ଲକ୍ଷଘର ଗଣ୍ଡା ସମାଜ ଉନ୍ନୟନ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପରିବର୍ତ୍ତନ କରିବା ସହ ନୂତନ ପରିଷଦ ଗଠନ ହୋଇଥିଲା। ଲାଲ ବାହାଦୁର ବାଗଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭପତି ହରିହର ମହାନନ୍ଦଙ୍କ ସ୍ଥାନରେ ଦଶପୁର ଗ୍ରାମର ଶ୍ରୀବସ୍ତ ବାଗଙ୍କୁ ସଭାପତି ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏହି ଅବସରରେ ଲକ୍ଷେଶ୍ୱର ବାବାଙ୍କ ମନ୍ଦିର ନିର୍ମାଣ ଓ ପରିଚାଳନା ପାଇଁ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ଭରାସାଗର, ଦାମୋଦର ଭରାସାଗର, ବିରେନ୍ଦ୍ର ସୁନା, ହାଡୁ ଭରାସାଗର, ମଗ ମନ୍ଦୋଦରୀ, ସଚିନ ଛୁରିଆ, ଜିତେନ ସୁନା ପ୍ରମୁଖ ଶତାଧିକ ଉପସ୍ଥିତ ରହିଥିଲେ ।





ନିଯୁକ୍ତି କର୍ମଶାଳାରେ ମଞ୍ଚାସୀନ ଅତିଥି।

# କିସିଣ୍ଡା କଲେଜରେ ନିଯୁକ୍ତି କର୍ମଶାଳା

ନାକଟିଦେଉଳ,୩୦।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା କଲେଜରେ ରାଜ୍ୟ ସରକାରଙ୍କ ଉଚ୍ଚମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର କଲେଜ ପରିସରରେ ଏକ ନିଯୁକ୍ତି କର୍ମଶାଳା ଆୟୋଜିତ ହୋଇଯାଇଛି। କିସିଣ୍ଡା ମହାବିଦ୍ୟାଳୟ ଅଧକ୍ଷା ସୁଶ୍ରୀତା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଶିକ୍ଷାବିତ ଜୟକୃଷ୍ଣ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ଭାବ୍ୟ ନିଯୁକ୍ତିର ପରିସର, ଭବିଷ୍ୟତ ଯୋଜନା ପ୍ରସ୍ତୁତି, ଆତ୍ମ ନିଯୁକ୍ତିର କ୍ଷେତ୍ର ଏବଂ ଏ ଦିଗରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନିଯୁକ୍ତି କର୍ମଶାଳା ସଂଯୋଜକ ଅଧ୍ୟାପକ କୈଶିକ ପ୍ରଧାନ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତିଭିତିକ ଶିକ୍ଷା ଏବଂ ଜିଲା ଶିଳ୍ପ କେନ୍ଦ୍ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ।ନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୀମା ନାୟକ, ଅନିତା ପ୍ରଧାନ ଏବଂ ଅଧ୍ୟାପିକ ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଏବଂ ନିଯୁକ୍ତି ପାଇଁ ସରକାରଙ୍କ ବିଭିନ୍ନ ଶିକ୍ଷା ପାଠ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। କ୍ରୀଡ଼ା ଶିକ୍ଷକ ସୁରେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନାକଟିଦେଉଳ ଡିଗ୍ରୀ କଲେଜ ଇତିହାସ ବିଭାଗର ପାଠଚକ୍ର

ନାକଟିଦେଉଳ,୩୦।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଶୁକ୍ରବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଶିର୍ଷକ ଏହି ଆଲୋଚନାଚକ୍ରରେ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ତୃତୀୟ ବର୍ଷ ଛାତ୍ରୀ ସୂର୍ଯ୍ୟକାନ୍ତୀ ବେହେରା, ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରଭାସିନୀ ଦାଶ, ନିକିତା ପ୍ରଧାନ, ଛାତ୍ର ଦିବାକର ପ୍ରଧାନ ଏବଂ ପ୍ରଥମ ବର୍ଷ ଛାତ୍ରୀ ଦମୟନ୍ତୀ ସାହୁ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ସମ୍ପର୍କରେ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଆଲୋଚକ ଭାବେ ନାକଟିଦେଉଳ ଯୁକ୍ତ ଦୁଇ କଲେଜ ବରିଷ୍ଠ ରାଜନୀତି ବିଜ୍ଞାନ ପ୍ରଧାପକ ଡ. ଦିପେନ କୁମାର ପଟ୍ଟନାୟକ, ଇତିହାସ ବିଭାଗ ଅଧ୍ୟାପକ ସରୋଜ କୁମାର ଭୁଏ ଯୋଗଦେଇ ଗାନ୍ଧିଜୀଙ୍କ ଦର୍ଶନ ଉପରେ ଆଲୋଚନା କରିଥିଲେ। ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଭଜମୋହନ ପ୍ରଧାନ, ଶିକ୍ଷା ବିଭାଗ ଅଧ୍ୟାପକ ଶେଷଦେବ ବିଶ୍ୱାଳ, ଇଁଲିଶ ବିଭାଗ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ରାଜନିତୀ ବିଜ୍ଞାନ ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀ, ଓଡ଼ିଆ ଅଧ୍ୟାପିକା ପୁଷ୍ପାଞ୍ଜଳୀ ରବଣା ଏବଂ ଜୟନ୍ତୀ ସାହୁ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଥମ ବର୍ଷ ଛାତ୍ରୀ ବନ୍ଦନା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ କ୍ଷିରୋଦମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠଚକ୍ରରେ ଇତିହାସ ବିଭାଗ ସମସ୍ତ ଛାତ୍ରୀଛାତ୍ର ଏବଂ ମହାବିଦ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ।





ପାଠଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

### ୫ରେ କୁଚିଣ୍ଡା ଡାକ୍ତରଖାନା ପରିଦର୍ଶନ କରିବେ ସ୍ୱାସ୍ଥ୍ୟମନ୍ତ୍ରୀ

# ଦିନରାତି ଚାଲିଛି ମରାମତି କାର୍ଯ୍ୟ

କୁଚିଣ୍ଡା,୩୦।୧୧(ଡି.ଏନ.ଏ.)

ଆସନ୍ତା ୫ ତାରିଖରେ କୁଚିଣ୍ଡା ଡାକ୍ତରଖାନାରେ ନବନିର୍ମିତ କୋଠା, ରୋଗୀ ଓ ତାଙ୍କ ପରିଜନଙ୍କ ପାଇଁ ଉତ୍ସର୍ଗୀକୃତ ପାଇଁ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କୁଚିଣ୍ଡା ଡାକ୍ତରଖାନା ଆସିବେ। ଏହା ଜଣାପଡ଼ିବା ପରେ ଡାକ୍ତରଖାନା ପକ୍ଷରୁ ଚାରିଆଡେ ସଫା ସୁତୁରା ସହ ପୁରୁଣା କୋଠାରୁ ଛାଡି ଯାଇଥିବା ରଙ୍ଗ, ସବୁଜ, ସୁନ୍ଦର ପାଇଁ ଫଳ ଗଛ ସାଙ୍ଗକୁ ମରାମତି କାର୍ଯ୍ୟ ଦିନରାତି ଚାଲିଛି। ହେଲେ ଡାକ୍ତରକାନାରେ ୧୮ ଡାକ୍ତର ବଦଳରେ ୫ରୁ ୬ ଜଣ ଡାକ୍ତର ଅଛନ୍ତି। ଏଣୁ ରୋଗୀ ସେବା ବହୁ ସମୟରେ ବ୍ୟାହତ ହେଉଛି। ଡାକ୍ତର ପଦବୀ ପୂରଣ ପାଇଁ ଗତ ଏହି ଡାକ୍ତରଖାନାରେ ଖାଲିଥିବା ୨୮ ଅକ୍ଟୋବର ୨୦୧୯ ଆକସ୍ମିକ ଡାକ୍ତରଖାନା ପରିଦର୍ଶନ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଅଞ୍ଚଳରେ କିଛି ବୁଦ୍ଧିଜୀବୀ, ଖବରଦାତା ଡାକ୍ତରଖାନାର ଡାକ୍ତର ସମସ୍ୟା ଉପରେ ଉପସ୍ଥାପନ କରିଥିଲେ। ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ୨ ମାସ ଭିତରେ ୫୦ ରୁ ୬୦ ପ୍ରତିଶତ ଡାକ୍ତର ସମସ୍ୟା ପୂରଣ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏକ ମାସରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ବି ଏଯାଏଁ ପ୍ରତିଶ୍ରୁତି ପୂରଣ ହୋଇ ପାରିନି। ତାଙ୍କ ସାଥିରେ ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକ ମଧ୍ୟ ଥିଲେ। ଲୋକଙ୍କ ଆଶା ନବ ଯାହା କହନ୍ତି କାର୍ଯ୍ୟରେ ପରିଣତ କରନ୍ତି ବୋଲି, ଦେଖାଯାଉ କେବେ ପୂରଣ ହେଉଛି କୁଚିଣ୍ଡା ଡାକ୍ତରଖାନାର ସମସ୍ୟା।



ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆସିବା ପୂର୍ବରୁ କୁଚିଣ୍ଡା ଡାକ୍ତରଖାନା ପରିସର ସଫାସୁତରା କରାଯାଉଛି।

### ଜଙ୍ଗଲ ଜମି ଅଭିଯୋଗ ଶିବିର

ପଡିଆବାହାଲ, ୩୦।୧୧(ଡି.ଏନ.ଏ.)

ଜମନକିରା ବ୍ଲକ ମୁଣ୍ଡେନପାଲି ରାଜୀବ ଭବନଠାରେ ଜିଲାସ୍ତରୀୟ ଜଙ୍ଗଲ ଜମି ଅଧିଗ୍ରହଣ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୬୭ଜଣ ଜମି ଅଧିଗୃହିତା ନଥିପତ୍ର ତନଖି କରାଯାଇଛି। ଜିଲା ମଙ୍ଗଳ ଅଧିକାରୀ ଡ. ଗିତାଂଶୁ ମୋହନ ଦାସ, ଜମନକିରା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମୃତ୍ୟୁଞ୍ଜୟ ବଡ ପଣ୍ଡା, ଫରେଷ୍ଟର ଲେଖାରାଣୀ ମହାନନ୍ଦ, ସମିତି ସଭ୍ୟ ମନୋଜ ନାୟକ, ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

## ଫଟୋରେ ଖବର





ଶନିବାର ସମ୍ବଲପୁର ଅଇଁଠାପାଲି ଜାତୀୟ ପଲ୍ଲିଶ୍ରୀ ମେଳା ମଞ୍ଚରେ ଚେତନାମୟୀ ବେହେରା ଓ ରାଜକୁମାର ଜାଲ ସଂଗୀତ ପରିବେଷଣ କରୁଛନ୍ତି(ବାମ)। ପଲ୍ଲିଶ୍ରୀ ମେଳା ମଞ୍ଚରେ ନଟରାଜ କଳାକାରଙ୍କ ରସରକେଳି ନୃତ୍ୟ ।

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ଗ୍ରାମ୍ୟ ଉନ୍ନୟନ ବିଭାଗ କଣାସ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହିତ ଜଗତର ନାଥ କାଳିଆ ସାଆନ୍ତଙ୍କ ନିକଟରେ ଦୀର୍ଘଜୀବୀ ହେବାପାଇଁ ପ୍ରାର୍ଥନା କରୁଛୁ।

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ସହ
**ରାଜେଶ କୁମାର ଶବର**
ଯୋଗାଣ ନିରୀକ୍ଷକ, ନବରଙ୍ଗପୁର

ରାସଗୋବିନ୍ଦପୁର ବନାଞ୍ଚଳ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ତରଫରୁ ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
**ପ୍ରଶାନ୍ତ କୁମାର ବେହେରା**
ବନାଞ୍ଚଳ ଅଧିକାରୀ, ରାସଗୋବିନ୍ଦପୁର, ମୋରଡା

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଧରିତ୍ରୀ ପରିବାର ଓ ପାଠକଙ୍କୁ ଶୁଭେଚ୍ଛା ଜଣାଉଛୁ।

**ସୁଧାଂଶୁ ଶେଖର ଜେନା**
ଭାରତୀୟ ଜନତା ପାର୍ଟି, ସକ୍ରିୟ କାର୍ଯ୍ୟକର୍ତ୍ତା

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା।

**ତ୍ରିନାଥ ପ୍ରଧାନ**
ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ କଣାସ ଜଳସେଚନ ବିଭାଗ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହିତ ଜଗତର ବଡଠାକୁର ଶ୍ରୀ ଜଗନ୍ନାଥଙ୍କ ନିକଟରେ ଦୀର୍ଘଜୀବୀ ହେବାପାଇଁ ପ୍ରାର୍ଥନା କରୁଛୁ।

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ବାରଦା ପଞ୍ଚାୟତ, କଟକସଦର ଜନସାଧାରଣଙ୍କର ସୁଖ, ସମୃଦ୍ଧି କାମନା କରୁଛି।
**ରମେଶ ଚନ୍ଦ୍ର ସାହୁ**
ସରପଞ୍ଚ

**VIKASH JUNIOR COLLEGE**
(A Milestone of Education)
Come built of your Career
*All type of Educational Facilities available here such as:*
- *Extra Class*
- *Group Discussion*
- *Monthly Text*
- *Good Surrounding with Good Environment for Education*
- *Curricular Activities*

Secretary
Vikash Junior College
Nabarangpur
Mob.: 9437000468


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପାଠକ ପାଠିକା ଓ ନବରଙ୍ଗପୁର ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ସହ

**ତାପସ ତ୍ରିପାଠୀ**
ବରିଷ୍ଠ ଯୁବ ବିଜେଡି ନେତା

**TECHNO GURUKUL, NABARANGPUR**
ADMISSION OPEN FOR
**Play Group and Pre-KG**
*Visit us once and feel the Difference*
Chairman
Techno Gurukul, Nabarangpur

ରାଜଲକ୍ଷ୍ମୀ ଫ୍ଲାଏ ଆସ୍ ବ୍ରିକ୍ସର ଶୁଭେଚ୍ଛା।
ସୁଲଭ ମୂଲ୍ୟରେ ସୁଦୃଢ଼ ଆସ୍ ଇଟା ଯୋଗାଇ ଦିଆଯାଏ।

ଯୋଗାଯୋଗ
କମରପଦା (କଟକ-ପାରାଦ୍ୱୀପ ରାସ୍ତା) କଟକ
ଫୋନ୍ - 9437062292

With Best Compliments From:

**Sj. Saroj Kumar Sahoo**
Inspector Incharge
**Dharmasala Police Station**
AMA POLICE
DHARMASALA, JAJPUR

*With Best Compliments From:*

**PREMIER ROCK PRODUCTS PVT. LTD.**
DANKARI, DHARMASALA, JAJPUR (ODISHA)
ଏଠାରେ ଉନ୍ନତ ଧରଣର କଳା ଚିପ୍ସ, ମେଟାଲ, ବକ୍ସୁରି ଇତ୍ୟାଦି ସୁଲଭ ମୂଲ୍ୟରେ ମିଳେ।

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
**ମୁକୁନ୍ଦ ପାତ୍ର ଡିଗ୍ରୀ ଓ ଜୁନିୟର କଲେଜ୍ର**
ଅଧକ୍ଷ ଓ ସହକର୍ମୀ
କନ୍ତପଡ଼ା, ଜେନାପୁର
ଧର୍ମଶାଳା, ଯାଜପୁର

ଲକ୍ଷ୍ମୀ ପ୍ରିୟା ବିଶ୍ୱାଳ
+୩ ଅଧକ୍ଷା

ହେମନ୍ତ କୁମାର ଦାସ
+୨ ଅଧକ୍ଷ

*With Best Compliments From:*
**DHARMASALA MAHILA DEGREE, JUNIOR COLLEGE & STAFF**
ଧର୍ମଶାଳା ବ୍ଲକର
ଏକମାତ୍ର ମହିଳା କଲେଜ

**Dr. Induprava Samal**
Principal
Dharmasala Mahila Degree College
Dharmasala, Jajpur

**Smt. Namita Parida**
Principal
Dharmasala Junior Mahila College
Dharmasala, Jajpur

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ବର୍ଷ ଅବସରରେ ଜ୍ୟୋତିଶ୍ରୀ ଚକି ଫ୍ରେସ୍ ଅଟା ଅଭିନନ୍ଦନ ଜଣାଉଛି। ଓଡ଼ିଶାର ଗୃହିଣୀମାନଙ୍କର ପସନ୍ଦଯୋଗ୍ୟ ଅଟା ବିଶୁଦ୍ଧ ଓ ସ୍ୱାସ୍ଥ୍ୟରେ ଅଟେ।
ଯୋଗାଯୋଗ
କଳପଡ଼ା, ୪୨ମୌଜା, କଟକ-754112 (ଓଡ଼ିଶା)
ଫୋନ୍ - 7008181649 / 7008179653

Your classified advertisement published in Dharitri will be listed free in Dharitri online edition : **www.dharitri.com**

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର ଦୀର୍ଘ ସଫଳ ଯାତ୍ରା କାମନା କରୁଛି। ଏଥିସହ ମୋ ଜିଲ୍ଲାବାସୀଙ୍କୁ ଆସନ୍ତା ନବବର୍ଷ-୨୦୨୦ ପାଇଁ ଅଭିନନ୍ଦନ ଜ୍ଞାପନ କରିବା ସହ ସମସ୍ତଙ୍କ ପରିବାରର ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛି।


**CURE - WELL HOSPITAL**, Kherasa, Jagatsinghpur

*Best Compliments From:*
**Hotel Apsara Pvt. Ltd.**
Jeypore - 764001

Founder Director:
Mr. Amar Kumar Sahu, Ms. Padama Sahu
Mr. Vivek Kumar Sahu, Director, Ms. Smriti Sahu



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ
-ସନ୍ଥ କବୀର ଦାସ



## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସୌମ୍ୟ



ରଞ୍ଜନ



ରବିବ୍ରତ



ପିଟର



ସରୋଜ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ କୁଚ୍ ବିହାର ଟ୍ରଫି ଦ୍ୱିତୀୟ ଦିବସ

# ୫୦୯ ରନ୍‌ରେ ପାଳି ଘୋଷଣା କଲା ବରୋଦା

**ବଲାଙ୍ଗୀର ଅଫିସ, ୩୦।୧୧**

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଚାଲିଥିବା କୁଚ୍ ବିହାର ଟ୍ରଫି (ଅଣ୍ଡର-୧୯)ର ଦ୍ୱିତୀୟ ଦିବସରେ ଘରୋଇ ଓଡ଼ିଶା ବିପକ୍ଷରେ ବରୋଦା ଦଳ ଦୃଢ଼ ସ୍ଥିତିରେ ରହିଛି। ବରୋଦା ଦଳର ସଫଳ ବ୍ୟାଟ୍ସମ୍ୟାନ୍ ଭାବେ ପରୀକ୍ଷିତ ପଟିଦାର ଗାନ୍ଧୀ ଷ୍ଟାଡିୟମରେ ଶତକ ମାରିଥିଲେ। ସେ ୧୫୪ ବଲ ଖେଳି ୧୧୪ ରନ୍ କରିଥିଲେ। ଶନିବାର ଦ୍ୱିତୀୟ ଦିନ ଖେଳରେ ବରୋଦା ଦଳ ୯ ଉଇକେଟ୍ ହରାଇ ୫୦୯ ରନ୍‌ର ବିଶାଳ ସ୍କୋର କରି ପାଳି ଘୋଷଣା କରିଥିଲା। ଏହାପରେ ଦ୍ୱିତୀୟ ପାଳି ବ୍ୟାଟିଂ ପ୍ରାରମ୍ଭରୁ ପୁଣି ଥରେ ଓଡ଼ିଶା ଦଳର ବିପର୍ଯ୍ୟୟ ଘଟିଛି। ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ଦଳ ୨ ଉଇକେଟ୍ ହରାଇ ମାତ୍ର ୧୬ ରନ୍ ସଂଗ୍ରହ କରିପାରିଛି। ଆଉ ଦୁଇଦିନ ଖେଳ ବାକି ରହିଥିବାରୁ ଏହି ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣାୟକ ହେବା ଆଶା କରାଯାଉଛି। ପ୍ରଥମ ଦିନ ଓଡ଼ିଶା ଦଳ ପ୍ରଥମେ ବ୍ୟାଟିଂ କରି ମାତ୍ର ୧୦୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହା ପରେ ବରୋଦା ଦଳ ବ୍ୟାଟିଂ କରି ପ୍ରଥମ ଦିନ ଖେଳ ଶେଷସୁଦ୍ଧା ୨ ଉଇକେଟ୍ ହରାଇ ୧୪୫ ରନ୍ ସଂଗ୍ରହ କରିଥିଲା। ଶନିବାର ଦ୍ୱିତୀୟ ଦିନର ଖେଳ ୧୪୫ ରନ୍‌ରୁ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନ ଖେଳରେ ପରୀକ୍ଷିତ ପଟିଦାର ୧୧୪ ରନ୍ କରିଥିବାବେଳେ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ୍ ଭାବେ ଅର୍ଥବ କରୁଲାକର ୧୩୭ ବଲରୁ ୯୩ ରନ୍, ଏବଂ ମଲହାର ଗେଭାରିଆ ୧୦୫ ବଲରୁ ୮୩ ରନ୍ ସଂଗ୍ରହ ବରୋଦା ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଥିଲେ।ଓଡ଼ିଶା ଦଳ ପକ୍ଷରୁ ଅଙ୍କିତକର ଜୟଶ୍ୱାଲ ସର୍ବାଧିକ ୫ଟି ଉଇକେଟ ନେଇଥିଲେ। ବୋଲର ସୁମନ ଦାସ ଓ ସନ୍ଦୀପ ଚୌହାନ ଉଭୟ ୨ ଗୋଟି ଲେଖାଁଏ ଉଇକେଟ ଅକ୍ତିଆର କରିଥିଲେ। ପାଳି ଘୋଷଣା ପରେ ଓଡ଼ିଶା ଦଳ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା ଓ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ମାତ୍ର ୧୬ ରନ୍ ସଂଗ୍ରହ କରିଛି। ବରୋଦା ପକ୍ଷରୁ ଆଶୁତୋଷ ଦାସ ଓ ମହେଶ ପଟିଆ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।





୧୧୪ ରନ୍ କରିଥିବା ପରୀକ୍ଷିତ ପଠାରିଆ(ବାମ)। ୯୩ ରନ୍ କରିଥିବା ଅର୍ଥବ କରୁଲାକର(ମଝି)। ୮୩ ରନ୍ କରିଥିବା ମଲହାର ଗେଭାରିଆ।

■ ଶତକ ମାରିଲେ ପରୀକ୍ଷିତ ପଟିଦାର

■ ଦ୍ୱିତୀୟ ପାଳି ପ୍ରାରମ୍ଭରୁ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ, ୧୬/୨

■ ବଡ଼ସାହି ଅଞ୍ଚଳରେ ଲୁଟେରା ସକ୍ରିୟ

# ବାଇକ୍ ଡିକି ଭାଙ୍ଗି ୪୭ହଜାର ଲୁଟ୍

**ବଡ଼ସାହି,୩୦।୧୧(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଶନିବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ଥାନା ନିକଟସ୍ଥ ଗାନ୍ଧୀଛକରେ ଥିବା ଏମ୍‌ସିସି ବ୍ୟାଙ୍କ ସମ୍ମୁଖରୁ ଲୁଟେରାମାନେ ଜଣେ ଅବସରପ୍ରାପ୍ତ ଶିକ୍ଷାଧିକାରୀଙ୍କ ବାଇକ ଡିକି ଭାଙ୍ଗି ୪୭ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅବସରପ୍ରାପ୍ତ ସ୍କୁଲ ଅନୁନିରୀକ୍ଷକ ବଙ୍କିମ ବିହାରୀ ପାତ୍ର ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ୪୭ହଜାର ଟଙ୍କା ଉଠାଣ କରି ହ୍ୟାଣ୍ଡବ୍ୟାଗରେ ପୂରାଇ ବାଇକ ଡିକିରେ ରଖିଥିଲେ। ସେଠାରୁ ଆସି ଗାନ୍ଧିଛକ ନିକଟରେ ଥିବା ଏମସିସି ବ୍ୟାଙ୍କ ସମ୍ମୁଖରେ ବାଇକ ରଖି ମୋବାଇଲରେ କଥା ହେଉଥିବା ସମୟରେ ଦୁର୍ବୃତ୍ତମାନେ ଆସି ଆଖି ପିଛୁଳାକେ ଡିକିରୁ ହ୍ୟାଣ୍ଡବ୍ୟାଗ ଲୁଟି ନେଇ ପଳାଇ ଯାଇଥିଲେ। କିଛି ସମୟ ପରେ ସେ ଦୋକାନରେ ଟଙ୍କା ଦେବାକୁ ଡିକି ଖୋଲିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ଖୋଲି ନ ଥିଲା। ଗ୍ୟାରେଜରେ ଡିକି ଖୋଲି ଦେଖିବା ବେଳକୁ ସେଥିରେ ଟଙ୍କା ବ୍ୟାଗ ନ ଥିଲା। ଉକ୍ତ ବ୍ୟାଗ ଭିତରେ ବିଭିନ୍ନ ବ୍ୟାଙ୍କର ପାସବୁକ, ଚେକ୍ ବୁକ ଓ ବାଇକର କାଗଜପତ୍ର ସମେତ ଅନ୍ୟ କେତେକ ଦରକାରୀ କାଗଜପତ୍ର ରହିଥିଲା। ଲୁଟ ହୋଇଥିବା ସ୍ଥାନରେ ଚାରିପଟୁ ରାସ୍ତା ଥିବା ବେଳେ ସେଠାରେ ପୋଲିସ ପକ୍ଷରୁ ଡ୍ୟୁଟି କରାଯାଇଥାଏ। ଏହା ସତ୍ତ୍ୱେ ବଡ଼ସାହି ଅଞ୍ଚଳରେ ସକ୍ରିୟ ଥିବା ଲୁଟେରାମାନେ ଦିନ ଦ୍ୱିପ୍ରହରରେ ଏଭଳି ଲୁଟ କରି ଖସି ଯାଉ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୋଲିସ ଲୁଟେରାଙ୍କୁ ଠାବ କରିବା ସହିତ ସହରରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ସେମାନେ ଦାବି କରିଛନ୍ତି।

■ ବାଙ୍ଗିରିପୋଷି ତହସିଲରେ ରାଜସ୍ୱ ମନ୍ତ୍ରୀ

# ଲୋକଙ୍କ ଅଭିଯୋଗ ଶୁଣିବାକୁ ତାଗିଦ୍ କଲେ



ରାଜସ୍ୱମନ୍ତ୍ରୀ ସୁଦାମ ମାର୍ଣ୍ଡି ସମୀକ୍ଷା କରୁଛନ୍ତି।

**ବାଙ୍ଗିରିପୋଷି,୩୦।୧୧(ଡି.ଏନ.ଏ.)**

ଓରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଶନିବାର ରାଇରଙ୍ଗପୁର ଗସ୍ତରେ ଆସିଥିବା ବେଳେ ଅଚାନକ ବାଙ୍ଗିରିପୋଷି ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସେ ପ୍ରଥମେ ତହସିଲରର ସମସ୍ତ ଉନ୍ନୟମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ବସୁନ୍ଧରା ଯୋଜନାରେ ହିତାଧିକାରୀ ଉପକୃତ ହେଉ ନ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ। କର୍ମଚାରୀମାନେ ଠିକ ସମୟରେ କାର୍ଯ୍ୟାଳୟରେ ପହଞ୍ଚି ଲୋକଙ୍କ କଥା ଶୁଣିବା ପାଇଁ ମନ୍ତ୍ରୀ ସମସ୍ତଙ୍କୁ ତାଗିଦ୍ କରିଥିଲେ। ଉଲ୍ଲେଖନୀୟ ଯେ, ଏହି ତହସିଲ କାର୍ଯ୍ୟାଳୟରେ ରେକର୍ଡ ସଂଶୋଧନଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସାର୍ଟିଫିକେଟ ପ୍ରଦାନରେ ଅହେତୁକ ବିଳମ୍ବ କରାଯାଉଥିବା ପୂର୍ବରୁ ଅଭିଯୋଗ ହେଉଥିଲା। କେତେକ କର୍ମଚାରୀ ମନଇଚ୍ଛା କାର୍ଯ୍ୟ କରୁଥିବା ଏବଂ କେତେକ ସ୍ଥଳରେ ଦଲାଲଙ୍କ ଦ୍ୱାରା କାର୍ଯ୍ୟ ପରିଚାଳିତ ହେଉଥିବାର ମଧ୍ୟ ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ମାର୍ଣ୍ଡିଙ୍କ ଅଚାନକ ତହସିଲ ଅଫିସ୍ ପରିଦର୍ଶନ ଘଟଣା ଏଠାରେ ନାନା ଚର୍ଚ୍ଚା ସୃଷ୍ଟି କରିଛି।

# ଭଲ ସ୍ଥିତିରେ ନ୍ୟୁଜିଲାଣ୍ଡ

**ହାମିଲଟନ, ୩୦।୧୧(ଏଏଫପି)**

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୬୫ ରନରେ ବିଜୟ ହାସଲ କରିବା ପରେ ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଚାଲିଥିବା ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ନ୍ୟୁଜିଲାଣ୍ଡ ଦମ୍‌ଦାର ପ୍ରଦର୍ଶନ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ଓପନର ଟମ୍ ଲଥାମଙ୍କ ଶତକ, ରସ ଟେଲର ଓ ଡାରିଲ ମିଚେଲଙ୍କ ଅର୍ଦ୍ଧଶତକ ସହାୟତାରେ ୧୨୯.୧ ଓଭରରେ ୩୭୫ ରନର ସମ୍ମାନଜନକ ସ୍କୋର ହାସଲ କରି ଅଲଆଉଟ ହୋଇଛି। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୮ ଓଭରରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହେବା ସହ ୩୯ ରନ ସଂଗ୍ରହ କରିଛି। ଫଳରେ ନ୍ୟୁଜିଲାଣ୍ଡ ୮ ଉଇକେଟ ହାତରେ ରଖି ଏବେ ୩୩୬ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ରୋରି ବର୍ନ୍ସ ୨୪ ଓ ଅଧିନାୟକ ଜୋ ରୁଟ୍ ୬ ରନ କରି ଅପରାଜିତ ରହିଛନ୍ତି। ଆଉଟ ହୋଇଥିବା ଦୁଇ ବ୍ୟାଟ୍ସମ୍ୟାନ ହେଲେ ଓପନର ଡୋମ ସିବ୍‌ଲି ଓ ଜୋ ଡେନ୍‌ଲି। ସିବ୍‌ଲି ୪ ରନ କରି ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦିଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ସେହିପରି ଡେନ୍‌ଲି ୪ ରନ କରିଥିବା ବେଳେ ମ୍ୟାଟ ହେନରୀଙ୍କ ବଲ୍‌ରେ ଉଇକେଟକିପର ବିଜେ ୱାଟିଲିଂଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଇଂଲଣ୍ଡ ଏବେ ସିରିଜ ବଞ୍ଚାଇବାକୁ ସଂଘର୍ଷ କରୁଛି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୭୩/୩ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଅଲଆଉଟ୍ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଲଥାମ ୧୦୧ରୁ ଖେଳ ଆରମ୍ଭ କରି ଆଉ ଅଧିକ ୪ ରନ ସଂଗ୍ରହ କରି ୧୦୫ ରନର ଶତକୀୟ ପାଳି ଖେଳି ଷ୍ଟୁଆର୍ଟ ବ୍ରଡଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ହେନେରୀ ନିକୋଲ୍ସ ୫ ରନରୁ ଖେଳ ଆରମ୍ଭ କରି ୧୬ ରନ କରି ସାମ କୁରାନଙ୍କ ବଲ୍‌ରେ ଷ୍ଟୁଆର୍ଟ ବ୍ରଡଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଟଲିଂ ୫୫ ଓ ମିଚେଲ ୭୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଉଭୟ ବ୍ରଡଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ମିଚେଲ ସାଣ୍ଟନର ୨୩, ସୌଦି ୧୮ ରନ କରି ଆଉଟ ହୋଇଥିବା ବେଳେ ହେନରୀ ୫ ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ରସ୍ ଟେଲର ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ପକ୍ଷରୁ ବ୍ରଡ ୪, କ୍ରିସ୍ ୱୋକ୍ସ ୩, କୁରାନ ୨ ଓ ଜୋଫ୍ରା ଆର୍ଚର ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୨୯.୧ ଓଭରରେ ୩୭୫ ଅଲଆଉଟ, (ଲଥାମ- ୧୦୫, ମିଚେଲ- ୭୩, ୱାଟଲିଂ- ୫୫, ଟେଲର- ୫୩, ବ୍ରଡ- ୪/୭୩, ୱୋକ୍ସ-/୮୩, କୁରାନ- ୨/୬୩ )।

ଇଂଲଣ୍ଡ ପ୍ରଥମ ଇନିଂସ- ୧୮ ଓଭରରେ ୩୯/୨, (ବର୍ନ୍ସ- ୨୪*, ରୁଟ୍- ୬*, ସୌଦି- ୧/୨୪, ହେନରୀ- ୧/୧୦)।

## ରାଇଜିଂ-ସ୍ପୋର୍ଟ୍ସ ହଷ୍ଟେଲ ମ୍ୟାଚ୍ ଡ୍ର

**କଟକ ଅଫିସ,୩୦।୧୧:** ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫାଓ ମହିଳା ଲିଗ୍‌ରେ ଶନିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ଓ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ରବିବାର ଓଡ଼ିଶା ପୋଲିସ ଓ ପୂର୍ବତଟ ରେଲୱେ ମଧ୍ୟରେ ମୁକାବିଲା ହେବ।


GOVERNMENT OF ODISHA, " e "- PROCUREMENT NOTICE

Bid Identification No. E.E. PKL(R&B)- 07/2019-20
E-mail address- eepwd.pkl@rediffmail.com
B-369
Letter No.- 5559 dt. 28.11..2019

| | |
|---|---|
| 1. Name of the work: | - Road Works . |
| 2. Numbers of work | - 8(Eight) |
| 3. Estimated cost: | - Rs.26.78 to Rs 65.95 lakhs. |
| 4. Period of completion | - 3(Three) calendar months |
| 5. Date & Time of availability of bid document in the portal | - From 11.00 A.M of 06.12.2019 to 05.00 P.M of 19.12.2019 |
| 6. Last Date/ Time for receipt of bids in the portal | - 05.00 P.M of 19.12.2019 |
| 7. Date of opening of Bid | - 11.30 P.M of 20.12.2019 |
| 8. Name and address of the officer inviting Bid | - Executive Engineer, Panikoili (R&B) Division, Panikoili. |

Further details can be seen from the e-procurement portal https://tendersodisha.gov.in

Sd/-
Executive Engineer,
Panikoili (R&B) Division.

34067/11/0005/1920

OFFICE OF THE MUNICIPAL COUNCIL, KEONJHARGARH

email: keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No. KGM-08/2019-20
Letter No. 5975/ KGM/Date 30.11.2019

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.

| | |
|---|---|
| 1. | Nature of work- Civil Work. |
| 2. | No. of Work- 02 Nos. |
| 3. | Value of works: Rs. 19,89,000/- to 19,89,000/-. |
| 4. | Date & Time of availability of Bid document in the portal- From 02.12.2019 at 11.00 AM upto 11.12.2019 at 5.00 PM. |
| 5. | Last date & time of submission of bid in portal- upto 5 PM of 11.12.2019. |
| 6. | Date of Opening of bid in portal- 13.12.2019 at 11.30 AM. |
| 7. | Name & address of the officer in Inviting Bid-EO, Keonjhargarh Municipality. |

Further details can be seen from Website www.tendersorissa.gov.in.

Sd./- Executive Officer, Keonjhargarh Municipality

ZILLA SWASTHYA SAMITI (ZSS), KANDHAMAL
OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL

Advt. No.: 14031/NHM Date: 29.11.2019

WALK-IN-INTERVIEW

Interested candidates fulfilling the eligibility criteria are requested to attend the Walk-in-Interview for filling up the following posts under National Health Mission, Kandhamal on contractual basis for a period of 11 months with monthly remunderation as noted against each and subject to renewal as per the society norm basing on the performance and subsistence of the programme. Performance Incentives & other benefits are also admissible as per norm applicable & orders issued there-under from time to time.

| Sl. No. | Name of the Post | Vacancy | Remuneration | Date of Walk-in-Interview |
|---|---|---|---|---|
| 1 | Paediatrician-DEIC | 1 Post | Rs.66,150/- | 10.12.19 |
| 2 | MBBS Doctors (SNCU - 5, DEIC - 1) | 6 Posts | Rs.52,920/- | 10.12.19 |
| 3 | Programme Officer, Mental Health - 1 | 1 Post | Rs.52,920/- | 10.12.19 |
| 4 | Block Programme Manager (BPM) | 2 Posts | Rs.21,879/- | 11.12.19 |
| 5 | Optometrist - DEIC | 1 Post | Rs.13,428/- | 17.12.19 |
| 6 | Clinical Psychologist - DMHP | 1 Post | Rs.25,931/- | 17.12.19 |
| 7 | Psychiatric Social Worker - DMHP | 1 Post | Rs.25,931/- | 17.12.19 |
| 8 | Social Worker - DEIC | 1 Post | Rs.16,774/- | 18.12.19 |

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of qualification, experience and ToR of each category of post along with application form can be donwloaded from the district website: www.kandhamal.nic.in. The interested candidates may attend the Walk-in-Interview from 10 A.M. to 11.30 A.M. on the scheduled date for registration. The candidates are requested to visit the district website on regular interval till completion of the recruitment process. The undersigned reserves the right to cancel any or all the applications without assigning any reason or communication thereof.

Sd./- Dr. R. Pattnaik
CDM&PHO-cum-District Mission Director,
NHM, Kandhamal

//1B//
GOVERNMENT OF ODISHA
OFFICE OF THE EXECUTIVE ENGINEER
MINOR IRRIGATION DIVISION, ANANDAPUR
Tel No. (06731)220314, e-Mail ID mianandapur@yahoo.co.in
No. A-433

"e" Procurement Notice
Identification No-04 MID (ANP/2019-20)

The Executive Engineer, M.I.Division, Anandapur on behalf of Governor of Orissa invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the works | Civil Construction works as mentioned in the website |
| 2. | Total No. of works | 4 nos. |
| 3. | Estimated Cost | 13.35 to 44.65 Lakh (Detail list of work Annexed) |
| 4. | Class of Contractor | As mentioned against work |
| 5. | Period of completion | As mentioned against work |
| 6. | Date & time of Availability of on-line Bid Document in the Portal | 06.12.2019 at 10.00 AM to 16.12.2019 upto 5.30PM. |
| 7. | Last date/Time for online receipt of Cost of Bid document, Bid security, Affidavit etc. in the Portal | 16.12.2019 up to 5.30 PM. |
| 8. | Date/Time of Opening of Bid | 17.12.2019 at 11.00 AM. Onwards at Office of the E.E.M.I.Divn. Anandapur |
| 9. | Date/Time of lottery if required | To be intimated after finalisation of bid documents. |
| 10. | Name & Address of the Officer Inviting the Bid | Executive Engineer, M.I.Division, Anandapur |
| 11. | Further details can be seen from the "e" Procurement Portal https://tendersorissa.gov.in | |

Sd/-26.11.2019
Executive Engineer,
M.I. Division, Anandapur

32108/11/0004/1920

ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ବୌଦ୍ଧ, ଜିଲ୍ଲା-ବୌଦ୍ଧ
ବିଜ୍ଞାପନ ୨୦୧୯-୨୦

ଚଳିତ ଖରିଫ ୨୦୧୯-୨୦ ବର୍ଷରେ ଜିଲ୍ଲାର ସମସ୍ତ ସମବାୟ ସମିତି ଦ୍ୱାରା ନିମ୍ନମତେ ଧାନକ୍ରୟ କରାଯିବ। କୁଇଂଟାଲ ପ୍ରତି ସାଧାରଣ (F.A.Q) ଧାନର ସମର୍ଥନ ମୂଲ୍ୟ ଟ.୧୮୧୫.୦୦ ଓ ଉତ୍ତମ (Grade A) ଧାନର ସମର୍ଥନ ମୂଲ୍ୟ ଟ.୧୮୩୫.୦୦ ଅଟେ। ଚାଷୀଭାଇମାନେ ସେମାନଙ୍କ ସମିତିରେ ଯୋଗାଯୋଗ କରିବାକୁ ଅନୁରୋଧ।

| ଧାନର ମିଶ୍ରିତ ନିକୃଷ୍ଟ ଦ୍ରବ୍ୟ ବା ବାହ୍ୟ ପଦାର୍ଥ ର ସର୍ବୋଚ୍ଚ ଗ୍ରହଣୀୟ ସୀମା | |
|---|---|
| ୧. ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ - ୧% | ୪. ଖରାପ, ବେରଙ୍ଗ, ପାଣିଫୁଲା ବା ପୋକା ଇତ୍ୟାଦି - ୫% (ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସିମିତ ରହିବ) |
| ୨. କୁଟା, କାଠି, ଧୂଷ, ଅଗାଡି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ- ୧% | ୫. ଅପରିପକ୍ୱ, କଂଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି- ୩% |
| ୩. ଆର୍ଦ୍ରତା- ୧୭% | ୬. (ଗ୍ରେଡ ଏ) ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ - ୬% |

| କ୍ରୟ ଦିନ | ଧାନ କ୍ରୟ କେନ୍ଦ୍ର/ ସେବା ସମବାୟ ସମିତି ର ନାମ |
|---|---|
| ସୋମ | ଗୁଡଭେଲିପଦର, ଯୋଗେନ୍ଦ୍ରପୁର, ଦପଲା, ଲମ୍ବଶରୀ, ବରଗାଁ, ଆମ୍ବଗାଁ, ଖମଣମୁଣ୍ଡା, ଉମା, ବଘିଆପଡା, ବଢ଼ିଗାଁ, ଖୁଂଟବନ୍ଧ ବ.ପ୍ରା. ମୁଣ୍ଡିପଦର, ବହିରା, ଗୁନ୍ଦୁଳିଆ, ରକ୍ସା, ବୌଦ୍ଧ, କୁଶଙ୍ଗ, ଛତରଙ୍ଗ ବଜାର ପ୍ରାଙ୍ଗଣ, ବାଣୀଭୂଷଣପୁର, ଲୁଣିବାହାଲ, ସାମ୍ପୋଚ, ବାମଣ୍ଡା, ବନ୍ଧାପଥର |
| ମଙ୍ଗଳ | ମନମୁଣ୍ଡା ବଜାର ପ୍ରାଙ୍ଗଣ, ଯୋଗେନ୍ଦ୍ରପୁର, ଦପଲା, ଶିମିଳିପଦର, ପଲସାଗୋରା ବ.ପ୍ରା. ରୁଣ୍ଡିମହୁଲ, ଲମ୍ବଶରୀ, ବରଗାଁ, ଆମ୍ବଗାଁ, କୁଲ୍ତାଯୋର, ବଘିଆପଡା, ବଢ଼ିଗାଁ, ତେଲିବନ୍ଧ, ମୁଣ୍ଡିପଦର, ବହିରା, ଗୁନ୍ଦୁଳିଆ, ମନୁପାଲି, ରକ୍ସା, ଆଡେଣୀଗଡ, ହରଭଙ୍ଗା, ଶାଙ୍କୁଲେଇ, ବାଣୀଭୂଷଣପୁର, ତିଲେଶ୍ୱର, ସାମ୍ପୋଚ, ବାମଣ୍ଡା, ବନ୍ଧାପଥର |
| ବୁଧ | ମନମୁଣ୍ଡା ବ.ପ୍ରା,ବରଗୋଛା, ଶିମିଳିପଦର, ପଲସାଗୋରା ବ.ପ୍ରା, ରୁଣ୍ଡିମହୁଲ, କଂଟାମାଳ, କୁଲ୍ତାଯୋର,ଖୁଂଟିଗୋରା, ବଢ଼ିଗାଁ, ଖୁଂଟବନ୍ଧ ବ.ପ୍ରା, ତେଲିବନ୍ଧ, ମୁଣ୍ଡିପଦର, ବହିରା, ବାଉଁଶୁଣୀ, ମନୁପାଲି, କୁରୁମପଦର, କୁଶଙ୍ଗ, ହରଭଙ୍ଗା, ପୁରୁଣାକଟକ, ରାମଗଡ, ଲୁଣିବାହାଲ, ମଥୁରା, ବାମଣ୍ଡା, ସରସରା |
| ଶୁକ୍ର | ମନମୁଣ୍ଡା ବ.ପ୍ରା, ବିଳାସପୁର, ଶୁଣ୍ଢିପଦର, ଖଟଖଟିଆ, ଲୋକାପଡା, ରୁଣ୍ଡିମହୁଲ, କଂଟାମାଳ, ନାରାୟଣପ୍ରସାଦ, ଘଂଟାପଡା, ଆମ୍ବଝରୀ, ଖୁଂଟବନ୍ଧ ବ.ପ୍ରା, ଲକ୍ଷ୍ମୀପ୍ରସାଦ, ମୁଣ୍ଡାପଡା, ବାଉଁଶୁଣୀ, ମନୁପାଲି, କୁରୁମପଦର, ଶଗଡା, ବୌଦ୍ଧ, ହରଭଙ୍ଗା, ମଲିକପଡା, ପୁରୁଣାକଟକ, ତିଲେଶ୍ୱର, ରାମଗଡ, ବୀରନରସିଂହପୁର ବ.ପ୍ରା, ମଥୁରା,ସରସରା |
| ଶନି | ବିଳାସପୁର, ଶୁଣ୍ଢିପଦର, ଖଟଖଟିଆ, ଲୋକାପଡା, ରୁଣ୍ଡିମହୁଲ, କଂଟାମାଳ, ନାରାୟଣପ୍ରସାଦ, ଘଂଟାପଡା, ଆମ୍ବଝରୀ, ଖୁଂଟବନ୍ଧ ବ.ପ୍ରା, ଲକ୍ଷ୍ମୀପ୍ରସାଦ, ମୁଣ୍ଡାପଡା, ମୁଣ୍ଡିପଦର, ବାଉଁଶୁଣୀ, ମନୁପାଲି, ଶଗଡା, ବୌଦ୍ଧ, ତଳଗାଁ, କୁଶଙ୍ଗ, ପୁରୁଣାକଟକ, ତିଲେଶ୍ୱର, ରାମଗଡ, ବୀରନରସିଂହପୁର ବ.ପ୍ରା, ମଥୁରା, ସରସରା |

ଉପ-ଜିଲ୍ଲାପାଳ ତଥା ଅଧକ୍ଷ, ଆର୍.ଏମ୍.ସି. ବୌଦ୍ଧ
ଜିଲ୍ଲାପାଳ ତଥା ଅଧକ୍ଷ, ଜିଲ୍ଲା ଧାନ କ୍ରୟ କମିଟି, ବୌଦ୍ଧ

GOVERNMENT OF ODISHA
OFFICE OF THE SUPERINTENDING ENGINEER
BALANGIR (R&B) CIRCLE, BALANGIR
Mail ID: sepwdbalangir@gmail.com, Fax/Ph. No.: 06652-231866
No.B-365:- e- Procurement Notice
BID IDENTIFICATION No: SE(R&B) BGR/04/2019-20
No. 4120 Dtd. 29.11.2019

| | | | |
|---|---|---|---|
| 1. | The Superintending Engineer, Balangir (R&B) Circle, Balangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from A/ Special Class Contractors registered with the State Governments and contractors of equivalent Grade/ Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid. | | |
| 2. | Nature of Work | : | Building work |
| 3. | No. of tender | : | Building-02 Nos. |
| 4. | Tender Cost | : | Rs. 10,000/- |
| 5. | Class of Contractor | : | A and Special Class. |
| 6. | Date & Time of sale & Receipt of Bids | : | From Dt. 09.12.2019, 10.00 AM to Dt. 23.12.2019 upto 05.00 PM |
| 7. | Date of opening Bid | : | Dt. 26.12.2019 at 11.00 AM. |
| 8. | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only. | | |

Sd./- Superintending Engineer,
Balangir (R&B) Circle, Balangir

34131/11/0004/1920

# SUNDAY classifieds




## BRIDE WANTED

Dhoba boy 28, B.Tech, software Engineer at Hyderabad Infosys. Ph-8917341265. D-15475

Wanted brahmin homely bride for 1980 born 5'9'' Diploma Engineer Brahmin boy Contact: 9437633089, 6370737397. D-68520

Kshtriya boy 1984, 5'9" Serving Manager Nationalised Bank "Sunasansar", 9937512659. D-15503

ଛାଡ଼ପତ୍ର ପାଇଥିବା ଶିକ୍ଷକଙ୍କ ପାଇଁ ବ୍ରାହ୍ମଣ କନ୍ୟାପାତ୍ରୀ ଆବଶ୍ୟକ। କନ୍ୟା ସିଧା କଥା ହୋଇପାରିବେ। ଯୋଗାଯୋଗ: 9583045929. D-15433

Son age 29 B.Tech, M.Tech, Phd Degree from NIT working Scientist/Research Govt. of India Brahmin, 8144589551. D-15435

Handsome Sundhi boy 31, 5'7", Industrialist, required House wife. 9437555525. D-15426

Deserving Khandayat groom B.Tech+ M.Tech (IIT) working as a Manager, (Caste-No- Bar), Contact: 9861022750. D-68906

Wanted fair, beautiful bride for Bania boy, 32+, Software Engineer, Chennai, Caste-no-bar, Contact: 7008017424, 8093742890. D-67731

## GROOM WANTED

Suitable match for fair slim Bengali girl Baishya 29 yrs 5 feet B.COM, MFC Teacher in Paradip. Prefer Educated family, well established Bengali groom, 7749033208, 7749869975. D-15515

34,5.4,M.Sc B.ED, Govt. Teacher. ମାସିକ ଆୟ 38,000/-, ପାଇଁ ବର ଆବଶ୍ୟକ। ଅବିବାହିତ, ଛାଡ଼ପତ୍ର ପ୍ରାପ୍ତ ଗ୍ରହଣୀୟ ହେବେ। 9713925270. D-15516

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି ଏବଂ ସବୁ ଜାତିର ବରପାତ୍ର ଆବଶ୍ୟକ। "AkankshyaGroup", 7978736177. D-68219

Divorcee bride Manager 31, Teacher 39, Clerk 42 (caste-no-bar), 7873374269. D-68621

43 Age Karan ଘର ଝିଅ Electricity department ରେ incharge ଭାବେ କାର୍ଯ୍ୟରତ। Salary:- 28,000/- ବରପାତ୍ର ଖୋଜୁଛୁ। 7653930086. D-15428

Girl age 29 MBBS MD in Delhi working in AIIMS, BBSR (Caste-no-bar) 7008986004. D-15434

Beautiful whitish Teli girl 23, 5'2", 8/4 B.SC. wanted serviceholder candidate settled near Bhubaneswar. 6370461466. D-60954

34 ବୟସ୍କା Divorcee ନିଃସନ୍ତାନ SBI PO ଚାକିରି କରୁଥିବା ଗୁଡ଼ିଆ ଝିଅଙ୍କ ପାଇଁ ଘରଜ୍ୱାଇଁ ଦରକାର। 7381460016. D-67919

Govt. ଚାକିରିଆ Divorcee 48 ବୟସ୍କା ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ any caste ପୁଅ ଦରକାର। 7381366108. D-67920

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Swift VXI 2017, IGNIS 2018, Swift VDI 2016, Dezire VDI 2016, KUV 100 2016, Hondacity 2014, Pajero 2010, Maruti SX4 2008: 9937153557. D-67258

Ice factory compressor KC4 kiloskar, 100HP motor, starter. 8917525377. D-15474

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439




## SALE

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68429

SC house 24,00,000/- general house 26,00,000/- finishing Hanspal-8093465134, 9668194157. D-68619

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

Booking open 3BR Luxurious Apartment SahidNagar, Bhubaneswar, Contact: 9777017120. D-68196

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

30ft road connected yellowzone plot for sale at SUM Hospital. 7064229141. D-15471

Yellowzone 30ft road connected plot at Patrapada (Tamando) 9776341255. D-15472

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68427

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

**1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165.** D-15406

3900 sqft. land with complete foundations and pillars close to Amri Hospital, Khandagiri, Bhubaneswar-8658182243. D-68032

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

Plot having 2150 sqft. for sale near Damana, Bhubaneswar. Price-65 lakh. Contact: 7326084916. D-68198

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M- 280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

6000sqft. land at Mahanadi Vihar, Cuttack, Mobile- 9437177313, 8917242678. D-15427

**Bhubaneswar ନଖରାଛକ ପାଖରେ ସଙ୍ଗେସଙ୍ଗେ ଘରକଲାଭଳି boundarywall ଥାଇ gharabari plot ବିକ୍ରି ହେଉଅଛି। Price 1350/- sqft. & SC plot 650/-sqft. Contact: 9937161494.** D-15457

Residential plot available at Jagannath Nagar, Jharpada, Bhubaneswar. Contact: 7978751719. D-67512

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 7978286401, 9861411038.** D-68438

"Litigation free 2storied building with parking, 3phase electricity, 24hr water supply over Freehold Plot (60' X 90') for sale at B.J.B. Nagar (POSH Area), Bhubaneswar. Broker Not allowed, Only genuine buyer contact directly: 9776122122". D-15477

**2 bedroom (apartment) ready to move flat at Pokhariput, Bhubaneswar, buyers directly contact Deepak- 9937329999.** D-68031

9000 sqft. bunglow with fully interior designed, 3 parking, close to NH Jharpada, Bhubaneswar- 8658182243. D-68033

**କଟକ-ଭୁବନେଶ୍ୱର middle point ଫୁଲନଖରାଠାରେ ଥିବା Delhi Public Schoolକୁ ଲାଗି ଘରବାରି boundary plot କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7749090720.** D-68436

2BHK ready Apartment, flats near Tankapani Road Saitemple and Rangabazar (BJEM School-II) @ Rs.25, 27.50, 30 Lakhs including parking, no hidden cost. 9776080988, 9437493502. D-63966

**2020sqft. developed gharabari boundary plot near Rangabazar 13,13,000/- 7991052183.** D-68437

1200sqft. land at Sundarpada rightside immediate sale (Owner), 8917399909. D-68440

4/5 BHK Duplex with gated community at Balianta (land- 1400 & construction-2200 @ 60,00,000/ 2600 @ 70,00,000), Mplanets: 9938219397, 9861022055. D-15470

Plot 40 x 50feet for sale Mahimanagar, Behrampur side of Police line, Palligumula sqft. Rs.900/-. Contact: 7008240788, 9438806748. D-68620

**1800sqft. plot near Patia Bigbazar, close to main road for immediate sale. 9438363196, 6372696368.** D-15501

Commercial building for sale near NuaBazar Cuttack main highway. For more details Contact: 7326023269, 9556720780. D-15512

Jatni block approved plot sale near Infocity- II, Gitam College Gangapada, BBSR, 30' road gharabari boundrywall & electricity facility available, cost @ 700 per sqrft. Contact (only buyer): 7978090773. D-15504

To sell running bakery at Pahala (Bhubaneswar) with good turnover. Contact: 9178778888. D-63223

5BHK Duplex for sale at Aryapalli, Patia, Odisha Reality- 9937066926. D-68315

Premium 3BHK and 2BHK flats for sale at Chandrasekharpur and Patia. Construction work full swing. 7008346486, 9437192512. D-68197

## PURCHASE

Plot required at Cuttack CDA/ Bidanasi/ Tulasipur locality. Contact: 9124721060. D-67513




Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15476

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

2/3BHK with balcony at Bharat villa Hanspal, Bhubaneswar. 1500sqft./ 2000sqft. Contact: 9437311135. D-67257

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

Fully furnished A/C Bedroom, Drawingroom with Tata TV, dining hall for family only at Puri bus stand. Contact: 7008041140. D-15511

2BHK Ground floor, individual house near DAV Nayapalli 1000sqft. Contact: 9437136820. D-15509

"One BHK near Big Bazar, Patia. Ladies/ Family preferred. 9437561861, 9439113100". D-15425




Shivam logistic packers movers. Household/ car relocation countrywide. 9777044177, 9338461133. D-15348




Rejuvenate and ayurvedic full body massage by smart therapist. 9114402304. D-68904

Refresh your mind and soul with best therapy at Orchid Salon/Spa. 9937287222. D-68708

Summer special mesmerizing offer expert therapeutic refreshing massage appointment. 9668374480. D-68903

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Full body herbal massage with refreshment expert therapist. 7381239385, 06742540855. D-68200

Kasturi massage club, fully relaxed by expert lady, home service available- 9178845612. D-68713

"Ayurvedic body massage & steam bath by trained male therapist only. Phone: 9337337007. Bhubaneswar." D-15508

Sai herbal spa refresh your body with smart, expert therapist. 7608062524. D-68905




Home tuition for std. 8-10th CBSE Students. Preferred Location, Ravi Talkies square BBSR. For details call Ajit Pradhan. 9658443747. D-15514




Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.- 9873093017, 9873093217. D-15430




ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270




**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗଙ୍ଗାଧର ଖିଲାର**

ସିଦ୍ଧମହାବୀର, ଦାଦାବାଡ଼ି, ପୁରୀ-୨
ଆବିର୍ଭାବ: ୧୮।୧୨।୧୯୫୩
ତିରୋଧାନ: ୧୨।୧୨।୨୦୧୮
(ମାର୍ଗଶିର ମାସ ପଞ୍ଚମୀ ତିଥି)

ଆପଣଙ୍କର ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

**ଶ୍ରଦ୍ଧାଞ୍ଜଳି ସହ:**
ସ୍ତ୍ରୀ, ପୁତ୍ର- ଟୁନ୍ତୁ, ବଜନି, ବୁନୁ, ଝିଅ, ପୁତ୍ରବଧୂ: ଲକ୍ଷ୍ମୀ, ନାତୁଣୀ: କ୍ରୀଷ୍ଣା ଓ ପରିବାରବର୍ଗ।

ଧ-୬୪୧୦୦

**୨ୟ ଜନ୍ମଦିନ ଶୁଭେଚ୍ଛା**



**ବୈଷ୍ଣବୀ (ମିଠି)**

ଡ଼େଲାଙ୍ଗ, ଶକ୍ତିପୁର, ପୁରୀ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।

**ଶୁଭେଚ୍ଛାସହ:**
ବାପା, ମା, ବାବୁଲ୍, କାଲୁ, ରାହୁଲ୍, ଦିପା, ଜ୍ୟୋସ୍ନା, ରେସ୍ମା ଏବଂ ପରିବାରବର୍ଗ।

ଧ-୧୫୫୧୩

**Happy Birthday Wish**



**Kirtiprakas Bidyapati**
Balarampur, Kujang, Jagatsinghpur
May god bless you a good and prosperious long life.
Well- Wishers-
Father and Dhana

D-15437

**7th Birthday Wish**



**Ayusman Koustav Bidyapati**
Balarampur, Kujang, Jagatsinghpur
May god bless you a good longlife with prosperious healthy wealthy and bright career.
**Well wishers:**
Jejaji, Father, Momy and Maa

D-15436

**ଶୁଭ ବିବାହ**

**ପୁଷ୍ପଲତା (ରୋଜି)**
**ସହିତ**
**ପ୍ରିୟବ୍ରତ (ଫୁଲୁ)**

ଠିକଣା: କ୍ୱାର୍ଟର ନଂ- ଏଫ୍-୨
ଶ୍ରମଭବନ ପରିସର, ଭୁବନେଶ୍ୱର
ଆଜି ତୁମର ବିବାହ ଉତ୍ସବ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଶୁଭକାମନା।

**ଶୁଭେଚ୍ଛାସହ:**
ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ମୋବାଇଲ୍ ନଂ.- ୯୯୩୭୪୦୭୫୬୨

ଧ-୬୮୩୧୬

**ବିବାହ ଶୁଭେଚ୍ଛା**



ଆୟୁଷ୍ମାନ ଦାମୋଦର (ଦାମ)
ହରିପୁର, ପିପିଲିଙ୍କ ସହିତ
ଆୟୁଷ୍ମତୀ ଭବାନୀ (ଗୁଗୁଲି)
ଦାଣ୍ଡମୁକୁନ୍ଦପୁର, ପୁରୀ ଙ୍କର
ଶୁଭବିବାହ ଆଜି।
ଶୁଭେଚ୍ଛା ସହ
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଧ-୧୫୫୧୦

## AFFIDAVIT

I Susant Kumar Mohanty changed my name to Susanta Kumar Mohanty vide Affidavit dt. 30.11.19 sworn before Notary Bhubaneswar for all purposes. D-15502

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

କମୁଛି ଜିଡିପି ଅଭିବୃଦ୍ଧି

# ଅଧିକ ସହାୟତାର ସୂଚନା ଦେଲେ ଅର୍ଥମନ୍ତ୍ରୀ


ନିର୍ମଳା ସୀତାରାମନ୍

ନୂଆଦିଲ୍ଲୀ,୩୦।୧୧(ପି.ଟି.)

ଦେଶର ଜିଡିପି ଅଭିବୃଦ୍ଧି ୪.୫ ପ୍ରତିଶତକୁ ଖସିଆସିଛି, ଯାହାକି ଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ। ଅର୍ଥନୀତିରେ ଏଭଳି ମାନ୍ଦାବସ୍ଥା ଚିନ୍ତାଜନକ ହୋଇଥିବାବେଳେ ଏହାକୁ ଅତିକ୍ରମ କରିବା ଲାଗି ସରକାର ଆଉ କେତେକ ସହାୟତାମୂଳକ ପଦକ୍ଷେପ ନେଇପାରନ୍ତି ବୋଲି ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୂଚନା ଦେଇଛନ୍ତି। ଅର୍ଥନୀତିରେ ଢାଞ୍ଚାଗତ ସଂସ୍କାର ଲାଗି କେନ୍ଦ୍ର ସରକାର ଗତ କିଛିମାସ ମଧ୍ୟରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଅର୍ଥନୀତିର ଆବଶ୍ୟକତା ପୂରଣ ପାଇଁ ସରକାରଙ୍କ ହସ୍ତକ୍ଷେପ ଜାରି ରହିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାର ୬ ମାସ ଅତିକ୍ରମ କରିଛି। ଏହି ସମୟ ମଧ୍ୟରେ ଅର୍ଥନୀତିକୁ ସଜାଡିବା ଲାଗି ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଆହୁରି ଅନେକ କିଛି ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ଅର୍ଥମନ୍ତ୍ରୀ ଟୁଇଟ୍ କରିଛନ୍ତି। ୨୦୨୫ ସୁଦ୍ଧା ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ଅନେକ ଆର୍ଥିକ ପଦକ୍ଷେପର ତାଲିକା କରିଛନ୍ତି। ତେବେ ବର୍ତ୍ତମାନର ଅଭିବୃଦ୍ଧି ହାରକୁ ଦେଖିଲେ ୨୦୨୫ ସୁଦ୍ଧା ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିବା ପ୍ରଶ୍ନ ଉଠୁନାହିଁ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ସି. ରଙ୍ଗରାଜନ୍ କହିଛନ୍ତି। ପ୍ରଥମ ତ୍ରୈମାସିକରେ ଅଭିବୃଦ୍ଧି ହାର ୫ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଦ୍ୱିତୀୟ ତ୍ରୈମାସିକରେ ଏହା ୪.୫ ପ୍ରତିଶତକୁ ଖସିଆସିଛି। ଆର୍‌ବିଆଇ ମଧ୍ୟ ବାର୍ଷିକ ଅଭିବୃଦ୍ଧି ପୂର୍ବାନୁମାନକୁ ୬.୧ ପ୍ରତିଶତକୁ କମାଇଦେଇଛି।

ନିମ୍ନଗାମୀ ଅର୍ଥନୀତିକୁ ସଜାଡିବା ଲାଗି ସୀତାରାମନ୍ ବର୍ତ୍ତମାନର କମ୍ପାନୀଗୁଡିକ ଲାଗି କର୍ପୋରେଟ ଟିକସକୁ ୩୦ ପ୍ରତିଶତରୁ ୨୨ ପ୍ରତିଶତକୁ ହ୍ରାସ କରିଥିଲେ। ନୂଆ କମ୍ପାନୀ ପାଇଁ ଏହି ଟିକସ ହାର ୨୫ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରାଯାଇଥିଲା। ସର୍‌ଚାର୍ଜ ଏବଂ ସେସ୍‌କୁ ମିଶାଇ ବର୍ତ୍ତମାନ କମ୍ପାନୀଙ୍କ ପାଇଁ ଟିକସ ୩୫ ପ୍ରତିଶତ ବଦଳରେ ୨୫.୧୭ ପ୍ରତିଶତ କରାଯାଇଥିଲା। ଏହାବ୍ୟତୀତ ଇନ୍‌ସଲ୍‌ଭେନ୍ସି ଓ ବ୍ୟାଙ୍କ୍ରପ୍ଟ୍ କୋଡ୍ (ଆଇବିସି)ରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ରିଅଲ ଇଷ୍ଟେଟ୍ ସେକ୍ଟର ପାଇଁ ସରକାର ୨୫ହଜାର କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିଲେ। ଏପରି ଅନେକ ଆର୍ଥିକ ସଂସ୍କାର ପଦକ୍ଷେପ ସତ୍ତ୍ୱେ ଅର୍ଥନୀତି ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ନିମ୍ନଗାମୀ ହେଉଥିବାରୁ ଏହା ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ଆଗାମୀ ଦିନରେ ସରକାର ଅଧିକ ସଂସ୍କାର ପ୍ରକ୍ରିୟା ଆପଣାଇପାରନ୍ତି ବୋଲି ସୂଚନା ମିଳୁଛି।

## ଆହୁରି ଖସିବ ଅଭିବୃଦ୍ଧି: ଚିଦାମ୍ବରମ



ନୂଆଦିଲ୍ଲୀ,୩୦।୧୧(ପି.ଟି.): ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୪.୫ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ତୃତୀୟ ତ୍ରୈମାସିକରେ ଏହା ଆହୁରି ଖସିବ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ ପୂର୍ବାନୁମାନ କରିଛନ୍ତି। ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୪.୫ ପ୍ରତିଶତ ରହିଛି। ଏହା ସତ୍ତ୍ୱେ ସବୁକିଛି ଠିକ୍ ଚାଲିଥିବା ସରକାର କହୁଛନ୍ତି। ତେବେ ଆଗକୁ ଏହା ୪.୫ ପ୍ରତିଶତରୁ କମିବ ସିନା ବଢ଼ିବ ନାହିଁ ବୋଲି ତିହାର ଜେଲ୍‌ରେ ଥିବା ଚିଦାମ୍ବରମ କହିଥିବା ତାଙ୍କ ପରିବାର ଟୁଇଟ୍ କରିଛନ୍ତି।



ମାଲକାନଗିରି ଜିଲ୍ଲା ଏକ ଜଙ୍ଗଲ ବହୁଳ ଅଞ୍ଚଳ । ଏହି ଜିଲ୍ଲାରେ କାଲିମେଳା, ଚିତ୍ରକୋଣ୍ଡା, ବାଲିମେଳା, ମୋଟୁ, ମାଥିଲି, ମାଲକାନଗିରି ବନାଞ୍ଚଳରେ ପ୍ରଚୁର ପରିମାଣର ପ୍ରାକୃତିକ ବାଉଁଶ ଜଙ୍ଗଲ ଅଛି । ବାଉଁଶ ଜଙ୍ଗଲ ଅଭିବୃଦ୍ଧି ପାଇଁ ବନ ବିଭାଗ ତରଫରୁ ଅନେକ ପଦକ୍ଷେପ ନିଆ ଯାଇଛି । ଏହି ଜିଲ୍ଲାରେ ଅନେକ ଲୁକାୟିତ ବାଉଁଶ କାରିଗର ଥିଲେ ମଧ୍ୟ ଉପଯୁକ୍ତ ତାଲିମ ଅଭାବରୁ ସେମାନେ ବାଉଁଶ ବ୍ୟବହାର କରି ପାରୁନାହାନ୍ତି କିମ୍ବା ବିଭିନ୍ନ ପ୍ରକାର ଘର କରଣା ସାମଗ୍ରୀ ଏବଂ ସୌଖିନ ଜିନିଷ ବାଉଁଶରେ ତିଆରି କରି ପାରୁନାହାନ୍ତି । ଏମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ବନ ବିଭାଗ ତରଫରୁ ଉପଯୁକ୍ତ ତାଲିମ ଏବଂ ନିଜ ଘରବାଡିରେ ବାଉଁଶ ଜଙ୍ଗଲ ସୃଷ୍ଟି କରିବା ପାଇଁ ଉନ୍ନତମାନର ଚାରା ପ୍ରସ୍ତୁତି ଏବଂ ବାଉଁଶ ରୋପଣ ପଦ୍ଧତି ବିଷୟରେ ବନ ବିଭାଗ ସମସ୍ତ ସହଯୋଗ ଯୋଗାଇଦେବେ । ଇଚ୍ଛୁକ ବ୍ୟକ୍ତିମାନେ ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ ସହ ସମ୍ପର୍କ ରଖିବା ପାଇଁ ପରାମର୍ଶ ଦିଆ ଯାଉଛି ।
ଖଣ୍ଡୀୟ ବନାଧିକାରୀ, ମାଲକାନଗିରି
ଦୂରଭାଷ- ୯୪୩୭୦୫୫୪୭୦

ଧରିତ୍ରୀର ୪୫ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଉଛି। ମାଲକାନଗିରି ଜିଲ୍ଲାବାସୀ ନିଜର ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଅନୁରୋଧ କରୁଅଛି।

ମୋହନ ଗୁଡିଆ
ବନପାଳ, ପାଣ୍ଡ୍ରିପାଣି

ଧରିତ୍ରୀର ୪୫ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ


ରଜନିକାନ୍ତ ନାୟକ
ଶିକ୍ଷକ, ମାଲକାନଗିରି

ଧରିତ୍ରୀର ୪୫ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ସରକାର ମାଲକାନଗିରି ଭଳି ଏକ ଉପାନ୍ତ ଜିଲ୍ଲାର ଶିକ୍ଷୟିତ୍ରୀଙ୍କୁ ସୁରଭି କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିବାରୁ ମୁଁ ଶିକ୍ଷା ବିଭାଗକୁ କୃତଜ୍ଞତା ଜଣାଉଛି।

ଆଭାରାଣୀ ବିଶ୍ୱାଳ
ଶିକ୍ଷୟିତ୍ରୀ

ଧରିତ୍ରୀର ୪୬ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ମାଲକାନଗିରି ଜିଲ୍ଲାରେ କୃଷି ଉତ୍ପାଦିତ ବୃଦ୍ଧି ଏବଂ କୃଷକମାନଙ୍କ ମଙ୍ଗଳ କାମନା କରୁଅଛି।

ବାବୁଲା ସାବତ
ମାଲକାନଗିରି

ବରଗଡ ଜିଲ୍ଲା ବିଜେପୁର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା କେଉଁଟିପାଲି, ଜାରିଂ ବୁଢାପାଲି ମାର୍କେଟ ୟାର୍ଡରେ ଧାନ ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ ସମୃଦ୍ଧି କାମନା କରୁଅଛୁ।

ଶ୍ରୀମତୀ ରୀତାରାଣୀ ମହାପାତ୍ର
ସଭାପତି

ଶ୍ରୀ ଦୟାନିଧି ସାହୁ
ସଂପାଦକ


ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଶୁଭକାମନା ସହିତ ବିଞ୍ଝାରପୁର ଅଞ୍ଚଳର ଧରିତ୍ରୀ ପାଠକ ପାଠିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ସ୍ମୃତିରଞ୍ଜନ ସାହୁ
ଯୁବନେତା, ବିଜେଡି, ଗୃହାଳୀ ଗ୍ରାପ, ବିଞ୍ଝାରପୁର

ବରଗଡ ଜିଲ୍ଲା ବିଜେପୁର ବ୍ଲକ ଏମ ଶ୍ରୀଗିଡା ସେବା ସମବାୟ ସମିତି ପକ୍ଷରୁ ଖୋଲା ଯାଇଥିବା ଏମ୍ ଶ୍ରୀଗିଡ଼ା, କେଉଁଟିପାଲି ମଣ୍ଡିରେ ଧାନ, ମାଣ୍ଡିଆ ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀ ନିମାଇଁ ଚରଣ ସାହୁ
ସଭାପତି

ଶ୍ରୀ ନିର୍ମଳ ଜେନା
ସଂପାଦକ

ବରଗଡ ଜିଲ୍ଲା ବିଜେପୁର ବ୍ଲକ ସାଇପାଲି ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ସାଇପାଲି, ବଡ ବ୍ରାହ୍ମଣୀ ମଣ୍ଡିରେ ଧାନ ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀ ଯୋଗେଶ୍ୱର ଧରୁଆ
ସଭାପତି

ଶ୍ରୀ ରାଜେନ୍ଦ୍ର ସାହୁ
ସଂପାଦକ


ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଶୁଭକାମନା ସହିତ ସମସ୍ତ ଜନସାଧାରଣଙ୍କୁ ପ୍ଲାଷ୍ଟିକ ବର୍ଜନ କରି ସୁସ୍ଥ ପରିବେଶ ଗଢ଼ି ତୋଳିବାକୁ ଅନୁରୋଧ କରୁଛି।
ଇଂ. ତୃପ୍ତାଞ୍ଜଳୀ ରଥ
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ, ବିଞ୍ଝାରପୁର

ଧରିତ୍ରୀର ୪୫ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଉଛି। ଧରିତ୍ରୀ ପରିବାର ଏବଂ ପାଠକମାନଙ୍କର ଆଗାମୀ ନୂତନ ବର୍ଷରେ ମଙ୍ଗଳ କାମନା କରିବା ସହ ମାଲକାନଗିରି ଜିଲ୍ଲାବାସୀଙ୍କ ଶାନ୍ତି ସମୃଦ୍ଧି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛି।

ମାଳା ମାଢ଼ି
କାଲିମେଳା ବ୍ଲକ ଅଧ୍ୟକ୍ଷ, ମାଲକାନଗିରି ଜିଲ୍ଲା

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ତଥା ପବିତ୍ର ମାର୍ଗଶିରର ଶୁଭ ଲଗ୍ନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକ ଲାଉମୁଣ୍ଡା ପଞ୍ଚାୟତବାସୀଙ୍କର ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀମତୀ ସୁବର୍ଣ୍ଣ ମେହେର
ସରପଞ୍ଚ

ଶ୍ରୀ ପାଣ୍ଡବ ନନ୍ଦ
କାର୍ଯ୍ୟନିର୍ବାହୀ ଅଧିକାରୀ

ବରଗଡ ଜିଲ୍ଲା ବିଜେପୁର ବ୍ଲକ ବଡବାଉଁଶେନ ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଅର୍ଡା ମଣ୍ଡିରେ ଧାନ, ମାଣ୍ଡିଆ, ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀ ସଂଜୀବ କୁମାର ପଣ୍ଡା
ସଭାପତି

ଶ୍ରୀ କୃପାସିନ୍ଧୁ ସାହୁ
ସଂପାଦକ


୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ସହ ବିଞ୍ଝାରପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।
କମଳ କୁମାର ଦାସ
ସମାଜସେବୀ, ବିଞ୍ଝାରପୁର

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ତଥା ପବିତ୍ର ମାର୍ଗଶିରର ଶୁଭ ଲଗ୍ନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକ ସୁରୁବାଲି ପଞ୍ଚାୟତବାସୀଙ୍କର ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀ ସୀତାରାମ ସାହୁ
ସରପଞ୍ଚ

ଶ୍ରୀ ନୀଳାଞ୍ଚଳ ପଧାନ
କାର୍ଯ୍ୟନିର୍ବାହୀ ଅଧିକାରୀ

ବରଗଡ ଜିଲ୍ଲା ବିଜେପୁର ବ୍ଲକ ଲାଉମୁଣ୍ଡା ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଅର୍ଡା, ଲାଉମୁଣ୍ଡା, ଭଟିଗାଁ ମଣ୍ଡିରେ ଧାନ ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀ ଲଳିତ ପଧାନ
ସଭାପତି

ଶ୍ରୀ ଧନଞ୍ଜୟ ପଧାନ
ସଂପାଦକ

ଧରିତ୍ରୀର ୪୬ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋର ହାର୍ଦ୍ଦିକ ଶୁଭେଚ୍ଛା । ଜଣାଇବା ମାଲକାନଗିରିରେ ବସବାସ କରୁଥିବା ସବୁ ବର୍ଗର ଉନ୍ନତି କାମନା କରୁଅଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଜିଲ୍ଲା ବର୍ତ୍ତମାନ ପ୍ରଗତି ପଥରେ ଆଗେଇ ଚାଲିଛି। ଆଗାମୀ ଦିନରେ ଏହି ପ୍ରଗତି ଜାରି ରହିବା ସହ ସମସ୍ତ ଜିଲ୍ଲାବାସୀଙ୍କ ସହ ଯୋଗରେ ଉନ୍ନତିର ଧାରା ଆଗେଇ ଚାଲିବ।

ମାନସ ମାଡକାମି
ଉନ୍ନୟନ ବିକାଶ ପରିଷଦ, ଅଧ୍ୟକ୍ଷ
ମାଲଗାନଗିରି


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ତଥା ପବିତ୍ର ମାର୍ଗଶିରର ଶୁଭ ଲଗ୍ନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକର ଜନସାଧାରଣଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।
ଶ୍ରୀ ଦିଲ୍ଲୀପ କୁମାର ପଣ୍ଡା
କଂଗ୍ରେସ ନେତା


୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ସହ ବିଞ୍ଝାରପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।

ମାନସରଞ୍ଜନ ଦାସ
ସମିତିସଭ୍ୟ, କଏଣା-ରଘୁନାଥପୁର ଗ୍ରାପ, ବିଞ୍ଝାରପୁର


'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସାଲେପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କ ଚଲାପଥ ସୁଖମୟ ହେଉ। ଆପଣଙ୍କର
ବିଶ୍ୱଜିତ୍ ଚାଟାର୍ଜୀ
ସମାଜସେବୀ

## ସଂକ୍ଷେପରେ

### ଅଲ୍ ଓଡ଼ିଶା ଚେସ୍ ୧୪ରୁ

**ଭୁବନେଶ୍ୱର,୩୦।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ଆସନ୍ତା ୧୪ ଓ ୧୫ ତାରିଖରେ କ୍ଲବ ପରିସରରେ ଅରାତି ବିଜୟ ମହାନ୍ତି ସ୍ମାରକୀ ଅଲ୍ ଓଡ଼ିଶା ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଚାମ୍ପିୟନ୍‌ଙ୍କୁ ୫ ହଜାର ଟଙ୍କାର ପୁରସ୍କାର ରାଶି ସମେତ ବିଭିନ୍ନ ବିଭାଗର ୨୫ କୃତୀ ଖେଳାଳିଙ୍କୁ ସମୁଦାୟ ୪୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ବିଭିନ୍ନ ବୟସ ବର୍ଗରେ (୭, ୯, ୧୧ ବର୍ଷରୁ କମ୍) ଉଭୟ ବାଳିକା ଓ ବାଳକ ବର୍ଗର ଚାମ୍ପିୟନ ଏବଂ ଉପବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକମାନେ ସ୍ପଷ୍ଟ କରିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀ ୩୫୦ ଟଙ୍କାର ପ୍ରବେଶିକା ଫିସ୍ ସହ କ୍ଲବର ଉପସଭାପତି ମାନଗୋବିନ୍ଦ ଦଳାଇ କିମ୍ବା ଟୁର୍ନାମେଣ୍ଟ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀଙ୍କୁ ଡିସେମ୍ବର ୧୨ ତାରିଖ ସୁଦ୍ଧା ଯୋଗାଯୋଗ କରିପାରନ୍ତି। ଭୁବନେଶ୍ୱର ବାହାରୁ ଆସୁଥିବା ପ୍ରତିଯୋଗୀଙ୍କ ପାଇଁ କ୍ଲବ ପରିସରରେ ରହିବା ବ୍ୟବସ୍ଥା କରାଯାଇଛି।

### ଫିଞ୍ଚଙ୍କ ମୁଣ୍ଡରେ ବାଜିଲା ବଲ

**ମେଲବୋର୍ନ, ୩୦।୧୧(ଏଏଫ୍‌ପି):** ଅଷ୍ଟ୍ରେଲିଆର ଦିନିକିଆ ଓ ଟି୨୦ ଦଳର ଅଧିନାୟକ ଆରୋନ ଫିଞ୍ଚ୍ ଶନିବାର ଶେଫିଲ୍ଡ ସିଲ୍ଡ ଟୁର୍ନାମେଣ୍ଟରେ ଆହତ ହୋଇଛନ୍ତି। ଭିକ୍ଟୋରିଆ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଫିଞ୍ଚଙ୍କ ହେଲମେଟରେ ବଲ୍ ବାଜିଛି। ଏଥିଯୋଗୁ କନକୁଶନ ନିୟମ ଯୋଗୁ ତାଙ୍କ ବଦଳରେ ଟ୍ରାଭିସ ହେଡ୍‌ଙ୍କୁ ଖେଳାଯାଇଛି। ନ୍ୟୁ ସାଉଥ୍ ୱେଲ୍ସ ଷ୍ଟିଭ ଓ କଫେ ଦ୍ୱିତୀୟ ଦିନର ପ୍ରଥମ ସେସନରେ ଜେମ୍ସ ପାଟିନଶନଙ୍କ ବଲ୍‌କୁ ଘୂରାଇ ମାରିଥିଲେ। ମାତ୍ର ବଲ୍ ଶର୍ଟ ଲେଗ୍ ଅଞ୍ଚଳରେ ଫିଲ୍ଡିଂ କରୁଥିବା ୩୩ ବର୍ଷୀୟ ଫିଞ୍ଚଙ୍କ ହେଲମେଟରେ ବାଜିଥିଲା। ମେଡିକାଲ ଟିମ୍ ତାଙ୍କ ଅବସ୍ଥା ଯାଞ୍ଚ କରିବା ପରେ ମଧ୍ୟ ଅଷ୍ଟ୍ରେଲିଆନ ଓପ୍‌ନର ଫିଲ୍ଡିଂ ଜାରି ରଖିଥିଲେ। ଲଞ୍ଚ ବ୍ରେକ୍ ବେଳେ କନକୁଶନର ଲକ୍ଷଣ ଦେଖାଯାଇଥିବା କ୍ରିକେଟ ଭିକ୍ଟୋରିଆ ପକ୍ଷରୁ ବିବୃତିରେ ପ୍ରକାଶ ପାଇଥିଲା।



> ଆର୍ସେନାଲ ଦଳର ମୁଖ୍ୟ କୋଚ୍ ରହିବା ମୋ ପାଇଁ ସମ୍ମାନର ବିଷୟ। ଦେଢ଼ବର୍ଷର କାର୍ଯ୍ୟକାଳରେ ବହୁତ ସ୍ମୃତି ରହିଛି ।
> –ଉନାଇ ଏମରି, ପୂର୍ବତନ ଆର୍ସେନାଲ କ୍ଲବ କୋଚ୍

> ମହେନ୍ଦ୍ର ସିଂ ଧୋନୀଙ୍କୁ ନେଇ ସ୍ୱଷ୍ଟତା ରହିଛି। କିନ୍ତୁ ସବୁକିଛି ଜନସାଧାରଣଙ୍କ ସାମ୍ନାରେ କହି ହେବନାହିଁ। ସମୟ ଆସିଲେ ସମସ୍ତେ ଜାଣିପାରିବେ ।
> –ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି



# ୱାର୍ନରଙ୍କ ତ୍ରିଶତକ: ଅଷ୍ଟ୍ରେଲିଆ ଦୃଢ଼



ଡେଭିଡ୍ ୱାର୍ନର
୪୧୮ ବଲ୍
ରନ୍ ୩୩୫*

ଦିବାରାତ୍ର ଟେଷ୍ଟ

**ଆଡିଲେଡ୍, ୩୦।୧୧ (ଏଏଫ୍‌ପି) :** ଓପ୍‌ନର ଡେଭିଡ୍ ୱାର୍ନରଙ୍କ ଦମ୍‌ଦାର ତ୍ରିଶତକ ଓ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ରେକର୍ଡ ସହାୟତାରେ ଅଷ୍ଟ୍ରେଲିଆ ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦିବାରାତ୍ର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ସ୍ଥିତି ଦୃଢ଼ କରିଛି। ୱାର୍ନର ଅପରାଜିତ ୩୩୫ ରନ୍‌ର ତ୍ରିଶତକ ହାସଲ କରିଥିବା ବେଳେ ସ୍ମିଥ୍ ୩୬ ରନ୍ କରି ଆଉଟ ହୋଇଥିଲେ ମଧ୍ୟ ଦ୍ରୁତତମ ବ୍ୟାଟ୍ସମ୍ୟାନ୍ ଭାବେ ୭,୦୦୦ ଟେଷ୍ଟ ରନ୍ ପୂରଣ କରିଛନ୍ତି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୧୨୭ ଓଭରରେ ୩ ଉଇକେଟ ହରାଇ ୫୮୯ ରନ୍ କରି ପାଳି ଘୋଷଣା କରିଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସ୍ ଆରମ୍ଭ କରି ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୩୫ ଓଭରରେ ୬ ଉଇକେଟ ହରାଇ ୯୬ ରନ୍ ସଂଗ୍ରହ କରିଛି। ଫଳରେ ପାକିସ୍ତାନ ମାତ୍ର ୪ ଉଇକେଟ ବାକି ରଖି ଏବେ ୪୯୩ ରନ୍ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ବାବର ଆଜମ ୪୩ ଓ ୟାସିର ଶାହ ୪ ରନ୍ କରି ଅପରାଜିତ ରହିଛନ୍ତି। ଓପ୍‌ନର ଶାନ ମାସୁଦ ୧୯ ଓ ଇଫତିକାର ଅହମ୍ମଦ ୧୦ ରନ୍ କରି ଆଉଟ ହୋଇଥିବା ବେଳେ ବାକି ୪ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରିନାହାନ୍ତି। ଓପ୍‌ନର ଇମାମ୍-ଉଲ୍-ହକ୍ ୨, ଅଧିନାୟକ ଆଝାର ଅଲି ୯, ଆସାଦ ସାଫିକ ୯ ରନ୍ କରି ଆଉଟ ହୋଇଥିବା ବେଳେ ଉଇକେଟକିପର ମହମ୍ମଦ ରିଜ୍‌ୱାନ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ସର୍ବାଧିକ ୪, ପ୍ୟାଟ କମିନ୍ସ ଓ ଜୋଶ ହାଜେଲଉଡ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଓଭରନାଇଟ ପ୍ରଥମ ଇନିଂସ୍ ସ୍କୋର ୩୦୨/୧ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଅପରାଜିତ ୧୬୬ ରନ୍‌ରୁ ଖେଳ ଆରମ୍ଭ କରି ୱାର୍ନର ୩୩୫ ରନ୍‌ର ତ୍ରିଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି ୧୨୬ ରନ୍‌ରୁ ଖେଳ ଆରମ୍ଭ କରି ମାର୍ନସ ଲାବୁସ୍କାନ ୧୬୨ ରନର ବୃହତ୍ ଶତକୀୟ ପାଳି ଖେଳି ଶାହିନ ଶାହ ଆଫ୍ରିଦିଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ସ୍ମିଥ୍ ୩୬ ରନ୍ କରି ଆଫ୍ରିଦିଙ୍କ ବଲ୍‌ରେ ଉଇକେଟକିପର ରିଜୱାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମାଥ୍ୟୁ ୱାଡେ ୩୮ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଆଫ୍ରିଦି ୩ଟି ଯାକ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫ ରନ୍‌ରେ ବିଜୟ ହାସଲ କରି ୨ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୨୭ ଓଭରରେ ୫୮୯/୩ ଇନିଂସ୍ ଘୋଷଣା (ୱାର୍ନର- ୩୩୫*, ଲାବୁସ୍କାନ- ୧୬୨, ସ୍ମିଥ୍- ୩୬, ୱାଡେ- ୩୮*, ଆଫ୍ରିଦି- ୩/୮୮)। ପାକିସ୍ତାନ ପ୍ରଥମ ଇନିଂସ- ୩୫ ଓଭରରେ ୯୬/୬ (ବାବର ଆଜମ- ୪୩, ମାସୁଦ- ୧୯, ଇଫତିକାର- ୧୦, ମିଚେଲ ଷ୍ଟାର୍କ- ୪/୨୨, କମିନ୍ସ- ୧/୪୫, ହାଜେଲଉଡ- ୧/୨୯)।

### ବ୍ରାଡ୍‌ମ୍ୟାନ, ଆଝାରଙ୍କ ରେକର୍ଡ ଭାଙ୍ଗିଲେ

ଅଷ୍ଟ୍ରେଲିଆନ ଓପ୍‌ନର ଡେଭିଡ୍ ୱାର୍ନର ପାକିସ୍ତାନ ବିପକ୍ଷ ଦିବାରାତ୍ର ତଥା ଦ୍ୱିତୀୟ ଟେଷ୍ଟରେ ୩୩୫ ରନ୍‌ର ତ୍ରିଶତକ ହାସଲ କରିଛନ୍ତି। ଏଥିସହ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ସର୍ବାଧିକ ବ୍ୟକ୍ତିଗତ ରନ୍ କରିବାରେ ସାର ଡନ୍ ବ୍ରାଡ୍‌ମ୍ୟାନଙ୍କ ରେକର୍ଡ ଭାଙ୍ଗିଛନ୍ତି। ବ୍ରାଡ୍‌ମ୍ୟାନ ୧୯୩୨/୩୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୯୯ ରନ୍‌ର ଇନିଂସ ଖେଳିଥିଲେ। ଏହା ଓଭାଲ ଗ୍ରାଉଣ୍ଡରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା। ତେବେ ବ୍ରାଡ୍‌ମ୍ୟାନଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ୩୩୪। ଏହାକୁ ମଧ୍ୟ ୱାର୍ନର ପଛରେ ପକାଇଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ଏକ ସିଙ୍ଗଲ ନେଇ ୩୩୫ ରନ୍ କରିବା ପରେ ଅଧିନାୟକ ଟିମ୍ ପେନ୍ ପ୍ରଥମ ଇନିଂସ ଘୋଷଣା କରିଥିଲେ। ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଏବେ ମଧ୍ୟ ମାଥ୍ୟୁ ହେଡେନଙ୍କ ନାମରେ ରହିଛି। ସେ ୨୦୦୩ରେ ଜିମ୍ବାୱେ ବିପକ୍ଷରେ ୩୮୦ ରନ୍ କରିଥିଲେ। ଏହି ତାଲିକାରେ ୱାର୍ନର ଏବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୪୧୮ ବଲ୍‌ର ସମ୍ମୁଖୀନ ହୋଇଥିବା ୱାର୍ନରଙ୍କ ଇନିଂସ୍‌ରେ ୩୯ ଚୌକା ଓ ଏକ ଛକା ସାମିଲ ଥିଲା। ଏହି ଇନିଂସ୍ ସହ ଦିବାରାତ୍ର ଟେଷ୍ଟ ଇତିହାସରେ ସର୍ବାଧିକ ରନ୍ କରିବାର ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ପାକିସ୍ତାନର ଆଝାର ଅଲି(୩୦୨)ଙ୍କ ନାମରେ ଥିଲା। ଅପରାଜିତ ରହି ପ୍ୟାଭିଲିୟନକୁ ଫେରିବା ବେଳେ ୩୩ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କୁ ସାଥୀ ଖେଳାଳିମାନେ ଗାର୍ଡ ଅଫ୍ ଅନର ଦେଇଥିଲେ।

### ଟେଷ୍ଟ କ୍ରିକେଟରେ ସର୍ବାଧିକ ବ୍ୟକ୍ତିଗତ ରନ୍

| ଖେଳାଳି | ରନ୍ | ବଲ | ବିପକ୍ଷ ଦଳ | ବର୍ଷ |
|---|---|---|---|---|
| ବ୍ରାୟନ ଲାରା(ୱେଷ୍ଟଇଣ୍ଡିଜ) | ୪୦୦* | ୫୮୨ | ଇଂଲଣ୍ଡ | ୨୦୦୪ |
| ମାଥ୍ୟୁ ହେଡେନ(ଅଷ୍ଟ୍ରେଲିଆ) | ୩୮୦ | ୬୨୨ | ଜିମ୍ବାୱେ | ୨୦୦୩ |
| ବ୍ରାୟନ ଲାରା(ୱେଷ୍ଟଇଣ୍ଡିଜ) | ୩୭୫ | ୫୩୮ | ଇଂଲଣ୍ଡ | ୧୯୯୪ |
| ମହେଲା ଜୟବର୍ଦ୍ଧେନେ(ଶ୍ରୀଲଙ୍କା) | ୩୭୪ | ୫୭୨ | ଦକ୍ଷିଣ ଆଫ୍ରିକା | ୨୦୦୬ |
| ଗ୍ୟାରି ସୋବର୍ସ(ୱେଷ୍ଟଇଣ୍ଡିଜ) | ୩୬୫* | – | ପାକିସ୍ତାନ | ୧୯୫୮ |
| ଲେନ ହୁଟନ(ଇଂଲଣ୍ଡ) | ୩୬୪ | ୮୪୭ | ଅଷ୍ଟ୍ରେଲିଆ | ୧୯୩୮ |
| ଶନତ ଜୟସୁରିୟା(ଶ୍ରୀଲଙ୍କା) | ୩୪୦ | ୫୭୮ | ଭାରତ | ୧୯୯୭ |
| ହାନିଫ ମହମ୍ମଦ(ପାକିସ୍ତାନ) | ୩୩୭ | – | ୱେଷ୍ଟଇଣ୍ଡିଜ | ୧୯୫୮ |
| ୱାଲି ହାମଣ୍ଡ(ଇଂଲଣ୍ଡ) | ୩୩୬* | – | ନ୍ୟୁଜିଲାଣ୍ଡ | ୧୯୩୩ |
| ଡେଭିଡ ୱାର୍ନର(ଅଷ୍ଟ୍ରେଲିଆ) | ୩୩୫* | ୪୧୮ | ପାକିସ୍ତାନ | ୨୦୧୯ |

### ସାଉଥ୍ ଇଷ୍ଟ ଏସିଆନ ଗେମ୍ସରେ ବିଶ୍ୱରଞ୍ଜନ ଅଫିସିଆଲ



**ଭୁବନେଶ୍ୱର, ୩୦।୧୧ (କ୍ରୀଡ଼ା ପ୍ରତିନିଧି):** ଫିଲିପାଇନ୍ସର ଲାଗୁନାଠାରେ ୩୦ତମ ସାଉଥ୍ ଇଷ୍ଟ ଏସିଆନ ଗେମ୍ସ ଡିସେମ୍ବର ୪ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ଇନ୍‌ଡୋର ହକି ପ୍ରତିଯୋଗିତା ପାଇଁ ଓଡ଼ିଶାର ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କୁ ସହକାରୀ ଟେକ୍ନିକାଲ ଅଫିସିଆଲଭାବେ ଏସିଆନ ହକି ଫେଡେରେଶନ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଅଫିସିଆଲମାନେ ଡିସେମ୍ବର ୨ରେ ଫିଲିପାଇନ୍ସରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି ବୋଲି ଏସିଆନ ହକି ଫେଡେରେଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ଟାୟାବ ଇକରାମ ପ୍ରକାଶ କରିଛନ୍ତି।

### ସେମିଫାଇନାଲରେ ହାରିଲେ ଋତୁପର୍ଣ୍ଣା

**ଲକ୍ଷ୍ନୌ,୩୦।୧୧(ପି.ଟି.):** ପୂର୍ବତନ ଜାତୀୟ ଚାମ୍ପିୟନ ଋତୁପର୍ଣ୍ଣା ଦାସ କଡ଼ା ସଂଘର୍ଷକରିବା ସତ୍ତ୍ୱେ ସେମିଫାଇନାଲରେ ପରାସ୍ତ ହୋଇ ଚଳିତ ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ୨୩ ବର୍ଷୀୟା ଭାରତୀୟ ଶଟ୍‌ଲରଙ୍କୁ ୨୨-୨୪, ୧୫-୨୧ ଗେମ୍‌ରେ ଥାଇଲାଣ୍ଡର ଫିଟ୍ଟାୟପର୍ନ ଚାଇୱାନ୍ ହରାଇ ଦେଇଛନ୍ତି। ୨୦୧୬ ଓ ୨୦୧୮ ପୋଲିସ ଓପନ୍ ଚାମ୍ପିୟନ ମ୍ୟାଚ୍‌ରେ ୩୯ ମିନିଟ୍ ଧରି ସେ ସଂଘର୍ଷ କରିଥିଲେ।

# ବରୁଣ-ଉମେଶଙ୍କ ସ୍ମରଣୀୟ ଭାଗୀଦାରି

ବାରବାଟୀ ଜିନିକିଆ
ଆଉ ୨୧ ଦିନ

**କଟକ ଅଫିସ, ୩୦।୧୧:** ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୯ ଉଇକେଟ ହରାଇ ୨୧୧ରନ କରିଥିଲା। ବିଜୟଲକ୍ଷ୍ୟକୁ ପିଛା କରୁଥିବା ଭାରତ ୪୭ତମ ଓଭର ପ୍ରଥମ ବଲ୍‌ରେ ୯ମ ଉଇକେଟ ହରାଇଥିଲା। ଭାରତର ଦଳୀୟ ସ୍କୋର ଥିଲା ୨୦୧ରନ। ଅନ୍ତିମ ଯୋଡ଼ିରେ ଥାନ୍ତି ଦୁଇ ଦ୍ରୁତ ବୋଲର ବରୁଣ ଆରୋନ ଓ ଉମେଶ ଯାଦବ। ଭାରତ ନିମନ୍ତେ ବିଜୟ ଆଶା କ୍ଷୀଣ ହୋଇ ସାରିଥାଏ। ୪୯ତମ ଓଭରରେ ବୋଲିଂଭାର ପାଇଥିଲେ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଡାରେନ୍ ସାମି। ପ୍ରଥମ ବଲରେ ଉମେଶ ସିଙ୍ଗିଲ ନେବା ପରେ ଦ୍ୱିତୀୟ ବଲରେ ବରୁଣ ସ୍କୋୟାର ଲେଗରେ ଏକ ଚୌକା ମାରିଥିଲେ। ୩ୟ ବଲରେ ବରୁଣ ପଏଣ୍ଟ ଅଞ୍ଚଳକୁ ଏକ ଶଟ୍ ମାରିଥିଲେ। ଏଥିରେ ଦୁଇ ରନ ନେବା ସହଜ ଥିଲେ ମଧ୍ୟ ଗୋଟିଏ ରନ ନେବା ପରେ ଉମେଶ ଅଧାରୁ ବରୁଣଙ୍କୁ ଅଟକାଇ ଦେଇଥିଲେ। ଯାହା ଉପସ୍ଥିତ ଦର୍ଶକ ଓ ଉଭୟ ଦଳର ଖେଳାଳିଙ୍କୁ ଚକିତ କରିଥିଲା। ୪ର୍ଥ ବଲ ଡଟ୍ ହୋଇଥିଲା। ୫ମ ବଲରେ ବରୁଣ ମ୍ୟାଚ୍ ବିଜୟୀ ଚୌକା ମାରିଥିଲେ। ଗୋଟିଏ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିବା ଭାରତର ଏହି ସ୍ମରଣୀୟ ମ୍ୟାଚ୍ ୨୦୧୧ ମସିହା ନଭେମ୍ବର ୨୯ରେ ବାରବାଟୀରେ ଖେଳାଯାଇଥିଲା। ବାରବାଟୀ ସ୍ମୃତିରେ ବରୁଣ-ଉମେଶଙ୍କ ଏହି ମ୍ୟାଚ୍ ବିଜୟୀ ଭାଗିଦାରୀ ସବୁବେଳେ ସତେଜ ହୋଇ ରହିଛି। ଉକ୍ତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୧୧ରନ କରିଥିବା ବେଳେ ଡାରେନ ବ୍ରାଭୋ ସର୍ବାଧିକ ୬୦ରନ କରିଥିଲେ। ଭାରତ ପକ୍ଷରୁ ଉମେଶ ଓ ବରୁଣ ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଭାରତ ପକ୍ଷରୁ ବ୍ୟାଟିଂରେ ସର୍ବାଧିକ ରନ କରିଥିବା ରୋହିତ ଶର୍ମା(୭୨)ରନ ଏହି ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ।

### ସାଣ୍ଟନରଙ୍କ ଛକାରେ ସୁରକ୍ଷା କର୍ମୀ ଆହତ





ଆହତ ସୁରକ୍ଷାକର୍ମୀଙ୍କ ସହିତ ଆଲୋଚନା କରୁଛନ୍ତି ଇଂଲଣ୍ଡର ସାମ୍ କୁରାନ।

କ୍ରିକେଟ ଏଭଳି ଏକ ଖେଳ କେବେ, କେଉଁଠି ଓ କାହା ସହ ଦୁର୍ଘଟଣା ଘଟିବ ତାହା କହିହେବ ନାହିଁ। ଏଠାରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ କାର୍ଯ୍ୟରତ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଘରୋଇ ଦଳର ସ୍କୋର ୩୬୫/୮ଥିବାବେଳେ ମିଚେଲ ସାଣ୍ଟନର ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବାକୁ ଉଦ୍ୟମ କରୁଥିଲେ। ଇଂଲଣ୍ଡ ପେସର ଜୋଫ୍ରା ଆର୍ଚରଙ୍କ ଏକ ଶର୍ଟ ବଲକୁ ସାଣ୍ଟନର ଫାଇନ ଲେଗ୍ ଅଞ୍ଚଳକୁ ଘୁରାଇ ମାରିଥିଲେ। ବଲଟି ସିଧା ବାଉଣ୍ଡ୍ରି ଲାଇନର ଅପରପାଖରେ ଛିଡ଼ା ହୋଇଥିବା ସୁରକ୍ଷା କର୍ମୀଙ୍କ ମୁଣ୍ଡରେ ବାଜିଥିଲା। ଇଂଲଣ୍ଡର ଖେଳାଳି ଓ ଫିଲ୍ଡ ଅମ୍ପାୟର ସୁରକ୍ଷାକର୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିଯୋଗୁ ଖେଳ କିଛି ସମୟ ପାଇଁ ବନ୍ଦ କରାଯାଇଥିଲା। ମେଡିକାଲ ଷ୍ଟାଫ ତାଙ୍କ ମୁଣ୍ଡରେ ବରଫ ମାଲିସ କରିଥିଲେ। ଉକ୍ତ ଗାର୍ଡ ଠିକ୍ ଥିବା ଜଣାଇବା ପରେ ମ୍ୟାଚ୍ ପୁଣି ଆରମ୍ଭ ହୋଇଥିଲା।

# ପାକିସ୍ତାନକୁ ୪-୦ରେ ହରାଇଲା ଭାରତ

**ନୁର- ସୁଲତାନ, ୩୦।୧୧(ପି.ଟି.)**



ପାକିସ୍ତାନ ବିପକ୍ଷରେ ଡେଭିସ୍‌କପ୍ ବିଜୟୀ ଭାରତୀୟ ଦଳ।

ଡେଭିସ୍ କପ

କାଜାଖସ୍ଥାନ ରାଜଧାନୀ ନୁର- ସୁଲତାନରେ ଅନୁଷ୍ଠିତ ଡେଭିସ୍ କପ୍ ଟେନିସ ମ୍ୟାଚ୍‌ରେ ଶନିବାର ଭାରତ ୪-୦ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ୱାର୍ଲ୍ଡ ଗ୍ରୁପ୍ କ୍ୱାଲିଫାୟର୍ସ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ଅର୍ଥାତ୍ ୨୦୨୦ କ୍ୱାଲିଫାୟର୍ସରେ ଭାରତ ସ୍ଥାନ ହାସଲ କରିଛି। ଅଭିଜ୍ଞ ଟେନିସ ତାରକା ଲିଆଣ୍ଡର ପେସ୍ ନିଜର ଡେଭିସ ରେକର୍ଡକୁ ଉନ୍ନତି ଆଣି ଆହୁରି ଦୃଢ଼ କରିଛନ୍ତି।

ଶନିବାର ଡବଲ୍ସ ରବରରେ ପେସ୍ ଓ ପଦାର୍ପଣ କରିଥିବା ଯୁବ ଭାରତୀୟ ଖେଳାଳି ଜୀବନ ନେଦୁନଚେଝିୟାନ ପ୍ରତିପକ୍ଷ ପାକିସ୍ତାନ ଯୋଡି ମହମ୍ମଦ ସୋଏବ ଓ ହୁଫାଇଜା ଅବଦୁଲ ରେହମାନଙ୍କୁ ପରାସ୍ତ କରିଥିଲେ। ପେସ୍ ଓ ଜୀବନ ମାତ୍ର ୫୩ ମିନିଟ୍‌ରେ ୬-୧, ୬-୩ ସେଟରେ ଏହି ସ୍ୱଳ୍ପ ବୟସ୍କ ପାକିସ୍ତାନ ଯୋଡିକୁ ପରାସ୍ତ କରି ଭାରତକୁ ୪-୦ରେ ବିଜୟୀ କରାଇଥିଲେ। ଏଥିସହିତ ପେସ୍ ଡେଭିସ୍ କପ୍‌ରେ ୪୪ତମ ଡବଲ୍ସ ବିଜୟ ହାସଲ କରି ପୂର୍ବର ରେକର୍ଡକୁ ଆହୁରି ଦୃଢ଼ କରିଛନ୍ତି। ଗତବର୍ଷ ପେସ୍ ଚାଇନା ବିପକ୍ଷରେ କ୍ୟାରିୟରର ୪୩ତମ ଡବଲ୍ସ ମ୍ୟାଚ ଜିତି ବିଶ୍ୱ ରେକର୍ଡ କରିଥିଲେ। ଏହି କ୍ରମରେ ସେ ଇଟାଲୀର କିମ୍ବଦନ୍ତୀ ଖେଳାଳି ନିକୋଲା ପିଏଟ୍ରାଙ୍ଗେଲିଙ୍କୁ ପଛରେ ପକାଇଥିଲେ। ୪୬ ବର୍ଷୀୟ ପେସ୍ ୫୬ଟି ଟାଇ ଖେଳି ୪୩ତମ ବିଜୟ ହାସଲ କରିଥିଲେ। ପିଏଟ୍ରାଙ୍ଗେଲି କିନ୍ତୁ ୬୬ଟି ଯାଇ ଖେଳି ୪୨ତମ ଡବଲ୍ସ ବିଜୟ ହାସଲ କରିଥିଲେ।

ସେହିପରି ରିଭର୍ସ ସିଙ୍ଗଲ୍ସରେ ସୁମିତ ନାଗାଲ ୬-୧, ୬-୦ ସେଟରେ ଅତି ସହଜରେ ୟୁସାଫ୍ ଖଲିଲଙ୍କୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ଏହାପରେ ଉଭୟ ଦଳ ପଞ୍ଚମ ରବର ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ମୋଟାମୋଟି ଉପରେ ଭାରତ ଅତି ସହଜରେ ପାକିସ୍ତାନକୁ ଡେଭିସ୍ କପ୍‌ରେ ପରାସ୍ତ କରିଛି। ୨୦୧୪ ଫେବୃୟାରୀ ପରେ ଭାରତ ପ୍ରଥମଥର ପାଇଁ ଟାଇର ସବୁ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ବର୍ଷ ଭାରତ ଇନ୍ଦୋରରେ ଟାଇନିଜ୍ ତାଇପେକୁ ୫-୦ରେ ହରାଇ ସବୁ ମ୍ୟାଚ୍ ଜିତିଥିଲା। ଭାରତ ଏବେ କ୍ୱାଲିଫାୟର୍ସ ବିଶ୍ୱର ୨ ନମ୍ବର ଦଳ କ୍ରୋଏସିଆକୁ ଭେଟିବ।

NATIONAL HEALTH MISSION
DSPL - 171
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଭାରତ ସରକାର
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର



ସମ୍ପୂର୍ଣ୍ଣ ଟୀକାକରଣ ଲକ୍ଷ୍ୟ ହାସଲ ପାଇଁ
ଢେଙ୍କାନାଳ, ଗଜପତି, କନ୍ଧମାଳ, କୋରାପୁଟ, ମାଲକାନାଗିରି ଓ ରାୟଗଡା ଜିଲ୍ଲାରେ
ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍ ୨.୦ ଅଭିଯାନର
ଶୁଭାରମ୍ଭ
୨ ଡିସେମ୍ବର ୨୦୧୯
ଡିସେମ୍ବର ୨୦୧୯ ଠାରୁ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଭିଯାନରେ, କୌଣସି କାରଣରୁ ଆଦୌ ଟୀକାନେଇ ନଥିବା କିମ୍ବା ସମ୍ପୂର୍ଣ୍ଣ ଟୀକାକରଣ ନକରି ଅଧାରୁ ଟୀକାନେବା ବନ୍ଦ କରିଥିବା ସମସ୍ତ ଶିଶୁ ଏବଂ ଗର୍ଭବତୀ ମହିଳାଙ୍କୁ ନିଶ୍ଚୟ ଟୀକାକରଣ କରାଇନିଅନ୍ତୁ
ଅଧିକ ସୂଚନା ପାଇଁ ଆଶା, ଅଙ୍ଗନୱାଡିକର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।
Facebook.com http://www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
10003/13/0056/1920

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଡିସେମ୍ବର ୧/୨୦୧୯ Sambalpur, Sunday, December 1 / 2019

■ ଭିସୁଟ୍‌ର ୧୧ ତମ ସମାବର୍ତ୍ତନ ଉତ୍ସବ

# 'ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖ'

**ସମ୍ବଲପୁର,୩୦।୧୧(ବ୍ୟୁରୋ)**

ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖ। ପ୍ରତ୍ୟେକ ମଣିଷ ଭିତରେ କିଛି ପ୍ରତିଭା ରହିଥାଏ। ତମ ଭିତରେ ମଧ୍ୟ ସେହି ପ୍ରତିଭା ଅଛି, ତାକୁ ପ୍ରଦର୍ଶନ କର। ଅନ୍ୟମାନଙ୍କଠାରୁ କିଛି ଭଲଗୁଣ ଶିଖ। ନିଜ ମନକୁ ପଚାରି ଠିକ୍ ଭୁଲର ବିଚାର କର ବୋଲି ବୁର୍ଲା ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ୧୧ ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଇଣ୍ଡିଆ ଆସୋସିଏଶନ କଲ୍ଟିଭେଶନ ଅଫ୍ ସାଇନ୍ସର ନିର୍ଦ୍ଦେଶକ ପ୍ରଫେସର ଶାନ୍ତାନୁ ଭଟ୍ଟାଚାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ଏପରି ପରାମର୍ଶ ଦେଇଛନ୍ତି।

ରାଜ୍ୟପାଳ ତଥା କୁଳାଧିପତି ଗଣେଶୀ ଲାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଫେସର ଭଟ୍ଟାଚାର୍ଯ୍ୟ ପୁଣି କହିଲେ, କୌଣସି କାମ କରିବାକୁ ହେଲେ ମନରେ ଇଚ୍ଛା ଥିବା ଦରକାର। ଇଚ୍ଛା ନ ଥିଲେ ସଫଳତା ମିଳି ନ ଥାଏ। ଭଗବାନଙ୍କ ଉପରେ ଭରସା ରଖିବାଠାରୁ ନିଜ ଉପରେ ଅଧିକ ଭରସା ରଖ। ତା'ହେଲେ ତୁମେମାନେ ଆଗକୁ ବଢି ପାରିବ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଥାଅ, ନିଶ୍ଚୟ ସଫଳତା ମିଳିବ ବୋଲି ସେ କହିଥିଲେ।



ଶନିବାର ଭିସୁଟର ୧୧ତମ ସମାବର୍ତ୍ତନ ଉତ୍ସବରେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂର ଶ୍ରେଷ୍ଠ ସ୍ନାତକ ଭାବେ ଛାତ୍ରୀ ଆଭା ଆଚାର୍ଯ୍ୟଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରୁଛନ୍ତି । ପାର୍ଶ୍ୱରେ କୁଳପତି ପ୍ରଫେସର ଅଟଳ ଚୌଧୁରୀ ଉପସ୍ଥିତ ଅଛନ୍ତି ।

ରାଜ୍ୟପାଳ ଗଣେଶୀ ଲାଲ କହିଲେ, ପ୍ରତ୍ୟେକ ମଣିଷର ସାମାଜିକ ଦାୟିତ୍ୱ ରହିଛି। ଅନ୍ୟର ଉପକାର କର। ଶିକ୍ଷା ସମାଜରେ ପରିଚୟ ଦେଇଥାଏ। ବିଶ୍ୱବିଦ୍ୟାଳୟରୁ ଯାହା କିଛି ଜ୍ଞାନ ଅର୍ଜନ କରୁଛ ତାହାକୁ ଗ୍ରାମାଞ୍ଚଳରେ ପହଞ୍ଚାଅ। ଛୋଟ ବଡ ଉଦ୍ୟୋଗୀମାନଙ୍କ ପାଖରେ ନିଜ ଗୁଣ,ଦକ୍ଷତା ଜାହିର କର। ଦେଶ ଓ ରାଜ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଏକକ ଭୂମିକା ଗ୍ରହଣ କର ବୋଲି ସେ ଆହ୍ୱାନ କରିଥିଲେ।

କୁଳପତି ପ୍ରଫେସର ଅଟଳ ଚୌଧୁରୀ ସ୍ୱାଗତ ଭାଷଣ ଦେବା ସହ ବିଶ୍ୱବିଦ୍ୟାଳୟର ଉପଲବ୍ଧି ଓ ଆଗାମୀ କାର୍ଯ୍ୟସୂଚୀ ଉପରେ ସୂଚନା ଦେଇଥିଲେ। ସେ କହିଲେ, ବିଶ୍ୱ ବିଦ୍ୟାଳୟରୁ ପାଠ ପଢ଼ି ଯାଇଥିବା ଛାତ୍ରୀଛାତ୍ରମାନେ ଦେଶର ବିଭିନ୍ନ ସ୍ଥାନରେ ତଥା ଦେଶ ବାହାରେ କାମ କରୁଛନ୍ତି। ଏପରି କି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବିଶ୍ୱବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି। ବିଭିନ୍ନ ପାଠ୍ୟକ୍ରମଗୁଡ଼ିକ ବୃଦ୍ଧି କରାଯାଉଛି। ଇସ୍ରୋ ପକ୍ଷରୁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସେହି ଅର୍ଥରେ ଇସ୍ରୋ ଇନୋଭେଶନ ସେଣ୍ଟର ଖୋଲିବ। ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ କାମ ପାଇଁ ୫୭.୭୪ କୋଟି ଟଙ୍କା ଅନୁଦାନ ଦେଇଛନ୍ତି । ସେହି ଅର୍ଥରେ କାମ ଚାଲିଛି ବୋଲି ସେ କହିଥିଲେ ।

ଏହି ଅବସରରେ ୧୨୯୬ ଛାତ୍ରୀଛାତ୍ରଙ୍କୁ ବିଟେକ୍, ଏମଟେକ୍, ଏମଏସସି, ଏମ୍‌ଫିଲ, ଏମ୍‌ସିଏ ଭଳି ପାଠକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗରେ ୩୨ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ଦିଆଯାଇଥିଲା। ଛାତ୍ରୀ ଆଭା ଆଚାର୍ଯ୍ୟଙ୍କୁ ମୋଟ ୫ ସ୍ୱର୍ଣ୍ଣପଦକ ମିଳିଥିଲା। ଏହି ଅବସରରେ ଅତିଥିମାନେ ବିଶ୍ୱବିଦ୍ୟାଳୟର ଏକ କୋଠାକୁ ଉଦ୍‌ଘାଟନ କରିଥିଲେ।

## ପାଠକଙ୍କ ପାଇଁ ସମର୍ପିତ ଜୀବନ

**ଦିନକର କାହାଣୀ**

ବେଦବ୍ୟାସ କେନାଲ ରୋଡ ବାସିନ୍ଦା ତଥା ଖବରକାଗଜ ବିତରକ ଅନିଲ ସାହାଣୀ(୪୨)। ୧୯୯୧ରୁ ସେ ବେଦବ୍ୟାସ ଅଞ୍ଚଳରେ ଖବରକାଗଜ ବିତରଣ କରି ପରିବାର ଚଳାଇ ଆସୁଛନ୍ତି। ତାଙ୍କର ଏହି ଦୀର୍ଘ ଯାତ୍ରା ପଥରେ ସ୍ତ୍ରୀ ପ୍ରଭାସିନୀଙ୍କ ସହଯୋଗ ରହିଥିବା ସେ କୁହନ୍ତି। ନିଜ ପେସା ପ୍ରତି ତାଙ୍କର ନିଷ୍ଠା ଓ ଆଦର ସମସ୍ତଙ୍କୁ ଜଣା। ଭୋର ୪ଟାରୁ ଘରୁ ବାହାରି ଅନିଲ ଘଣ୍ଟାକ ଭିତରେ ରାଉରକେଲା ପେପର ପଏଣ୍ଟ ନୂଆ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଯଆନ୍ତି। ଯେତେ ବାଧା ବିଘ୍ନ ବା ବର୍ଷା ଖରା ହେଲେ ବି ସେ କେବେ ସମୟକୁ ହାତ ଛଡା କରନ୍ତିନି। ତାଙ୍କ ମତରେ ସକାଳୁ ପାଠକମାନେ ଖବର କାଗଜ ଖଣ୍ଡେ ପାଇଁ ଚାତକ ପରି ଚାହିଁ ବସିଥାନ୍ତି। ମୁଁ ଯଦି ଠିକ ସମୟରେ ନ ପହଞ୍ଚେ ଅନେକଙ୍କ ମନ ଊଣା ହେବା ଦେଖେ। ଏଣୁ କେବେ ଏଥିରେ ଅବହେଳା କରେନି। ସକାଳ ୭ଟାରୁ ନେଇ ଦିନ ୧ଟା ପର୍ଯ୍ୟନ୍ତ ବେଦବ୍ୟାସ , କାଲୁଙ୍ଗା ଓ ଆଖପାଖ ବସ୍ତି ବୁଲି ମୋ ପ୍ରିୟ ସାଇକେଲ ଯୋଗେ କାଗଜ ବାଣ୍ଟେ। ଏହା ପରେ ଘରକୁ ଫେରି ଗଣ୍ଡେ ଖାଇ କିଛି ସମୟ ବିଶ୍ରାମ ନିଏ। ପୁଣି ସନ୍ଧ୍ୟା ବେଳକୁ ଘରୁ ବାହାରି ଯାଏ ପାଉଣା ଆଦାୟ କରିବାକୁ। ଘର ଘର ବୁଲି ବକେୟା ଆଦାୟ କରେ। ଏଥିରେ ଅନେକ ମୋତେ ସହଯୋଗ କରନ୍ତି। ବାକି ଅନ୍ୟମାନଙ୍କୁ ବୁଝାଇ ମନେଇ ବକେୟା ଆଦାୟ କରିବାକୁ ଚେଷ୍ଟା କରେ। ଏହା ନ କଲେ ଆମେ ପ୍ରତିଦିନ ନଗଦ ଅର୍ଥ ଦେଇ ଖବର କାଗଜ କିଣିବା ସମ୍ଭବ ହୁଏନା। ଏଣୁ ରାତି ପାହିଲେ କିଭଳି ଅର୍ଥ ଯୋଗାଡ ହେବ ସେହି ଚିନ୍ତା ସବୁ ବେଳେ ମୋତେ ଘାରୁଥାଏ। ଈଶ୍ୱରଙ୍କ ଦୟାରୁ ସେମିତି କେବେ ହଇରାଣ ହେବାକୁ ପଡିନି। ସାଙ୍ଗରେ ସବୁ ବେଳେ ବ୍ୟାଗ ଖଣ୍ଡେ ଧରିଥାଏ। ସମୟ ମିଳିଲେ ପନିପରିବା, ଘର ସଉଦା ସଂଗ୍ରହ କରି ନିଏ। ବେଳ ଅଣ୍ଟିଲେ ମୋ ଝିଅ ପୁଅକୁ ଟିକେ ସମୟ ଦିଏ। ଆମ ପାଇଁ ଗ୍ରାହକ ସନ୍ତୁଷ୍ଟି ହେଉଛି ଈଶ୍ୱର ସେବା ଭଳି। ଏଣୁ ପୂଜା ପାର୍ବଣକୁ ପଛରେ ପକାଇ ସବୁ ବେଳେ ନିଜ ବୃତ୍ତିକୁ ଅଗ୍ରାଧିକାର ଦିଏ ବୋଲି ଅନିଲ କୁହନ୍ତି।


ଅନିଲ ସାହାଣୀ।

**–ବସନ୍ତ ଧଳ**

# କିୟୋସ୍କ ବ୍ୟାଙ୍କ ପରିଚାଳକଙ୍କଠାରୁ ୩. ୫ଲକ୍ଷ ଟଙ୍କା ଲୁଟ୍

**ଗୁଡ଼ଭେଲା,୩୦।୧୧(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା-କଳାହାଣ୍ଡି ଜିଲା ମୋହନଗିରି ମୁଖ୍ୟ ରାସ୍ତାସ୍ଥିତ ଯୋଗିମୁଣ୍ଡା ଗ୍ରାମ ପାଖରେ ଶନିବାର ଏକ ଲୁଟ୍ ଘଟଣା ଘଟିଛି। ୬ ଜଣ ଯୁବକ ଗୁଡଭେଲା ବ୍ଲକ ଅନ୍ତର୍ଗତ ତରଙ୍ଗମୁଣ୍ଡା ଗ୍ରାମସ୍ଥିତ କିୟୋସ୍କ ବ୍ୟାଙ୍କ ପରିଚାଳକ କେଶବ କମ୍ପ (୩୮)ଙ୍କୁ ମାଡ଼ ମାରି ତାଙ୍କ ଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି । ଗ୍ରାମବାସୀ ୩ ଯୁବକଙ୍କୁ ଧରି ତୁଷୁରା ପୋଲିସ ଜିମା ଦେଇଥିଲେ। ଉକ୍ତ ଯୁବକମାନଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଲୁଟ୍‌ରେ ବ୍ୟବହାର କରିଥିବା ୨ ବାଇକ୍ (ନଂ. ଓଆର-୧୩-ଏଫ୍ ୨୫୯୬ ଏବଂ ଓଡ଼ି ୦୩ ପି-୮୭୮୨) କୁ ମଧ୍ୟ ପୋଲିସ ଜବତ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗୁଡଭେଲା ଭାରତୀୟ ଷ୍ଟେଟ ବ୍ୟାଙ୍କରୁ କେଶବ ଶନିବାର ଅପରାହ୍ନ ୪ଟାରେ କିୟୋସ୍କ ବ୍ୟାଙ୍କ ପରିଚାଳନା ପାଇଁ ୩ଲକ୍ଷ ୫୦ ହଜାର ଟଙ୍କା ଉଠାଣ କରି ମୋଟର ସାଇକେଲରେ ନିଜ ଗାଁ ତରଙ୍ଗମୁଣ୍ଡା ଅଭିମୁଖେ ବାହାରିଥିଲେ। ଯୋଗୀମୁଣ୍ଡା ଗ୍ରାମ ପାଖରେ ଥିବା ଏକ ନିଛାଟିଆ ସ୍ଥାନରେ ପୂର୍ବରୁ ଲୁଚି ରହିଥିବା ଦୁର୍ବୃତ୍ତମାନେ ଅତର୍କିତ ଭାବେ ତାଙ୍କୁ ଲାଠି ଓ ଟାବଲିରେ ଆକ୍ରମଣ କରିଥିଲେ। ସେପଟରୁ ଏକ ଗାଡି ଆସୁଥିବା ଦେଖି ଲୁଟେରାମାନେ ପଳାଇ ଯାଇଥିବାବେଳେ କେତେଜଣ ଲୋକେ ଲୁଟେରାଙ୍କ ପିଛା କରିଥିଲେ। ଉକ୍ତ ଲୁଟେରାମାନଙ୍କ ମଧ୍ୟରୁ ୩ ଜଣଙ୍କୁ ବୌଦ୍ଧ ଥାନା ଅନ୍ତର୍ଗତ ଦେଓଗାଁ ଠାରେ ସୋମାନେ ଧରିବାରେ ସକ୍ଷମ ହୋଇଥିଲେ। ଗ୍ରାମବାସୀ ଉକ୍ତ ଲୁଟେରାମାନଙ୍କୁ ଉତ୍ତମ ମଧ୍ୟମ ଦେବା ପରେ ତୁଷୁରା ପୋଲିସ ଜିମା ଦେଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ କେଶବଙ୍କ ମୁଣ୍ଡ ଓ ହାତରେ ଗୁରୁତର ଆଘାତ ଲାଗିଛି। ତୁଷୁରା ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।


ଗୁରୁତର ହୋଇଥିବା କିୟୋସ୍କ ବ୍ୟାଙ୍କ ପରିଚାଳକ କେଶବ କମ୍ପ।

## ରାଉରକେଲାରେ ନୂତନ ଭିଜିଲାନ୍ସ ଡିଭିଜନ

**କଟକ ଅଫିସ,୩୦।୧୧**

ରାଜ୍ୟ ସରକାରଙ୍କ ପକ୍ଷରୁ ରାଉରକେଲା ଠାରେ ଏକ ନୂତନ ଭିଜିଲାନ୍ସ ଡିଭିଜନ ଗଠନ କରାଯାଇଛି। ସମ୍ବଲପୁର ଡିଭିଜନରୁ ଅଲଗା କରାଯାଇ ଏହି ନୂତନ ଡିଭିଜନକୁ ଗଠନ କରାଯାଇଛି। ଫଳରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଡିଭିଜନ ସଂଖ୍ୟା ୬ ରୁ ୭କୁ ବୃଦ୍ଧି ପାଇଛି। ଏହି ନୂତନ ଡିଭିଜନ ତିନୋଟି ରାଜସ୍ୱ ଜିଲା (ସୁନ୍ଦରଗଡ, ଝାରସୁଗୁଡା ଓ ଦେଓଗଡ)କୁ ନେଇ କାର୍ଯ୍ୟ କରିବ। ତେବେ ସମ୍ବଲପୁର ଡିଭିଜନରୁ ୨୯ଟି ପଦବୀ ଅପସାରଣ ସହିତ ନୂତନ ୩୮ଟି ପଦବୀ ସୃଷ୍ଟି କରାଯାଇ ସର୍ବମୋଟ ୬୭ଟି ପଦବୀକୁ ରାଉରକେଲା ଡିଭିଜନରେ କାର୍ଯ୍ୟ କରିବା ପାଇଁ ଦିଆଯାଇଛି ବୋଲି ରାଜ୍ୟ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

**ବନ୍ତ, ୩୦।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଶୁକ୍ରବାର ଆଗରପଡ଼ା ନରିପୁର ଅଞ୍ଚଳର ଜଣେ ବ୍ୟକ୍ତି ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ଆଗରପଡ଼ା ଅଞ୍ଚଳର ଜନୈକ ବ୍ୟକ୍ତି ସମ୍ପୃକ୍ତ ମହିଳାଙ୍କ ପଡ଼ୋଶୀ ଘରକୁ ଆସିଥିଲେ। ମହିଳାଙ୍କ ଘରବାରି ଭିତରେ ବ୍ୟକ୍ତି ଜଣଙ୍କ ଯାତାୟାତ କରୁଥିବା ନେଇ ସେ ବାରଣ କରିଥିଲେ। ଏହାକୁ ନେଇ ବ୍ୟକ୍ତି ଜଣଙ୍କ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁମାରିଦେବାକୁଧମକଦେଇଥିବା ଦର୍ଶାଯାଇଛି। ବନ୍ତ ଥାନା ପୋଲିସ ଏ ନେଇ ଏକ ମାମଲା (ନଂ.୧୪୬/୧୯) ରୁଜୁ କରି ତଦନ୍ତ ଚଳାଇଛି ।

## ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ୩୦।୧୧(କ୍ରୀଡ଼ା ପ୍ରତିନିଧି):** ପାୱାରଲିଫ୍ଟିଙ୍ଗ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ସବ୍‌ଜୁନିୟର, ଜୁନିୟର, ସିନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଶନିବାର ଇଷ୍ଟକୋଷ୍ଟ ରେଲୱେ ପରିସରରେ ଥିବା ଉପେନ୍ଦ୍ର ଭଞ୍ଜ ଇନ୍‌ଷ୍ଟିଚ୍ୟୁଟଠାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ସବ୍‌ଜୁନିୟର ଇଭେଣ୍ଟରେରେ ପ୍ରୀତି କୋଣ୍ଡୋଗିରି, ସନ୍ତୋଷିନୀ ବିନ୍ଦ୍ର, ଜେମାମଣି ବାଗ୍, ଆଶା ବାବାଇୱାଲା, ମାମୁନି ପଲାଇ, ଗ୍ରାସିମା ବାଭିୱାଲା ପ୍ରମୁଖ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ଜୁନିୟରରେ ମୋନାଲିସା ସିଂ, ପ୍ରିୟମ୍ବଦା ପରିଡ଼ା, ପ୍ରଗତି ଜେନା, ସିନିୟରରେ ମୋନାଲିସା ସିଂ, ପ୍ରିୟମ୍ବଦା ପରିଡ଼ା, ପ୍ରଗତି ଜେନା, ସାଇରୁମ୍ ନିଶା, ମାମୁନି ପଲାଇ, ଗ୍ରାସିମା ବାଭିୱାଲା ଏବଂ ମାଷ୍ଟର୍ସ ବିଭାଗରେ ସେହନାଜ ବେଗମ୍, ହିମରାଗିଣି ଭୋଇ, ପ୍ରଗତି ଜେନା, ସୁମିତ୍ରା ଖଣ୍ଡଗିରି ସ୍ୱର୍ଣ୍ଣ ପଦକଲାଭ କରିଛନ୍ତି। ଓପନ ବେଞ୍ଚପ୍ରେସ୍‌ରେ ଆଲିଶା ନାଗ୍ ସ୍ୱର୍ଣ୍ଣ ପଦକ ପାଇଛନ୍ତି।

■ ତହସିଲଦାରଙ୍କ ନାମରେ ଟଙ୍କା ଅସୁଲ ଅଭିଯୋଗ

# ଯୁବକ ଗିରଫ, ଦେଶୀ ପିସ୍ତଲ ଜବତ

**ପଦ୍ମପୁର, ୩୦।୧୧ (ଡି.ଏନ.ଏ.)**

ବରଗଡ଼ ଜିଲା ଝାରବନ୍ଧ ତହସିଲଦାରଙ୍କ ନାମରେ ବେଆଇନ ରୟାଲ୍‌ଟି ଅସୁଲ କରୁଥିବା ଅଭିଯୋଗରେ ଜଗଦଲପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଟେଶିରା ଗ୍ରାମର ଖଗେଶ୍ୱର ଓରଫ ପୃଥ୍ୱୀରାଜ ପ୍ରଧାନ। ତାଙ୍କଠାରୁ ଏକ ଦେଶୀ ପିସ୍ତଲ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୫୪/୧୯) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଶନିବାର କୋର୍ଟଚାଲାଣ କରିଛି। ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଗତ ମେ ୮ ତାରିଖରେ ଝାରବନ୍ଧ ଥାନା ଅଡାପାଣି ଗ୍ରାମ ନିକଟରେ ରବିଶଙ୍କର ପାରେ ଟ୍ରାକ୍ଟରରେ ବାଲି ଭର୍ତ୍ତି କରୁଥିବା ବେଳେ ପୃଥ୍ୱୀରାଜ ପ୍ରଧାନ, ଜ୍ୟୋତି ବିକାଶ ପ୍ରଧାନ, ବିଶ୍ୱଜିତ ବେହେରା ଓ ଅନ୍ୟ ୩ ଜଣ ଯୁବକ ସେଠାକୁ ଯାଇ ଟ୍ରାକ୍ଟରକୁ ଅଟକ ରଖିଥିଲେ ଏବଂ ତହସିଲଦାରଙ୍କ ନାମ କହି ରବିଶଙ୍କରଙ୍କଠାରୁ ରୟାଲଟି ବାବଦ ୨୩ ହଜାର ଟଙ୍କା ନେଇଥିଲେ। ରବିଶଙ୍କର ଏ ନେଇ ଜଗଦଲପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକମାନଙ୍କୁ ଖୋଜୁଥିଲା। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ଚଢାଉ କରି ପୃଥ୍ୱୀରାଜଙ୍କୁ ଗିରଫ କରିଥିଲା। ତାଙ୍କ ନାମରେ ଜଗଦଲପୁର ଥାନାରେ ୩ଟି ମାମଲା ରହିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଛି ବୋଲି ପୋଲିସ କହିଛି।



ଗିରଫ ଅଭିଯୁକ୍ତ ଓ ଜବତ ପିସ୍ତଲ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ଡିଆଇଇଟିରେ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରଦର୍ଶନୀ

**ସୋନପୁର,୩୦।୧୧(ନି.ପ୍ର.) :** ସୁବର୍ଣ୍ଣପୁର ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ରେ ଗୁରୁଛାତ୍ରୀ ଓ ଗୁରୁଛାତ୍ରମାନଙ୍କ ଦ୍ୱାରା ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରଦର୍ଶନୀ ଶନିବାର ଆୟୋଜିତ ହୋଇଯାଇଛି । ପାଠ୍ୟ ବିଷୟର ବିଭିନ୍ନ ଦକ୍ଷତା ହାସଲ କରିବା ପାଇଁ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀର ବିଶେଷ ଭୂମିକା ରହିଛି। ଏଥିପାଇଁ ଡିଆଇଇଟିର ଗୁରୁଛାତ୍ରୀ ଗୁରୁଛାତ୍ରମାନଙ୍କ ଦ୍ୱାରା ଏକ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଶ୍ରେଣୀ ଓ ବିଷୟ ବସ୍ତୁ ଅଧାରିତ ୧୭୫ଟି ଆକର୍ଷଣ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଗୁରୁ ଛାତ୍ରୀ ଗୁରୁ ଛାତ୍ର ୩୪ଟି ଦଳରେ ବିଭକ୍ତ ହୋଇ ପ୍ରକଳ୍ପଗୁଡିକ ପ୍ରଦର୍ଶିତ କରିଥିଲେ। ପ୍ରତିଷ୍ଠାନ ଭାରପ୍ରାପ୍ତ ଅଧକ୍ଷ ଅକ୍ଷୟ କୁମାର ବେରିହାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ସୋନପୁର ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଦୀନବନ୍ଧୁ ମିଶ୍ର, ଚିତ୍ତରଞ୍ଜନ ମେହେର ଓ ଫକୀର ଚରଣ ଭୋଇ ପରିଦର୍ଶନ କରିଥିଲେ। ସହରର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀଶିକ୍ଷକମାନେ ପ୍ରଦର୍ଶନୀକୁ ଦେଖିବା ପାଇଁ ଆସି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ। ବିଚାରକ ଭାବେ ପଞ୍ଚମହଲା ଶ୍ରୀ ଗଣେଷ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀଧର ବାଗ, ଶିକ୍ଷକ ପ୍ରଶିକ୍ଷକ ସୁଶାନ୍ତ ଭୋଇ, ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ଯୋଗଦାନ କରି ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ।

# ଏଡ୍‌ସ ବଳୟରେ ସୁବର୍ଣ୍ଣପୁର ଜିଲା

**ମୃତ୍ୟୁଞ୍ଜୟ ଶତପଥୀ**
**ସୋନପୁର,୩୦।୧୧(ନି.ପ୍ର.)**

- ୨୬ ମଲେଣି, ୧୬୨ ଆକ୍ରାନ୍ତ
- ଆକ୍ରାନ୍ତଙ୍କ ମଧ୍ୟରେ ୧୨ ଗର୍ଭବତୀ
- ୨୧ ଆକ୍ରାନ୍ତଙ୍କ ଖୋଜ ଖବର ନାହିଁ

ସମଗ୍ର ବିଶ୍ୱରେ ଏଡ୍‌ସ ଏବେ ଭୟାନକ ରୂପ ଧାରଣ କରିଛି । ସୁବର୍ଣ୍ଣପୁର ମଧ୍ୟ ବହୁ ପଛରେ ନାହିଁ । ଜିଲାରେ ଏହି ରୋଗ ନିଜର କାୟା ବିସ୍ତାର କରି ଚାଲିଛି। ସରକାରୀ ହିସାବରେ ଜିଲାରେ ଏଚଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୧୬୨ । ସେଥି ମଧ୍ୟରୁ ୧୨ ଜଣ ଗର୍ଭବତୀ ମହିଳା ଅଛନ୍ତି। ୨୦୦୫ରୁ ୨୦୧୯ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲାରେ ଏଡ୍‌ସରେ ୨୬ଜଣଙ୍କ ମୃତ୍ୟୁ ହୋଇଛି। ପ୍ରତିମାସରେ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବେସରକାରୀ ଭାବେ ଏହି ସଂଖ୍ୟା ବହୁ ଅଧିକ ବୋଲି ମତପ୍ରକାଶ ପାଉଛି। ସେହିଭଳି ୨୧ ଜଣ ଆକ୍ରାନ୍ତଙ୍କ ସମ୍ପର୍କରେ କୌଣସି ସୂଚନା ପ୍ରଶାସନ ନିକଟରେ ନାହିଁ । ସୁବର୍ଣ୍ଣପୁର ଜିଲାର ସୋନପୁରରେ ସର୍ବାଧିକ ୫୦ ଜଣ ଆକ୍ରାନ୍ତ ଅଛନ୍ତି । ଏହି ଆକ୍ରାନ୍ତଙ୍କ ମଧ୍ୟରୁ ବୌଦ୍ଧ ଜିଲାର ୩୧ ଜଣ ଥିବା ଜଣାପଡିଛି। ସୋନପୁର ପଛକୁ ଜିଲାର ଡୁଙ୍ଗୁରିପାଲି, ତରଭା ଓ ବୀରମହାରାଜପୁର ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ । ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ରାୟପୁର, ହାଇଦ୍ରାବାଦ, ସୁରଟ, ଚେନ୍ନାଇ ଓ ବମ୍ବେ ଆଦି ସ୍ଥାନକୁ କାମ କରିବାକୁ ଯାଇଥାନ୍ତି । ସେଠାରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅସୁରକ୍ଷିତ ଯୌନ କ୍ରିୟାରେ ଲିପ୍ତ ରହିବା ଯୋଗୁ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଆଉ କେତେକ ଡ୍ରାଇଭର ସଚେତନତା ଅଭାବରୁ ଏହି ରୋଗର ବାହକ ସାଜୁଛନ୍ତି। ଫଳରେ ଜିଲାରେ ଦ୍ରୁତ ଗତିରେ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏଥିପାଇଁ ଅଶିକ୍ଷା ଓ ଯୌନ ସମ୍ବନ୍ଧୀୟ ଜ୍ଞାନର ଅଭାବ ହିଁ ମୁଖ୍ୟତଃ ଦାୟୀ ବୋଲି ଅଭିଯୋଗ ହେଉଛି । ତେବେ ଏହି ରୋଗର ଶିକାର ହେଉଛନ୍ତି ସଂଖ୍ୟାଧିକ ଗରିବ, ନିରକ୍ଷର, ଦିନ ମଜୁରିଆ, ନିଶାଗ୍ରସ୍ତ ବ୍ୟକ୍ତି ଓ ରାଜ୍ୟ ବାହାରକୁ କାମ ପାଇଁ ଯାଉଥିବା ଶ୍ରମିକ। କିନ୍ତୁ ଏହି ରୋଗକୁ ସମ୍ପୂର୍ଣ୍ଣ ବିଲୁପ୍ତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଚେତନତା କାର୍ଯ୍ୟ କରୁଥିଲେ ହେଁ ଏହା ନିୟନ୍ତ୍ରଣ ହୋଇ ପାରୁନାହିଁ। ଜିଲା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୦୫ରୁ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୧୬ ହଜାର ୩୩୭ ଜଣ ଏଡ୍‌ସ ସମ୍ପର୍କରେ ପରାମର୍ଶ ପାଇଁ ଡାକ୍ତରଖାନାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪୮ ହଜାର ୬୦୦ ଜଣ ସାଧାରଣ ଲୋକ ଓ ୪୦ ହଜାର ୩୫୭ ଜଣ ଗର୍ଭବତୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । ଆକ୍ରାନ୍ତଙ୍କ ମଧ୍ୟରୁ ୭୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ ପାଇଁ ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପରାମର୍ଶ ଦେଇଛି । ତେବେ ଜିଲା ପ୍ରଶାସନ ପକ୍ଷରୁ ୪୯ ଜଣ ଆକ୍ରାନ୍ତଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ସେହିଭଳି ରାଜ୍ୟ ସମିତି ପକ୍ଷରୁ ୩୩ ଜଣ ଆକ୍ରାନ୍ତଙ୍କୁ ମୋ କୁଡିଆ ଯୋଜନାରେ ଘର ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନକୁ ଚିଠି ଲେଖାଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାତ୍ର ୮ ଜଣଙ୍କୁ ଏହି ଯୋଜନାରେ ଘର ମିଳିଛି । ମୋ କୁଡିଆ ଯୋଜନା ସରକାର ବନ୍ଦ କରି ବିଜୁ ପକ୍କା ଘର ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ଏହି ଯୋଜନାରେ ବିଭିନ୍ନ ଆଳ ଦେଖାଇ ଆକ୍ରାନ୍ତଙ୍କୁ କାର୍ଯ୍ୟାଦେଶ ଦିଆ ଯାଉ ନ ଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ପୂର୍ବରୁ ଆକ୍ରାନ୍ତ ମାନେ କଟକ, ବରହମପୁର ଅବା ବୁର୍ଲା ମେଡିକାଲକୁ ଚିକିତ୍ସା ନିମନ୍ତେ ଯାଉଥିଲେ। ଏବେ ଏଡ୍‌ସର ଭୟାବହତାକୁ ଲକ୍ଷ୍ୟ କରି ବଲାଙ୍ଗୀରରେ ଏଡ୍‌ସ ଚିକିତ୍ସା ପାଇଁ ଏଆରଟି(ଆଣ୍ଟି ରେଟ୍ରୋ ଭାଇରାଲ ଥେରାପି) ସେଣ୍ଟର ପ୍ରତିଷ୍ଠା କରାଯାଇଛି । ଫଳରେ ଜିଲାର ଆକ୍ରାନ୍ତ ମାନେ ଏଠାରୁ ଔଷଧ ମାଗଣାରେ ପାଉଛନ୍ତି । ସୋନପୁର, ଡୁଙ୍ଗୁରିପାଲି ଓ ତରଭାରେ ପରୀକ୍ଷା କେନ୍ଦ୍ର ଖୋଲାଯାଇ ରକ୍ତ ପରୀକ୍ଷା କରାଯାଉଛି । ବୀରମହାରାଜପୁର, ବିନିକା, ଉଲୁଣ୍ଡା ଓ ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସ୍କ୍ରିନିଂ ଟେଷ୍ଟ ହେଉଛି । କିନ୍ତୁ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ କେବଳ ୧୦୮ ଜଣ ରୋଗୀ ହିଁ ଔଷଧ ଖାଉଛନ୍ତି । ସୂଚନାଯୋଗ୍ୟ ଯେ, ଏଚଆଇଭି ଭୂତାଣୁ ଶରୀର ମଧ୍ୟରେ ପ୍ରବେଶ କରି ସିଡି-୪ ଜୀବକୋଷକୁ ଆକ୍ରାନ୍ତ କରିଥାଏ । ଏହି ଭୂତାଣୁ ସିଡି-୪ଜୀବକୋଷର ସଖ୍ୟାକୁ କମାଇବା ସହିତ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ଶରୀରକୁ ଦୁର୍ବଳ କରିଦିଏ । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବୈଦ୍ୟନାରାୟଣ ପାଢୀ କୁହନ୍ତି ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ବିଶେଷ କରି ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକଙ୍କ କ୍ଷେତ୍ରରେ ଏହି ରୋଗ ବ୍ୟାପୁଛି । ମାତ୍ର କେତକ କ୍ଷେତ୍ରରେ ସଂକ୍ରମିତ ବ୍ୟକ୍ତିମାନେ ସାମାଜିକ ଚଳଣିର ପ୍ରତିବନ୍ଧକ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଭୟ କରି ଚିକିତ୍ସା ଓ ସରକାରୀ ସହାୟତା ନେବାକୁ ଅମଙ୍ଗ ହେଉଛନ୍ତି । ଏଥିରେ ପରିବର୍ତ୍ତନ ଆସିବା ଆବଶ୍ୟକ ବୋଲି ଡାକ୍ତର ପାଢୀ କହିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଦେଉଥାଏ ପରକୁ**
**ବୁଦ୍ଧି ନ ଦିଶଇ ଘରକୁ ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର । କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକେ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଅ ନନ୍ଦ !**
**କିଏ ଜାଣିଥିଲା ଏତେ ଛନ୍ଦ ।**

କାହାର କେଉଁ ଗୁଣ ଅଛି ତା' ସହ ମିଳାମିଶା ନ କଲେ ଜଣାପଡ଼େ ନାହିଁ। ଅନ୍ତରର ଭାବ ବୁଝିବା ନିହାତି କଷ୍ଟକର। ସବୁ ଭିତିରି କଥା, ଭିତିରି ଉଦ୍ଦେଶ୍ୟ ଓ ରହସ୍ୟ ଆଗରୁ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

### ୪ର୍ଥ ସର୍ବଭାରତୀୟ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ସମ୍ବଲପୁର, ବିଏମ୍‌ପୁର, ଭେଡେନ, ବଲାଙ୍ଗୀର ସେମିରେ

**ଅମରପାଲି,୩୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚତୁର୍ଥ ସର୍ବଭାରତୀୟ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି । କ୍ଲବର ସଭାପତି ପର୍ଶୁରାମ ଦେହେରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଏବଂ ରାଜସ୍ୱ ଅଧିକାରୀ ଦେବାଶିଷ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ସମ୍ପାଦକ ସତ୍ୟନାରାୟଣ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ଜଟଣି କ୍ଲବ (ଖୋର୍ଦ୍ଧା) ଓ ସ୍ପୋର୍ଟ୍ସ ହଷ୍ଟେଲ ସମ୍ବଲପୁର ମଧ୍ୟରେ ହୋଇଥିଲା। ସମ୍ବଲପୁର ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ଦାମନଯୋଡି (ରାୟଗଡା) ଓ ସ୍ପୋର୍ଟିଂ କ୍ଲବ ବୀରମହାରାଜପୁର ମଧ୍ୟରେ ହୋଇଥିଲା। ବୀରମହାରାଜପୁର ୧-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ମାନସ ସ୍ପୋର୍ଟିଂ ଭେଡେନ (ବରଗଡ) ଟାଇବ୍ରେକରରେ ମେଦିନିପୁର (କଲିକତା)କୁ ୪-୩ ଗୋଲରେ ପରାସ୍ତ କରିଥିଲା। ଚତୁର୍ଥ ମ୍ୟାଚରେ ଇବଭି କ୍ଲବ ସୁନ୍ଦରଗଡକୁ ଟାଇବ୍ରେକରରେ ୧-୦ ଗୋଲରେ ପରାସ୍ତ କରି ବଲାଙ୍ଗୀର ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ କ୍ରୀଡାବିତ ନାରାୟଣ ଲୁହା ଓ ତୃତୀୟ ମ୍ୟାଚରେ ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର ଅତିଥି ଭାବେ ଯୋଗଦେଇଥିଲେ। ଅନ୍ତିମ ମ୍ୟାଚରେ ସ୍ଥାନୀୟ ବିଡିଓ ନିରଞ୍ଜନ ନାଏକ ଓ ସହକାରୀ ଯନ୍ତ୍ରୀ ବିନିତ ଲାକ୍ରା ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଖେଳ ଗୁଡିକରେ ସିର୍ଦ୍ଧାତ ପାତ୍ର, ଅରୁଣ ଭୋଇ, ନିଳ ନାଏକ, ଶିବୁ ଛତ୍ରି, ସୁଧାଂଶୁ ସେଠ ଓ ଅଶ୍ୱିନୀ ବେରିହା ରେଫରି କାର୍ଯ୍ୟ ତୁଲାଇଥିଲେ । ନରେଶ କାଣ୍ଡ ଓ ଅଭିମନ୍ୟୁ ବଗର୍ତ୍ତି ଧାରାବିବରଣୀ ପ୍ରଦାନ କରିଥିଲେ । ରବିବାର ପ୍ରଥମ ସେମିଫାଇନାଲ ବୀରମହାରାଜପୁର ଓ ସମ୍ବଲପୁର ମଧ୍ୟରେ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ ଭେଡେନ (ବରଗଡ) ଓ ବଲାଙ୍ଗୀର ମଧ୍ୟରେ ହେବ। ଉଭୟ ମ୍ୟାଚର ବିଜେତାଙ୍କ ମଧ୍ୟରେ ଫାଇନାଲ ହେବ ବୋଲି ଆୟୋଜକ ପ୍ରାଣବନ୍ଧୁ କାଣ୍ଡ ପ୍ରକାଶ କରିଛନ୍ତି । ଅଜିତ, ଚନ୍ଦ୍ରମଣି, ଅରବିନ୍ଦ, ଚୈତନ୍ୟ, କାର୍ତ୍ତିକ, ଅଶ୍ୱିନୀ, ଚିତ୍ତରଞ୍ଜନ, ପ୍ରଶାନ୍ତ, କିଶୋର, ଅଇଁଠୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

### ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ଆଲୋଚନାଚକ୍ର

# ଲୋକ କାହାଣୀ ହିଁ ଶିଷ୍ଟ କାହାଣୀ ସୃଷ୍ଟିର ମୂଳଉତ୍ସ

**ଅମରପାଲି,୩୦।୧୧(ଡି.ଏନ.ଏ.)**

ପ୍ରକୃତରେ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଜୀବନରେ ଅନେକ ରହସ୍ୟ ଲୋକକାହାଣୀ ମଧ୍ୟରେ ଲୁଚି ରହିଥାଏ । ଲୋକ କାହାଣୀ ହିଁ ଶିଷ୍ଟ କାହାଣୀ ସୃଷ୍ଟିର ମୂଳଉତ୍ସ ଅଟେ। ବୀରମହାରାଜପୁର ମହାବିଦ୍ୟାଳୟ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ଦୀନବନ୍ଧୁ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିର୍ଷକ ଥିଲା ଖିଆଲିମନର କଥା ଓ ବ୍ୟଥା । ଓଡିଆ ବିଭାଗର ଅଧ୍ୟାପକ ସୂର୍ଯ୍ୟନାରାୟଣ ପଣ୍ଡା, ସଞ୍ଜୟ କୁମାର ପ୍ରଧାନ, ଅଧ୍ୟାପିକା ଯାମିନୀ ଦାଶ ଓଡିଆ ଲୋକକାହାଣୀ ସମ୍ପର୍କରେ ପ୍ରାଞ୍ଜଳ ଭାବରେ ଆଲୋଚନା କରିଥିଲେ। ଯୁକ୍ତ ୩ ଓଡିଆ ସମ୍ମାନ ଛାତ୍ରୀଛାତ୍ର କନ୍ଦର୍ପ ବାଘ, ନିବେଦିତା, ରଶ୍ମିତା ପଣ୍ଡିଆ ନିଜ ନିଜର ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଅଧ୍ୟାପିକା ଗୀତାଞ୍ଜଳି ପୂଜାରୀ, ସଂସ୍କୃତ ଅଧ୍ୟାପିକା ଗୀତାଞ୍ଜଳି ମିଶ୍ର ଓ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।


# CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

FINANCE

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday

ASTROLOGY

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, କୁଆ-ସଙ୍ଗା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଙ୍ଗା, କୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office
G-79, Adarsh Nagar, Karol Bagh
7082322494
7496805598

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113
9337594620
CORRESPONDENCE COURSE ALSO AVAILABLE


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା
କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



ବ୍ଲକସ୍ତରୀୟ ମହା ସମନ୍ୱୟ ମେଳା

# ୨୪୯ ଏସ୍‌ଏଚ୍‌ଜି ଗ୍ରୁପକୁ ୩ କୋଟି ୨୨ ହଜାର ଋଣ ପ୍ରଦାନ

ଅମରପାଲି,୩୦।୧୧(ଡି.ଏନ.ଏ.)



ମା’ ମାହେଶ୍ୱରୀ ଏସଏଚଜି ଗ୍ରୁପକୁ ଅତିଥିମାନେ ଋଣ ପ୍ରଦାନ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ମହା ସମନ୍ୱୟ ମେଳା ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ମିଶନଶକ୍ତି ଓ ଓଡ଼ିଶା ଜିବିକା ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଏଫସିଆଇ ସୁବର୍ଣ୍ଣପୁର ସୋମନାଥ ପୁରୋହିତ ସଂଯୋଜନା କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ମନିଷା ବାନାର୍ଜୀ ମୁଖ୍ୟଅତିଥି ଏବଂ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ଡିଏସଡବ୍ଲୁଓ ଆଗ୍ନେରିଆ କେର୍କେଟା, ଆରଏମ ଏସବିଆଇ ଚନ୍ଦ୍ରମଣି ବାରିକ, ଏଲଡିଏମ ସରୋଜଦାଶ, ଡିଡିଏମ ନାବାର୍ଡ ତାପସଶଙ୍କର ରାଉତ, ଆରଏମ ୟୁଜିବି ଦିଗାମ୍ବର ପଣ୍ଡା, ଡିପିଏମ ଯୁବରାଜ ସାହୁ ଓ ଡିପିସି ମିଶନ ଶକ୍ତି କାର୍ତ୍ତିକ ଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ନିରଞ୍ଜନ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସିଡିପିଓ ସଞ୍ଜୁରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୭ଟି ବ୍ୟାଙ୍କରୁ ବ୍ୟାଙ୍କ ଅଧିକାରୀ ଉପସ୍ଥିତ ରହି ବ୍ଲକର ୨୪୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩ କୋଟି ୨୨ ହଜାର ଟଙ୍କା ଋଣ ପ୍ରଦାନ କରିଥିଲେ । ଏଥି ସହିତ ପୂର୍ବରୁ ଋଣ ନେଇଥିବା ୫୧ଟି ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ୭ ଲକ୍ଷ ୭୭ ହଜାର ଟଙ୍କା ଋଣ ପରିଶୋଧ କରାଯାଇଥିଲା । କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଯୋଗଦେଇଥିଲେ। ମିଶନ ଶକ୍ତିର ବିପିଏମ ସ୍ୱପ୍ନା ପୂଜାରୀ ଓ ବିପିସି ସୁଜିତ ପତି ପରିଚାଳନା କରିଥିଲେ ।

# ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ

ସୋନପୁର,୩୦।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁବ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ସଂସ୍କୃତି ଭବନରେ ଆୟୋଜିତ ଏହି ମହୋତ୍ସବରେ ଜିଲାର ୧୩ ରୁ ୩୫ ବର୍ଷ ବୟସର ଶତାଧିକ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଜିଲାର ୬ଟି ବ୍ଲକ, ୨ଟି ଏନଏସି ଓ ଗୋଟିଏ ମ୍ୟୁନିସିପାଲିଟିରୁ ପୂର୍ବରୁ ମନୋନୀତ ଦଳ ଏଥିରେ ଭାଗ ନେଇ ନିଜର କଳା ପ୍ରଦର୍ଶନ କରିଥିଲେ। ଦଳଗତ ଲୋକନୃତ୍ୟରେ ବିନିକା ବ୍ଲକ ସେଲେଡିର କଳାକାର ମାନେ ପ୍ରଥମ, ତରଭା ଦ୍ୱିତୀୟ ଓ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଲୋକଗୀତରେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ପ୍ରଥମ, ବିନିକା ବ୍ଲକ ଦ୍ୱିତୀୟ ଓ ବୀରମହାରାଜପୁର ବ୍ଲକ ତୃତୀୟ । ଓଡିଶୀ ନୃତ୍ୟରେ ସୋନପୁରର ବିଦ୍ୟାମତି ପାଣ୍ଡେ ପ୍ରଥମ, ଡୁଙ୍ଗୁରିପାଲିର ମଧୁସ୍ମିତା ମାଝି ଦ୍ୱିତୀୟ, କଥକ ନୃତ୍ୟରେ ସୋନପୁରର ପ୍ରିୟଙ୍କା ସୁନା ପ୍ରଥମ, ଶାସ୍ତ୍ରୀୟ ସଙ୍ଗୀତରେ ସୋନପୁରର ପ୍ରତିତି ମିଶ୍ର ପ୍ରଥମ, ମୁସ୍କାନ ମଲ୍ଲିକ ଦ୍ୱିତୀୟ, ଏକକ ଅଭିନୟରେ ସୋନପୁର ବ୍ଲକ ବିକାଶ ମିଶ୍ର ଗ୍ରୁପ୍ ପ୍ରଥମ, ମ୍ୟୁନିସିପାଲିଟି ନାଟ୍ୟଚକ୍ର ଅନୁଷ୍ଠାନ ଦ୍ୱିତୀୟ, ସେଣ୍ଟ ଆନିସ କନଭେଣ୍ଟ ସ୍କୁଲ ତୃତୀୟ, ହାରମୋନିୟମରେ ସୋନପୁରର ଶକ୍ତିସ୍ୱରୂପ ମିଶ୍ର ପ୍ରଥମ, ଡୁଙ୍ଗୁରିପାଲିର ତୁଷାର ସାହୁ ଦ୍ୱିତୀୟ ଓ ସୋନପୁରର ପ୍ରଣବ ପ୍ରକାଶ ତୃତୀୟ, ବଂଶୀ ବାଦନରେ ବୀରମହାରାଜପୁରର ହୃଷିକେଶ ମେହେର ପ୍ରଥମ, ମୃଦଙ୍ଗ ବାଦନରେ ବୀରମହାରାଜପୁରର ଶ୍ରୀନିବାସ ଗୁରୁ ପ୍ରଥମ, ତରଭାର ଭଜ ସାହୁ ଦ୍ୱିତୀୟ, ତବଲାରେ ବୀରମହାରାଜପୁରର ସୁଶାନ୍ତ ଚୌଧୁରୀ ପ୍ରଥମ, ସୋନପୁରର ରୋହିତ କୁମାର ମିଶ୍ର ଦ୍ୱିତୀୟ, ଶିବ ସ୍ୱରୂପ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ତର୍କରେ କ୍ଷିରୋଦ ବିହାରୀ ବିଶ୍ୱାଳ ପ୍ରଥମ, କରୁଣାକର ଖୁରା ଦ୍ୱିତୀୟ ଓ ଇରେଦା ଖାଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଓ ପ୍ରତିଯୋଗୀ ୨୫ ତମ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶଗ୍ରହଣ କରିବେ। ଏହି ଅବସରରେ ଜିଲାର ବରିଷ୍ଠ କଳାକାର ଶତୃଘ୍ନ ମିଶ୍ର, ଗଣେଶରାମ ମିଶ୍ର, ଗୌରୀଶଙ୍କର ବେଜ, ମନୋରଞ୍ଜନ ପାଢୀ, ମହାଦେବ ବେହେରା, ବାସୁଦେବ ନାଏକ, ନୁର ବିବି ବେଗମ, କାଳୀ ପ୍ରସାଦ ଷଡଙ୍ଗୀ, ବୃନ୍ଦାବନ ନାଏକ ଓ ପ୍ରାଣବନ୍ଧୁ ବସ୍ତିଆଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏସ୍‌ପି ତାଙ୍କ ବକ୍ତବ୍ୟରେ ପ୍ରତିଭା ବିକାଶର ମାଧ୍ୟମ ମହୋତ୍ସବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରି ଜିଲାର କଳା, ସଂସ୍କୃତି ଓ ଯୁବ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ମ୍ୟୁନିସିପାଲିଟି ଇଓ ଜଗଦୀଶ ମହାନନ୍ଦ ଓ ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ । ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅବିନାଶ ହୋତା ସଭା ଓ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗଣେଶରାମ ମିଶ୍ର, ବିକାଶ ମିଶ୍ର, ପ୍ରଦ୍ୟୁମ୍ନ ସାହୁ, ସୁରେଶ ରଥ, ଅବକାଶ ମିଶ୍ର, ଶତୃଘ୍ନ ଲୁହା, ବିକାଶ ମିଶ୍ର, ପ୍ରଭାତ କୁମାର ଦାସ ଓ ଶାଶ୍ୱତ କୁମାର ତ୍ରିପାଠୀ ବିଚାରପତି ଦାୟିତ୍ୱ ନିର୍ବାହ କରିଥିଲେ । ବେଣୀମାଧବ ବେଦ୍‌ବାକ, ଅଶୋକ ମିଶ୍ର, ଦେବାଶିଷ ପଟ୍ଟନାୟକ ଓ ଯୁଧିଷ୍ଠିର ପଧାନୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ବିଶିଷ୍ଟ କଣ୍ଠଶିଳ୍ପୀ ନୁରବିବି ବେଗମଙ୍କୁ ଏସ୍‌ପି ଓ ଅତିରିକ୍ତ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି ।

- ଲୋକନୃତ୍ୟରେ ବିନିକା, ଲୋକଗୀତରେ ସୋନପୁର ପ୍ରଥମ
- ୧୦ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ଶୁଭେଚ୍ଛା ଜଣାଉଛି ସତ୍ୟ ସମ୍ବଳିତ ସମ୍ବାଦ ପରିବେଷଣ କରି ଓଡ଼ିଶାର ପୁରପଲ୍ଲୀରେ ସର୍ବ ଜନାଦୃତ ହୋଇପାରିଛି, ଆଶା କରୁଛି ଏହିପରି ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରି ଆହୁରି ଆଗକୁ ବଢିବା ସହିତ ଏକ ନୂତନ ଦିଗନ୍ତର ସନ୍ଧାନ ଦେବ।



ଅଧ୍ୟକ୍ଷ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ, କଟକ

## PANCHAYAT SAMITI OFFICE, KOIRA

Ph.: 06625-235026, E-mail: ori-koira@nic.in

### SHORT TENDER CALL NOTICE

No.: 1953 Dt.30.11.2019

The B.D.O., Koira on behalf of Govt. of Odisha, P.R. Deptt., Odisha, Bhubaneswar invites sealed tender in conformity with the Detailed Tender Call Notice from Registered Contractor of R&B/NH/MI/Irrigation/PWD/ Electrical (HT) of specified Class as noted against each work to be eventually drawn up in PWD P1 agreement form in conformity with the Detail Tender Call Notice. The bidders may submit bid for the following works with detailed particulars noted bellow.

| Sl. No. | Name of the Work | Estimated Cost (Rs.) | Tender Value (Rs.) | Cost of Tender Documents (Rs.) | EMD (Rs.) | Period of Com-pletion | Class of Con-tractor |
|---|---|---|---|---|---|---|---|
| 1 | Construction of Guard Wall at Dengula Nalla near Kalyan Mandap cum info theater at Dengula GP | 2235000/- | 1995901/- | 6000/- | 23000/- | 4 Calendar Months | C & B |
| 2 | Construction of CC Road from Church to Anganwadi 3 No. Zone at Village - Tensa, Tensa GP | 4700000/- | 4196778/- | 6000/- | 47000/- | 5 Calendar Months | B & A |
| 3 | Construction of CC Road from UGUP School to Post Office at Village - Tensa, Tensa GP | 3504000/- | 3128595/- | 6000/- | 36000/- | 4 Calendar Months | C & B |
| 4 | Improvement of Road from Main Road to Bahamba Basti at Village - Bahamba Basti, Tensa GP | 4787000/- | 4274464/- | 6000/- | 48000/- | 5 Calendar Months | B & A |
| 5 | Construction of CC Road from Idris House to B Zone at Village - Bahamba, Tensa GP | 4758000/- | 4248235/- | 6000/- | 48000/- | 5 Calendar Months | B & A |
| 6 | Construction of CC Drain from Main Road to Thapa Basti at Village - Tensa, Tensa GP | 3603000/- | 3217140/- | 6000/- | 37000/- | 4 Calendar Months | C & B |
| 7 | Improvement of Play field at Patamunda (Boundary Wall) at Village - Patamunda, Patamunda GP | 1116000/- | 997011/- | 6000/- | 12000/- | 2 Calendar Months | D & C |
| 8 | Construction of Boundary Wall in Madan Mohan High School at Village - Patamunda, Patamunda GP | 3023000/- | 2699811/- | 6000/- | 31000/- | 4 Calendar Months | C & B |
| 9 | Construction of CC Road from Weekly Market Chowk to Mini Stadium | 2818000/- | 2516833/- | 6000/- | 29000/- | 4 Calendar Months | C & B |
| 10 | Construction of Boundary Wall at Kadamdihi School at Village - Kadamdihi, Patamunda GP | 1583000/- | 1413855/- | 6000/- | 16000/- | 2 Calendar Months | D & C |
| 11 | Construction of Boundary Wall at Mithirda School at Village - Mithirda, Patamunda GP | 756000/- | 674991/- | 4000/- | 8000/- | 2 Calendar Months | D & C |
| 12 | Construction of Boundary Wall at Sanua School at Village - Sanua, Patamunda GP | 836000/- | 746568/- | 4000/- | 9000/- | 2 Calendar Months | D & C |
| 13 | Construction of Boundary Wall at Kriakudar School, at Village - Kriyakudar, Patamunda GP | 1072000/- | 957147/- | 6000/- | 11000/- | 2 Calendar Months | D & C |
| 14 | Construction of Market Complex at Badbalijore at Village - Badbalijore, Soyamba GP | 1757000/- | 1569121/- | 6000/- | 18000/- | 4 Calendar Months | D & C |
| 15 | Development of Koira Mini Stadium (Boundary Wall) at Village - Koira, Koira GP | 4028000/- | 3971663/- | 6000/- | 41000/- | 6 Calendar Months | B & A |
| 16 | Improvement of Play Ground (Boundary Wall) at Kadodiha, Koira GP | 2412000/- | 2153990/- | 6000/- | 25000/- | 4 Calendar Months | C & B |
| 17 | Construction of additional Class Room at Orahuri UP School at Village - Koira, Koira GP | 1906000/- | 1702502/- | 6000/- | 20000/- | 4 Calendar Months | D & C |
| 18 | Development of Koira Weekly Market at Village - Koira, Koira GP | 4548000/- | 4061377/- | 6000/- | 46000/- | 8 Calendar Months | B & A |
| 19 | Construction of additional Class Room & Common Room at Koira Degree College at Village - Koira, Koira GP | 4091000/- | 3653070/- | 6000/- | 41000/- | 8 Calendar Months | B & A |
| 20 | Completion of CC Road from Koira PS to Langaleswar Temple at Village - Koira, Koira GP | 1031000/- | 920694/- | 6000/- | 11000/- | 2 Calendar Months | D & C |
| 21 | Construction of CC Road from Azad Basti to Koira Weekly Market at Village - Koira, Koira GP | 4632000/- | 4135796/- | 6000/- | 47000/- | 5 Calendar Months | B & A |
| 22 | Repairing with widen of CC Road from Koira PS Chowk to OMM Chowk at Village - Koira, Koira GP | 4305000/- | 3843967/- | 6000/- | 44000/- | 5 Calendar Months | B & A |
| 23 | Construction of Culvert at Dhublabeda Road at Village - Koira, Koira GP | 1209000/- | 1080068/- | 6000/- | 13000/- | 3 Calendar Months | D & C |
| 24 | Construction of CC Road from Mirga House to Dalmakudar at Village - Jhirpani, Kalta GP | 3540000/- | 3161310/- | 6000/- | 36000/- | 4 Calendar Months | C & B |
| 25 | Const. of CC Road from Gangadhar house to Hariman House at Village - Kamondo, Kalta GP | 1533000/- | 1369427/- | 6000/- | 16000/- | 3 Calendar Months | D & C |
| 26 | Construction of CC Road with Culvert and Drain from NH - 215 to Binjadihi at Village - Toda, Kalta GP | 1605000/- | 1433892/- | 6000/- | 17000/- | 3 Calendar Months | D & C |
| 27 | Construction of CC Road with Guard Wall from Karanjtola to Toda Bhuyan Sahi at Village - Toda, Kalta GP | 3270000/- | 2919815/- | 6000/- | 33000/- | 4 Calendar Months | C & B |
| 28 | Construction of Additional Class Room 3 Nos., at Kalta UGME School at Village - Kalta, Kalta GP | 1909000/- | 1705227/- | 6000/- | 20000/- | 5 Calendar Months | D & C |
| 29 | Construction of CC Road from Amliam to Jalibahal at Village - Sanpatuli, Patamunda GP | 1320000/- | 1179047/- | 6000/- | 14000/- | 3 Calendar Months | D & C |
| 30 | Construction of Additional Class Room 2 Nos. at Kalta High School at Village - Kalta, Kalta GP | 1829000/- | 1633094/- | 6000/- | 20000/- | 5 Calendar Months | D & C |
| 31 | Construction of CC Road from Santosh Lamga House to Roman Church at Village - Toda, Kalta GP | 845000/- | 755082/- | 6000/- | 85000/- | 2 Calendar Months | D & C |
| 32 | Construction of Boundary Wall at Ranisal School at Village - Ranisal of Patmunda GP | 1283000/- | 942855/- | 6000/- | 13000/- | 2 Calendar Months | D & C |
| 33 | Construction of CC Road from Kulamani House to Purandra House of Village - Sanua of Patmunda GP | 1013000/- | 446420/- | 6000/- | 11000/- | 2 Calendar Months | D & C |

**TERMS AND CONDITIONS:** 1. The sale of the Bid document shall start after the date of publication in Newspaper during office hour in the Office of the Panchayat Samiti, Koida, Sundargarh only through Bank Draft/Account Deposit in favour of BDO, Koira. 2. The bid documents will be available from Dt.02.12.2019 to Dt.12.12.2019 in Office of the BDO, Koira from 11 A.M. to 5.30 P.M. on working days. Bids shall be received in the Office of the Panchayat Samiti Office, Koida, Sundargarh till Dt.13.12.2019 upto 03.00 P.M. through Registered Post/Speed Post or directly put to tender box at Block Office, Koira. The authority will not be held responsible for postal delay in the delivering of the documents or non-receipt of the same. 3. The tender will be opened in the Office of the Panchayat Samiti, Koida, Sundargarh at 11.00 A.M. on Dt.17.12.2019 (working day) in presence of the bidders or their authorized representatives. 4. The undersigned reserves the right to negotiate or reject any or all the tenders in the interest of the Govt. with or without assigning any reason thereof. Any dispute in this matter will be settled up under the Jurisdiction of Sundargarh district only. 5. The additional performance security shall be obtained from the bidder when the bid amount is less than the bid put to tender. In such an event, only the successful bidder who has quoted less bid price/rates than the bid cost put to tender shall have to furnish the exact amount of differnetial cost i.d. bid cost put to tender - (minus) the quoted amount as Additional Performance Security (APS) in shape of Demand Draft/Term Deposit receipt pledged in favour of B.D.O., Koida within seven days, otherwise the bid shall be cancelled and the security deposit shall be forfeited. Further proceeding for blacklisting shall be initiated against the such bidder.

**DOCUMENTS TO BE SUBMITTED:** The tender is to be submitted in one cover is to contain:- a) EMD pledged in favour of Block Development Officer, Koira, b) Signed DTCN, c) Price bid duly filled in and signed by the tenderer, d) Attested copy of GST Registration Certificate & Service Tax registration issued by competent authority, e) Attested Xerox copy of PAN Card, f) Xerox copy of valid contractor registration certificate, g) Xerox copy of caste certificate in case of SC/ST contractor desirous of availing preference certificates duly filled-in and documents required as per the relevant clauses of this DTCN and special conditions if any. The cover is to be sealed and superscribed as the bid of the works as mentioned in column No. 2 of the tender call notice.

**Sd./- Block Development Officer, Koira**

## SAMBALPUR UNIVERSITY

Jyoti Vihar-768019, Dist.: Sambalpur (Odisha)
www.suniv.ac.in

No. 7636/Estt-I Dt.: 28.11.2019

### NOTIFICATION

Nominations in plain paper are invited from Recognized Organizations working in the fields of Social Culture / Literary/ Educational/ Science & Technological and other such areas of distinction for the Felicitation of person(s) belonging to the territorial Jurisdiction of Sambalpur University on occasion of Celebration of Day 53rd **Foundation Day** of this University.

Persons, So Nominated should be distinguished in their field and should have remarkable contribution for development of Literature, Art, Culture, Education, Science, Technology, Social work, Games & Sports and others such fields.

While sending the nomination on through registered post / Special Messenger, Bio data of the person(s) concerned along with a celebration of the outstanding activities / achievements shall be in sealed cover superscribed with **“NOMINATION FOR AWARD OF RECOGNITION BY SAMBALPUR UNIVERSITY ON THE FOUNDATION DAY”** so as to the undersigned latest by **20.12.2019**

**Sd/- Registrar**

## OFFICE OF THE EXECUTIVE ENGINEER RWS&S DIVISION, BALANGIR

**Email: eerwss_blg@nic.in**
**3rd Corrigendum for “e” Procurement Notice**
**Bid Identification No. RWSS/11 /2019-2020**

**No.O-565:-** The corrigendum has been made to the e-procurement notice Identification Bid Identification No. RWSS/11 /2019-2020 and Letter No. 2289 Dated 30.09.2019 as per following amendment.

- Bid document will be available in the website on dt. 18.12.2019 at 10.00 A.M to 06.01.2020 till 5.00 P.M instead of 28.11.2019 at 10.00 A.M to 13.12.2019 till 5.00 P.M respectively.
- The date of opening of Bid document is on dt. 08.01.2020 at 11.00 A.M onwards instead of dt. 16.12.2019.

All other terms and conditions of Bid documents remains unaltered.

Further details can be seen from the e-procurement portal **http://tenderodisha.gov.in**.

**Sd./- Executive Engineer,**
**RWS&S Division, Balangir**

25033/11/0011/1920

## Odisha Mineral Exploration Corporation Ltd.

**Regd. Office: OMC House, Bhubaneswar-751001, Odisha**
**CIN : U13209OR2016SGC025960**

OMECL

**CORRIGENDUM TO SCOPE OF WORK FOR MANAGEMENT CONSULTANT CUM TRANSACTION ADVISOR OF ODISHA MINERAL EXPLORATION CORPORATION LTD (OMECL)**

Reference to final RFP, NIT No. 02/OMECL/E-PROC/2019, dated 28.11.2019, displayed in OMC Website on 28.11.2019, following is the amendment for additional scope of work.

**ADDITIONAL SCOPE OF WORK :**
**SECTION - 5 : TERMS OF REFERENCE,** Clause: 1.2
**Addition as below:**
J: Transaction advisory for selection of MDO (Mine Developer cum Operator) for developing proposed Sukinda Chromite Underground Mine.

**General Manager (Exploration)**

## ନ୍ୟାଶନାଲ ଇନ୍‌ଲାଣ୍ଡ ନାଭିଗେଶନ୍ ଇନ୍‌ଷ୍ଟିଚ୍ୟୁଟ୍

(ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ କର୍ତ୍ତୃପକ୍ଷ)
(ଜାହାଜ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାର)
ଗାଇଘାଟ, ପାଟନା-୮୦୦ ୦୦୭, ଦୂରଭାଷ-୦୬୧୨-୨୩୧୧୨୦୦

### ନାମଲେଖା ବିଜ୍ଞପ୍ତି

**“ରେସିଡେନ୍ସିଆଲ୍ କୋର୍ସ”**
**(୧୦ମ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ)**
**ଇନ୍‌ଲାଣ୍ଡ ଭେସେଲ୍ସ ନିମନ୍ତେ ରେଟିଂ ଇଣ୍ଡକ୍ସନ୍ କୋର୍ସ**

| | |
|---|---|
| ଯୋଗ୍ୟତା | : 10ମ ଉତ୍ତୀର୍ଣ୍ଣ |
| ବୟସ ସୀମା | : 19.01.2020 ସୁଦ୍ଧା 17 1/2 ବର୍ଷରୁ 25 ବର୍ଷ ମଧ୍ୟରେ (ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଓବିସି ପ୍ରାର୍ଥୀଙ୍କ ପାଇଁ 3 ବର୍ଷ କୋହଳଯୋଗ୍ୟ) |
| ଶାରୀରିକ ମାନ | : ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍। ଦୃଷ୍ଟିଶକ୍ତି 6/6 ଏବଂ ବର୍ଣ୍ଣାନ୍ଧତା ରହି ନ ଥିବ। |
| ପାଠ୍ୟକ୍ରମ ଅବଧି | : ଛଅ ମାସ |
| ପାଠ୍ୟକ୍ରମ ଦେୟ | : ₹13,000/– (ବୋର୍ଡିଂ ଓ ଲଜିଂ ଅନ୍ତର୍ଭୁକ୍ତ ନୁହେଁ) |

**ସିଟ୍ ସଂରକ୍ଷଣ ଏସ୍‌ସିଙ୍କ ପାଇଁ 15%, ଏସ୍‌ଟିଙ୍କ ପାଇଁ 7.5% ଓ ଓବିସିଙ୍କ ପାଇଁ 27%**

ବାୟୋଡାଟା/ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ତା10.01.2020ରିଖ । ତା19.01.2020ରିଖରେ ଏକ ଯୋଗ୍ୟତାମୂଳକ ପରୀକ୍ଷା ଅନୁଷ୍ଠିତ ହେବ । ବଛାବଛା ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ସେହିଦିନ ଅନୁଷ୍ଠିତ ହେବ । ନମୁନା ଦରଖାସ୍ତ ଫର୍ମ ୱେବ୍‌ସାଇଟ୍ www.niniedu.in ରୁ ଡାଉନ୍‌ଲୋଡ୍ କିମ୍ବା ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇପାରିବ। ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ବାୟୋଡାଟା / ଦରଖାସ୍ତ ଫର୍ମ ସହିତ 10ମ ଉତ୍ତୀର୍ଣ୍ଣ ପ୍ରମାଣପତ୍ର, ମାର୍କସିଟ୍, 2 ଫଟୋଗ୍ରାଫ୍ ଓ ନିଜସ୍ୱ ଠିକଣା ଉଲ୍ଲିଖିତ ଲଫାପା **“ପ୍ରିନ୍ସିପାଲ୍, ନ୍ୟାଶନାଲ୍ ଇନ୍‌ଲାଣ୍ଡ ନାଭିଗେଶନ ଇନ୍‌ଷ୍ଟିଚ୍ୟୁଟ୍, ଗାଇଘାଟ, ପାଟନା-800007”**ରେ ପଠାଇବା କିମ୍ବା iwai.nini.ari@gmail.com, info@niniedu.inରେ ଇ-ମେଲ୍ କରାଯିବା ଆବଶ୍ୟକ। ପାଠ୍ୟକ୍ରମ ଓ ଅନୁଷ୍ଠାନ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟ ପରିଦର୍ଶନ କରନ୍ତୁ ।

ପ୍ରିନ୍ସିପାଲ୍
ଏନ୍‌ଆଇଏନ୍‌ଆଇ, ପାଟନା

**ଅନ୍ତର୍ଦ୍ଦେଶୀୟ ଜାହାଜରେ ନାବିକ କ୍ୟାରିୟର୍**

## Odisha State Health & Family Welfare Society,

**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8,**
**Bhubaneswar-751012, District-Khordha (Odisha)**
**Phone/Fax: 0674- 2392480/79**

### CANCELLATION NOTICE

No. E-537

**Advt. No. 56/19** **Date:- 01.12.2019**
**Ref.: Advt. No. 44/18 dt. 11.10.18.**

The advertisement for the position of **ACSM Officer, RNTCP** made vide Advt. No. 44/18 dt. 11.10.18 (Sl. No. 07), published in “The Samaja” (all Odisha editions), “The Dharitri” (all Odisha editions) & “The New Indian Express”(Odisha edition only) is hereby cancelled as the candidate has not qualified in the written test as per the advertisement.

10084/11/0040/1920 **Sd/- Mission Director NHM, Odisha**

## GOVERNMENT OF INDIA CENTRAL WATER COMMISSION OFFICE OF THE EXECUTIVE ENGINEER

**MAHANADI DIVISION, DOCTOR’S COLONY**
**BURLA-768017, Dist: SAMBALPUR (ORISSA)**
**NOTICE INVITING e-TENDER**

Onlinee-Tenders are invited by the Executive Engineer, Mahanadi Division,CWC, At –Doctor’s colony, Burla, Dist:- Sambalpur (Orissa)-768017on behalf of the President of India, from the reputed Firms as below:

| SL. N | Tender Ref.No | Name of work | EMD | Last date of receipt & online submission | Date oftender opening |
|---|---|---|---|---|---|
| 1 | MD/HQ/NIT/2019-20/2425-32Dated:26.11.2019 | “Providing the service” for collection of hydro meteorological data at Existing sites under Mahanadi Division, CWC, Burla for the period from 01.11.2019 to 31.05.2020 | Rs.92000/- | 14.12.2019 upto 16:00 hrs | 16.12.2019 at 11:00 hrs |
| 2 | MD/HQ/NIT/2019-20/2435-44DATED 29.11.2019 | Providing services of Data Entry Operator (02 Nos) for Mahanadi Division, CWC, Burla. | Rs.8500/- | 16.12.2019 up to 16:00 hrs | 18.12.2019 at 11:00 hrs |

The Bid forms and other details can be obtained from the CWC website www.eprocure.gov.in /www.cwc.nic.in

Sd/- Executive Engineer
MD,CWC,Burla

## BHUBANESWAR MUNICIPAL CORPORATION

**No.33986 COMPETITIVE BIDDING THROUGH e-Procurement Dt.30/11/19**

### NOTICE INVITING TENDER

**Bid Reference No. BMC-EE DIV-1-08/2019-20, Dt.30.11.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. **(BMC-EE DIV-I-08/2019-20)** should be submitted on-line in the website www.tendersorissa.gov.in by eligible class of contractors as mentioned in TCN. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **05** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work: **Rs. 221902/- to Rs. 9023708/-**
4. Eligible Class of Contractors –: Registered Contractors of **Class-'D' to Class-'A'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **“On-Line”** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the Schedules and Annexure of DTCN that have to be Uploaded by the bidder in the e-tender website. The cost of tender paper & EMD should be made on net banking. After opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 03.12.2019 to 5 P.M of 12.12.2019** for online bidding.
8. Bids received will be opened from e-procurement system at **4.30 P.M onwards on 13.12.2019.**
9. The bidder must possess valid and Compatible **Digital Signature Certificate (DSC).**
10. Further details are available in the DTCN. The DTCN **for 05 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**

**Executive Engineer,**
**BMC Division No.-I**

**Progress Through Partnership for a Better Bhubaneswar**



ଯେଉଁମାନଙ୍କର ସଂକୀର୍ଣ୍ଣ ଭାବ ସେହିମାନେ ହିଁ କେବଳ ଅନ୍ୟମାନଙ୍କ ଧର୍ମକୁ ନିନ୍ଦା କରନ୍ତି ଓ ଆପଣା ଧର୍ମକୁ ଶ୍ରେଷ୍ଠ ବୋଲି କହନ୍ତି। -ରାମକୃଷ୍ଣ ପରମହଂସ

# ସଡ଼କ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୩୦।୧୧**

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଶନିବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ବୈଠକ ସଂଯୋଜନା କରିଥିବାବେଳେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସପି ପଦ୍ମିନୀ ସାହୁ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ସଂଯୋଜକ କୃତ୍ତିବାସ ରାଉତଙ୍କ ସମେତ ଅନ୍ୟ ପଦାଧିକାରୀ,ଏନଏଚଏଆଇ, ଟ୍ରକ୍, ବସ୍, ଅଟୋ ଆସୋସିଏଶନର ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ।

ବୈଠକରେ ଜିଲାର ଟ୍ରାଫିକ ବ୍ୟବସ୍ଥା, ରାସ୍ତାଘାଟର ଅବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା। ଜିଲାରେ ସଡ଼କ ଦୁର୍ଘଟଣା ଥମିବାର ନାଁ ନେଉ ନ ଥିବା ଯୋଗୁ ବୈଠକରେ ଉପସ୍ଥିତ କମିଟିର ବିଭିନ୍ନ ପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଥିଲେ। ବିପଦଶଙ୍କୁଳ ଫୋର୍‌ଲେନ୍ ରାଜପଥ ଯୋଗୁ ସେଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇ ଲୋକେ ମୃତାହତ ହେଉଥିବା ଅଭିଯୋଗ କରିଥିଲେ।

ସୂଚନା ଅନୁଯାୟୀ, ବରଗଡ଼ ଜିଲାରେ ଗତ ୨୦୧୮ ଜାନୁୟାରୀରୁ ୨୦୧୯ ଅକ୍ଟୋବର ମାସ ସୁଦ୍ଧା ୪୮୪ଟି ସଡ଼କ ଦୁର୍ଘଟଣା ଘଟିଛି । ସେଥିରେ ୨୨୫ଜଣ ଆହତ ହୋଇଥିବା ବେଳେ ୨୬୨ଜଣ ମୃତ୍ୟୁବରଣ କରିଛନ୍ତି। ୨୦୧୮ରେ ୨୭୦ଟି ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୧୨୦ଜଣ ଆହତ ହୋଇଥିବାବେଳେ ୧୪୦ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ ରେକର୍ଡ଼ କରାଯାଇଛି। ତେବେ ୨୦୧୯ରେ(ଅକ୍ଟୋବର ସୁଦ୍ଧା) ପୂର୍ବବର୍ଷ ଅପେକ୍ଷା ସଡ଼କ ଦୁର୍ଘଟଣା ସାମାନ୍ୟ ହ୍ରାସ ପାଇଛି ବୋଲି ସୂଚନା ଦିଆଯାଇଛି। ଗତ ଜାନୁୟାରୀରୁ ଅକ୍ଟୋବର ପର୍ଯ୍ୟନ୍ତ ୨୧୪ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୧୦୫ଜଣ ଆହତ ଏବଂ ୧୨୨ଜଣ ମୃତ୍ୟୁମୁଖରେ ପଡ଼ିଥିବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

- ୨ବର୍ଷରେ ୪୮୪ ଦୁର୍ଘଟଣା ନେଲାଣି ୨୨୫ ଜୀବନ
- ବିପଦସଙ୍କୁଳ ରାଜପଥକୁ ନେଇ ଉଦବେଗ
- ଏନଏଚଏଆଇ କର୍ତ୍ତୃପକ୍ଷଙ୍କୁ ତାଗିଦ କଲେ ଜିଲାପାଳ

ଏଭଳି ସଡ଼କ ଦୁର୍ଘଟଣାରେ ଲୋକେ ମୃତାହତ ହେଉଥିବା ଯୋଗୁ ସଡ଼କପଥ ଠିକ୍ ରଖିବା ସହିତ ଟ୍ରାଫିକ ନିୟନ୍ତ୍ରଣ ଏବଂ ସଚେତନତା ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଫୋରଲେନ ରାଜପଥର ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ବରଗଡ଼ ସହର ଉପକଣ୍ଠ ବିକାଶ ସ୍କୁଲ, ହଳଦୀପାଲି ଛକ ସମେତ ସହର ମଧ୍ୟରେ ଭଟଲି ଛକ ଆଦି ସ୍ଥାନରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳ ଏନଏଚଏଆଇ ଏବଂ ପୂର୍ତ୍ତ ବିଭାଗକୁ ତାଗିଦ କରିଥିଲେ। ସେହିପରି ହମ୍ପ୍‌ସ ଉଠାଇବା, ରୋଡ ବ୍ରେକରକୁ ବ୍ୟବସ୍ଥିତ କରିବା, ବୁଲା ଗାଈଗୋରୁଙ୍କୁ କାଞ୍ଜି ହାଉସରେ ରଖିବା ଉପରେ ଆଲୋଚନା ହୋଇଥିଲା। ହେଲମେଟ୍, ସିଲବେଲ୍ଟ ଯାଞ୍ଚ, ନିଶାସେବନକାରୀ ଚାଳକ ଧରପଗଡ଼କୁ କଡ଼ାକଡ଼ି କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଗତ ଏପ୍ରିଲରୁ ଅକ୍ଟୋବର ମାସ ସୁଦ୍ଧା ହେଲମେଟ୍ ଯାଞ୍ଚ କରି ୪୨୮୫ଜଣଙ୍କଠାରୁ ୧୦ଲକ୍ଷ ୩୭ହଜାର ୨୫୦ଟଙ୍କା ଜରିମାନା ଆଦାୟ ହୋଇଥିବା ସୂଚନା ଦିଆଯାଇଥିଲା। ନୋ ପାର୍କିଂ ଜୋନ୍ ଚିହ୍ନଟ କରିବା ସହିତ ତାକୁ ଅବମାନନା କଲେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା । ବରଗଡ଼ ସହରରେ ପାର୍କିଂ ପାଇଁ ସେଭଳି ନିର୍ଦ୍ଦିଷ୍ଟ ସ୍ଥାନ ନ ଥିବା ଯୋଗୁ ଜାଗା ଚିହ୍ନଟ କରିବା ପାଇଁ ବୈଠକରେ ଉପସ୍ଥିତ ପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଯୁବକ ମୃତ

ଅତାବିରା, ୩୦।୧୧ (ଡି.ଏନ.ଏ)

ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅନ୍ତର୍ଗତ ବାନିପାଲି ରାସ୍ତାରେ ଏକ ବାଇକ ଧକ୍କାରେ ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୋନପୁର ଜିଲା ବିନିକା ଥାନା ହୁତମାଁ ଗ୍ରାମର ଭୁଲିଆ ବାଗ (୪୦) । ସେ ଶୁକ୍ରବାର ରାତିରେ ତାଙ୍କ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ବାନିପାଲି ଗ୍ରାମକୁ ଆସିଥିବା ବେଳେ ତାଙ୍କୁ ଏକ ବାଇକ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଭୁଲିଆଙ୍କ ମୃତ୍ୟୁ ହୋଇଥିଲା ।

### ସିଆର୍‌ସିସିଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

ସୋହେଲା,୩୦।୧୧(ଡି.ଏନ.ଏ)

ସୋହେଲା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ ସିଆରସିସିମାନଙ୍କ ଗତ ୨୨ ତାରିଖରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା ପରେ ପ୍ରତ୍ୟାହୃତ ହୋଇଛି । ଜିଲା ଶିକ୍ଷାଧିକାରୀ ପ୍ରକାଶ ଯୋଶୀ ସିଆରସିସି ମାନଙ୍କ ସମସ୍ତ ଦାବି ପ୍ରତି ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ପଇଁ ପ୍ରତିଶ୍ରୁତି ଦେଇଥିଲେ । ପରେ ସିଆରସିସି ମାନେ ସେମାନଙ୍କ ଆନ୍ଦୋଳନକୁ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗଦାନ କରିବାକୁ ସହମତ ହୋଇଥିଲେ । ଏହି ବୈଠକରେ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ସୋହେଲା ବିଇଓ ରାହାସ ବିହାରୀ ବାଗ, ବିଜେପୁର ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସୋହେଲା ହାଇସ୍କୁଲ ପ୍ରଧାନଶିକ୍ଷକ ହେମସାଗର ମହାନନ୍ଦ, ଏବିଇଓ ସରୋଜ ଦୀପ, ମନୋହର ଉଟି, ସିଆରସିସି ସମୀର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର, ୩୦।୧୧ (ଡି.ଏନ.ଏ)

ବରିଷ୍ଠ ଆଇନଜୀବୀ ବିପିନ ବିହାରୀ ପାଣିଗ୍ରାହୀ ଓକିଲାତିର ୫୦ବର୍ଷ ପୂରଣ କରିଥିବାରୁ ତାଙ୍କୁ ପଦ୍ମପୁର ଓକିଲ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଓକିଲ ସଂଘର ସଭାପତି କିଶୋର କୁମାର ମେହେର ପରିଚାଳନା କରିଥିଲେ ଏବଂ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଓକିଲ ସଂଘର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ ।

### ୩୧ ଶିଶୁଙ୍କୁ ଟିକାକରଣ

ଜହ୍ନାପଙ୍କ, ୩୦।୧୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଜହ୍ନାପଙ୍କ ସ୍ଥିତ ଆନନ୍ଦ ମାର୍ଗ ବିଦ୍ୟାଳୟରେ ଜାପାନିଜ ଏନସେଫାଲାଇଟିସ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୩୧ଜଣ ଶିଶୁଙ୍କୁ ଟିକା ଦିଆଯାଇଥିଲା । ଏଥିରେ ମୁଣ୍ଡାପଡା ପଞ୍ଚାୟତର ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ବୌଦ୍ଧ ବ୍ଲକ ଉପାଧକ୍ଷ ମନୋରଞ୍ଜନ ପୁରୋହିତ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସନ୍ତୋଷ କୁମାର ସାହୁ, ଶିକ୍ଷକ ବ୍ରଜେଶ ସ୍ୱାଇଁ, ଶିକ୍ଷୟିତ୍ରୀ ବୀଣାପାଣି ସାହୁ, ମହିଳା ସ୍ୱାସ୍ଥ୍ୟକର୍ମୀ ସୁଜାତା ଭୋକ୍ରା, ଆଶା କର୍ମୀ ପଦ୍ମାବତୀ ପ୍ରଧାନ ଓ ସୁଧାଂଶୁ ଶେଖର ମିଶ୍ର ସହଯୋଗ କରିଥିଲେ ।

### ଲର୍ଣ୍ଣିଂ ଲାଇସେନ୍ସ ପାଇଁ ୯୮ ଛାତ୍ରୀଛାତ୍ରଙ୍କ ଆବେଦନ

ସୋହେଲା,୩୦।୧୧(ଡି.ଏନ.ଏ)

ସୋହେଲା ଡିଗ୍ରୀ କଲେଜରେ ସଡକ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବରଗଡ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଲର୍ଣ୍ଣିଂ ଲାଇସେନ୍ସ ଦେବା ପାଇଁ ଏକ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଏଥିରେ ୯୮ଜଣ ଛାତ୍ରୀଛାତ୍ର ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଆବେଦନ କରଥିଲେ। ପ୍ରମାଣପତ୍ର ଯାଞ୍ଚ ପରେ ସେମାନେ କମ୍ପ୍ୟୁଟରରେ ଲାଇସେନ୍ସ ସମ୍ବନ୍ଧୀୟ ପରୀକ୍ଷା ଦେଇଥିଲେ । ବରଗଡ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ପ୍ରୋଗ୍ରାମର ବିଜୟ କୁମାର ସାହୁ, ରଞ୍ଜନ କୁମାର ମେହେର ଓ ମନୋଜ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ରେଡକ୍ରସ କାଉନସିଲର ଅଧ୍ୟାପକ ପ୍ରତାପ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ । କଲେଜର ଅଧ୍ୟାପକ ହରିହର ସାହୁ, ଡିଇଓ ମାନସ ରଞ୍ଜନ ସାବତ, କିରାଣୀ ବିନୋଦ ପଧାନ, ମାନସ ରଞ୍ଜନ ଠେଲା, ଛାତ୍ର ପପ୍ପୁ ଭୁଏ, ଚିନ୍ମୟ ସାହୁ, ଗିରିଶ ମଟାରୀ ପ୍ରମୁଖ ସହଯୋଗ କରିଥିଲେ ।

## ୬ ଦିନ ହେଲା ଗିରାଶିଙ୍ଗା ଅଙ୍ଗନୱାଡି କେନ୍ଦ୍ରରେ ତାଲା

**ଜହ୍ନାପଙ୍କ,୩୦।୧୧(ଡି.ଏନ.ଏ)**

ବୌଦ୍ଧ ବ୍ଲକ ଗିରାଶିଙ୍ଗା ଅଙ୍ଗନୱାଡି କେନ୍ଦ୍ରରେ ୬ ଦିନ ହେଲା ଗ୍ରାମବାସୀ ତାଲା ପକାଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରିନାହିଁ। ଫଳରେ କେନ୍ଦ୍ରରେ ପାଠପଢା ବନ୍ଦ ରହିବା ସହିତ ଶିଶୁମାନଙ୍କୁ ଖାଦ୍ୟ ମଧ୍ୟ ଦିଆଯାଉନାହିଁ। ଫଳରେ ଅଭିଭାବକମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁସାରେ, ଏହି ଅଙ୍ଗନୱାଡି କେନ୍ଦ୍ରରେ ୩୨ ଜଣ ଶିଶୁ ଥିବାବେଳେ ମହୁଲପାଲିର କାଞ୍ଚନ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ସେ ୨ବର୍ଷ ହେଲା ସୋନପୁର ଜିଲାରେ ବିବାହ କରିଥିବାରୁ ନିୟମିତ କେନ୍ଦ୍ରକୁ ଆସୁ ନ ଥିବା ବେଳେ ଗତ ୨ ମାସ ହେଲା ଆଦୌ ଆସୁ ନ ଥିଲେ । ଏ ସମ୍ପର୍କରେ ଗ୍ରାମବାସୀ ବୌଦ୍ଧ ଜିଲାପାଳ ଓ ସିଡିପିଓଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଫଳରେ ଗ୍ରାମବାସୀ ଗତ ୨୫ ତାରିଖରେ କେନ୍ଦ୍ରରେ ତାଲା ପକାଇ ଧାରଣା ଦେଇଥିଲେ । ଖବର ପାଇ ସିଡିପିଓ ମିନତି ଦେଓ ନିକଟସ୍ଥ ଅଙ୍ଗନୱାଡି କର୍ମୀ ସସ୍ମିତା ଯୋଷୀଙ୍କୁ ଉକ୍ତ କେନ୍ଦ୍ରର ଦାୟିତ୍ୱ ଦେଇଥିଲେ ମଧ୍ୟ ନିୟମିତ ଅଙ୍ଗନୱାଡି କର୍ମୀଙ୍କୁ ନିୟୋଜିତ କରିବା ପାଇଁ ଗ୍ରାମବାସୀ ଅଡି ବସିଥିଲେ । ଫଳରେ ସମାଧାନର ବାଟ ବନ୍ଦ ହୋଇଯାଇଥିଲା । ଏ ସମ୍ପର୍କରେ ସିଡିପିଓ ଦେଓଙ୍କୁ ଯୋଗାଯୋଗ କରିବାରୁ ଗ୍ରାମବାସୀ ତାଙ୍କ ଜିଦରେ ଅଟଳ ଥିବାରୁ ସମାଧାନ ହୋଇନାହିଁ । ସୋମବାର ଏହାର ସମାଧାନ ହେବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ତାଲା ଖୋଲାଯିବ ନାହିଁ କି ଶିଶୁଙ୍କୁ କେନ୍ଦ୍ରକୁ ଛଡାଯିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



୬ଦିନ ଧରି ତାଲା ପଡିଥିବା ଅଙ୍ଗନୱାଡି କେନ୍ଦ୍ର ।

## ବିକାଶରେ ଇନଫୋସ୍ୱାର୍କ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୩୦।୧୧**

ବରଗଡ଼ ସିମେଣ୍ଟନଗର ସ୍ଥିତ ବିକାଶ ଇଂଲିଶ ମିଡ଼ିୟମ ସ୍କୁଲରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଇନଫୋସ୍ୱାର୍କ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ସିମେଣ୍ଟ କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ଶ୍ରୀବାସ୍ତବ ମୁଖ୍ୟଅତିଥି ଏବଂ ବିକାଶ ଗ୍ରୁପ ଅଫ୍ ଏଜୁକେଶନାଲ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡଃ ସମରେନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ର ୩୦୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷକ ବପୁନି ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଇନଫୋସ୍ୱାର୍କ କାର୍ଯ୍ୟକ୍ରମରେ ଛାତ୍ରଙ୍କ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି ।

## ପ୍ରଧାନ ଶିକ୍ଷକଙ୍କ ସାଲାସିଧି ପ୍ରଶିକ୍ଷଣ ଶିବିର

**ବାଉଁଶୁଣୀ, ୩୦।୧୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ବହିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସର୍ବଶିକ୍ଷା ଅଭିଯାନ ତରଫରୁ ଶନିବାର ପ୍ରଧାନଶିକ୍ଷକ ମାନଙ୍କ ସାଲାସିଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବହିରା କ୍ଲଷ୍ଟର କେନ୍ଦ୍ର ସଂଯୋଜକ ତୋଷଣ କୁମାର ମହାକୁଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଏକ ଦିବସୀୟ ପ୍ରଶିକ୍ଷଣ ଶିବିରକୁ ବରିଷ୍ଠ ଶିକ୍ଷକ ଦେଶବନ୍ଧୁ ମହାକୁଳ ଉଦଘାଟନ କରିଥିଲେ । ଅତିଥି ଭାବେ ଅଁଳାପାଲି କ୍ଲଷ୍ଟରର କେନ୍ଦ୍ର ସଂଯୋଜକ ଅରବିନ୍ଦ ମହାଲିକ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶଙ୍କର୍ଷଣ ହାତୀ, ଶିକ୍ଷୟିତ୍ରୀ ବିଜୟିନୀ ପାତ୍ର, ମନସ୍ୱିନୀ ବାରିକ, ଗୀତାଞ୍ଜଳି ବାଘ, କଳ୍ପନା ଦିଶିରି ପ୍ରମୁଖ ସହଯୋଗ କରିଥିଲେ। ବୌଦ୍ଧ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପାଖାପାଖି ୫୦ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ। ଶୁଭସ୍ମିତା ମେଣ୍ଡଲୀ, ଶୁଭପ୍ରଦା ସ୍ମିତୀ ମଧୁମିତା ସାହୁ, ରେଣୁପ୍ରଭା ବେହେରା ପ୍ରଶିକ୍ଷଣ ଦେଇଥିଲେ ।

## ଫାଇନାଲରେ କନ୍ଧମାଳ, ବରଗୋଛା

**ବାଉଁଶୁଣୀ, ୩୦।୧୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆରେ ପାଞ୍ଚ ଦିନ ହେବ ବାଉଁଶୁଣୀ କ୍ରିକେଟ ଟୁର୍ନାମେଣ୍ଟ ଚାଲିଛି। ଶନିବାର ପ୍ରଥମ ମ୍ୟାଚ ଲାଲ ସ୍ପୋର୍ଟିଂ ସୋନପୁର ଓ କନ୍ଧମାଳ ମଧରେ ହୋଇଥିଲା । ପ୍ରଥମେ ଲାଲ ସ୍ପୋର୍ଟିଂ ଦଳ ୧୦ ଓଭରରେ ୬୩ ରନ କରିଥିଲେ। କନ୍ଧମାଳ ଦଳ ୬୪ ରନ କରି ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ବାଉଁଶୁଣୀ ଓ ବରଗୋଛା ମଧରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ପ୍ରଥମେ ବରଗୋଛା ଦଳ ବ୍ୟାଟିଂ କରି ୧୦୯ ରନ କରିଥିଲେ। ଜବାବରେ ବାଉଁଶୁଣୀ ଦଳ ୮୦ ରନ କରି ପରାଜୟ ହୋଇଥିଲା। ସେମିଫାଇନାଲ ମ୍ୟାଚର ମୁଖ୍ୟଅତିଥି ସୁଧାଂଶୁ ରଣା, ସରୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ନେପାକ, ଟୁକୁନ ମହାରଣା, ବବୁନ ମହାକୁଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରିଙ୍କୁ ତରିଆ ସ୍କୋରର ଥିଲେ ।



ଅତିଥିମାନଙ୍କ ସହିତ ଖେଳାଳିମାନେ ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବୌଦ୍ଧ,୩୦।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ରାଉତଙ୍କ ଗତ ଶୁକ୍ରବାର ରାତିରେ ପରଲୋକ ହୋଇଛି। ସ୍ୱର୍ଗତ ରାଉତ ଛତରଙ୍ଗ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଓ ଛତରଙ୍ଗ ଗ୍ରାମପଞ୍ଚାୟତର ପ୍ରଥମ ସରପଞ୍ଚ ଥିଲେ । ଦୀର୍ଘଦିନ ହେଲା ସେ ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ । ଶୁକ୍ରବାର ରାତିରେ ତାଙ୍କୁ ଭୁବନେଶ୍ୱର ନିଆଯାଉଥିବାବେଳେ ନୟାଗଡ ଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିମନ୍ୟୁଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଥିଲା । ଛତରଙ୍ଗ ଗ୍ରାମପଞ୍ଚାୟତରେ ସରପଞ୍ଚ ସୁଶୀଲ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ମରଶରୀର ନିଜ ଗ୍ରାମ ଛତରଙ୍ଗକୁ ଅଣାଯିବା ପରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଗାଁ ମଶାଣୀରେ ତାଙ୍କର ଶେଷକୃତ୍ୟ ସମାପନ କରାଯାଇଥିଲା।

## ଟ୍ରାଫିକ ସଚେତନତା ବାର୍ତ୍ତା ଦେଲା ବିଜୁ ଯୁବ ବାହିନୀ

**ସୋହେଲା,୩୦।୧୧(ଡି.ଏନ.ଏ)**

ସୋହେଲା ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ଶନିବାର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ' ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆରମ୍ଭ କରିଥିଲେ। ଏହି ଅବସରରେ ଯୁବ ବାହିନୀର ସଦସ୍ୟମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ସେମାନେ ସ୍ଥାନୀୟ ଅଗ୍ରସେନ ଭବନରୁ ବାହାରି ସାପ୍ତାହିକ ବଜାର ଦେଇ ଦୁର୍ଗାମନ୍ଦିର ପରିସରକୁ ଆସିଥିଲେ । ଜିଲା ପରିଷଦ ସଦସ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା, ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଜ୍ଞାନେନ୍ଦ୍ର ସାହୁ, ଗଜାନନ ସା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ରାଲିରେ ସୋହେଲା ପୋଲିସ ମଧ୍ୟ ସାମିଲ ହୋଇଥିଲା। ରାସ୍ତାରେ ଗାଡି ଚାଳକଙ୍କୁ ଯୁବ ବାହିନୀ ପକ୍ଷରୁ ଚକୋଲେଟ ଦେଇ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା ।

## ଫୁଟବଲ: ଅମଲିପାଲି ଚାମ୍ପିୟନ

**ଭେଡ଼େନ,୩୦।୧୧(ଡି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ୨୦୧୯ରେ ଅମଲିପାଲି ଦଳ ଚାମ୍ପିୟନ ହୋଇଛି। ଶନିବାର ଅପରାହ୍ଣରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଏହି ଦଳ ପତ୍ରାପାଲି ଏକାଦଶକୁ ଟାଇବ୍ରେକର ଯୋଗେ ୪-୨ ଗୋଲ ବ୍ୟବଧାନରେ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଫାଇନାଲ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ଅମଲିପାଲିର ନେତ୍ର ନାୟକ, ଶ୍ରେଷ୍ଠ ଗୋଲ କିପର ଭାବେ ଜାଙ୍ଗେଡ଼ର ରାଜେଶ ଭୋଇ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଅମଲିପାଲିର ସୁନୀଲ ସେଠ ଏବଂ ପ୍ରତିଯୋଗିତାର ଶୃଙ୍ଖଳିତ ଦଳ ଭାବେ ସିଆଲଖଣ୍ଡହଥାକୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଏବଂ ଭରତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସଞ୍ଜୟ ନନ୍ଦ ଏବଂ ପର୍ଶୁରାମ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥି ମାନଙ୍କ ସହ ଚାମ୍ପିୟନ ଦଳର ଖେଳାଳି ।

## ହରେକୃଷ୍ଣପୁର ବିଦ୍ୟାଳୟରେ ଆଇନ ସଚେତନତା ଶିବିର

**ବୌଦ୍ଧ,୩୦।୧୧(ଡି.ଏନ.ଏ)**

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ହରେକୃଷ୍ଣପୁର ଆଶ୍ରମ ବିଦ୍ୟାଳୟରେ ଶନିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପ୍ରମୁରାମ ଦାଶ ଅଧିକାରୀ ଉଦଘାଟନ କରିଥିଲେ । ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ, ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ, ଏସଡିପିଓ ସାଲେଷ୍ଟିନ ଟିଗା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ ପତି ଉପସ୍ଥିତ ଥିଲେ । ଶିବିରରେ ଆଇନସେବା ପ୍ରାଧିକରଣ ଅଧିନିୟମ ୧୯୮, ଲୋକ ଅଦାଲତ, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତ, ନ୍ୟାୟ ସଂଯୋଗ, ନାଗରିକର ମୌଳିକ କର୍ତ୍ତବ୍ୟ, ଶିଶୁ ଅଧିକାର ଆଇନ ଓ ତାର ସୁରକ୍ଷା ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ଶିବିରରେ ଛାତ୍ରୀଛାତ୍ର ଓ ମହିଳାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

### ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

**କନ୍ଧମାଳ,୩୦।୧୧(ଡିଏନଏ)**

ବୌଦ୍ଧ ଜିଲା ୪୧ ନମ୍ବର ରାଜ୍ୟ ରାଜପଥର କନ୍ଧମାଳ ପିଡକ୍ଲୁଡି ବଙ୍ଗଳା ସମ୍ମୁଖରେ ଏକ ଟ୍ରକ୍ ମାଡିଯିବାରୁ ଶନିବାର ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କାର୍ତ୍ତିକେୟ ସାହୁ ଓ ତାଙ୍କ ଘର ଫୁଲବାଣୀ ପିଅନ ପଡାରେ ବୋଲି ସୂଚନା ମିଳିଛି। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ବିଡିଓଙ୍କୁ ଘେରାଓ କରିବା ସହ ୩ ଘଣ୍ଟା ରାସ୍ତା ଅବରୋଧ କରିଥିଲେ । ବିଡିଓ ବନ୍ଦନା ଖଟୁଆ ମୃତକଙ୍କ ପରବାରକୁ ରେଡକ୍ରସ ତରଫରୁ ୧୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

ସୂଚନା ଅନୁସାରେ, କାର୍ତ୍ତିକେୟ ତାଙ୍କ ଭଡା ଘରୁ ବାଇକ ଯୋଗେ ସ୍କୁଲ ଆଡକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ପିଡବ୍ଲୁଡି ବଙ୍ଗଳା ସମ୍ମୁଖରେ ପଡିଯାଇଥିଲେ। ଏହି ସମୟରେ କଲରାକୋଠା ପଟୁ ବ୍ଲକ ଆଡକୁ ଆସୁଥିବା ଏକ ପାଇଖାନା ସଫା କରିବା ଗାଡି(ନଂ.ଏପି୨୯ଟିଏ/୬୮୩୦ )ର ପଛ ଚକ ତାଙ୍କ ଉପରେ ଉପରେ ଚଢିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।



ଲୋକମାନେ ରାସ୍ତା ଅବରୋଧ କରିଛନ୍ତି ।



"ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଘଣ୍ଟାଶୁଣୀ ଫୁଟବଲ: ଖଲିଆଖମାର ଚାମ୍ପିୟନ

ସଇଁତଲା, ୩୦।୧୧(ଡି.ଏନ.ଏ.): ସଇଁତଲା ବ୍ଲକ ଶିଶକେଲା ହାଇସ୍କୁଲ ଖେଳପଡ଼ିଆରେ ଘଣ୍ଟାଶୁଣୀ ଫୁଟବଲ ଟୁର୍ନାମେଣ୍ଟ ସମ୍ପନ୍ନ ହୋଇଛି। ଫାଇନାଲ ଖେଳ ଖଲିଆଖମାର ଓ ଚନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୌଣସି ଦଳ ଗୋଲ କରି ନ ପାରିବାରୁ ପେନାଲଟି ସୁଟ ଜରିଆରେ ଖଲିଆଖମାର ବିଜୟୀ ହୋଇଥିଲା । ଖେଳକୁ ଜିତେନ୍ଦ୍ର ଜାଲ, ରାଜେଶ ପୋଡ଼, ବିନୋଦ ବିହାରୀ ବେହେରା ଖେଳ ପରିଚାଳନା କରିଥିଲେ। ପବିତ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ବିଧାୟିକାଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ ଏବଂ ଯୁବନେତା ରାଜକିଶୋର ଡାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ସମ୍ପୃକ୍ତ ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ନିଜ ଅନୁଦାନ ପାଣ୍ଠିରୁ ପାଞ୍ଚଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଆୟୋଜକ କମିଟି ସଭାପତି ଡିକି ରଣା, ସମ୍ପାଦକ ପ୍ରମୋଦ ରଣା, ସରପଞ୍ଚ ଉମାକାନ୍ତ ରଣା, ସମିତି ସଭ୍ୟା କୁନି ଜେନା, ହରେକୃଷ୍ଣ ରଣା ସହ ମଲ୍ଟି ୟଙ୍ଗ ଷ୍ଟାର ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ବଲାଙ୍ଗୀର ଜିଲାରେ ୧୪୭୩ ଜଣଏଚ୍‌ଆଇଭି ସଂକ୍ରମିତ

# ମୃତ୍ୟୁବରଣ କଲେଣି ୨୨୩ ଏଡ୍‌ସ ରୋଗୀ

**ବୀରେନ୍ଦ୍ର କୁମାର ଝାଙ୍କର**
**ବଲାଙ୍ଗୀର ଅଫିସ, ୩୦।୧୧**




**ଆଜି ବିଶ୍ୱ ଏଡ୍‌ସ ଦିବସ**
- ପୁରୁଷ ସହ ପୁରୁଷ ଯୌନସମ୍ପର୍କ ରଖି ୧୨୪ ଜଣ ସଂକ୍ରମିତ
- ୯୯ ଦାଦନ ଶ୍ରମିକ, ୮୮ ଶିଶୁ, ୧୧ ଦେହଜୀବୀ ସଂକ୍ରମିତ

ବଲାଙ୍ଗୀର ଜିଲାରେ ଏଚ୍‌ଆଇଭି ସଂକ୍ରମଣକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜିଲା ଏଡ୍‌ସ ନିରାକରଣ ଏବଂ ପ୍ରତିଷେଧକ ୟୁନିଟ୍ (ଡାପ୍‌ସୁ)ରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୦୩ରୁ ଏଯାବତ୍ ଜିଲାରେ ୧୪୭୩ ଜଣ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି । ସେଥିରେ ୯୮୬ ଜଣ ପୁରୁଷ, ୩୯୯ ଜଣ ମହିଳା ଓ ୮୮ ଜଣ ଶିଶୁ ଏଚ୍‌ଆଇଭି ସଂକ୍ରମଣର ଶିକାର ହୋଇଛନ୍ତି । ୧୦୭ ଜଣ ଗର୍ଭବତୀ ମହିଳାଙ୍କ ଏଚ୍‌ଆଇଭି ଚିହ୍ନଟ ହୋଇଛି। ଏହି ସମୟ ସୀମା ମଧ୍ୟରେ ଜିଲାରେ ୨୨୩ ଜଣ ଏଡ୍‌ସ ରୋଗୀଙ୍କ ମୃତ୍ୟୁ ଘଟିଛି । ଏଚ୍‌ଆଇଭି ସଂକ୍ରମିତ ଲୋକଙ୍କ ମଧ୍ୟରେ ପୁରୁଷ ସହ ପୁରୁଷ ଯୌନସମ୍ପର୍କ ରଖିଥିବା ୧୨୪ ଜଣ, ମହିଳା ଦେହଜୀବୀ ୧୧, ଡ୍ରାଇଭର ୫୭, ପୁରୁଷ ଦାଦନ ଶ୍ରମିକ ୧୧୩ ଓ ମହିଳା ଦାଦନ ଶ୍ରମିକ ୧୪ ଜଣ ସଂକ୍ରମିତ ଥିବା ଚିହ୍ନଟ କରାଯାଇଛି । ଅକ୍ଟୋବର ମାସ ପର୍ଯ୍ୟନ୍ତ ଜିଲାରେ ୧୪୭୩ ଜଣ ଏଚ୍‌ଆଇଭି ସଂକ୍ରମିତ ଥିବା ଏବଂ ସେମାନଙ୍କ ମଧ୍ୟରୁ ୧୩୬୯ ଜଣ ଏଆରଟି ପଞ୍ଜୀକୃତ ଥିବା ଜଣାପଡିଛି । ଏଚ୍‌ଆଇଭି ସଂକ୍ରମିତ ୧୪୭୩ ଜଣଙ୍କ ମଧ୍ୟରୁ ବଲାଙ୍ଗୀର ବ୍ଲକ୍‌ରେ ସର୍ବାଧିକ ୨୦୫ ଜଣ, ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳରେ ୧୪୭ ଜଣ ଏଭଳି ସମୁଦାୟ ୩୬୭ ଜଣ ସଂକ୍ରମିତ ବ୍ୟକ୍ତି ରହିଛନ୍ତି। ସେହିପରି ଟିଟିଲାଗଡ ବ୍ଲକ୍‌ରେ ୧୭୪ ଓ ଟିଟିଲାଗଡ ମ୍ୟୁନିସିପାଲିଟି ଅଞ୍ଚଳରେ ୧୩୦ ଜଣ ଏଭଳି ୩୦୪ ଜଣ ସଂକ୍ରମିତ ରହିଛନ୍ତି । ପାଟଣାଗଡ ବ୍ଲକ୍ ଅଞ୍ଚଳରେ ୧୬୩ ଓ ପାଟଣାଗଡ ବିଜ୍ଞପିତ ଅଞ୍ଚଳ ପରିଷଦରେ ୧୨ ଏଭଳି ସମୁଦାୟ ୧୭୫ ଜଣ ଏଚ୍‌ଆଇଭି ସଂକ୍ରମିତ ରହିଛନ୍ତି । ତୁରେକେଲା ବ୍ଲକ୍ ଅଞ୍ଚଳରେ ୭୮ ଓ କଣ୍ଟାବାଞ୍ଜି ବିଜ୍ଞପିତ ଅଞ୍ଚଳ ପରିଷଦରେ ୪୨ ଏଭଳି ସମୁଦାୟ ୧୨୦ ଜଣ ସଂକ୍ରମିତ ରହିଛନ୍ତି। ଏହାସହିତ ବଙ୍ଗୋମୁଣ୍ଡା ବ୍ଲକ୍‌ରେ ୭୬, ସଇଁତଲାରେ ୭୫, ମୁରିବାହାଲରେ ୬୫, ଲୋଇସିଂହାରେ ୫୭, ପୁଇଁତଲାରେ ୭୩, ଦେଓଗାଁରେ ୪୮, ଖପ୍ରାଖୋଲରେ ୩୫, ବେଲପଡାରେ ୪୨, ଆଗଲପୁରରେ ୧୭ ଓ ଗୁଡଭେଲା ବ୍ଲକ୍‌ରେ ୧୯ ଜଣ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡିଛି। ଅସୁରକ୍ଷିତ ଯୌନସମ୍ପର୍କ, ସଂକ୍ରମିତ ରକ୍ତଗ୍ରହଣ, ସଂକ୍ରମିତ ଛୁଞ୍ଚି ବ୍ୟବହାର ଦ୍ୱାରା ତଥା ସଂକ୍ରମିତ ବ୍ୟକ୍ତିଙ୍କ ଠାରୁ ଜନ୍ମଗ୍ରହଣ କରିଥିବା ସନ୍ତାନଙ୍କଠାରେ ଏଚ୍‌ଆଇଭି ଦେଖାଯାଏ। ତେବେ ବଲାଙ୍ଗୀର ଜିଲାରେ ଉପରୋକ୍ତ ମାଧ୍ୟମଗୁଡିକ ମଧ୍ୟରୁ ଅସୁରକ୍ଷିତ ଯୌନସମ୍ପର୍କ ଦ୍ୱାରା ସବୁଠୁ ବେଶୀ ଏଚ୍‌ଆଇଭି ସଂକ୍ରମଣ ହେଉଥିବା ଜଣାପଡିଛି । ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟାରେ ସବୁଠୁ ଅଧିକ ରହିଛନ୍ତି ଯୁବକ, ଯୁବତୀ ଓ ମଧ୍ୟବୟସ୍କ। ଯେଉଁମାନଙ୍କ ବୟସ ୨୦ରୁ ୪୫ ବର୍ଷ ହେବ। ଅନେକ ଯୁବକ ଅବୈଧ ଦୈହିକସମ୍ପର୍କ ରଖି ସଂକ୍ରମଣର ଶୀକାର ହେଉଥିବାବେଳେ ଅଜାଣତରେ ପୁଣି ନିଜ ସ୍ତ୍ରୀ ଓ ଅନ୍ୟମାନଙ୍କୁ ସଂକ୍ରମିତ କରୁଥିବା ଜଣାପଡିଛି । ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳରେ ଅସୁରକ୍ଷିତ ଯୌନସମ୍ପର୍କଜନିତ କାରଣରୁ ଏଚ୍‌ଆଇଭି ସଂକ୍ରମଣର ଶୀକାର ହେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡିଛି । ଖୋଲା ଦେହ ବ୍ୟବସାୟ ବୃଦ୍ଧି ପାଉଛି। ଇତିମଧ୍ୟରେ ପୋଲିସ ବଲାଙ୍ଗୀର ସହରର ୩ଟି ସ୍ଥାନରେ ଚଢ଼ାଉ କରି ଦେହ ବ୍ୟବସାୟର ପର୍ଦ୍ଦାଫାଶ କଲେଣି। କିଛିଦିନ ତଳେ ଗୋପବନ୍ଧୁ ନଗରରେ ଜଣେ ମହିଳା ଚଳାଇ ଆସିଥିବା ବେଶ୍ୟାଳୟକୁ ପଡାର ମହିଳାମାନେ ସଂଘବଦ୍ଧ ଭାବେ ଘେରି ପୋଲିସ ଜିମା ଦେଇଥିଲେ। ଏହା ସହିତ ଜିଲାର ଦାଦନ ସମସ୍ୟା ଏଚ୍‌ଆଇଭି ସଂକ୍ରମଣର ଅନ୍ୟତମ ପ୍ରମୁଖ କାରଣ ଭାବେ ଚିହ୍ନଟ କରାଯାଇଛି। ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ଅସାବଧାନତା ଓ ଅସୁରକ୍ଷିତ ଯୌନ ସମ୍ପର୍କ କାରଣରୁ ଏଚ୍‌ଆଇଭି ସଂକ୍ରମଣର ଶିକାର ହେଉଛନ୍ତି। ବଲାଙ୍ଗୀର ଜିଲା ଏଚ୍‌ଆଇଭି ସଂକ୍ରମଣ ତାଲିକାରେ ରାଜ୍ୟରେ ଏ କାଟାଗରି ଜିଲା ଭାବେ ପରିଗଣିତ। ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ତରଫରୁ ଜିଲାରେ ଏଚ୍‌ଆଇଭି ସଚେତନତା କାର୍ଯ୍ୟ ଜାରି ରହିଛି । ତେବେ ଜିଲାରେ ଆହୁରି ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ବଲାଙ୍ଗୀର ଜିଲାର ଏଡ୍‌ସ ଓ ଏଚ୍‌ଆଇଭି ସଂକ୍ରମଣଜିନତ ସ୍ଥିତିକୁ ନେଇ ଡାପ୍‌ସୁ ଡିପିଏମ୍ ରାଜେନ୍ଦ୍ର ମହାରଣାଙ୍କୁ ପଚାରିବାରୁ ଜିଲାର ଏଚ୍‌ଆଇଭି ତଥ୍ୟକୁ ଅନୁଧ୍ୟାନ କଲେ ଅସୁରକ୍ଷିତ ଯୌନସମ୍ପର୍କରୁ ସଂକ୍ରମଣ ସଂଖ୍ୟା ଅଧିକ ବୋଲି କହିଛନ୍ତି। ତେବେ ଜିଲାରେ ପୂର୍ବାପେକ୍ଷା ଏଚ୍‌ଆଇଭି ସଂକ୍ରମଣ ହାରରେ ଯଥେଷ୍ଟ ହ୍ରାସ ଘଟିଥିବା ସେ ସୂଚନା ଦେଇଛନ୍ତି । ଜିଲାର ଏଚ୍‌ଆଇଭି ସଂକ୍ରମିତ ରୋଗୀଙ୍କୁ ଅନେକ ସମୟରେ ଔଷଧ ମିଳୁନଥିବା ଅଭିଯୋଗ ହୋଇଆସୁଛି। ଏଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି ।

### ଇତିହାସ ବିଭାଗର ଆଲୋଚନାଚକ୍ର

**ଲୋଇସିଂହା, ୩୦।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ 'ଭାରତ ଇତିହସ ଉପାଦାନର' ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ଦାଶ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ଅଧ୍ୟକ୍ଷ ତ୍ରିବିକ୍ରମ ଦାଶ ଯୋଗଦାନ କରି ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ । ଯୁକ୍ତ ତିନି ପ୍ରଥମ ପର୍ଯ୍ୟାୟ ଛାତ୍ର ଗିଲୁ ବାରିକ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ଦାଶ ଓ ସନ୍ତୋଷ କୁମାର ସିଂଲାଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ପାଠଚକ୍ର ସମ୍ପାଦକଭାବେ ରଣଜିତ ବେହେରା, ସହ ସମ୍ପାଦକ ହେମନ୍ତ ବାଗ, କୋଷାଧ୍ୟକ୍ଷ ଆଶିଷ ଭୋଇଙ୍କୁ ଚୟନ କରାଯାଇଥିଲା। ସଭା ପ୍ରାରମ୍ଭରୁ ଅଧ୍ୟାପକ ସିଂଲାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହେମନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଦେଉଥାଏ ପରକୁ**
**ବୁଦ୍ଧି ନ ଦିଶଇ ଘରକୁ ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର । କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେବେ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଅ ନନ୍ଦ !**
**କିଏ ଜାଣିଥିଲା ଏତେ ଛନ୍ଦ ।**

କାହାର କେଉଁ ଗୁଣ ଅଛି ତା' ସହ ମିଳାମିଶା ନ କଲେ ଜଣାପଡ଼େ ନାହିଁ। ଅନ୍ତରର ଭାବ ବୁଝିବା ନିହାତି କଷ୍ଟକର। ସବୁ ଭିତିରି କଥା, ଭିତିରି ଉଦ୍ଦେଶ୍ୟ ଓ ରହସ୍ୟ ଆଗରୁ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ମହିଳା ଡାକ୍ତର ଓ ମାନସିକ ରୋଗୀଙ୍କୁ ହତ୍ୟା ଘଟଣାର ପ୍ରତିବାଦ

# କ୍ୟାଣ୍ଡେଲ ରାଲି, ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯାଉ

**ବଲାଙ୍ଗୀର ଅଫିସ, ୩୦।୧୧**

ହାଇଦ୍ରାବାଦ ଠାରେ ପ୍ରାଣୀଧନ ଚିକିତ୍ସକ ଡା.ପ୍ରିୟଙ୍କା ରେଡ୍ଡିଙ୍କୁ ଗଣବଳାତ୍କର ପରେ ଜୀଅନ୍ତା ଜାଳିଦେଇ ହତ୍ୟା କରିବା ଓ ବଲାଙ୍ଗୀରର ମାନସିକ ରୋଗୀ ଶ୍ରୀହରି ପ୍ରଧାନଙ୍କୁ ପିଟିପିଟି ମାରିଦେବା ଘଟଣାର ପ୍ରତିବାଦରେ ସ୍ଥାନୀୟ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ମହିଳା ଶାଖା ପକ୍ଷରୁ ଶନିବାର ସନ୍ଧ୍ୟାରେ ସହରରେ କ୍ୟାଣ୍ଡେଲ ରାଲି କରାଯାଇଛି। ଏହା ସହ ଉଭୟ ଘଟଣାର ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଥିଲା । ହାଇଦ୍ରାବାଦ୍‌ର ଡାକ୍ତର ପ୍ରିୟଙ୍କା ରେଡ୍ଡି ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ସମଗ୍ର ଦେଶରେ ଆକ୍ରୋଶ ଦେଖାଦେଇଛି । ବିଙ୍ଗ ହ୍ୟୁମାନ ମହିଳା ଶାଖା ତରଫରୁ ଡା. ପ୍ରିୟଙ୍କା ରେଡ୍ଡିଙ୍କ ଉଦ୍ଦ୍ୟେରେ କ୍ୟାଣ୍ଡେଲ ରାଲି କରାଯାଇ କଚେରୀ ଛକରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ଥାନୀୟ ଶ୍ରମିକ ଭବନରୁ ରାଲି ବାହାରିଥିଲା । ଏଥିରେ ବହୁ ଯୁବତୀ ଓ ଯୁବକ ସାମିଲ ହୋଇଥିଲେ । କଚେରୀ ଛକରେ ପ୍ରତିବାଦ ସଭା କରାଯାଇ ଡା. ରେଡ୍ଡିଙ୍କ ଅଭିଯୁକ୍ତମାନଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିବା ପାଇଁ ଦାବି କରାଯାଇଥିଲା । ସେହିପରି ବଲାଙ୍ଗୀର ସହର ଶାନ୍ତିପଡା ଠାରେ ମାନସିକ ରୋଗୀ ଶ୍ରୀହରି ପ୍ରଧାନଙ୍କୁ ପିଟିପିଟି ହତ୍ୟା କରାଯିବା ଘଟଣାକୁ ନିନ୍ଦା କରାଯାଇ ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା । ଏହି ଶୋଭାଯାତ୍ରାରେ ମହିଳା ଶାଖାର ଲିପସା ସାହୁ, ସିଜଲ ମିଶ୍ର, ଦିବ୍ୟାରାଣୀ ଜେନା, ରିଙ୍କି ବରାଳ, ଶିବାନୀ ମହାପାତ୍ର, ସୁନୀତା ବେହେରା, ନର୍ମଦା ମିଶ୍ର, ରିଙ୍କି ସାହୁ, ଲିଲି ପଟେଲ, ରୋଜା ମିଶ୍ର, ଶତାବ୍ଦୀ ନନ୍ଦ, ଅନସୂୟା ପ୍ରଧାନ, ଶୁଭଶ୍ରୀ ଗରୁଡ, ସଞ୍ଜନା ଛତ୍ରିଆ, ପୂର୍ବତନ ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ପୂର୍ବତନ କାଉନସିଲର ମମତା ଜେନା, ସାଗରିକା ଗୁରୁଙ୍କ ସହ ମହିଳା ମଞ୍ଚ, ଯୁବ ଆକ୍ସନ କମିଟି, ଗ୍ୟାଲେକ୍ସି କୋଚିଂ ଓ ଏସଆଇଟିମ୍ ଅନୁଷ୍ଠାନର ସଭ୍ୟାସଭ୍ୟ ସାମିଲ ହୋଇଥିଲେ ।



ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ ମହିଳା ଶାଖା ପକ୍ଷରୁ କ୍ୟାଣ୍ଡେଲ ରାଲି କରାଯାଉଛି ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 – 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

EDUCATION

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରିମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113, 9337594620
CORRESPONDENCE COURSE ALSO AVAILABLE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ
ଛାଇ ଭଳି ଚାଲିଥାଏ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ରିଷିଡ଼ା- ମ.ରାମପୁର ମୁଖ୍ୟରାସ୍ତା ଅନାବନାଗଛ ପୂର୍ଣ୍ଣ

**ରିଷିଡା,୩୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା-ମ.ରାମପୁର ମୁଖ୍ୟରାସ୍ତାର ବଡଡୁଙ୍ଗୁରୀଗୁଡା କଲୋନୀରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଅନାବନା ଗଛଗୁଡିକ ରହିଛି। ସେଗୁଡ଼ିକ ସଫେଇ କରାଯାଉ ନ ଥିବାରୁ ରାସ୍ତାରେ ଯାନବାହନ ଚଳାଚଳରେ ଅସୁବିଧା ହେଉଛି । ଏଥି ସହିତ ଏହି ରାସ୍ତାର ଅନେକ ସ୍ଥାନରେ ଏଭଳି ସମସ୍ୟା ଦେଖାଦେଇଛି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ପିଆଜ ଦର କମୁନି

**ରିଷିଡା,୩୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ପିଆଜ ଚାଷ ଅଧିକ ପରିମାଣରେ କରାଯାଏ । ବ୍ଲକର ରିଷିଡା, ତେରେସିଂହା, ପୌରକେଲା ଅଞ୍ଚଳର ଚାଷୀ ଅମଳ ସମୟରେ ପିଆଜ ୧୦ରୁ ୧୨ ଟଙ୍କା କିଲୋପ୍ରତି ବିକ୍ରି କରିଥିଲେ। ଏବେ ସେହି ଚାଷୀଙ୍କୁ ପିଆଜ କିଣିବାକୁ ୮୦ ରୁ ୧୦୦ ଟଙ୍କା ଦେବାକୁ ପଡୁଛି । ଏହି ବ୍ଲକରେ ପିଆଜ ପାଇଁ ଶୀତଳ ଭଣ୍ଡାର ନ ଥିବାରୁ ଏହି ଭଳି ସମସ୍ୟା ଦେଖାଦେଇଛି । ପିଆଜ ସଂରକ୍ଷଣ ଗୃହରେ ଚାଷୀ ପିଆଜ ରଖୁନାହାନ୍ତି ।

ଅଧାରୁ ପାଠପଢ଼ା ଛାଡ଼ିଥିବା ପିଲା ସ୍କୁଲମୁହାଁ ହେଲେ

# ୧୭ କ୍ଲଷ୍ଟରରୁ ୩୧୮ ଛାତ୍ରୀଛାତ୍ର ଫେରିଲେ

**ନୂଆପଡ଼ା ଅଫିସ, ୩୦।୧୧**

ନୂଆପଡା ଭଳି ଏକ ଉପାନ୍ତ ତଥା ଶିକ୍ଷାକ୍ଷେତ୍ରରେ ଅବହେଳିତ ଜିଲାରେ ପ୍ରାଥମିକ ଶିକ୍ଷାର ଅବସ୍ଥା ଦୋଦୁଲ୍ୟମାନ ହୋଇପଡିଥିବା ବେଳେ ବର୍ତ୍ତମାନ ଏଥିରେ ସୁଧାର ଆଣିବାକୁ ପ୍ରୟାସ ଚାଲିଛି। ସରକାରଙ୍କ ସାଥ-ଇ-ସାଥ କାର୍ଯ୍ୟକ୍ରମକୁ ପାଥେୟ କରି ବର୍ତ୍ତମାନ ଜିଲାର ସଦର ବ୍ଲକରେ ଅଧାରୁ ପାଠପଢା ଛାଡିଥିବା ପିଲାଙ୍କୁ ସ୍କୁଲକୁ ପ୍ରତ୍ୟାବର୍ତ୍ତନ ଧାରା ଆରମ୍ଭ ହୋଇଛି। ଏହିକ୍ରମରେ ନୂଆପଡା ବ୍ଲକରେ ମୋଟ ୧୭ଟି କ୍ଲଷ୍ଟରରୁ ୩୧୮ଜଣ ଛାତ୍ରୀଛାତ୍ର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା କରାଯାଇଛି ।

ସୂଚନା ଯେ, କିଛି ଦିନତଳେ ଜିଲାରେ ପ୍ରଥମ କରି ଗତ ୧୩ ତାରିଖରେ ବ୍ଲକର ସମସ୍ତ କ୍ଲଷ୍ଟରରେ ବୈଠକ ବସିଥିଲା । ଏଥିରେ କ୍ଲଷ୍ଟର ବିଦ୍ୟାଳୟଗୁଡିକରେ ସମସ୍ତ ପ୍ରଧାନଶିକ୍ଷକ, ପଞ୍ଚାୟତିରାଜ ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ସମସ୍ତଙ୍କୁ ଅଧାରୁ ପାଠପଢା ଛାଡିଥିବା ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ମୁହାଁ



ସରେଇ ପାଲି ସ୍କୁଲ ପରିସରରେ ଅଧାରୁ ପାଠପଢା ଛାଡିଥିବା ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ଏବଂ ଅଧିକାରୀଗଣ।

**ସରେଇପାଲି ଗାଁରୁ ୧୦ଜଣ**

କରିବାକୁ ପ୍ରୟାସ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ସେହି ଦିନଠାରୁ ବିଇଓ ଡ.ରେଶମଲାଲ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବିଇଓ ଚୈତରାମ ନାଏକ, ରାଧେଶ୍ୟାମ ମେହେର ତଦାରଖ କରିଥିବାବେଳେ ସମସ୍ତ ସିଆରସିସି, ପ୍ରଧାନଶିକ୍ଷକ ନିୟୋଜିତ ଥିଲେ। ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ କୌଣସି କାରଣବଶତଃ ବିଦ୍ୟାଳୟ ଛାଡିଥିବା ପିଲାଙ୍କୁ ବୁଝାଇଥିଲେ। ଅଭିଭାବକମାନଙ୍କୁ ସ୍କୁଲକୁ ଆସିବାକୁ ପ୍ରବର୍ତ୍ତାଇଥିଲେ। ବର୍ତ୍ତମାନ ସୁଦ୍ଧା ମେଦାଟ ୩୧୮ଜଣ ଛାତ୍ରୀଛାତ୍ର ସ୍କୁଲକୁ ଫେରିଛନ୍ତି । ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ, ପୋଷାକ, ଯୋଗ ଆଦି କାର୍ଯ୍ୟକ୍ରମରେ ଭାଗ ନେଉଥିବା ଦେଖାଯାଇଛି। ଶନିବାର ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ବିଭିନ୍ନ ସ୍କୁଲ ପରିଦର୍ଶନ କରି ଏହି କାର୍ଯ୍ୟକ୍ରମକୁ ଦେଖିଛନ୍ତି । ଅଧାରୁ ପାଠ ଛାଡିଥିବା ପିଲାମାନେ ଆଗ୍ରହ ସହକାରେ ସ୍କୁଲକୁ ଆସି ପାଠପଢାରେ ସାମିଲ ରହିଥିବା ଦେଖିବାକୁ ପାଇଥିଲେ। ସେ ନିଜେ ସରେଇପାଲି ଗ୍ରାମକୁ ପରିଦର୍ଶନ କରି ନିଜ ଉଦ୍ୟମରେ ୧୦ଜଣ ପିଲାଙ୍କୁ ସ୍କୁଲକୁ ଆଣିଥିଲେ। ସେମାନଙ୍କୁ ସଫଳ ଭାବେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ଦେଇଥିଲେ। ଏହା ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ ବୋଲି କହିଛନ୍ତି । ଆଗକୁ ଏହି କାର୍ଯ୍ୟକ୍ରମକୁ ଜିଲାବ୍ୟାପି ସଫଳ ଭାବେ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଦେଉଥାଏ ପରକୁ**
**ବୁଦ୍ଧି ନ ଦିଶଇ ଘରକୁ ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକେ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଅ ନନ୍ଦ !**
**କିଏ ଜାଣିଥିଲା ଏତେ ଛନ୍ଦ ।**

କାହାର କେଉଁ ଗୁଣ ଅଛି ତା' ସହ ମିଳାମିଶା ନ କଲେ ଜଣାପଡ଼େ ନାହିଁ। ଅନ୍ତରର ଭାବ ବୁଝିବା ନିହାତି କଷ୍ଟକର। ସବୁ ଭିତିରି କଥା, ଭିତିରି ଉଦ୍ଦେଶ୍ୟ ଓ ରହସ୍ୟ ଆଗରୁ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ କ୍ୟାଡର) ଜରୁରୀ ବୈଠକ

**ଭବାନୀପାଟଣା,୩୦।୧୧(ଡି.ଏନ.ଏ.)**

ଭବାନୀପାଟଣା ପ୍ରାଥମିକ ଶିକ୍ଷକ ଭବନଠାରେ ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସକ୍ୟାଡର)ର ଜିଲା ସଭାପତି ସୁବ୍ରତ ଦଣ୍ଡସେନାଙ୍କ ସଭାପତିତ୍ୱରେ ଶନିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍କ କେଡର ଶିକ୍ଷକମାନଙ୍କ ୬ ମାସର ବକେୟା ଦରମା ପ୍ରଦାନ, ଏନ୍.ପି.ଏସ୍ କାର୍ଯ୍ୟକାରୀ କରିବା ଏବଂ ଓଟିଇଟି ପରୀକ୍ଷାରେ ବ୍ୟାପକ ତ୍ରୁଟିର ପ୍ରତିବାଦରେ ରାଜ୍ୟ ସଂଘର ଡାକରାକୁ ସମର୍ଥନ ଜଣାଇ ଜିଲାର ସମସ୍ତ ଏକ୍ସକେଡର ଶିକ୍ଷକ ଆସନ୍ତା ୩ ତାରିଖ ଭୁବନେଶ୍ୱର ଲୋୟର ପି.ଏମ.ଜି.ରେ ବିକ୍ଷୋଭରେ ଅଂଶ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦ ପ୍ରଶାନ୍ତ ଖମାରୀ, ଜିଲା ସଂଘର ବରିଷ୍ଠ ଉପଦେଷ୍ଟା ତଥା ମିଡିଆ ସଂଯୋଜକ ପ୍ରଶାନ୍ତ ପ୍ରଧାନ, ଜିଲା ଉପସଭାପତି ଟୁନା ସ୍ୱାଇଁ, ସହସମ୍ପାଦକ ଗଗନ ବିହାରୀ ପଟ୍ଟନାୟକଙ୍କ ସମେତ ସମସ୍ତ ଜିଲା କର୍ମକର୍ତ୍ତା ତଥା ବ୍ଲକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ କଳାହାଣ୍ଡିର ଅଭିଲିପ୍ସା ସମ୍ବର୍ଦ୍ଧିତ

**ଭବାନୀପାଟଣା,୩୦।୧୧(ଡି.ଏନ.ଏ.)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ୩୦ତମ ସମାବର୍ତ୍ତନ ଉତ୍ସବରେ କଳାହାଣ୍ଡି ଜିଲା ଭବାନୀପାଟଣା ସରାକରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ଅଭିଲିପ୍ସା ପଟ୍ଟନାୟକଙ୍କୁ ରାଜ୍ୟପାଳ ଗଣେଷୀଲାଲ ସମ୍ବର୍ଦ୍ଧିତ କରିଛନ୍ତି। ସୋସିଆଲ ମିଡିଆର ଅପକାରିତା ଏବଂ ଉପକାରିତା ସମ୍ପର୍କିତ ରାଜ୍ୟସ୍ତରୀୟ ପ୍ରିତେଯାଗିତାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାଇସ୍ଚାନସେଲର୍ କପ୍ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଏହି ଅବସରରେ



ଅଭିଲିପ୍ସା ପଟ୍ଟନାୟକଙ୍କୁ ରାଜ୍ୟପାଳ ଗଣେଶୀ ଲାଲ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜ୍ୟପାଳ ଗଣେଶୀ ଲାଲଙ୍କ ସମେତ ପ୍ରଧାନ ମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ ମିଶ୍ରଙ୍କ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଅଭିଲିପ୍ସାଙ୍କ ଏହି ସଫଳତାକୁ ନେଇ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳରେ ଖୁସିର ଲହରି ଖେଳିଯାଇଛି।

# ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଗ୍ରାମସଭା, ଚିଠା ପ୍ରସ୍ତୁତ

**କେସିଙ୍ଗା,୩୦।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପରଲସିଙ୍ଗା ଗ୍ରାମପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଗ୍ରାମସଭା ଓ ଚିଠା ପ୍ରସ୍ତୁତି କାର୍ଯ୍ୟକ୍ରମ ଶନିବାର ଗ୍ରାମପଞ୍ଚାୟତର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଗ୍ରାମସଭାରେ ପରଲସିଙ୍ଗା, ଯୁର୍କାଭାଡି, ସଅଁରାପଦର, ବାହାଦୂରପିଟା, ଉମରମାଲ ଆଦି ଗ୍ରାମର ରାସ୍ତା, ପୋଖରୀ, କଂକ୍ରିଟକରଣ ଆଦି ବିଷୟରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଗ୍ରାମ ସଭା ଓ ଚିଠା ପ୍ରସ୍ତୁତ କରାଯାଇଥିଲା। ଗ୍ରାମ ସଭାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ବିଭିନ୍ନ ଗ୍ରାମରୁ ଆସିଥିବା ୱାର୍ଡମେମ୍ବରମାନେ



ଗ୍ରାମସଭାରେ ଉପସ୍ଥିତ କର୍ମଚାରୀ ଓ ସଭ୍ୟାସଭ୍ୟ ବୃନ୍ଦ।

**ପରଲସିଙ୍ଗା ଗ୍ରାମପଞ୍ଚାୟତ**

ପ୍ରସ୍ତାବ ଆଗତ କରିଥିଲେ। ଯେଉଁ ହିତାଧିକାରୀମାନେ ପ୍ରଧାନଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ପାଇନାହାନ୍ତି ସେହିମାନଙ୍କୁ ଆସନ୍ତା ୨୦୨୦-୨୧ ଆର୍ଥିକ ବର୍ଷରେ ଦିଆଯିବା ପାଇଁ ଗ୍ରାମ ସଭାରେ ପ୍ରସ୍ତାବ ଆଗତ କରାଯାଇଥିଲା । ଏହି ଗ୍ରାମ ସଭାକୁ ବିଇଓ କଲ୍ୟାଣ କୁମାର ସାହୁ ପରିଚାଳନା କରିଥିଲେ। ସରପଞ୍ଚ କିଶୋର ବାଗଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନାଏବ ସରପଞ୍ଚ କୁମାରୀ ନାଏକ, ଜିଆରଏମ ନିତେଶ ବିଶି, ସମସ୍ତ ୱାର୍ଡମେମ୍ବର, ସଭ୍ୟାସଭ୍ୟ ଓ ଗ୍ରାମବାସୀ ଯୋଗଦେଇ ଶାନ୍ତିଶୃଙ୍ଖଳା ଭାବରେ ଗ୍ରାମ ସଭା ଶେଷ ହୋଇଥିଲା ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

ଭାରତର ନଂ.1 COMPANY
AMERICAN
TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍ସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, କୁଆ-ସଙ୍ଗା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଙ୍ଗା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

EDUCATION

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office
G-79, Adarsh Nagar, Karol Bagh
7082322494
7496805598

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମକୁ ପାପ କାର୍ଯ୍ୟ କରିବାକୁ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଧକ୍କା ମାରି ବାଇକ୍ ଆରୋହୀଙ୍କଠାରୁ ୪୦ ହଜାର ଟଙ୍କା ଲୁଟ୍

**ଲୋଇସିଂହା, ୩୦।୧୧(ଡି.ଏନ.ଏ):** ଦୀର୍ଘଦିନର ନିରବତା ଭଙ୍ଗ କରିଛନ୍ତି ଲୁଟେରା। ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା -ଡୁଡୁକା ରାସ୍ତାର ସାନଫାସଡ ଠାରେ ୩ ଜଣ ଦୁର୍ବୃତ୍ତ ଦୁଇ ଜଣ ବାଇକ ଆରୋହୀଙ୍କୁ ଧକ୍କା ଦେଇ ବାଇକ୍ ଡିକିରୁ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଛାଏଁଛାପର ଗାଁର କପିଲେ ରାଏ। ଏନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନାମତେ, ଲୋଇସିଂହା ଥାନା ଅଧୀନ ଆଗଲପୁର ବ୍ଲକର ବଡଟିକା ପଞ୍ଚାୟତ ଅନ୍ତର୍ଗତ ଛାଏଁଛାପର ଗାଁର ବୃଦ୍ଧ କପିଲେ ରାଏ (୬୩) ଓ ଏକା ସଲତର ଡୁଡକା ଏସବିଆଇ ଶାଖାକୁ ଶୁକ୍ରବାର ଟଙ୍କା ଉଠାଇବାକୁ ଯାଇଥିଲେ। କପିଲେ ରାଏ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ ଗାଁକୁ ଫେରୁଥିଲେ। ଏକା ସଲତର ବାଇକ ଚଳାଉଥିବାବେଳେ କପିଲେ ବାଇକ ପଛରେ ବସିଥିଲେ। ସେମାନେ ସାନଫାସଡ ଗାଁ ନିକଟକୁ ଆସିବା ପରେ କଳା ରଙ୍ଗର ପଲସରରେ ପିଛା କରୁଥିବା ୩ ଜଣ ଯୁବକ ସେମାନଙ୍କ ଚଳନ୍ତା ବାଇକକୁ ଧକ୍କା ଦେଇଥିଲେ। କପିଲେ ଏବଂ ଏକା ତଳେ ପଡିଯିବା ପରେ ଦୁର୍ବୃତ୍ତମାନେ ଆସି ବାଇକ ଡିକରୁ ୪୦ ହଜାର ଟଙ୍କା ଲୁଟି ସାଲେଭଟା ପଟକୁ ଚମ୍ପଟ ମାରିଥିଲେ। କପିଲେ ଏବଂ ଏକା ସନ୍ଧ୍ୟାରେ ଲୋଇସିଂହା ଥାନାକୁ ଆସି ଘଟଣା ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ. ୩୧୭।୧୯) ରୁଜୁ କରିଛି। ସନ୍ଧ୍ୟାରେ ଘଟଣାସ୍ଥଳ ପରିଦର୍ଶନ କରିଥିବା ଓ ଅନୁସନ୍ଧାନ ଚଳାଇଥିବା ଏସଆଇ ଆର୍ତ୍ତତ୍ରାଣ ସାହୁ ପ୍ରକାଶ କରିଛନ୍ତି।

**ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।





ବଲାଙ୍ଗୀର ପୋଲିସ ଦ୍ୱାରା ଗିରଫ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍‌ର ୪ ସଦସ୍ୟ (ବାମ)। ଜବତ ଟଙ୍କା, ମୋବାଇଲ ଓ ଅନ୍ୟ ସାମଗ୍ରୀ।

ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟୁଥିଲେ ଆସ୍କା ଗ୍ୟାଙ୍ଗ୍

# ୫ ଆନ୍ତଃ ରାଜ୍ୟ ଲୁଟେରା ଗିରଫ

**ବଲାଙ୍ଗୀର ଅଫିସ, ୩୦।୧୧**

- ରାଜୀବ ନଗର ଭଡାଘରୁ ପରିଚାଳିତ ହେଉଥିଲା
- ମହିଳା ରାନ୍ଧୁଥିଲେ, ୪ ପୁରୁଷ ଲୁଟ୍ କରୁଥିଲେ
- ଟିଟିଲାଗଡ, ସଇଁତଲା, ମୁରିବାହାଲରେ ଲୁଟ୍ କରିଥିଲେ
- ଲୁଟ୍ କରିଥିଲେ ୫ ଲକ୍ଷ ୧୨ ହଜାର ଟଙ୍କା
- ଉଦ୍ଧାର ହୋଇଛି ୨ ବାଇକ୍ ସହ ୧୯ ହଜାର ଟଙ୍କା

ବାଇକ୍ ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍ କରୁଥିବା ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ବଲାଙ୍ଗୀର ପୋଲିସ ସଫଳ ହୋଇଛି। ଗଞ୍ଜାମ ଜିଲା ଆସ୍କା ଅଞ୍ଚଳରୁ ଆସି ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଲୁଟ୍‌ପାଟ କରୁଥିବା ଏହି ଗ୍ୟାଙ୍ଗ୍‌ର ୫ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ଠାରୁ ୧୯ ହଜାର ୭ ଶହ ଟଙ୍କା, ୨ଟି ବାଇକ୍, ୧୧ ମୋବାଇଲ ଫୋନ୍, ୨ଟି ମାଷ୍ଟର ଚାବି ଓ ପ୍ୟାଣ୍ଟସାର୍ଟ ଜବତ୍ କରିଛି। ଗିରଫ୍ ଅଭିଯୁକ୍ତମାନେ ହେଲେ ଆସ୍କା ଥାନା କଳାକ୍ଷଣ୍ଡପୁର ଗ୍ରାମର ଡି. ଗାନ୍ଧୀ (୨୧), ଗଣ୍ଡପାଲି ଗ୍ରାମର ଏ ସନ୍ତୋଷ (୧୯), ଛତାପଦିଆ ଗ୍ରାମର ଦାସ୍ ବାବୁଲା ଓରଫ୍ ଏମ୍ ସାଲୁ ରେଡ୍ଡି (୩୬) ଓ କରଡୋଲି ଗ୍ରାମର ଏ ଶିବା (୨୫)। ଏହି ଅଭିଯୁକ୍ତଙ୍କ ସହ ଜଣେ ମହିଳାଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେ ହେଲେ କଳାକ୍ଷଣ୍ଡପୁର ଗ୍ରାମର ଦାସ୍ ଗଙ୍ଗା (୪୫)। ଶନିବାର ଜିଲା ପୋଲିସ କାର୍ଯ୍ୟାଳୟରେ ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ଖବରଦାତା ସମ୍ମିଳନୀରେ ଏହି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାୟ ଏକ ମାସ ତଳେ ଆସ୍କା ଅଞ୍ଚଳରୁ ଲୁଟ୍ ଉଦ୍ଦେଶ୍ୟରେ ଏହି ଗ୍ୟାଙ୍ଗ ସଦସ୍ୟମାନେ ବଲାଙ୍ଗୀର ଜିଲାକୁ ଆସିଥିଲେ। ବଲାଙ୍ଗୀର ସହର ରାଜୀବନଗର ଠାରେ ଏକ ଘର ଭଡା ନେଇ ସେଠାରେ ରହିଥିଲେ। ୪ ପୁରୁଷ ସଦସ୍ୟ ଦୁଇଟି ମୋଟର ସାଇକେଲରେ ଲୁଟ୍‌ପାଟ କରିବାକୁ ଯାଉଥିବାବେଳେ ମହିଳା ସଦସ୍ୟ ଜଣକ ଘରେ ରନ୍ଧାବଢ଼ା କରି ଲୁଟ୍ ଅର୍ଥ ରଖୁଥିଲେ। ବଲାଙ୍ଗୀର ଜିଲା ଟିଟିଲାଗଡ, ସଇଁତଲା ଓ ମୁରିବାହାଲ ଥାନା ଅଞ୍ଚଳରେ ବ୍ୟାଙ୍କରୁ ବାଇକ୍ ଡିକିରେ ଟଙ୍କା ନେଇ ଫେରୁଥିବା ଲୋକଙ୍କୁ ଏହି ଗ୍ୟାଙ୍ଗ ଟାର୍ଗେଟ କରିଥିଲେ। ଅକ୍ଟୋବର ମାସ ୨୩ ତାରିଖରେ ଟିଟିଲାଗଡ ଥାନା ଭାଲେଗାଁ ଗ୍ରାମର କିଶୋର ଝାଙ୍କର ଏସବିଆଇ ମୁଖ୍ୟ ବ୍ୟାଙ୍କରୁ ୧ ଲକ୍ଷ ୩୦ ହଜାର ଟଙ୍କା ନେଇ ଫେରୁଥିବାବେଳେ କୁମୁଡା ଯୋର ନିକଟରେ ଲୁଟ୍ କରିଥିଲେ। ୧୬ ନଭେମ୍ବର ଦିନ କପ୍‌ସିଭଟା ଗ୍ରାମର ସୀତାକାନ୍ତ ବେହେରା ଟିଟିଲାଗଡ ଏକ୍ସିସ ବ୍ୟାଙ୍କରୁ ୨ ଲକ୍ଷ ୮୦ ହଜାର ଟଙ୍କା ନେଇ ଫେରୁଥିବାବେଳେ ତାଙ୍କ ଠାରୁ ଲୁଟ୍ କରିଥିଲେ। ଗତ ୧୯ ତାରିଖ ଟିଟିଲାଗଡ ଶାସ୍ତ୍ରୀଛକ ନିକଟରୁ ବ୍ଲକ୍‌ପଡାର ମୁଟୁମାଲ ବିଶି ଟିଟିଲାଗଡ ଏସବିଆଇରୁ ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ଉକ୍ତ ବାଇକ ଡିକିକୁ ଭାଙ୍ଗି ସେଥିରୁ ୪୦ ହଜାର ଟଙ୍କା ଲୁଟି ନେଇଥିଲେ। ସଇଁତଲା ଥାନା ଅନ୍ତର୍ଗତ ଘୁନସର ଗ୍ରାମର ବିନୋଦ ମହାନନ୍ଦ ଗତ ୨୫ ତାରିଖ ସଇଁତଲା ଏସବିଆଇରୁ ୬୦ ହଜାର ଟଙ୍କା କାଢ଼ି ବାଇକ ଡିକିରେ ରଖି ଫେରୁଥିବାବେଳେ ଏହାକୁ ଲୁଟିନେଇଥିଲେ। ମୁରିବାହାଲ ଥାନା ବାଲିଖମାର ଗ୍ରାମର ଚମ୍ପେଶ୍ୱର ବନ୍‌ଛୋର କଣ୍ଟାବାଞ୍ଜି ଏସବିଆଇରୁ ୩୫ ହଜାର ଟଙ୍କା କାଢ଼ି ବାଇକ୍ ଡିକିରେ ରଖି ଫେରୁଥିବାବେଳେ ଗୁଡିଘାଟ ଛକରୁ ଲୁଟେରାମାନେ ଟଙ୍କା ଲୁଟି ନେଇଥିଲେ। ଟିଟିଲାଗଡ, ସଇଁତଲା ଓ ମୁରିବାହାଲ ଥାନାର ୫ଟି ମାମଲାରେ ଲୁଟେରା ଗ୍ୟାଙ୍ଗ ୫ ଲକ୍ଷ ୧୨ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିବାରେ ବଲାଙ୍ଗୀର ପୋଲିସ ସଫଳ ହୋଇଛି। ବଲାଙ୍ଗୀର ଏସଡିପିଓ ଶ୍ରୀମନ୍ତ ବାରିକ ଓ ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ର ଶତପଥିଙ୍କ ନେତୃତ୍ୱରେ ଦୁଇଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ପରେ ପୋଲିସ ଉପରୋକ୍ତ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୫ ଜଣ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ଏସପି ସୂଚନା ଦେଇଥିଲେ। ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

## ଭାନପୁର ଗାଁର ଦିବ୍ୟାଙ୍ଗ ଶିଶୁକୁ ମିଳିଲା ଭତ୍ତା

**ଖପ୍ରାଖୋଲ, ୩୦।୧୧ (ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ଭାନପୁର ଗାଁର ଗୋକୁଳ ନାୟକଙ୍କ ଚାରି ବର୍ଷର ଦିବ୍ୟାଙ୍ଗ ଝିଅ ଅର୍ଚ୍ଚନା (୪) ପାଖରେ ଶନିବାର ପ୍ରଶାସନ ତରଫରୁ ସ୍ଥାନୀୟ ସରପଞ୍ଚ ତ୍ରିନାଥ ବାରିକ ପହଞ୍ଚି ମାସକର ଦିବ୍ୟାଙ୍ଗ ଭତ୍ତା ୭ ଶହ ଟଙ୍କା ପ୍ରଦାନ କରିଥିବା ଜଣାଯାଇଛି। ଧରିତ୍ରୀ ଖବର କାଗଜରେ ଦିବ୍ୟାଙ୍ଗ ଶିଶୁ ଖୋଜୁଛି ସହାୟତାର ହାତ ଶୀର୍ଷକ ଖବର ପ୍ରସାରଣ ସହ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ଯୋଗାଯୋଗ କରାଯାଇଥିଲା। ଯାହାର ଫଳସ୍ୱରୂପ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ସହ ଶିଶୁକୁ ଦିବ୍ୟାଙ୍ଗ ଭତା ପ୍ରଦାନ କରାଯାଇଛି। ଶିଶୁର ଚିକିତ୍ସା ପାଇଁ ମଧ୍ୟ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ସୂଚନାଯୋଗ୍ୟ ଶିଶୁ ଜନ୍ମରୁ ଏକ ମାସ ପରେ ଦିବ୍ୟାଙ୍ଗ ହୋଇଯାଇଥିବାବେଳେ କେବଳ ଖଟିଆରେ ପଡି ରହିଥିଲା। ଆର୍ଥିକ ଅଭାବରୁ ଚିକିତ୍ସା କରିପାରୁ ନ ଥିବାବେଳେ ସରକାର ତରଫରୁ କୌଣସି ସହାୟତା ମଧ୍ୟ ମିଳି ନ ଥିଲା।



ସରପଞ୍ଚ ତ୍ରିନାଥ ବାରିକ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଭାଲୁବୁଡ଼ା ନକଆଉଟ କ୍ରିକେଟ

## ଫାଇନାଲରେ ସରଗଡ଼ା ଓ କୁଡ଼ାସିଂହା

**ଦେଓଗାଁ,୩୦।୧୧(ଡି.ଏନ.ଏ)**

ଦେଓଗାଁ ବ୍ଲକ ହାତିସରା ଖେଳପଡିଆରେ ଚାଲିଥିବା ଭାଲୁବୁଡ଼ା ନକଆଉଟ କ୍ରିକେଟ କପ ଶନିବାର ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। କୁଡାସିଂହା ଓ ଭୂତିଆରବାହାଲ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଡାସିଂହା ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ସେପରୀ ସରଗଡା ଓ ଭୂଆଁପଡା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ସରଗଡା ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ଖେଳକୁ ଧରଣୀ ବାରିକ, ରଞ୍ଜନ ପୁଟେଲ, ଲମ୍ବୋଦର କୁମ୍ଭାର, ରୋହିତ ହରପାଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରୋଶନ ବକୁଳ, ଶିବୁ କୁମ୍ଭାର, ଟେଙ୍ଗୁ ବାରିକ, ସୁଦାମ ନାଗ, ଅକ୍ରୁର ବାରିକ, ମଣି ନନ୍ଦ ପ୍ରମୁଖ ସହଯୋଗ କରୁଛନ୍ତି। ରବିବାର ସରଗଡା ଓ କୁଡାସିଂହା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

## ଆମ ପୋଲିସ କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୩୦।୧୧ (ଡି.ଏନ.ଏ)**

ସ୍ଥାନୀୟ ପୋଲିସ୍ ଥାନା ପରିସରରେ ଆମ ପୋଲିସ୍ ସମିତିର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ମେହେର, ମାଟିଆଭଟା ସରପଞ୍ଚ ନରସିଂହ ସାହୁ, ପଡିଆବାହାଲ ସରପଞ୍ଚ ରାଧିକା ପଧାନ, ଧଣ୍ଡାମୁଣ୍ଡା ସମିତି ସଭ୍ୟ ଶୋଭନମୟ ମିଶ୍ର, ନାନ୍ଦୁପଲା ସରପଞ୍ଚ ସୁରେଶ ପୂଝାରୀ, ମହରାପଦର ସରପଞ୍ଚ ନଳିନୀ ମେହେର ପ୍ରମୁଖ ଜନପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ବେଆଇନ ମଦ କାରବାର ରୋକିବା ସହିତ ନିଶା କାରବାର ରୋକିବାକୁ ପୋଲିସ୍ ତରଫରୁ ସହଯୋଗ କାମନା କରାଯାଇଥିଲା। ସେହିପରି ଗାଁଗାଁରେ ରାଜନୈତିକ ବିଦ୍ୱେଶ ଛାଡି ଭାଇଚାରା ରକ୍ଷା ପାଇଁ କହିଥିଲେ। ଜନପ୍ରତିନିଧିମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଏସଆଇ ପଞ୍ଚାନନ ନେଗୀ, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେର୍କେଟା, ଏଏସଆଇ ଗୋକୁଳାନନ୍ଦ ମିଶ୍ର ସମେତ ପୋଲିସ୍ କର୍ମଚାରୀ, ସ୍ଥାନୀୟ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ପୋଲିସ କର୍ମଚାରୀ।



ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରେ ନିଯୁକ୍ତି ପରାମର୍ଶ ଶିବିରରେ ଉପସ୍ଥିତ ଯୁବତୀଯୁବକ।

ଖପ୍ରାଖୋଲରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

## ୧୯୩ ଜଣଙ୍କ ନାମ ପଞ୍ଜୀକରଣ

**ଖପ୍ରାଖୋଲ, ୩୦।୧୧ (ଡି.ଏନ.ଏ)**

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ, ଓରମାସ୍, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଓଏଲଏମ୍ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର କେର୍କେଟା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଉପାଧ୍ୟକ୍ଷ ପ୍ରକାଶ କୁମାର ମେହେର, ଜିଲା ଦକ୍ଷତା ବିକାଶ ସଂଯୋଜକ ସତ୍ୟବ୍ରତ ସିଂହ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ସ୍କିଲ ଓଡିଶା , ଓରମାସ୍ ଯୋଜନାରେ ଯୁବତୀ ଯୁବକଙ୍କୁ ଇଛା ଅନୁସାରେ ଦକ୍ଷତା ବିକାଶ ତାଲିମ ମାଗଣାରେ ଦେବା ପାଇଁ ବ୍ୟବସ୍ଥା ଥିବାବେଳେ ଯୁବତୀ ଯୁବକମାନେ ଅଧିକ ରୋଜଗାର କରିପାରିବେ ବୋଲି କହିଥିଲେ। ଏହି ଅବସରରେ ୧୯୩ ଜଣ ଯୁବତୀ ଯୁବକ ନିଜ ନାମ ପଞ୍ଜିକରଣ କରିଥିଲେ। ୮୮ଜଣଙ୍କୁ ତାଲିମ ପାଇଁ ଚିହ୍ନଟ କରାଯାଇଥିବା ଜଣାଯାଇଛି। ଏହି ନିଯୁକ୍ତି ପରାମର୍ଶ ଶିବିରରେ ୯ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ଇଚ୍ଛୁକ ଯୁବତୀ ଯୁବକଙ୍କୁ ତାଲିମ ଏବଂ ନିଯୁକ୍ତି ପାଇଁ ପରାମର୍ଶ ଦେଇଥିଲେ।

ମୁରସୁଣ୍ଡିରେ ଉପଜିଲାପାଳ ୭ ଘଣ୍ଟା ଅଟକ ଘଟଣା

## ୫୦ ଜଣଙ୍କ ନାଁରେ ମାମଲା

**ଲୋଇସିଂହା,୩୦।୧୧(ଡି.ଏନ.ଏ)**

ଆଗଲପୁର ବ୍ଲକ ମୁରସୁଣ୍ଡି ଗାଁର ଅନିୟମିତତା କାମର ତଦନ୍ତ ପାଇଁ ଗତ ନଭେମ୍ବର ୧୪ରେ ଉପଜିଲାପାଳ ସଞ୍ଜୟ ମିଶ୍ର ଆସିଥିଲେ। ଏହି ସମୟରେ ଗ୍ରାମବାସୀ ତାଙ୍କୁ ଦୀର୍ଘ ସମୟ ଅଟକ ରଖି ଦୁର୍ବ୍ୟବହାର କରିଥିବା ନେଇ ଏସ୍‌ପି ସନ୍ଦିପ ସମ୍ପତ ମଡକରଙ୍କୁ ଲିଖିତ ଭାବେ ଫେରାଦ ହୋଇଛନ୍ତି। ବଲାଙ୍ଗୀର ଏସପିଙ୍କଠାରୁ ଲୋଇସିଂହା ଥାନାକୁ ଉକ୍ତ ଅଭିଯୋଗପତ୍ର ମିଳିବା ପରେ ଲୋଇସିଂହା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଏହି ଘଟଣାରେ ୨ଜଣ ଯୁବକ ସମେତ ୫୦ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ମୁରସୁଣ୍ଡି ପଞ୍ଚାୟତ ସଦର ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜାନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗତ ୧୧ ଅକ୍ଟୋବରରେ ଗ୍ରାମର ୱାର୍ଡ ସଭ୍ୟା ଜମ୍ବୋବତୀ ପଧାନ ଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଫେରାଦ ହୋଇଥିଲେ। ଅଭିଯୋଗ ପାଇ ଜିଲାପାଳ ଘଟଣାର ତଦନ୍ତ ସକାଶେ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗର ସପ୍ତାହ ପରେ ମଧ୍ୟ ଘଟଣାର ତଦନ୍ତ ହୋଇ ନ ଥିଲା। ଗତ ଅକ୍ଟୋବର ୧୮ ତାରିଖ ପିଇଓ ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ପଲ୍ଲୀ ସଭାକୁ ବିରୋଧ କରି ଅନିୟମିତତାର କୈଫିୟତ ତଲବ କରିଥିଲେ ଗ୍ରାମବାସୀ। ଏହି ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ନଭେମ୍ବର ୧୪ରେ ଏସବୁ ଅଭିଯାଗର ତଦନ୍ତ ପାଇଁ ଉପଜିଲାପାଳ ସଞ୍ଜୟ ମିଶ୍ର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଅଭିଯୋଗକାରୀ ୱାର୍ଡସଭ୍ୟା ଜମ୍ବୋବତୀ ପଧାନଙ୍କ ସହ ଆଲୋଚନା କରି ଉପଜିଲାପଳ ଫେରିଯାଉଥିଲେ। ଏତିକିବେଳେ ଗ୍ରାମର ମହିଳା ଓ ଯୁବକମାନେ ଅଧା ବାଟରୁ ଫେରାଇ ଆଣି ଗାଁ ନୃସିଂହ ମନ୍ଦିର ନିକଟରେ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଅଟକବେଳେ ଉପଜିଲାପାଳଙ୍କୁ ଗ୍ରାମବାସୀ ଦୁର୍ବ୍ୟବହାର କରିବାକୁ ପଛାଇ ନ ଥିଲେ। ପରେ ଲୋଇସିଂହା ପୋଲିସ ପହଞ୍ଚି ଅଟକ ରଖିଥିବା ଉପଜିଲାପାଳଙ୍କୁ ସନ୍ଧ୍ୟା ୫ଟାରେ ଗ୍ରାମବାସୀ ଛାଡିଥିଲେ। ଏ ସମ୍ପର୍କରେ ଆଇଆଇସି ଲଳିତା ଲାକ୍ରା କହନ୍ତି, ଏସପି ଅଫିସରୁ ନିର୍ଦ୍ଦେଶ ଆସିବା ପରେ ଏକ ମାମଲା ରୁଜୁ ହୋଇଛି।

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**ବଙ୍ଗୋମୁଣ୍ଡା, ୩୦।୧୧(ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟଠାରେ ଯୁବ ରେଡ୍‌କ୍ରସ୍ ତରଫରୁ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଅଧ୍ୟାପକ ରଶ୍ମିରଞ୍ଜନ ସ୍ୱାଇଁଙ୍କ ପରିଚାଳନାରେ କଲେଜର ଅଧ୍ୟକ୍ଷ ମିନତୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ମିଶ୍ର ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସିନ୍ଧେକେଲା ଏବଂ ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର୍ ସୁଶାନ୍ତ କୁମାର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବିଶ୍ୱରେ ଏଡ୍‌ସ ରୋଗର ଭୟାବହତା ସମ୍ପର୍କରେ ବକ୍ତାମାନେ ଛାତ୍ରୀଛାତ୍ରୀଙ୍କୁ ଜଣାଇବା ସହିତ ଏହାର ନିରାକରଣ କରିବା ନିମନ୍ତେ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ବକ୍ତବ୍ୟ ମାଧ୍ୟମରେ ପ୍ରେରଣା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରୋଜେକ୍ଟର୍ ଦ୍ୱାରା ଏଡ୍‌ସ୍ ସମ୍ବନ୍ଧୀୟ ତଥ୍ୟକୁ ଛାତ୍ରୀଛାତ୍ର ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ନରୋତ୍ତମ ପଣ୍ଡା, ନୀଳେଶ ପାରେଖ, ଅକ୍ଷୟ ପ୍ରଧାନ, ବବିତା ଦାଶ, ମହମ୍ମଦ୍ ସଲ୍‌ମନ୍ ଖାନ୍, ଲକ୍ଷବଛ ବାରିକ, ହେମନ୍ତ ପ୍ରଧାନ ଏବଂ ସମସ୍ତ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।




ଏଡ୍‌ସ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକ।

ସିନ୍ଦୂରମୁଣ୍ଡା ପ୍ରାଥମିକ ସ୍କୁଲ ୫ଶ୍ରେଣୀକୁ ୨ଶିକ୍ଷକ, ୨ କୋଠରୀ

## ବାରଣ୍ଡାରେ ଚାଲିଛି ମଧ୍ୟାହ୍ନଭୋଜନ ରୋଷେଇ

**ଗୁଡ଼ଭେଲା,୩୦।୧୧(ଡ଼ିଏନଏ)**

ଗୁଡ଼ଭେଲା ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା ନେଇ ବିଭିନ୍ନ ସମୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ ସିନ୍ଦୁରମୁଣ୍ଡା ସ୍କୁଲରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଗୁଡ଼ଭେଲା ବ୍ଲକ ଘୁନା ପଞ୍ଚାୟତ ଅନ୍ତର୍ଗତ ସିନ୍ଦୁରମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ୧୯୭୧ ମସିହାରେ ସ୍ଥାପିତ ହୋଇଥିବାବେଳେ ଏଠାରେ ୧ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହି ସ୍କୁଲରେ ଦୁଇଟି କୋଠରୀ ରହିଥିବାବେଳେ ୧୫ ଛାତ୍ର ଓ ୧୨ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ୧ ଶ୍ରେଣୀରେ ୫ଜଣ, ୨ୟ ଶ୍ରେଣୀରେ ୮ଜଣ, ୩ୟରେ ୫ ଜଣ, ୪ର୍ଥରେ ୫ ଓ ୫ମ ଶ୍ରେଣୀରେ ୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କୁ ପଢ଼ାଇବା ପାଇଁ ୨ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବାବେଳେ ୨ ଶିକ୍ଷକରେ ଶିକ୍ଷାଦାନ କିପରି ଚାଲୁଛି ତାହା ସହଜେ ଅନୁମେୟ। ୨ ଶ୍ରେଣୀକୁ ୨ ଶିକ୍ଷକ ପଢ଼ାଉଥିବାବେଳେ ବାକି ୩ ଟି ଶ୍ରେଣୀ ଛାତ୍ରୀଛାତ୍ର ଟାସ୍କ କରୁଥାନ୍ତି। ଏପରିକି କେବଳ ଦୁଇଟି ଶ୍ରେଣୀ ଥିବାରୁ ପଢ଼ାରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏଠାରେ ଚାଲିଥିବା ମଧ୍ୟାହ୍ନ ଭୋଜନ ମଧ୍ୟ ରୋଷେଇ ଘର ଅଭାବରୁ ବାରଣ୍ଡାରେ ଚାଲିଛି। ଆଗରୁ ସରକାର ଦେଇଥିବା ଟଙ୍କାରେ ରୋଷେଇ ଘର ତିଆରି ଚାଲିଥିବାବେଳେ ଗତ ବର୍ଷାରେ ଉକ୍ତ ଅର୍ଦ୍ଧ ନିର୍ମିତ ରୋଷେଇ ଘର ଭୁଷୁଡ଼ି ଯାଇଥିଲା। ଫଳରେ ପୁଣି ଉକ୍ତ ରୋଷେଇ ଘର ତିଆରି ଚାଲିଥିବା କହନ୍ତି ସ୍କୁଲ ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ସୁନା। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଉଜ୍ଜଳା ଯୋଜନାରେ ସମସ୍ତଙ୍କୁ ଗ୍ୟାସ ଯୋଗାଇ ଦେଉଥିବାବେଳେ ଏଠାରେ ତାହା ଲାଗୁ ହୋଇ ନ ଥିବାରୁ ଜାଳେଣୀ ଭାବେ କାଠକୁ ବ୍ୟବହାର କରାଯାଉଛି। ଫଳରେ ରନ୍ଧା ସମୟରେ ଧୂଆଁ ହୋଇ ସ୍କୁଲ କୋଠରୀକୁ ମାଡ଼ିଯାଏ। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଅଖିଳ ଦୀପ କହନ୍ତି ଯେ, ମୁଁ ତ ଜାଣିନି ଦେଖି ଯଥା ଶୀଘ୍ର ସମସ୍ୟାର ସମାଧାନ କରିବି ବୋଲି କହିଥିଲେ। ଏ ନେଇ ଉକ୍ତ ସ୍କୁଲରେ ଆବଶ୍ୟକୀୟ କୋଠରୀ ନିର୍ମାଣ କରିବା ସହ ଶିକ୍ଷକ ମଧ୍ୟ ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।



ସିନ୍ଦୁରମୁଣ୍ଡା ସ୍କୁଲରେ ବାରଣ୍ଡାରେ ରୋଷେଇ ହେଉଛି।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ। -ଆଇନଷ୍ଟାଇନ



# ଧାନମଣ୍ଡି ସ୍ଥାନାନ୍ତରକୁ ଚାଷୀଙ୍କ ବିରୋଧ

## ପୂର୍ବଭଳି ମଣ୍ଡି ଚାଲିବାକୁ ଦାବି

**ଜୁନାଗଡ,୩୦।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଛୋରିଆଗଡ ଧାନ ମଣ୍ଡି ଦୀର୍ଘ ବର୍ଷ ଧରି ଗ୍ରାମର ସମବାୟ ସମିତି ପ୍ରାଙ୍ଗଣରେ ଚାଲୁଥିଲା। ପୂର୍ବ ସୂଚନା ବିନା ଚଳିତବର୍ଷ ମଣ୍ଡି ଗ୍ରାମରୁ ପ୍ରାୟ ୨ କି.ମି. ଦୂରରେ ସ୍ଥାପନ କରାଯାଇଛି। ଫଳରେ ସ୍ଥାନୀୟ ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏହାକୁ ଚାଷୀମାନେ ବିରୋଧ କରିବା ସହ ପୂର୍ବଭଳି ମଣ୍ଡି ଚାଲିବାକୁ ଦାବି କରିଛନ୍ତି । ନୂତନ ମଣ୍ଡି ସ୍ଥାନରେ କେବଳ ଏକ ଛୋଟ ଧାନ ପିଣ୍ଡି ଏବଂ ଛାଉଣି ଥିବା ଏକ ଖଳା ନିର୍ମାଣ ହୋଇଛି। ଯଦି କୌଣସି ଅଦିନିଆ ଝଡ ବର୍ଷା ହୁଏ ତେବେ ଧାନ ନଷ୍ଟ ହେବା ଆଶଙ୍କା ଅଛି। ଏହା ଏକ ପାହାଡ ତଳି ନିଛାଟିଆ ଜାଗା ହୋଇଥିବାରୁ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନାହିଁ। ଅପରପକ୍ଷେ ପୂର୍ବରୁ ଥିବା ମଣ୍ଡିଠାରେ ପ୍ରାୟ ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏକ ହଜାର ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ଏକ ଗୋଦାମ ଗୃହ ନିର୍ମାଣ କରାଯାଇଛି। ଧାନ ରଖିବା ପାଇଁ ୨ଟି ବଡ ପିଣ୍ଡି ନିର୍ମାଣ ହୋଇଛି। ପାଖରେ ନଳକୂପ ଏବଂ ବସତି ରହିଛି। ଏଭଳି ବ୍ୟାପକ ସୁବିଧା ସତ୍ତ୍ୱେ ଏକ ଅବ୍ୟବସ୍ଥା ସ୍ଥାନରେ ମଣ୍ଡି ଖୋଲିବା କେବଳ ପରିତାପ ବିଷୟ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବ ମଣ୍ଡି ନିକଟରେ ସମବାୟ ସମିତି ଥିବାରୁ ଚାଷୀ ଏକା ସାଙ୍ଗରେ ୨ଟି କାର୍ଯ୍ୟ ସମ୍ପାଦନ କରିପାରୁଥିଲେ। ତରବରିଆ ଭାବେ କୌଣସି ଚାଷୀଙ୍କ ମତାମତ ନ ନେଇ କାହିଁକି ଅନ୍ୟତ୍ର ମଣ୍ଡି ଖୋଲାଗଲା ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ପ୍ରଶାସନ ବେପାରୁଆ ନିତୀ ଆପଣାଇ ଅନ୍ୟତ୍ର ମଣ୍ଡି ଖୋଲିବା ଦ୍ୱାରା ଅସାଧୁ ମିଲ ମାଲିକ ଓ ଦଲାଲଙ୍କୁ ସୁହାଇବ ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି । ପୂର୍ବ ଭଳି ପୂର୍ବ ସ୍ଥାନରେ ମଣ୍ଡି ଚାଲୁ ରଖିବାକୁ ପ୍ୟାକ୍ସ ପରିଚାଳନା ସଦସ୍ୟ ସୁଧାନିଧି ନାଏକ ଚାଷୀଙ୍କ ପକ୍ଷରୁ ଦାବି ଜଣାଇବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ଏ ନେଇ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କୁ ପଚାରିବାରୁ ଅନୁସନ୍ଧାନ କରି ଚାଷୀଙ୍କ ଦାବି ମୁତାବକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।



ନୂତନ ମଣ୍ଡିରେ ଚାଷୀ ଧାନ ରଖିଛନ୍ତି ।

# ୨୫ତମ ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟିତ

**ଭବାନୀପାଟଣା,୩୦।୧୧ (ଡି.ଏନ.ଏ.)**

ସ୍ଥାନୀୟ ଓୟୁଏଟି ଦ୍ୱାରା ପରିଚାଳିତ କଳାହାଣ୍ଡି କୃଷି ମହାବିଦ୍ୟାଳୟ ଅଡିଟୋରିୟମ୍‌ଠାରେ ୨୫ ତମ ଜିଲାସ୍ତରୀୟ ଯୁବ ଉତ୍ସବ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ କଳାହାଣ୍ଡି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧିକାରୀ ଜ୍ଞାନ ରଞ୍ଜନ ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ମହାବିଦ୍ୟାଳୟ ଏସୋସିଏଟ୍ ଡିନ୍ ଡ. ଶାନ୍ତନୁ କୁମାର ମହାନ୍ତି, ବିଶିଷ୍ଟ ଶିକ୍ଷା ବିତ୍ ଡ. ଉମେଶ ଚନ୍ଦ୍ର ଶତପଥୀ, ଜଲାର ଶାରିରୀକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା ଓ ଜିଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବ ୨ ଦିନ ଧରି ଚାଲିବ ବୋଲି ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ପ୍ରକାଶ କରିଛନ୍ତି।



ଜିଲାସ୍ତରୀୟ ଯୁବ ଉତ୍ସବ ସମାରୋହରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### କୁରାଳ ପଞ୍ଚମୀ ପାଇଁ କଳସ ଶୋଭାଯାତ୍ରା

**ରିଷିଡା,୩୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା କୁରାଳ ସମାଜ ତରଫରୁ ଶନିବାର ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁରାଳ ସମାଜ ମହିଳାମାନେ କଳସଯାତ୍ରାରେ ସାମିଲ ହୋଇଥିଲେ। ଆସନ୍ତା ରବିବାରରେ କୁରାଳ ପଞ୍ଚମୀ ପାଳନ କରାଯିବା କାର୍ଯ୍ୟକ୍ରମ ରହିଛି । ଏଥିରେ କୁରାଳ ପୁରାଣ ପାଠ କରାଯିବ । ସେହିପରି ତେରେସିଂହା ଓ ମ.ରାମପୁର ବ୍ଲକ ଅଲାଡରାରେ ମଧ ଅନୁରୂପ ଭାବେ କୁରାଳ ପଞ୍ଚମୀ ପାଳନ କରାଯାଉଛି ।

### କ୍ୟାରିୟର କାଉନସେଲିଂ

**ରିଷିଡା,୩୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ଜେକେ ଉଚ୍ଚ ମାଧମିକ ବିଦ୍ୟାଳୟ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମ ସଂଯୋଜକ ଦିଲୀପ ଦାସ, ସହସମ୍ପାଦକ ଅଧାପକ ଗିରିରାଜ ଗହୀର ଓ ନୀଳାମ୍ବର ପାତ୍ର, ପ୍ରଧାପକ ଡ. ଦାଶରଥି ଆଚାର୍ଯ୍ୟ, ଅଧାପକ ହେମନ୍ତ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ଯୁକ୍ତ ଦୁଇ ପରବର୍ତ୍ତି ବୃତ୍ତି ଚୟନ, ଅଧୟନ ତଥା ଭବିଷ୍ୟତ ଗଠନ ସମ୍ପର୍କରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡିଇଓ ସୌମ୍ୟରଞ୍ଜନ ତ୍ରିପାଠୀ ଓ ଲାଇବ୍ରେରିଆନ୍ ଚିନ୍ମୟ ରଣା ପ୍ରମୁଖ ସହାୟତା କରିଥିଲେ ।

### ଧାନମଣ୍ଡିରେ ମିଳୁନି ବସ୍ତା

**ରିଷିଡା,୩୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ପ୍ୟାକ୍ସରେ ମିଲର୍ସମାନେ ଧାନ ଉଠାଉଥିଲେ ଗତ ବର୍ଷର ଧାନ ବସ୍ତା ଚାଷୀଙ୍କୁ ଫେରାଇ ନ ଥିବା ଜଣାଯାଇଛି । ୨୦୧୮-୧୯ ଖରିଫ ଧାନ ମଣ୍ଡିରେ ବିକ୍ରି କରିଥିବା ଚାଷୀ ତାଙ୍କର ହଜାର ହଜାର ବସ୍ତା ଫେରିପାଇ ନାହାନ୍ତି ।

### କର୍ଲାମୁଣ୍ଡା ବ୍ଲକରେ ଶୀତ ବଢୁଛି

**ରିଷିଡା,୩୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ଦିନକୁ ଦିନ ତାପମାତ୍ର ହ୍ରାସ ହେବାରେ ଲାଗିଛି । ଫଳରେ ରାତ୍ରରେ ଥଣ୍ଡା ଅନୁଭୂତ ହେଉଛି। ପ୍ରତିଦିନ ସକାଳ ସମୟରେ ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳୁଛି । ଏହି ଅଞ୍ଚଳର ଦୋକାନ ବଜାରରେ ଶୀତବସ୍ତ୍ର ବିକ୍ରି ଆରମ୍ଭ ହୋଇଛି ।

# କୁରାଳ ପୂଜା ପାଇଁ କଳସ ଯାତ୍ରା

**ଜୁନାଗଡ,୩୦।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ଗ୍ରାମରେ ଶନିବାର ଅପରାହ୍ନରେ କୁରାଳ ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କଳସ ଯାତ୍ରାରେ ଗ୍ରାମର ସମସ୍ତ କୁମ୍ଭାର ସମ୍ପ୍ରଦାୟ ମହିଳାପୁରୁଷ ସାମିଲ ହୋଇ ନିକଟସ୍ଥ ବଡବନ୍ଧ (ପୋଖରୀ)ରୁ ମାନସିକ ଜଳ ଆଣି ପୂଜା ମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ପୂଜାରେ କର୍ତ୍ତା ଭାବେ ଘନଶ୍ୟାମ ରଣା ଓ ପ୍ରମିଳା ରଣା ଦାୟିତ୍ୱ ତୁଲାଉଛନ୍ତି। ସେହିପରି ପୂଜା କମିଟି ସଭାପତି କୈଳାସ ରଣା, ଆଟିଗାଁ ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି ଚନ୍ଦ୍ରଧ୍ୱଜ ରଣା, ନାଏବ ସରପଞ୍ଚ ଲାଏବତୀ ରଣା, ଧବଳେ ରଣା, ଦେବେଶ୍ୱର ରଣା, ଯୁଧିଷ୍ଠିର ରଣା, ଉଦ୍ଧବ ରଣା, ସୁଦାନ ରଣା ପ୍ରମୁଖ ପୂଜାରେ ସକ୍ରିୟ ଭୂମିକା ତୁଲାଉଛନ୍ତି। ରବିବାର ପ୍ରତ୍ୟୁଷରୁ ସମ୍ପୂର୍ଣ୍ଣ ବିଧି ଅନୁଯାୟୀ କୁରାଳ ପୂଜା ଆରମ୍ଭ ହେବ ଓ ମଙ୍ଗଳବାର ରାତିରେ ଶେଷ ହେବ। ଏହି ଉପଲକ୍ଷେ ପୂଜା କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ନାଟକର ଆୟୋଜନ କରାଯାଇଛି। କଳିଆକୁଣ୍ଡଲ ଗ୍ରାମରେ ଗତ ୫୫ ବର୍ଷ ହେବ ଧୁମାଧାମରେ କୁରାଳ ପୂଜା ହୋଇଆସୁଛି।



କୁରାଳ ପୂଜା ପାଇଁ କଳସ ଯାତ୍ରାରେ ସାମିଲ କୁମ୍ଭାର ସମ୍ପ୍ରଦାୟ ଲୋକ ।

# କାଳିଆ ଯୋଜନାରୁ ବଞ୍ଚିତ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ

**ଭବାନୀପାଟଣା,୩୦।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ବହୁ ଚାଷୀ କାଳିଆ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଅଯୋଗ୍ୟମାନେ ଦୁଇ ଦୁଇ ଥର ଏହି ଯୋଜନାରୁ ଲାଭ ଉଠାଇଥିବା ବେଳେ ଯୋଗ୍ୟ ବ୍ୟକ୍ତିମାନେ ଥରେ ବି ଏହି ଯୋଜନାରୁ ଲାଭ ଉଠାଇ ପାରିନାହାନ୍ତି। ସେହିଭଳି ରାଜ୍ୟରେ କଳାହାଣ୍ଡି ଜିଲାରେ ସର୍ବାଧିକ ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନା ପାଇଥିବା ନେଇ ସାଦାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଭବାନୀପାଟଣା ସହର ବ୍ଲକ ଦେପୁର ପଞ୍ଚାୟତ ସୁହାଗପୁର ଗ୍ରାମର ମୀନକେତନ ରଣା, ଭବାନୀ ସା, ସତ୍ୟ ସା, ମଞ୍ଜୁରୀ ସା, ସୁରେଶ ମାଝି ଓ ସଂକୀର୍ତ୍ତନ ନାଗ ପ୍ରମୁଖ କାଳିଆ ଯୋଜନା ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ ସେମାନଙ୍କୁ ମିଳିନାହିଁ। ସେମାନେ ସମସ୍ତେ ଛୋଟ ଚାଷୀ ହୋଇଥିବା ବେଳେ କାଳିଆ ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ଶୁକ୍ରବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବିଧାନସଭା ଶୀତକାଳୀନ ଅଧିବେଶନରେ ପ୍ରଶ୍ନକାଳରେ କୃଷିମନ୍ତ୍ରୀ ଅରୁଣ ସାହୁ ତାଙ୍କ ବିବୃତ୍ତିରେ କହିଥିଲେ ଯେ, କାଳିଆ ଯୋଜନାରେ ପ୍ରଥମ କିସ୍ତିରେ ୫୧ ଲକ୍ଷ ୫ ହଜାର ୨୯୦ ଚାଷୀଙ୍କୁ ଟଙ୍କା ମିଳିଛି। ତନ୍ମଧ୍ୟରୁ ୪୫ ହଜାର ୯୬୫ ଜଣ ଅଯୋଗ୍ୟ ହିତାଧିକାରୀ ଟଙ୍କା ପାଇଛନ୍ତି। କଳାହାଣ୍ଡି ଜିଲାରେ ସର୍ବାଧିକ ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ଟଙ୍କା ପାଇଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

# ଶିକ୍ଷା ବିକାଶ ପରିଷଦର ଦ୍ୱାଦଶତମ ଅଧିବେଶନ

**ଭବାନୀପାଟଣା,୩୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର କାର୍ଯ୍ୟକାରିଣୀ ସଭାର ଦ୍ୱାଦଶତମ ଅଧିବେଶନ ସ୍ଥାନୀୟ ଏକ ହୋଟେଲଠାରେ ଶନିବାର ପ୍ରଫେସର ଗୋପବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଗତ ସଭାର ବିବରଣୀ ସମ୍ପାଦକ କୃଷ୍ଣବତାର ଦେଓ ଉପସ୍ଥାପନ କରିବା ପରେ ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା। ଏହି ସଭାରେ ଚୟନ କମିଟି ସୁପାରିସକ୍ରମେ କାଣ୍ଡେଲରୋଡ ନିବାସୀ ବିଷ୍ଣୁପଦ ପଟେଲଙ୍କୁ ମହାରାଜା ପ୍ରତାପ କେଶରୀ ଦେଓ ସମ୍ମାନ, ଭବାନୀପାଟଣା ନିବାସୀ ସୋହନଲାଲ ଅଗ୍ରୱାଲଙ୍କୁ ପ୍ରଫେସର ଭୁବନେଶ୍ୱର ବେହେରା ସମ୍ମାନ, କଛିପ୍ପଲା ନିବାସୀ ସିମାଞ୍ଚଳ ନାଗଙ୍କୁ ସର୍ଦ୍ଦାର ରାଜା ସମ୍ମାନ, କିକିଆ ନିବାସୀ କେଶବଚନ୍ଦ୍ର ବାରିକଙ୍କୁ ନିର ସୁରେଶ ସମ୍ମାନ, ଜୟପାଟଣା ନିବାସୀ ସ୍ୱାମୀ ପୂର୍ଣ୍ଣନନ୍ଦ ଗିରିଙ୍କୁ ଅଚ୍ୟୁତାନନ୍ଦ ମୁଣ୍ଡ ସମ୍ମାନ ଅର୍ପଣ କରିବା ପାଇଁ ସର୍ବସମ୍ମତିକ୍ରମେ ଗୃହିତ ହେଲା। ଏଥିସହିତ ଚମେଲି-ଦ୍ୱାରିକାନାଥ ଓ ପୂଝାରୀ ଡମ୍ବରୁଧର ପୁରସ୍କାର ମଧ ପ୍ରଦାନ କରାଯିବ। ବୈଠକରେ ଭବାନୀପାଟଣାରେ ସହବନ୍ଧିତ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ କୂଳାଧିପତିଙ୍କୁ କୂଳପତି ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ନିଯୁକ୍ତି ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରାଗଲା। କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସୁପାରିସକ୍ରମେ କୋର୍ସ କ୍ରେଡିଟ୍ ଓ କୋର୍ସ ପୋଟେବିଲିଟି ତଥା ପ୍ରଚଳନ ପାଇଁ ସରକାରଙ୍କୁ ଅନୁରୋଧ କରାଗଲା। କୃଷି ବିଦ୍ୟାଳୟ ସ୍ଥାପନ ପାଇଁ ପଶ୍ଚିମ ଓଡିଶାର କଳାହାଣ୍ଡିରେ ଅନୁକୂଳ ଭିତ୍ତିଭୂମି ଥିବା ହେତୁ ବିଶ୍ୱବିଦ୍ୟାଳୟ ପାଇଁ ଉପଯୁକ୍ତ ସ୍ଥାନ। ତେଣୁ ସରକାରଙ୍କ ଚିନ୍ତାଧାରାକୁ ସ୍ୱାଗତ ଜଣାଇ ଭବାନୀପାଟଣାର କୃଷି ମହାବିଦ୍ୟାଳୟକୁ କୃଷି ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦେବା ପାଇଁ ଶୀଘ୍ର ଘୋଷଣା କରିବାକୁ ଅନୁରୋଧ କରାଗଲା। ସଭାରେ ପ୍ରଫେସର ଅକ୍ଷୟ କୁମାର ନନ୍ଦ, ବିପିନ ବିହାରୀ ପଣ୍ଡା, ରଜନୀକାନ୍ତ ବେହେରା, ସର୍ଦ୍ଦାର ସୁରଜିତ ସିଂ, ଆଇନଜୀବୀ ସର୍ବଶ୍ରୀ ପ୍ରେମଲାଲ ପଧାନ, ଜଗନ୍ନାଥ ମୁଣ୍ଡ, ଲଳିତ କିଶୋର ପଣ୍ଡା, ଦେବେନ୍ଦ୍ର ପଧାନ, ବଳବୀର କଉର, ସୁରେଶଚନ୍ଦ୍ର ନେଗୀ, ମାହେଶ୍ୱରୀ ଦାସ ଓ ସବିତା ଦାଶ ଉପସ୍ଥିତ ଥିଲେ।



ଶିକ୍ଷା ବିକାଶ ପରିଷଦର କାର୍ଯ୍ୟକାରିଣୀ ସଭାର ଦ୍ୱାଦଶତମ ଅଧିବେଶନରେ ଉପସ୍ଥିତ ଅତିଥି ।

# କଳମପୁର ବ୍ଲକ: ସମସ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା

**କଳମପୁର,୩୦।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ବିଜମରା, ବଡକୁଟ୍ରୁ, ମିନଗୁର, ମଣ୍ଡଲ, ନୂଆଗାଁ, କୋଟାଗାଁ, ଦେପୁର, ପଣ୍ଡିଗାଁ, ବଳକନା, ହାରାମାଲ, କଳମପୁରଠାରେ ତୃତୀୟ ପର୍ଯ୍ୟାୟ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମ ସଭାରେ ଗତ ୧୪ ଅକ୍ଟୋବରରେ ହେଇଥିବା ଦ୍ୱିତୀୟ ଗ୍ରାମ ସଭାରେ ସମସ୍ତ ବିଭାଗରୁ ଆସିଥିବା ପ୍ରସ୍ତାବଗୁଡିକ ସହିତ ପୂର୍ବରୁ ହୋଇଥିବା ପଲ୍ଲୀସଭାରେ ଜନସାଧାରଣ ଦେଇଥିବା ମତାମତ ମଧ ଏହି ଗ୍ରାମସଭାରେ ଉପସ୍ଥାପନ କରି ଅନୁମୋଦନ କରାଯାଇଥିଲା । ଏହି କାର୍ଯ୍ୟଗୁଡିକୁ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ୨୦୨୦-୨୧ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଯିବା ପାଇଁ ଗ୍ରାମସଭା କରାଯାଇଥିଲା। ଗ୍ରାମ ସଭାରେ ଗ୍ରାମପଞ୍ଚାୟତ ବିଭିନ୍ନ କର୍ମଚାରୀ ଯୋଗଦାନ କରି ଉପସ୍ଥିତ ଜନସାଧାରଣମାନଙ୍କୁ ବୁଝାଇଥିଲେ। ଗ୍ରାମ ସଭାରେ ଲୋକମାନଙ୍କ ଆବଶ୍ୟକ ମୁତାବକ କାର୍ଯ୍ୟ ଖସଡା ଉପରେ ଅନୁମୋଦନ କରାଯାଇଥିଲା। ଗ୍ରାମପଞ୍ଚାୟତରେ ସରପଞ୍ଚ, ପିଇଓ, ଜିଆଇଏସ, ଜିଓଟେଗ, ଯୋଗାଣ ସହାୟକ ତଥା ପଞ୍ଚାୟତ ସମିତିଠାରୁ ଜଣେ ଲେଖାଏଁ ନୋଡାଲ ଅଫିସର ଉପସ୍ଥିତ ରହି ଗ୍ରାମ ସଭା ସୂଚାରୁରୂପେ ସମ୍ପାଦକ କରିଥିଲେ ।

# ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଛି

**କେଗାଁ,୩୦।୧୧(ଡି.ଏନ.ଏ.)**

ରାଜ୍ୟ ରାଜକୋଷରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ରାଜ୍ୟ ରାଜସ୍ୱ ବିଭାଗ। କିନ୍ତୁ ରାଜସ୍ୱ ବିଭାଗ ଅଧିକାରୀଙ୍କ ଖମଖିଆଲି ମନୋଭାବ ତଥା ଆନ୍ତରିକତା ଅଭାବ ଯୋଗୁ ସରକାରୀ ଜିନିଷ ନଷ୍ଟ ହୋଇ ପଡୁଥିବା ନଜରକୁ ଆସୁଛି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁଠାରେ ଥିବା ରାଜସ୍ୱ ବିଭାଗ ବଙ୍ଗଳା ରକ୍ଷଣାବେକ୍ଷଣ ଅଭାବରୁ ଭୁତ କୋଠି ପାଲଟିଛି । ଦିନ ଥିଲା ରାଜା ରାଜୁଡା ଲୋକେ, ନେତା, ମନ୍ତ୍ରୀ, ଅଫିସର କେଗାଁ ଅଞ୍ଚଳକୁ ଆସିଲେ ଦିନ ହେଉ ବା ରାତ୍ରୀ ଏହି ବଙ୍ଗଳାରେ ରହୁଥିଲେ । ବହୁ ପୁରାତନ ଏହି ବଙ୍ଗଳା ବର୍ତ୍ତମାନ ବିଭାଗୟୀ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ନିଜର ଅସ୍ଥିତ୍ୱ ହରାଉଛି । ଜିଲାର ଏହି ଅଞ୍ଚଳର ଗତ ଦିନରେ ଦୁର୍ଗମ ଥିବା ବେଳେ ନେତା, ମନ୍ତ୍ରୀ ଓ ଅଫିସରମାନେ ଏହି ଅଞ୍ଚଳକୁ ଆସୁଥିବା ବେଳେ ଏଠାରେ ରାତି ଯାପନ ପାଇଁ ଏକ ବଙ୍ଗଳା ରହିବା ହୃତବୋଧ କରି ସ୍ୱାଧୀନତା ସମୟରେ ଏହି ବଙ୍ଗଳା ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଉକ୍ତ ବଙ୍ଗଳରା ରକ୍ଷଣାବେକ୍ଷଣ ପାଇଁ କାହାରିକି ନିଯୁକ୍ତି ଦିଆଯାଇ ନ ଥିବା ବେଳେ ସ୍ଥାନୀୟ କେଗାଁ ରାଜସ୍ୱ ବିଭାଗ ପକ୍ଷରୁ



କେଗାଁଠାରେ ଥିବା ରାଜସ୍ୱ ବିଭାଗ ବଙ୍ଗଳା ।

**କେଗାଁ ରାଜସ୍ୱ ବଙ୍ଗଳା**

ବଙ୍ଗଳା ଗେଟରେ ଏକ ତାଲା ଝୁଲାଇ ଦିଆଯାଇଛି । ରାଜସ୍ୱ ବିଭାଗ ପକ୍ଷରୁ ବଙ୍ଗଳା ପରିସରରେ ସଫା କରାଯାଉ ନ ଥିବା ବେଳେ ବଙ୍ଗଳା ମଧରେ ଛୋଟବଡ ଗଛ ଉଠିବା ସହିତ ସାରିସୃପର ରହଣୀ ସ୍ଥଳି ପଲଟିଛି । ଏପରିକି ବଙ୍ଗଳାକୁ ମଧ ସଫା କରାଯାଉ ନ ଥିବାରୁ ବଙ୍ଗଳା ଅପରିଷ୍କାର ଦେଖାଯିବା ସହିତ ଭୁତକୋଠି ପାଲଟିଛି। ପୂର୍ବରୁ ୨/୩ ଥର ଉକ୍ତ ବଙ୍ଗଳାର ମରାମତି ହୋଇଥିବା ବେଳେ ବଙ୍ଗଳା ତାର ପୂର୍ବ ସୌନ୍ଦର୍ଯ୍ୟ ଫେରି ପାଇଥିଲା । କିନ୍ତୁ ବର୍ତ୍ତମାନ ୫ ବର୍ଷ ହେଲା ବଙ୍ଗଳାର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ତାହା ଭୂତକୋଠୀ ପରି ପଡି ରହିଛି। ସ୍ଥାନୀୟ ଲୋକେ ଅନେକ ଥର ରାଜସ୍ୱ ବିଭାଗକୁ ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବାରୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଗୋଲାମୁଣ୍ଡା ତହସିଲଦାର ମନିଷ ଦାସଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ମୋବାଇଲ ନଲାଗିବାରୁ ତାଙ୍କର ମତାମତ ମିଳିପାରି ନାହିଁ । ଏହି ବହୁ ପୁରୁତନ ବଙ୍ଗଳାକୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି

## ଆବାସ ଯୋଜନା ସାତସପନ

# ପାଇଖାନାରେ ବିତୁଛି ବୃଦ୍ଧାଙ୍କ ଜୀବନ

**କୋକସରା,୩୦।୧୧ (ଡି.ଏନ.ଏ.)**

ରାଜ୍ୟ ସରକାର ଗରିବ ନିରୀହ ଓ ଦାରିଦ୍ର୍ୟ ସୀମାରେଖାରେ ଥିବା ହିତାଧିକାରୀମାନଙ୍କୁ ଆବାସ ଯୋଜନାରେ ସାମିଲ କରି ଆବାସ ଗୃହ ଯୋଗାଇ ଦେଉଛନ୍ତି । କିନ୍ତୁ ଜଣେ ନିସଃହାୟ ବୃଦ୍ଧା ଆଜକୁ ୧ ବର୍ଷ ହେବ ଘର ନ ଥିବାରୁ ସ୍ୱଚ୍ଛ ଭାରତ ଯୋଜନାରେ ମିଳିଥିବା ପାଇଖାନାରେ ରହୁଛନ୍ତି। କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗ୍ରାମର ବୃଦ୍ଧା ରାଧିକା ଖର୍ସେଲ। ବୟସ ୭୦ ପାର ହେଲାଣି। ସ୍ୱାମୀ ଆରପାରିରେ, ଝିଅଟିଏ ଥିଲା। ତାଙ୍କୁ ବିବାହ କରିବା ପରେ ରାଧିକା ନିଜ ଭଙ୍ଗାଦଦରା ଘରେ ଏକୁଟିଆ ରହୁଥିଲେ। ଗତ କିଛିବର୍ଷ ହେବ ତାଙ୍କ ଘର ଭାଙ୍ଗି ଯାଇଥିବା ବେଳେ ସମ୍ବଳ ଅଭାବରୁ ମରାମତି କରି ପାରି ନ ଥିଲେ। ପାଖପଡୋଶୀ ଘର ବାରଣ୍ଡାରେ ଦିନ କାଟୁଥିବା ବେଳେ ପେଟପାଟଣା ପାଇଁ ବାରଦୁଆରେ ଭିକମାଗି ନିଜର ଗୁଜୁରାଣ କରୁଛନ୍ତି। ଅନେକ ସମୟରେ ଘର ଖଣ୍ଡିଏ ପାଇଁ ଗାଁ ୱାର୍ଡମେମ୍ବରଠୁ ଆରମ୍ଭ କରି ସରପଞ୍ଚ ଓ ବିଡିଓଙ୍କ ନିକଟରେ ମଧ ଗୁହାରି କରିଛନ୍ତି। ହେଲେ ଗରିବ ବୃଦ୍ଧାଙ୍କ କଥା ଶୁଣିବାକୁ କାହାର ଦରଦ ନାହିଁ। ପାଇଖାନା ବାହାରେ ରନ୍ଧାବଢା କରିବା ସହ ପାଇଖାନା ଭିତରେ ଶୋଇବାଠାରୁ ଆରମ୍ଭ କରି ନିଜର ନିତ୍ୟ ବ୍ୟବହାର ସାମାନ ରଖିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସକାଳ ହେଲେ ବୃଦ୍ଧା ପାଇଖାନା ପରେ ତାଲା ଦେଇ ଗାଁଗାଁ ବୁଲି ଭିକ୍ଷାମାଗିକୁ ବୁଲୁଥିବା ବେଳେ ପାଖପଡୋଶୀ ଦୟାକରି ଖାଇବାକୁ ଦେଲେ ଖାଉଥିବା ଗ୍ରାମବାସୀ କହିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୁଖ୍ୟ ରାସ୍ତା କଡରେ ବୃଦ୍ଧା ଜଣକ ପାଇଖାନାରେ ରହୁଥିବା ବେଳେ ପ୍ରତିଦିନ ଏହି ରାସ୍ତା ଦେଇ ସରକାରୀ ଅଧିକାରୀ ଓ ଜନ ପ୍ରତିନିଧିମାନେ ଯିବା ଆସିବା କରୁଥିବା ବେଳେ ବୃଦ୍ଧାଙ୍କ ଦୁର୍ଦ୍ଦଶା ଉପରେ କାହାର ନଜର ପଡୁନାହିଁ। ଏ ନେଇ ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସଙ୍କୁ ପଚାରିବାରୁ ବୃଦ୍ଧାଙ୍କୁ ଥାଇଧାନ କରିବା ପାଇଁ ବିଡିଓଙ୍କ ସହ ଆଲୋଚନା କରି ଆବାସ ଘର ଯୋଗାଇ ଦେବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି । ଏ ସମ୍ପର୍କରେ କୋକସରା ବିଡିଓ ବସନ୍ତ କୁମାର ସେଠିଙ୍କୁ ପଚାରିବାରୁ ଏ ନେଇ କୌଣସି ମତାମତ ଦେବାକୁ ମନା କରିବା ସହ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ଅସଃହାୟ ବୃଦ୍ଧା ଜଣକଙ୍କୁ ପ୍ରଶାସନର ଦୁରଦୃଷ୍ଟି କେବେ ପଡୁଛି ଦେଖିବାକୁ ବାକି ରହିଲା ।



ସ୍ୱଚ୍ଛ ଭାରତ ଯୋଜନାରେ ମିଳିଥିବା ପାଇଖାନାରେ ରହୁଥିବା ବୃଦ୍ଧା ରାଧିକା ଖର୍ସେଲ ।



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଆଜିଠୁ ଯାଞ୍ଚ କଡ଼ାକଡ଼ି ଦ୍ରୁତ ଗାଡ଼ି ଚାଳନା, ସିଟ୍ ବେଲ୍ଟ ଚେକିଂ ହେବ

**ରାଉରକେଲା ଅଫିସ,୩୦।୧୧-** ଡିସେମ୍ବର ୧ରୁ ନୂଆ ପରିବହନ ନୀତି ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଭୟ ଟଳି ଯାଇଛି। ଗାଡି ଚାଳକଙ୍କୁ କାଗଜ ପତ୍ର ପ୍ରସ୍ତୁତି ନେଇ ସରକାର ଆଉ ୩ ମାସ ସମୟ ଦେଇଛନ୍ତି। ତେବେ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ କହିଛନ୍ତି ଯେ ଦ୍ରୁତ ଗାଡି ଚାଳନା, ଅର୍ଥାତ୍ ଓଭର ସ୍ପିଡ, ରେଡ ଲାଇଟ ଜମ୍ପିଂ, ନିଶାସକ୍ତ ଅବସ୍ଥାରେ ଗାଡି ଡ୍ରାଇଭିଂ, ଟ୍ରାଫିକ ନିୟମ ଉଲ୍ଲଂଘନ, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର, ଟ୍ରିପଲ ରାଇଡିଂ, ବିନା ହେଲମେଟ୍‌ରେ ଗାଡି ଚାଳନା, ସିଟ ବେଲ୍ଟ ବ୍ୟବହାର ନ କରିବା ଓ ଓଭର ଲୋଡିଂ କ୍ଷେତ୍ରରେ କଡା ପଦକ୍ଷେପ ନିଆଯିବ। ଏ ନେଇ କୋହଳ ମନୋଭାବ ପୋଷଣ କରାଯିବ ନାହିଁ। ବିଭାଗ ପକ୍ଷରୁ ଜିଲାପାଳ ଓ ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହାକୁ କଡାକଡି ପାଳନ ନିମନ୍ତେ ପତ୍ରରେ ପରାମର୍ଶ ପ୍ରଦାନ କରିଛି ବିଭାଗ।

### ୩ରେ ଭିନ୍ନକ୍ଷମ ଦିବସ ପ୍ରସ୍ତୁତି

**ରାଉରକେଲା ଅଫିସ,୩୦।୧୧-** ଭିନ୍ନକ୍ଷମ କଲ୍ୟାଣ ଅନୁଷ୍ଠାନ ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର(ଆରଆରଆରସି) ଓ ସ୍ୱତନ୍ତ୍ର ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆସନ୍ତା ୩ରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ନେଇ ପ୍ରସ୍ତୁତି ଶେଷ ହୋଇଛି। ଏହି ଅବସରରେ ସହରର ଦିବ୍ୟାଙ୍ଗମାନଙ୍କୁ ନେଇ ଏକ ଶୋଭାଯାତ୍ରା ଆୟୋଜନ କରାଯିବ। ସେଦିନ ସକାଳ ୯ଟାରେ ଡିଏଭି ଛକ ନିକଟରୁ ଏହି ଶୋଭାଯାତ୍ରା ବାହାରିବ। ଏହା ରିଙ୍ଗ ରୋଡ ଦେଇ ଭଗବତୀ ମନ୍ଦିର ନିକଟରେ ସମାପ୍ତ ହେବ। ଏଠାରେ ନୂତନ ଆରଆରସି ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ଅବସରରେ ୬୦ ଜଣ ଭିନ୍ନକ୍ଷମଙ୍କୁ ୩ ଚକିଆ ସାଇକେଲ, ହ୍ୱିଲ ଚେୟାର, ଶ୍ରବଣ ଯନ୍ତ୍ର, ଆଶା ବାଡି ଓ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବ। ବିଭିନ୍ନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ଦିବ୍ୟାଙ୍ଗମାନଙ୍କୁ ପୁରସ୍କାର ବିତରଣ କରାଯିବ। ଏହି ଅବସରରେ ସେମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ସାହୁ ଜଣାଇଛି।

### ୧୪୩ ନଂ. ଜାତୀୟ ରାଜପଥ ସଂପ୍ରସାରଣ ଘଟଣା

# ଥଇଥାନ ଚିନ୍ତାରେ ଶତାଧିକ ବ୍ୟବସାୟୀ

**ରାଉରକେଲା ଅଫିସ/ ବେଦବ୍ୟାସ (ଡି.ଏନ୍.ଏ.) ୩୦।୧୧**



ଅନନ୍ତ ମାଝୀ



ଭାଗୀରଥି ବାରିକ



ଇନ୍ଦ୍ରାଣି ବାରିକ



ପିଣ୍ଟୁ ପାଣିଗ୍ରାହୀ

୧୪୩ ନଂ. ଜାତୀୟ ରାଜପଥ ସଂପ୍ରସାରଣ ନେଇ ଶନିବାର ବେଦବ୍ୟାସ ଅଞ୍ଚଳର ଶତାଧିକ ବ୍ୟବସାୟିକ ଅନୁଷ୍ଠାନକୁ ମାଟିରେ ମିଶାଇ ଦିଆଯାଇଛି। ଏହାର ଶିକାର ହୋଇଥିବା କ୍ଷୁଦ୍ର ବ୍ୟବସାୟୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୁଆଡେ ଯିବେ କରିବେ କଣ ଏହି ଚିନ୍ତା ସେମାନଙ୍କୁ ଘାରୁଛି। ଗତ କିଛି ବର୍ଷ ପୂର୍ବେ ଉଚ୍ଛେଦର ଶିକାର ହୋଇଥିବା ବ୍ୟବସାୟୀ ପୁଣି ଥରେ ଏହାକୁ ସାମନା କରିଛନ୍ତି। ଏଣେ ପ୍ରଶାସନିକସ୍ତରରେ ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ ନେଇ ବିକଳ୍ପ ବ୍ୟବସ୍ଥା କରାଯାଇନି। ଦ୍ୱିତୀୟ ବାର ବ୍ୟବସାୟ ହରାଇ ସମ୍ପୃକ୍ତ ଦୋକାନୀ ଚିନ୍ତାରେ ପଡିଛନ୍ତି। ଏହି ଅଞ୍ଚଳରେ ସେଭଳି କୌଣସି ଖାଲି ଜାଗା ନ ଥିବାରୁ ଥଇଥାନ ଆଶା ମଉଳି ଯାଇଛି। ଏଣେ ବେପାର ବୁଡିଲେ ପରିବାର ଚଳିବେ କେମିତି ତାହା ବ୍ୟବସାୟୀଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି କରିଛି। ରାସ୍ତା ସଂପ୍ରସାରଣକୁ କେହି ବିରୋଧ ବା ପ୍ରତିରୋଧ କରି ନାହାଁନ୍ତି। କେବଳ ଦୁଃଖ ଏତିକି ଯେ, ପ୍ରଶାସନ ସେମାନଙ୍କୁ ଥଇଥାନ କରିବାକୁ କୌଣସି ଚିନ୍ତା କରୁନି। ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

ଏନେଇ ମୋବାଇଲ ଦୋକାନୀ ଭାଗିରଥି ବାରିକ କହନ୍ତି, ରାସ୍ତା ସଂପ୍ରସାରଣ ଯୋଗୁ ପୂର୍ବରୁ ଥରେ ଆମ ଅଞ୍ଚଳର ଦୋକାନୀଙ୍କୁ ଉଚ୍ଛେଦର ସାମନା କରିବାକୁ ପଡିଥିଲା। ଆମେ ବହୁ କଷ୍ଟରେ ଅଣ୍ଟା ସଳଖିବା ବେଳକୁ ଆଉ ଥରେ ଦୋକାନ ଭାଙ୍ଗି ଦିଆଗଲା। ପ୍ରଶାସନ ଆମ ଥଇଥାନ ବ୍ୟବସ୍ଥା କରୁ ଅନ୍ୟଥା ଆମ ପରିବାର ଭାସିଯିବ। ପାନ ଦୋକାନୀ ପିଣ୍ଟୁ ପାଣିଗ୍ରାହୀଙ୍କ ମତରେ ଏଭଳି ଉଚ୍ଛେଦ ଦ୍ୱାରା ବେଶି କ୍ଷତିର ସମ୍ମୁଖୀନ ହୋଇଛୁ ଆମ ଭଳି ଛୋଟ ଦୋକାନୀ। ଆଉ ଥରେ ଜାଗା ଖୋଜି ଦୋକାନ କରିବା ସମ୍ଭବ ହେବ କି ନ ହେବ ତାହା ସମୟ କହିବ। ତେବେ ଏବେ ଆମ ପରିବାର ଚଳିବ କେମିତି ସେହି ଚିନ୍ତାରେ ଆମେ ପଡିଛୁ। ମୋବାଇଲ ଭାଉଚର ଦୋକାନୀ ଇନ୍ଦ୍ରମଣି ବାରିକ କହିଛନ୍ତି, କେତେ ଥର ଆମେ ଆଉ ପ୍ରଶାସନିକ ଜୁଲମର ଶିକାର ହେବୁ। ରାସ୍ତା ତିଆରି ହେବ, ମନା ନାହିଁ। ଆମେ ତ ସହଯୋଗ କରୁଛୁ। ହେଲେ ଆମ ସମସ୍ୟାକୁ ନେଇ କାହାର ଚିନ୍ତା ନାହିଁ। ଏହା କିଭଳି ପ୍ରଶାସନିକ ଶୃଙ୍ଖଳା ବୁଝା ପଡୁନି। ହୋଟେଲ ମାଲିକ ଅନନ୍ତ ମାଝି କୁହନ୍ତି,ଏଠାରେ ଏତେ ସଂଖ୍ୟକ ଦୋକାନୀଙ୍କୁ ଉଚ୍ଛେଦ ପୂର୍ବରୁ ପ୍ରଶାସନ କିଛି ଗୋଟେ ଚିନ୍ତା କରିବା କଥା। ସମସ୍ତଙ୍କ ପରିବାର ଅଛି। ଆଖି ପିଛୁଳାକେ ଆମ ଦୋକାନ ମାଟିରେ ମିଶି ଯାଇଛି। ହେଲେ ଏହାପର ସ୍ଥିତି ନେଇ ଆମ ଚିନ୍ତା ବଢି ଯାଉଛି। କୁଆଡେ ଯିବୁ। କିଏ ଆମକୁ ସାହାରା ଦେବ ସେହି ପ୍ରଶ୍ନବାଚୀ ଆମକୁ ଦୁଃଖ ଦେଇଛି।

### ଏକ୍ସପାଏରୀ ମସଲା ବିକ୍ରି ଅଭିଯୋଗ

# ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମସଲା ଜବତ କଲା ଆର୍‌ଏମ୍‌ସି

**ଯାଞ୍ଚ ପାଇଁ ନମୁନା ସଂଗ୍ରହ**

**ରାଉରକେଲା ଅଫିସ, ୩୦।୧୧**

ରାଉରକେଲା ସହରର ସିଭିଲ ଟାଉନସିପସ୍ଥିତ ଏକ ଘରୋଇ ଡିଷ୍ଟ୍ରିବ୍ୟୁଟରଙ୍କ ଗୋଦାମରେ ଆର୍‌ଏମ୍‌ସିର ଖାଦ୍ୟ ବିଭାଗ ଅଧିକାରୀମାନେ ଶନିବାର ଚଢ଼ାଉ କରି ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମସଲା ଜବତ କରିଛନ୍ତି । ଏହି ମସଲାର ମାନ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି ।

ସୂଚନା ଅନୁସାରେ ସହରର ସିଭିଲ ଟାଉନସିପରେ ଥିବା ଏମ୍‌ଜି ଏଣ୍ଟରପ୍ରାଇଜେସ ନାମକ ଏକ ଘରୋଇ ଡିଷ୍ଟ୍ରିବ୍ୟୁଟର ରହିଛି। ଉକ୍ତ ଦୋକାନର ମାଲିକ ହେଉଛନ୍ତି ସୋନୁ ଗର୍ଗ। ସେ ବେଆଇନ ଭାବେ ବିଭିନ୍ନ କମ୍ପାନୀରୁ ଏକ୍ସପାଏରୀ ମସଲା ଆଣିବା ସହ ଏହାକୁ ଘରୋଇ ବଜାରରେ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଆର୍‌ଏମ୍‌ସି ଖାଦ୍ୟ ବିଭାଗକୁ ଏ ନେଇ ସୂଚନା ମିଳିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖାଦ୍ୟ ବିଭାଗ ଅଧିକାରୀ ସ୍ୱାଗତିକା ବେହେରା ଓ ଆର୍‌ଏମ୍‌ସି କର୍ମଚାରୀ ଶନିବାର ତାଙ୍କ ଗୋଦାମରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସୋନୁଙ୍କ ଗୋଦାମରୁ ପ୍ରାୟ ୫ରୁ ୬ କୁଇଣ୍ଟାଲ ମସଲା ରହିଥିବା ଜଣାପଡ଼ିଥିଲା। ଏପରିକି ଯାଞ୍ଚ ବେଳେ ପାଇକାରୀ କାରବାର ପାଇଁ ସୋନୁଙ୍କ ପାଖରେ ଆବଶ୍ୟକୀୟ ଲାଇସେନ ନ ଥିବା ଜଣାପଡ଼ିଛି। ଖାଦ୍ୟ ଅଧିକାରୀ ବେହେରା ସମସ୍ତ ମସଲାକୁ ଜବତ କରିବା ସହ ଦୋକାନକୁ ସିଲ କରିଛନ୍ତି । ଏହାସହ ମସଲାର ନମୁନା ସଂଗ୍ରହ କରାଯାଇ ଯାଞ୍ଚ କରାଯିବ ବୋଲି ବେହେରା କହିଛନ୍ତି। ନମୁନା ଯାଞ୍ଚ ପରେ ଯଦି ମସଲା ଏକ୍ସପାଏରୀ ଥିବା ଜଣାପଡେ ତେବେ ଆଇନ ଅନୁସାରେ ଉକ୍ତ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବେହେରା କହିଛନ୍ତି ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଦେଉଥାଏ ପରକୁ**
**ବୁଦ୍ଧି ନ ଦିଶଇ ଘରକୁ ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକେ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଅ ନନ୍ଦ !**
**କିଏ ଜାଣିଥିଲା ଏତେ ଛନ୍ଦ ।**

କାହାର କେଉଁ ଗୁଣ ଅଛି ତା' ସହ ମିଳାମିଶା ନ କଲେ ଜଣାପଡ଼େ ନାହିଁ। ଅନ୍ତରର ଭାବ ବୁଝିବା ନିହାତି କଷ୍ଟକର। ସବୁ ଭିତିରି କଥା, ଭିତିରି ଉଦ୍ଦେଶ୍ୟ ଓ ରହସ୍ୟ ଆଗରୁ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପଞ୍ଚାୟତରେ ଦୁର୍ନୀତି: ଯନ୍ତ୍ରୀ ନିଲମ୍ବିତ

**ଝାରସୁଗୁଡା ଅଫିସ୍/ଲଖନପୁର, ୩୦।୧୧ (ଡି.ଏନ୍.ଏ)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ପଞ୍ଚଗାଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଏକ ଭିଡିଓ ଗତ ସୋମବାର ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏ ସମ୍ପର୍କରେ ସତ୍ୟାସତ୍ୟ ଜାଣିବା ପାଇଁ ଜିଲା ପ୍ରଶାସନ ତରଫରୁ ଗତ ଗୁରୁବାରଠାରୁ ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ଜାରି ରହିଥିବାବେଳେ ଜିଲାପାଳ ସରୋଜ ସାମଲ ଶନିବାର ଘଟଣାରେ ପକ୍ଷଭୁକ୍ତ ହୋଇଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ବିଭାଗୀୟ ଶୃଙ୍ଖଳାଗତ ପଦକ୍ଷେପ ଗ୍ରହଣ କରିଛନ୍ତି । ଜିଲାପାଳ ସାମଲ କନିଷ୍ଠ ଯନ୍ତ୍ରୀ ପ୍ରକାଶ ସାହୁଙ୍କୁ ନିଲମ୍ବିତ କରାଯାଇଥିବାବେଳେ ଜିଆର୍‌ଏସ୍ ପ୍ରଭାତ ସାଙ୍କୁ ତାଙ୍କ କାର୍ଯ୍ୟରୁ ଅସ୍ଥାୟୀ ଭାବେ ଅପସାରଣ କରିଛନ୍ତି । ଏ ନେଇ ଜିଲାପାଳ ସାମଲ କହିଛନ୍ତି, ତଦନ୍ତ ଜାରି ରହିଛି । ଏହାର ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ଆସିବା ପରେ ପକ୍ଷଭୁକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ।

# ବସ୍ତି ଦେଇ ଭାରିଯାନ ଚଳାଚଳକୁ ବିରୋଧ

**ରାଉରକେଲା ଅଫିସ,୩୦।୧୧**

ଦିନରାତି ଜାରି ରହିଥିବା ବର୍ଜ୍ୟ ସ୍ଲାଗ (ରାଖଡ) ଚାଲାଣ ନେଇ ଶନିବାର ତାତିଛନ୍ତି ଶୀତଳପଡାବାସୀ। ଏହାକୁ ବିରୋଧ କରି ସକାଳୁ ବସ୍ତିରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଲାଗ ପରିବହନରେ ନିୟୋଜିତ ଟ୍ରକକୁ ଅଟକାଇ ବସ୍ତି ଭିତର ଦେଇ ଯାତାୟତ କରିବାକୁ ବାରଣ କରିଥିଲେ ସ୍ଥାନୀୟ ବାସିନ୍ଦା। କାରଣ ଯାତାୟାତ କରୁଥିବା ଟ୍ରକରୁ ଧୂଳି ଉଡି ବସ୍ତି ବାସିନ୍ଦାଙ୍କ ଘରେ ପଶୁଛି। ଏହି ଧୂଳି ଖାଦ୍ୟ ପଦାର୍ଥରେ ମିଶିବା ସହ ଘର ଉପରେ ଜମି ରହୁଛି। ବସ୍ତି ବାସିନ୍ଦା ଦୀର୍ଘବର୍ଷ ହେବ ଏ ନେଇ ନାନା ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଦିନ ରାତି ଏହି ରାସ୍ତା ଦେଇ ଭାରିଯାନ ଯାତାୟାତ କରୁଥିବାରୁ ବସ୍ତି ରାସ୍ତା ଜରାଜୀର୍ଣ୍ଣ ହୋଇପଡିଛି। ଏହାର ମରାମତି ନେଇ ପଦକ୍ଷେପ ନିଆଯାଉନି। ବସ୍ତି ବାସିନ୍ଦା ଅଭିଯୋଗ କରି ଶନିବାର ପାଟିତୁଣ୍ଡ କରିଥିଲେ। ଏଭଳି ବେପରୁଆ ଗାଡି ଚାଳନାରେ ଅତିଷ୍ଠ ବସ୍ତି ବାସିନ୍ଦା କହିଥିଲେ, ଏଭଳି ଜୁଲମକୁ ଆମେ ଆଉ ସହିବୁନୁ। ବସ୍ତି ଭିତର ଦେଇ ପ୍ରତିଦିନ ଶତାଧିକ ଗାଡି ଚଳାଚଳ କରୁଥିବାରୁ ଆମେ ଶାନ୍ତିରେ ରହୁ ପାରୁନୁ । ଏହି ପରିପ୍ରେକ୍ଷୀରେ ଗାଡି ଚଳାଚଳ ବନ୍ଦ ରଖିବାକୁ ଶୀତଳପଡା ବସ୍ତି ବାସିନ୍ଦା ଦାବି କରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 – 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ (ହାଜି ଅଲି ୱାଲେ)
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113, 9337594620
CORRESPONDENCE COURSE ALSO AVAILABLE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୈଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨0 ଲକ୍ଷ/- ଭଡ଼ା - ୨0 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office
G-79, Adarsh Nagar, Karol Bagh
7082322494
7496805598


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନଙ୍କର ସଂକୀର୍ଣ୍ଣ ଭାବ ସେହିମାନେ ହିଁ କେବଳ ଅନ୍ୟମାନଙ୍କ ଧର୍ମକୁ ନିନ୍ଦା କରନ୍ତି ଓ ଆପଣା ଧର୍ମକୁ ଶ୍ରେଷ୍ଠ ବୋଲି କହନ୍ତି। -ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଚାଳକ ମୃତ

କୁଆଁରମୁଣ୍ଡା, ୩୦।୧୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ତେଲିପୋଷ ବନ୍ଧଟୋଲା ନିକଟରେ ଏକ ଟ୍ରାକ୍ଟର ଓଡି୧୪ଏସ୧୬୬୭ ଶୁକ୍ରବାର ରାତି ପ୍ରାୟ ୯ଟା ବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଖାଲକୁ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟର ଚଳାଉଥିବା ଚାଳକ ରାଜୁ ଟପ୍ପୋ(୨୮) ଚକାତଳେ ପଶିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଜବତ କରିବା ସହ ଏକ ମାମଲା(ନଂ.୧୪୭/୧୯) ରୁଜୁ କରିଛି। ଶନିବାର ଶବ ବ୍ୟବଚ୍ଛେଦ କରାଇ ପୋଲିସ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ରାଜୁଙ୍କ ଘର ତେଲିପୋଷ ଗ୍ରାମ ବୋଲି ପୋଲିସ କହିଛି। ଏହାସହ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ପୋଲିସ୍ ଦୁର୍ଘଟଣାର ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଶିଶୁ ସେବା ଆଶ୍ରମରୁ ୭ ଅନ୍ତେବାସୀଙ୍କୁ ସ୍ଥାନାନ୍ତର ଘଟଣା

# ସନ୍ଦେହ ଘେରରେ ଜିଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟ

- ସ୍ଥାନାନ୍ତରିତ ଅନୁଷ୍ଠାନରେ ମଧ ଅନ୍ତେବାସୀଙ୍କ ପାଇଁ ନାହିଁ ଶଯ୍ୟା
- ୪୭ ଅନ୍ତେବାସୀଙ୍କ ପାଇଁ ମାତ୍ର ୩୪ ଶଯ୍ୟା

କୁତ୍ରା, ୩୦।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଦେଓଭବନପୁର ଶିଶୁ ସେବା ଆଶ୍ରମରୁ କୁତ୍ରା ବ୍ଲକର ପୂର୍କାପାଲି ଗ୍ରାମ ପଞ୍ଚାୟତର ଦାନପଡାଠାରେ ଥିବା ଲଭ ସୋସାଇଟି ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ ଆଶ୍ରମକୁ ୭ଜଣ ଶିଶୁଙ୍କୁ ସ୍ଥାନାନ୍ତରିତ କରାଯିବା ଘଟଣାଟି ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ କମିଟିର କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି କରୁଛି। ଗତ ୨୮ ତାରିଖ କୁତ୍ରା ଖବରଦାତା ଖବର ସଂଗ୍ରହ କରିବା ପାଇଁ ଲଭ ସୋସାଇଟିକୁ ଯାଇଥିବାବେଳେ ସେହି ଦିନ ଶିଶୁ ମଙ୍ଗଳ କମିଟିର ସଭ୍ୟ ମହେନ୍ଦ୍ର ପଟେଲ ଖବରଦାତାଙ୍କୁ ପୋଲିସରେ ଅଭିଯୋଗ କରି ଜେଲରେ ପୁରାଇ ଦେବା ନେଇ ଧମକ ଦେଇଥିବା ଘଟଣା ଶିଶୁ ମଙ୍ଗଳ କମିଟିର କାର୍ଯ୍ୟକଳାପକୁ ଆହୁରି ସନ୍ଦେହ ଘେରକୁ ନେଇ ଯାଉଛି । ଛଡା ଶିଶୁ ସୁରକ୍ଷା କମିଟିର ସଭ୍ୟ ମହେନ୍ଦ୍ର ପଟେଲ ନିଜ ପୁଅଙ୍କ ମଧ୍ୟସ୍ଥିତରେ ଶିଶୁ ସେବା ଅନୁଷ୍ଠାନ ମାନଙ୍କରେ କପଡା ବ୍ୟବସାୟ କରୁଥିବା ଜଣାପଡିଛି । ସୁନ୍ଦରଗଡ ଜିଲା ଦେଓଭବନପୁରଠାରେ ଶିଶୁ ସେବା ଆଶ୍ରମ ନାମରେ ଏକ ଶିଶୁଯତ୍ନ ଅନୁଷ୍ଠାନ ରହିଅଛି । ଏହି ଆଶ୍ରମରେ ୨୫ଜଣ ଅନ୍ତେବାସୀ ରହିଥାନ୍ତି । ସେଠାରେ ୭ଜଣ ଅନ୍ତେବାସୀଙ୍କ ପାଇଁ ଶଯ୍ୟା ନ ଥିବା ତଥା ଅନ୍ତେବାସୀମାନେ ଶିଶୁ ସେବା ଆଶ୍ରମରେ ରହିବା ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବା ଏକ ତଦନ୍ତ ରିପୋର୍ଟ ଜିଲା ଶିଶୁ ସେବା ୟୁନିଟ ଓ ଜିଲା ଶିଶୁ ମଙ୍ଗଳ କମିଟିର ସଭ୍ୟମାନଙ୍କୁ ନେଇ ଗଠିତ ପରିଦର୍ଶନ କମିଟି ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ଏହି ରିପୋର୍ଟକୁ ନେଇ ଜିଲାପାଳ ଶିଶୁ ସେବା ଆଶ୍ରମର ୭ଜଣ ଅନ୍ତେବାସୀଙ୍କୁ ସମସ୍ତ ସୁବିଧା ସୁଯୋଗଥିବା ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକୁ ନେଇ ଅନ୍ତେବାସୀଙ୍କୁ ସ୍ଥାନାନ୍ତର କରାଯାଇଥିବା ଜିଲା ଶିଶୁ ମଙ୍ଗଳ କମିଟି ପକ୍ଷରୁ ଜାଣିବାକୁ ମିଳିଥିଲା । ହେଲେ ଶିଶୁ ସେବା ଆଶ୍ରମରୁ ସ୍ଥାନାନ୍ତରିତ କରାଯାଇଥିବା ଅନ୍ତେବାସୀଙ୍କୁ କୁତ୍ରା ବ୍ଲକର ଲଭ ସୋସାଇଟିକୁ ସ୍ଥାନାନ୍ତରିତ କରିଥିବା ବେଳେ ସେଠାରେ ମଧ ଅନ୍ତେବାସୀଙ୍କ ପାଇଁ ଶଯ୍ୟା ନ ଥିବା ଅନ୍ତେବାସୀଙ୍କୁ ପାଖରେ ଥିବା ନାଳରେ ଗାଧାଉଥିବା ତଥା ଏବର୍ଷର ପରୀକ୍ଷା ନିକଟରେ ଥିବା ବେଳେ ତଥା ଶିଶୁ ସେବା ଆଶ୍ରମ ପାଇଁ ଏକ ନୂତନ କୋଠା ଘର ତିଆରି କରାଯାଉଥିଲେ ମଧ କାହିଁକି ତରବରିଆ ଭାବେ ୭ ଅନ୍ତେବାସୀଙ୍କୁ ଲଭ ସୋସାଇଟିକୁ ସ୍ଥାନାନ୍ତରିତ କରାଗଲା ବୋଲି ଅନ୍ତେବାସୀଙ୍କ କିଛି ସମ୍ପର୍କିୟ ଅଭିଯୋଗ କରିଥିଲେ । କୁତ୍ରା ପ୍ରତିନିଧି ଏବାବଦରେ ଜାଣିବା ପାଇଁ ୨୮ ତାରିଖ ଲଭ ସୋସାଇଟିକୁ ଯାଇଥିଲେ । ଲଭ ସୋସାଇଟିରେ କାର୍ଯ୍ୟରତ ଜଣେ ମହିଳା ନିଜ ନାମ ଫ୍ରାନସିସକା ବିଲୁଙ୍ଗ ବୋଲି ପରିଚୟ ଦେବା ପରେ ସେ ଉକ୍ତ ଅନୁଷ୍ଠାନରେ ସୁପରିଣ୍ଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲେ। ଫ୍ରାନସସକାଙ୍କ ସହିତ ଆଲୋଚନା ପରେ ଧରିତ୍ରୀ ପ୍ରତିନିଧିଙ୍କୁ ଫ୍ରାନସିକା ତାଙ୍କ ଅନୁଷ୍ଠାନରେ ଆଗରୁ ୩୮ ଝିଅ ଓ ପୁଅ ରହୁଥିବା ବେଳେ ତାଙ୍କ ପାଖରେ ମାତ୍ର ୩୪ଟି ଶଯ୍ୟା ଥିବା ପ୍ରକାଶ କରିଥିଲେ । ପରେ ଜିଲା ଶିଶୁ ମଙ୍ଗଳ କମିଟିର ଚ୍ୟାରପରର୍ସନ୍‌ଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ସେବା ଆଶ୍ରମ ଦେଓଭବନପୁରର ୭ଜଣ ଓ ଅନ୍ୟ ଦୁଇ ଜଣଙ୍କୁ ରଖିଥିବା ପ୍ରକାଶ କରିଥିଲେ । ପରେ ତାଙ୍କୁ ଅନୁଷ୍ଠାନର ପିଲା କେଉଁଠି ଗାଧାଉଛନ୍ତି ବୋଲି ପ୍ରଶ୍ନ ହେବାରୁ ପାଖ ନାଳରେ ଗାଧାଉଥିବା ପ୍ରକାଶ କରିଥିଲେ । ଫ୍ରାନସିସକାଙ୍କ କହିବା ମୁତାବକ ପରିଦର୍ଶନ ଖାତାରେ ନିଜ ମନ୍ତବ୍ୟ ଲେଖି ଦେଇ ଖବରଦାତା ସେଠାରୁ ଚାଲିଯାଇ ଶିଶୁ ସୁରକ୍ଷା ଇନଚାର୍ଜ ଅନନ୍ତ ପାରୁଆଙ୍କୁ ଶିଶୁସେବା ଆଶ୍ରମ ଦେଓଭବନପୁରରେ ଶଯ୍ୟା ନ ଥିବା ଦର୍ଶାଇ ୭ଜଣ ଅନ୍ତେବାସୀଙ୍କୁ ଲଭ ସୋସାଇଟିରେ ରଖିବା ପରେ କାହିଁକି ତାଙ୍କୁ ଶଯ୍ୟା ଦିଆଗଲା ନାହିଁ, ଏବେ ପିଲା ଏଠି ରହିବା ପାଇଁ ଇଚ୍ଛା ପ୍ରକାଶ କରୁନଥିବା ବେଳେ ତାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ତଥା ଯୁକ୍ତ ୨ ଯୋଗ୍ୟତା ଥିବା ମହିଳାଙ୍କୁ କିପରି ଲଭ ସୋସାଇଟିର ସୁପରିଣ୍ଟେଣ୍ଡାଣ୍ଟ ଦାୟୀତ୍ୱ ଦିଆଗଲା ବୋଲି ପଚାରିବାରୁ ସେ ପ୍ରଶ୍ନର ଉତ୍ତର ଦେବା ବଦଳରେ ଶିଶୁ ମଙ୍ଗଳ କମିଟିର ଚ୍ୟାରପରସନ୍‌ଙ୍କୁ ମାଜିଷ୍ଟ୍ରେଟ ପାୱାର ଦିଆଯାଇଅଛି । ଏଣୁ ଆମେ ତାଙ୍କ ନିର୍ଦ୍ଦେଶ ଅନୁସାରେ କାମ କରୁବୋଲି ଉତ୍ତର ଦେଇଥିଲେ । ପରେ ଖବରଦାତା ଶିଶୁ ମଙ୍ଗଳବ କମିଟିର ସଭ୍ୟ ମହେନ୍ଦ୍ର ପଟେଲଙ୍କୁ ଫୋନ ମାଧ୍ୟମରେ ଏ ବାବଦରେ ପଚାରିବାରୁ ତୁମେ କାହିଁକି ଲଭ ସୋସାଇଟିକୁ ଯାଇ ଖବର ନେଲ ମୁଁ ତୁମ ନାମରେ ଥାନାରେ ଅଭିଯୋଗ କରି ଜେଲରେ ପୁରାଇ ଦେବି ବୋଲି ଧମକ ଦେଇଥିଲେ । ଖବରଦାତା ଲଭ ସୋସାଇଟିର ପିଲାଙ୍କୁ ନିଜସ୍ୱ ଶଯ୍ୟା ନଦେବା, ପିଲାଙ୍କୁ ନାଳରେ ଗାଧୋଇବା, ସ୍ଥାନାନ୍ତରଣ ଯୋଗୁଁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ହେବା ପିଲା ଲଭ ସୋସାଇଟିରେ ନରହି ଶିଶୁ ସେବା ଆଶ୍ରମକୁ ଫେରିଯିବା ପାଇଁ ଇଚ୍ଛା ପ୍ରକାଶ କରିବା ଘଟଣା ଜେଜେ ଆକ୍ଟକୁ ଉଲଂଘନ କରୁନାହିଁ କି ବୋଲି ପଚାରିବାରୁ ମହେନ୍ଦ୍ର ପଟେଲ କୌଣସି ଉତ୍ତର ଦେଇ ନ ଥିଲେ। ଅଭିଯୋଗ ମୁତାବକ ବର୍ଷାଦିନେ ପିଲାଙ୍କୁ ସ୍ଥାନାନ୍ତର ବଦଳରେ ବର୍ଷାପରେ ପିଲାଙ୍କୁ ସ୍ଥାନାନ୍ତରଣ କରିବା, ଶଯ୍ୟା ନଥିବା ଅଭିଯୋଗକୁ ନେଇ ପିଲାଙ୍କୁ ପୁଣି ଶଯ୍ୟା ନଥିବା ଅନୁଷ୍ଠାନକୁ ସ୍ଥାନାନ୍ତରଣ କରିବା, ଶିଶୁସେବା ଆଶ୍ରମର ନୂତନ କୋଠା ଘର ୨ରୁ ୩ ମାସ ମଧ୍ୟରେ ବ୍ୟବହାର କରାଯିବାର ପ୍ରସ୍ତାବ ଥିବା ସର୍ତ୍ତ୍ୱେ ଶିଶୁ ମଙ୍ଗଳ କମିଟିର କାର୍ଯ୍ୟକଳାପ ତଦନ୍ତ ସାପେକ୍ଷ ଅଟେ ବୋଲି କୁହାଯାଉଛି।

### ଆଦିବାସୀ ଉନ୍ନୟନ ପରିଷଦ ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ

ବଡ଼ଗାଁ, ୩୦।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ସୁନ୍ଦରଗଡ ଆଦିବାସୀ ଉନ୍ନୟନ ପରିଷଦ ପକ୍ଷରୁ ବଡଗାଁ, କୁତ୍ରା, ରାଜଗାଙ୍ଗପୁର ବ୍ଲକ ଅଞ୍ଚଳର କିର୍ତ୍ତନ, ନୃତ୍ୟ, ଖେଳ, ବାଦ୍ୟ, ସଂକୀର୍ତ୍ତନ ଆଦି ସଙ୍ଗଠନର ସଦସ୍ୟମାନଙ୍କୁ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, କୁତ୍ରା ବ୍ଲକ ବିଜେଡିର ପୂର୍ବତନ ସଭାପତି ଅର୍ଜୁନ ଜୟପୁରିଆ, ବିଡିଓ କ୍ଷମାନିଧି ଭୋଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୭ଟି ଡ୍ୟାନ୍ସ ଗ୍ରୁପ, ୧୬ଟି କୀର୍ତ୍ତନ ଦଳ, ୪ହକି ଦଳ ଓ ୧୨ଟି ଫୁଟବଲ ଟିମକୁ ସାମଗ୍ରୀ ଯଥା, ଖୋଳ, ମୃଦଙ୍ଗ, ଖଞ୍ଜଣୀ, ହକି ଷ୍ଟିକ, ଟ୍ରାକସୁଟ ଇତ୍ୟାଦି ସାମଗ୍ରୀ ବଣ୍ଟନ କରାଯାଇଥିଲା । ସରକାରୀ ଓକିଲ ଦେବାଶିଷ ମିଶ୍ର, ରାଜୁ ଦାସ, ଜିଲା ବିଜେଡି ଯୁବ ସମ୍ପାଦକ ତାପସ ପଣ୍ଡା, ତଲସରା ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଭାପତି ଉତ୍କଳ ମହାପାତ୍ର, ଆଲୋକ ପଟ୍ଟନାୟକ, ଏମଡି କ୍ୱାଉଲ, ହୀରାଧର ବେହେରା, ସରୋଜ ଦେଓ ପ୍ରମୁଖ କର୍ମୀମାନେ ଉପସ୍ଥିତ ରଖି କାର୍ଯ୍ୟ ତୁଲାଇଥିଲେ ।

### ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି

## ରାଜଗାଙ୍ଗପୁର ଓକିଲ ସଂଘର ଆନ୍ଦୋଳନ

ରାଜଗାଙ୍ଗପୁର, ୩୦।୧୧ (ଡି.ଏନ.ଏ)



ରାଜଗାଙ୍ଗପୁରରେ ଓକିଲମାନେ ଆନ୍ଦୋଳନ କରୁଛନ୍ତି।

ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ରାଜଗାଙ୍ଗପୁର ଓକିଲ ସଂଘ ଦ୍ୱାରା କରାଯାଇଥିବା ତିନି ଦିନିଆ ଆନ୍ଦୋଳନ ଶନିବାର ତୃତୀୟ ଦିନରେ ପହଞ୍ଚିଛି । ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନାରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ପ୍ରତିମାସ ଶେଷ ତିନି ଦିନ ଓକିଲମାନେ କାର୍ଯ୍ୟବନ୍ଦ ରଖିବା ସାଙ୍ଗକୁ ବ୍ଲକ, ତହସିଲ, କୋର୍ଟ ଆଦିକୁବନ୍ଦ କରି ଦିଅନ୍ତି । ଏମାସ ମଧ ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ଗୁରୁବାର ଦିନରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରି ଶନିବାର ପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ଜାରି ରଖିଥିଲେ । ଗୁରୁବାର ରୁ ଶନିବାର ପର୍ଯ୍ୟନ୍ତ ଓକିଲ ରାଜଗାଙ୍ଗପୁର କୋର୍ଟ ସମେତ ତହସିଲ ଓ ବ୍ଲକ ଅଫିସରେ ତାଲା ପକାଇ ଧାରଣାରେ ପସିଥିଲେ । ଠିକ ସେହି ପରି କୁତ୍ରାରେ ମଧ ଓକିଲମାନେ ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ କୁତ୍ରା ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ରାଜଗାଙ୍ଗପୁର ଓକିଲ ସଂଘର ସଭାପତି ବରିଷ୍ଠ ଆଇନଜୀବି ରବିନ୍ଦ୍ର ବେହେରା ଓ ସମ୍ପାଦକ ମନୋଜ ସାହୁଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ବେଳେ ରାଜଗାଙ୍ଗପୁର ଓକିଲ ସଂଘର ବିକ୍ରମ ପୃଷେଠ, ପ୍ରଳୟ କୁମାର ହାଜରା, ରାଜୀବ କୁମାର ହାୱାଲଦାର, ରାଜେନ୍ଦ୍ର କୁମାର ଗୁପ୍ତା, ମୁରଲୀଧର ଦାସଙ୍କ ସମେତ ସମସ୍ତ ଓକିଲ ସାମିଲଥିଲେ।

## ଯୌତୁକ ନିର୍ଯାତନା ପରେ ମୁସଲିମ ମହିଳାଙ୍କୁ ୩ ତଲାକ୍ ଦେଲେ ସ୍ୱାମୀ

ସୁନ୍ଦରଗଡ, ୩୦।୧୧ (ଡି.ଏନ୍.ଏ)

କେନ୍ଦ୍ର ସରକାର ମୁସଲିମ ମହିଳାଙ୍କୁ ବିବାହ ପରେ ଦିଆଯାଉଥିବା ୩ ତଲାକ ଛାଡପତ୍ର ଆଇନ୍‌କୁ ପାର୍ଲାମେଣ୍ଟରେ ଉଚ୍ଛେଦ ପାଇଁ ସ୍ୱତନ୍ତ୍ର ଆଇନ୍ ବ୍ୟବସ୍ଥା ଲାଗୁ କରିଥିଲେ ହେଁ ସୁନ୍ଦରଗଡ ଜିଲାରେ ଏହାର ବ୍ୟତିକ୍ରମ ଦେଖା ଦେଇଛି । ଏହି ଜିଲା ତଳସରା ଥାନା ଅନ୍ତର୍ଗତ ବନଡେଗାରେ ଜଣେ ମୁସଲିମ୍ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯିବା ପରେ ତାଙ୍କ ସ୍ୱାମୀ ୩ତଲାକ (ଛାଡପତ୍ର) ଦେଇଛନ୍ତି। ଏନେଇ ମହିଳା ଜଣକ ତଳସରା ଥାନାରେ ରିପୋର୍ଟ କରିବା ପରେ ପୋଲିସ କେଶ ନଂ.୧୭୭ /୨୦୧୯ରେ ଯୌତୁକ ନିର୍ଯାତନା ଆଇନ୍‌ରେ ଏକ ମାମଲା ରୁଜୁ କରି ମହିଳାଙ୍କ ସ୍ୱାମୀ ଶାଶୁ ,ଶ୍ୱଶୁର ଙ୍କ ସମେତ ପରିବାରର ୬ଜଣଙ୍କୁ ନୋଟିସ ଜାରି କରିଛି। ପୋଲିସ ସୂଚନା ମୁତାବକ ତଳସରା ଥାନା ଅନ୍ତର୍ଗତ ଲୁଲୁକିଡିହି ଗ୍ରାମର ଏକ୍ରାମୁଲ ହକ୍ ତାଙ୍କ ଝିଅ ଆରବିୟା ଖାତୁନ୍ (୩୦)ଙ୍କୁ ଗତ ୭।୪।୨୦୧୧ରେ ବନଡେଗା ଗ୍ରାମର ଅବୁ ସେହେମାକ୍‌ଙ୍କୁ ମୁସଲିମ ରୀତିନୀତି ଅନୁଯାୟୀ ବିବାହ କରିଥଲେ। ହେଲେ ବିବାହର ଏକ ବର୍ଷ ପରେ ଆରବିୟାଙ୍କ ସ୍ୱାମୀ ଅବୁ ଓ ତାଙ୍କ ପରିବାରର ସଦସ୍ୟ ମାନେ ଯୌତୁକ ବାବଦକୁ ୨ଲକ୍ଷ ଟଙ୍କା ଦାବି କରି ନାନା ନିର୍ଯାତନା ଦେଇଆସୁଥିଲେ। ଏପ୍ରିଲ ୩୧ ତାରିଖ ୨୦୨୯ରେ ଆରବିୟା ଓ ତାଙ୍କ ୭ବର୍ଷର ଝିଅକୁ ଧରି ପଡୋଶୀ ସମ୍ପର୍କୀୟ ଘରକୁ ବୁଲିବାକୁ ଯାଇଥିଲେ । ଏହି ସମୟରେ ତାଙ୍କ ସ୍ୱାମୀ ଅବୁ ପହଞ୍ଚି ଗାଳିମନ୍ଦ କରିବା ସହ ସଂଗେ ସଂଗେ ତିନି ତଲାଲ ଦେଇଥିଲେ। ଏହା ପରେ ଆରବିୟା ତାଙ୍କ ବାପଘରକୁ ଚାଲିଯାଇଥିଲେ। ଇତି ମଧ୍ୟରେ ଆରବିୟାଙ୍କ ବାପା ମାଆ ଆପୋଷ ମିଳାମିଶା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଶେଷରେ ଗତ ୨୮ରେ ଆରବିୟା ଏସମ୍ପର୍କରେ ତଳସରା ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ କରିଥିଲେ। ପୋଲିସ ସ୍ୱାମୀ ସେହେମାକଙ୍କ ବିରୁଦ୍ଧରେ ଦଫା ୪୯୮ (କ) ,୩୨୩. ୨୯୪, ୫୦୬, ୩୪ ଆଇପିସି ଓ ୪ ଯୌତୁକ ନିରାକରଣ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ପାଣି ଟ୍ୟାଙ୍କର ଓଲଟି ଜଣେ ମୃତ, ୧ ଆହତ

ହେମଗିର, ୩୦।୧୧ (ଡି.ଏନ.ଏ)


ଟ୍ରାକ୍ଟର ସହ ପାଣି ଟ୍ୟାଙ୍କର ଓଲଟି ପଡିଛି।

ହେମଗିର ଥାନା ଅନ୍ତର୍ଗତ କନ୍ଦାଧୁଡ଼ାଠାରେ ଏକ ଟ୍ରାକ୍ଟର ସହ ପାଣି ଟ୍ୟାଙ୍କର ଓଲଟି ପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ହେଲପର ଆହତ ହୋଇଛନ୍ତି। ବିଲେଇମୁଣ୍ଡାଠାରୁ କନ୍ଦାଧୁଡ଼ା ରାସ୍ତାରେ ପ୍ରତିଦିନ ପରି ଶନିବାର ୧୨ଟାରେ ଟ୍ରାକ୍ଟର ନଂ. ସିଜି ୧୩ ଡବ୍ଲୁ- ୮୪୮୩ ସହ ଏକ ପାଣି ଟ୍ୟାଙ୍କରର ରାସ୍ତାରେ ପାଣି ପକାଉଥିଲେ। ଏଥିରେ କନ୍ଦାଧୁଡ଼ା ଗ୍ରାମର ଇନ୍ଦର ତାଜନ (୩୭) ଚାଳକ ଭାବେ ଓ ସମରପିଣ୍ଡା ଗ୍ରାମର ଯୋଗେଶ ନାରଙ୍ଗ (୧୬) ହେଲପର ଭାବେ କାମ କରୁଥିଲେ। ଗାଡିଟି ଠିକ କନ୍ଦାଧୁଡ଼ା ଗାଁ ମୁଣ୍ଡ ହେବା ବେଳକୁ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା । ଏଥିରେ ଚାଲକ ଗୁରୁତର ହେବାରୁ ହେମଗିର ଡାକ୍ତରଖାନାକୁ ଅଣାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏନେଇ ହେମଗିର ଥାନାରେ ଏକ ମାମଲା (ନଂ. ୧୭୫/୧୯) ରୁଜୁ କରାଯାଇ ଶବକୁ ବ୍ୟବଚ୍ଛେଦ ପରେ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର

## ସ୍ୱଚ୍ଛତା ପକ୍ଷରେ ସଫେଇ କାର୍ଯ୍ୟକ୍ରମ

ଟେନସା, ୩୦।୧୧ (ଡି.ଏନ.ଏ)

ଇଣ୍ଡିଆନ ବ୍ୟୁରେ ଅଫ୍ ମାଇନ୍ସ ତରଫରୁ ଘୋଷଣା କରାଯାଇଥିବା ସ୍ୱଚ୍ଛତା ପକ୍ଷ ୧୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରିବା ପାଇଁ କୋଇଡା ଅଞ୍ଚଳରେ ଥିବା ସମସ୍ତ ଖଣି ମାଲିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଇକେଲା ଗ୍ରାମରେ ଥିବା ଗୀତାରାଣୀ ଖଣି ତରଫରୁ ଗ୍ରାମ ଓ ବିଦ୍ୟାଳୟ ପରିସରମାନଙ୍କରେ ସଫେଇ କାର୍ଯ୍ୟ କରାଯାଇଥିଲା । ଖଣିର ମହାପ୍ରବନ୍ଧକ ବିବି ସାହୁ, ଖଣି ପରିଚାଳକ ପିକେ ସାହୁଙ୍କ ସହାୟତାରେ ଖଣିର ସମସ୍ତ କର୍ମଚାରୀ ମିସି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ବିଷୟରେ ବୁଝିବା ସହ ବାଡି ଘର ସଫା ରଖିବା, ନିଜେ ସଫାସୁତୁରା ରହିବା ପାଇଁ ସଚେତନତା କରାଇଥିଲେ। ଗ୍ରାମବାସୀଙ୍କୁ ଫିନାଇଲ, ଝାଡୁ, ସାବୁନ, ବ୍ଲିଚିଂ ପାଉଡର ଆଦି ବଣ୍ଟନ କରିଥିଲେ । ଖଣି ପକ୍ଷରୁ ବସନ୍ତ କୁମାର ପ୍ରଧାନ, ବିବି ପଣ୍ଡା, ରଞ୍ଜନ ନାଏକ ସମେତ ସବୁ କର୍ମଚାରୀ ଉପସ୍ଥିତ ରହି ଥିଲେ ।


ଗୀତାରାଣୀ ଖଣି ତରଫରୁ ସଫେଇ କାର୍ଯ୍ୟ କରାଯାଉଛି।

## ନାବାର୍ଡ ପକ୍ଷରୁ ଜିଆରଏଲଟିପି ତାଲିମ ଶିବିର

ବଡ଼ଗାଁ, ୩୦।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଭିଖମପୁର ଗ୍ରାମରେ ନାବାର୍ଡ ପକ୍ଷରୁ ଜିଆରଏଲଟିପି ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସଞ୍ଜୀୟ ଯୁବକ ସଂଘ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରୋଜେକ୍ଟ ସଂଯୋଜକ (ମିଶନ ଶକ୍ତି) ଜେରମ୍ ଖେସ, ରିସୋର୍ସ ପର୍ସନ ଲିଲିମା ଯୋଗଦେଇଥିଲେ। ବ୍ଲକ ଅଧ୍ୟାକ୍ଷା ପୁଷ୍ପଞ୍ଜଳି ମିଞ୍ଜ ଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଶିବିରରେ ଗ୍ରାମାଞ୍ଚଳ ମହିଳାଙ୍କ ୮ଟି ଏସଏଚଜିର ୪୦ଜଣ ସଭ୍ୟା ଯୋଗଦେଇଥିଲେ। ପ୍ରୋଜେକ୍ଟ ସଂଯୋଜକ ଖେସ ଓ ରିସେର୍ସ ପର୍ସନ ଲିଲିମା ରାଉତ ନିୟମିତ, ବୈଠକ, ବ୍ୟାଙ୍କ ଋଣ, ବ୍ୟବସ୍ଥା ଭିତ୍ତିକ ତାଲିମ, ମହିଳା ସ୍ୱକ୍ଷରତା, ସରକାରଙ୍କ ପକ୍ଷରୁ ମିଳୁଥିବା ଯୋଜନା ଆଦି ଉପରେ ବିସ୍ତୃତ ବୁଝାଇଥିଲେ । ଯୁବକ ସଂଘର ପ୍ରୋଜେକ୍ଟ ଡାଇରେକ୍ଟର ଜଗବନ୍ଧୁ ପୃଷେଟ ସହ ସମ୍ପାଦକ ସୁଶିଲ କିସାନ, ସଭାପତି ମୁରଲୀଧର ପିଙ୍ଗ, ସଭ୍ୟ ତିମିରପିଙ୍ଗ ମହେଶ୍ୱର ସା,ବଟକୃଷ୍ଣ କର୍ସେଲ, ତେଜରାଜ ପୃଷେଟ ସଭା ପରିଚାଳନା ଓ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।


ଶିବିରରେ ଉପସ୍ଥିତ ଏସଏଚଜି ମହିଳା ।

## ଗଣିତ ବିଜ୍ଞାନ ପରିବେଶ ସମ୍ପର୍କିତ ମେଳା: ୧୮୮ ପ୍ରକଳ୍ପ ପ୍ରଦର୍ଶିତ

ଲହୁଣୀପଡା, ୩୦।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କୃଷି, ଶିଳ୍ପ, ସ୍ୱଚ୍ଛତା ପରିବହନ ଗଣିତ, ସାଧନ ପରିଚାଳନା ଭଳି ପ୍ରସଙ୍ଗ ଉପରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏହାର ଉଦ୍‌ଘାଟନୀ ଉତ୍ସବରେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଯଥା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ସ୍ତରରୁ ମୋଟ ୧୮୮ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ବୈଜ୍ଞାନିକ ଚିନ୍ତାଧାରା ନେଇ ବୈଜ୍ଞାନିକ ପଦ୍ଧତିରେ ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ କରିଥିଲେ । ବ୍ଲକର ବିଜ୍ଞାନ ସଂଯୋଜକ କେଶବ ଚନ୍ଦ୍ର ମାହାନ୍ତ ଏହି ବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ବନ୍ଧରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ ବର୍ଗର ଯଥା ଗଣିତରୁ ଦିବ୍ୟାନ୍ସି ମାହାନ୍ତ, ସମ୍ବଳରେ ବିଶ୍ୱଜିତା ସାହୁ, ଗମନାଗମନ ଯୋଗାଯୋଗରେ ଗୀତାଞ୍ଜଳି ମାହାନ୍ତ ସେମିନାରରେ ବିଶ୍ୱପ୍ରକାଶ କର ଜିଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିରେ ବିଚାରକ ଭାବେ ବଣାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ବିଶ୍ୱାଳ, ରାଜାଧରିଣୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅରୁପ କୁମାର ମହାପାତ୍ର, ବିମଳାଗଡ ଉଚ୍ଚ ବିଦ୍ୟାଳୟର ଲାଲବାହାଦୁର ଷଡଙ୍ଗୀ ଜାମଡିହି ଉଚ୍ଚ ବିଦ୍ୟାଳୟର ହରେକୃଷ୍ଣ ମାହାନ୍ତ କେ.ବଲାଙ୍ଗ ଉଚ୍ଚ ବିଦ୍ୟାଳୟର ସରତ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ । ସେଥି ମଧ୍ୟରୁ ୬ଟି ପ୍ରକଳ୍ପ ଚୟନ କରାଯାଇଥିଲାବେଳେ ସେମିନାରରୁ ଗୋଟିଏ ଯୋଗ୍ୟ ବିବେଚିତ ହୋଇଥିଲା । ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ କୁମାର ଚଇନି ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନେଶ୍ୱର ମାହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏବିଇଓ ନରହରି କିଶାନ, ଇମାକୃପା ମିଞ୍ଜ, ଉତ୍ତମ କିସାନ ମଞ୍ଚାସୀନ ଥିଲେ । ଲହୁଣୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧାନାଇଚରଣ ଟୁଡୁ ଅଧକ୍ଷତା କରିଥିଲେ । ବିଜ୍ଞାନ, ଗଣିତ, ପରିବେଶ ମେଳାର ଉପାଦେୟତା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ରଞ୍ଜନ କୁମାର ପତି ମଞ୍ଚ ପରିଚାଳନା କରିଥିଲେ। ଜୟଦେବ ମାହାନ୍ତ, ଉମେଶ ମାହାନ୍ତ, ଭଜମନ ମାହାନ୍ତ, କମଳ ମାହାନ୍ତ, ଶରତ ଚନ୍ଦ୍ର ସେଠ, ଛନ୍ଦାଚରଣ ସେଠ, ଅକ୍ଷୟ କୁମାର ପ୍ରଧାନ, ହେମନ୍ତ ମାହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାକୁଲ ପ୍ରମୁଖଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରମେଶ ଚନ୍ଦ୍ର ସେନାପତି ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବିଜ୍ଞାନମେଳାରେ ଯୋଗ ଦେଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର।